# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ୍ ୧/୨୦୨୨ (୨୦ ପୃଷ୍ଠା) | Bhubaneswar, Friday, April 1/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



DSPL-441

ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଉନ୍ନତମାନର ଚିକିତ୍ସା ସାରା ଭାରତରେ ବ୍ୟବସ୍ଥା






### ୧ ଏପ୍ରିଲ ୨୦୨୨ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ରାଜ୍ୟ ବାହାରର ୫୦ଟି ନୂତନ ଉନ୍ନତମାନର ଚିକିତ୍ସାଳୟ ତାଲିକାଭୁକ୍ତ

| ସହର | ଡାକ୍ତରଖାନାର ନାମ |
|---|---|
| ବିଶାଖାପାଟଣା | ହୋମି ଭାଭା କ୍ୟାନ୍ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ଭାଇଜାଗ୍ |
| | ଏଚ୍ ସି ଜି କ୍ୟାନ୍ସର ସେଣ୍ଟର |
| | ମେଡ଼ିକଭର ହସ୍ପିଟାଲ |
| | ଓମେଗା କ୍ୟାନ୍ସର ହସ୍ପିଟାଲ |
| | ଇଣ୍ଡସ୍ ହସ୍ପିଟାଲ |
| | କୁଇନସ୍ ଏନ ଆର ଆଇ ହସ୍ପିଟାଲ |
| | ଅନିଲ ନେରୁକୋଣ୍ଡା ହସ୍ପିଟାଲ |
| ବେଙ୍ଗାଲୁରୁ | ଫୋର୍ଟିସ୍ ହସ୍ପିଟାଲ, ବେନରଘଟା ରୋଡ଼ |
| | ଫୋର୍ଟିସ୍ ହସ୍ପିଟାଲ, କୁନିଙ୍ଗଘାମ୍ ରୋଡ଼ |
| | ଫୋର୍ଟିସ୍ ହସ୍ପିଟାଲ, ରାଜାଜୀ ନଗର |
| | ଫୋର୍ଟିସ୍ ହସ୍ପିଟାଲ, ନଗରଭବି |
| | ମଜୁମଦାର ଶ ମେଡିକାଲ ସେଣ୍ଟର |
| | ନାରାୟଣ ଇନ୍ଷ୍ଟିଚ୍ୟୁଟ୍ ଅଫ କାର୍ଡ଼ିଆକ ସାଇନ୍ସ |
| ବାରଣାସୀ | ହୋମି ଭାଭା କ୍ୟାନ୍ସର ହସ୍ପିଟାଲ |
| | ମହାମାନା ପଣ୍ଡିତ ମଦନ ମୋହନ ମାଲବିୟ କ୍ୟାନ୍ସର ସେଣ୍ଟର |
| ଚେନ୍ନାଇ | ଫୋର୍ଟିସ୍ ହସ୍ପିଟାଲ, ଆର୍କଟ ରୋଡ଼ |
| | ଫୋର୍ଟିସ୍ ମଲାର ହସ୍ପିଟାଲ |

| ସହର | ଡାକ୍ତରଖାନାର ନାମ |
|---|---|
| ଦିଲ୍ଲୀ | ଫୋର୍ଟିସ୍ ଏଫ.ଏଲ.ଟି. ଏଲ.ଟି. ରାଜନ ଧଳ ହସ୍ପିଟାଲ, ବସନ୍ତ କୁଞ୍ଜ |
| | ଫୋର୍ଟିସ୍ ହସ୍ପିଟାଲ, ଶାଲିମାର ବାଗ |
| | ଫୋର୍ଟିସ୍ ସି-ଡି.ଓ.ସି. ଚିରାଗ ଏନ୍କ୍ଲେଭ୍ |
| | ଫୋର୍ଟିସ୍ ଏସ୍କର୍ଟସ ହାର୍ଟ ଇନ୍ଷ୍ଟିଚ୍ୟୁଟ୍, ଓଖ୍ଲା ରୋଡ଼ |
| | ଫୋର୍ଟିସ୍ ହସ୍ପିଟାଲ, ନୋଏଡା |
| ଡେରାଡୁନ୍ | ଫୋର୍ଟିସ୍ ହସ୍ପିଟାଲ |
| ଫରିଦାବାଦ | ଫୋର୍ଟିସ୍ ଏସ୍କର୍ଟସ ହସ୍ପିଟାଲ |
| ଗୌହାଟି | ଡ. ଭୁବନେଶ୍ୱର ବୋରୁଆ କ୍ୟାନ୍ସର ଇନ୍ଷ୍ଟିଚ୍ୟୁଟ୍ (ବି.ବି.ସି.ଆଇ.) |
| ଗୁଡଗାଓଁ | ଫୋର୍ଟିସ୍ ମେମୋରିଆଲ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍ |
| ଜୟପୁର | ଫୋର୍ଟିସ୍ ଏସ୍କର୍ଟସ ହସ୍ପିଟାଲ |
| ଜାମସେଦପୁର | ବ୍ରହ୍ମାନନ୍ଦ ନାରାୟଣ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ |
| କୋଲକାତା | ଫୋର୍ଟିସ୍ ମେଡ଼ିକାଲ ସେଣ୍ଟର |
| | ରବିନ୍ଦ୍ରନାଥ ଟାଗୋର ଇଣ୍ଟରନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ କାର୍ଡ଼ିଆକ ସାଇନ୍ସ |
| | ନାରାୟଣ ସୁପର ସ୍ପେସିଆଲିଟି ହସ୍ପିଟାଲ, ହାଓଡ଼ା |
| ମୁମ୍ବାଇ | ଫୋର୍ଟିସ୍ କଲ୍ୟାଣ ହସ୍ପିଟାଲ |
| | ଫୋର୍ଟିସ୍ ହସ୍ପିଟାଲ, ମୁଲୁନ୍ଦ |
| | ଏନ.ଏଚ ଏସ.ଆର.ସି.ସି. ଚିଲ୍ଡ୍ରେନ୍ସ ହସ୍ପିଟାଲ |
| | ହିରାନନ୍ଦନୀ ହସ୍ପିଟାଲ, ବାସୀ |

| ସହର | ଡାକ୍ତରଖାନାର ନାମ |
|---|---|
| ମୁମ୍ବାଇ | ଆଡ଼ଭାନସଡ୍ ସେଣ୍ଟର ଫର ଟ୍ରିଟ୍ମେଣ୍ଟ, ରିସର୍ଚ୍ଚ ଆଣ୍ଡ ଏଜୁକେସନ୍ ଇନ୍ କ୍ୟାନସର |
| ପଞ୍ଜାବ | ଫୋର୍ଟିସ୍ ଏସ୍କର୍ଟସ ହସ୍ପିଟାଲ, ଅମ୍ରିତସର |
| | ହୋମି ଭାଭା କ୍ୟାନ୍ସର ହସ୍ପିଟାଲ, ଇନସାଇଡ ସିଭିଲ ହସ୍ପିଟାଲ କ୍ୟାମ୍ପସ, ସଂଗରୁର |
| | ଫୋର୍ଟିସ୍ ହସ୍ପିଟାଲ, ଲୁଧିଆନା |
| ରାୟପୁର | ଏନ.ଏଚ ଏମ.ଏମ.ଆଇ. ନାରାୟଣ ସୁପର ସ୍ପେସିଆଲିଟି ହସ୍ପିଟାଲ |
| | ରାମକ୍ରିଷ୍ଣା କେୟାର ହସ୍ପିଟାଲ |
| | ଲାଇଫ୍ ଓର୍ଥ ସୁପର ସ୍ପେସିଆଲିଟି ହସ୍ପିଟାଲ |
| | ଏସ ଏମ ସି ହାର୍ଟ ଇନ୍ଷ୍ଟିଚ୍ୟୁଟ୍ ଆଣ୍ଡ ଆଇ ଭି ଏଫ ରିସର୍ଚ୍ଚ ସେଣ୍ଟର |
| | ମେଡ଼ିସାଇନ୍ ହେଲଥ୍ କେୟାର ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ଼୍ |
| | କାହ୍ନା ଚିଲ୍ଡ୍ରେନ୍ସ ହସ୍ପିଟାଲ |
| | ସଂଜୀବନି ସିବିସିସି ୟୁଏସ୍ଏ କ୍ୟାନ୍ସର ହସ୍ପିଟାଲ |
| | ଓମ୍ ହସ୍ପିଟାଲ ଆଣ୍ଡ ମଲ୍ଟିସ୍ପେସିଆଲିଟି |
| | ଶ୍ରୀ ନାରାୟଣ ହସ୍ପିଟାଲ |
| ସୁରତ | କିରନ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ |
| ଶ୍ରିକାକୁଳମ | ଗ୍ରେଟ୍ ଇଷ୍ଟର୍ଣ୍ଣ ମେଡ଼ିକାଲ ସ୍କୁଲ୍ ଆଣ୍ଡ ହସ୍ପିଟାଲ |

### ୧୦ ଜାନୁଆରୀ ୨୦୨୨ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ରାଜ୍ୟ ବାହାରର ନିମ୍ନଲିଖିତ ଉନ୍ନତମାନର ଚିକିତ୍ସାଳୟ ଗୁଡ଼ିକ ସେବା ଯୋଗାଇ ଆସୁଛନ୍ତି

- ଟାଟା ମେମୋରିଆଲ ହସ୍ପିଟାଲ, ମୁମ୍ବାଇ
- ଟାଟା ମେଡ଼ିକାଲ ସେଣ୍ଟର, କୋଲକାତା
- ଖ୍ରୀଷ୍ଟିଆନ୍ ମେଡ଼ିକାଲ କଲେଜ, ଭେଲୋର
- ଶ୍ରୀ ଶଙ୍କରା କ୍ୟାନ୍ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ବେଙ୍ଗାଲୁରୁ
- ଫୋର୍ଟିସ୍ ହସ୍ପିଟାଲ, ମୋହାଲି, ପଞ୍ଜାବ
- ଫୋର୍ଟିସ୍ ହସ୍ପିଟାଲ, ଆନନ୍ଦପୁର, କୋଲକାତା
- ଫୋର୍ଟିସ୍ ହସ୍ପିଟାଲ ଆଣ୍ଡ କିଡ଼ନୀ ଇନ୍ଷ୍ଟିଚ୍ୟୁଟ୍, କୋଲକାତା
- ବାଲ୍କୋ ମେଡ଼ିକାଲ ସେଣ୍ଟର, ରାୟପୁର
- ଶ୍ରୀ ବାଲାଜୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ, ରାୟପୁର
- କେୟାର ହସ୍ପିଟାଲ, ବିଶାଖାପାଟଣା
- ମହାତ୍ମା ଗାନ୍ଧୀ କ୍ୟାନ୍ସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍, ବିଶାଖାପାଟଣା
- ତିରୁମାଳା ମଲ୍ଟିସ୍ପେସିଆଲିଟି ହସ୍ପିଟାଲ, ବିଶାଖାପାଟଣା
- ଆପୋଲୋ ହସ୍ପିଟାଲ, ବିଶାଖାପାଟଣା
- କ୍ରିଷ୍ଟାର ହସ୍ପିଟାଲ, ସୁରତ
- ୟୁନିଟି ଟ୍ରମା ସେଣ୍ଟର ଆଣ୍ଡ ଆଇ ସି ୟୁ, ସୁରତ




## କଲ୍ ୧୦୪ ହେଲ୍ଥ ହେଲ୍ପଲାଇନ୍

OIPR-10170/13/0002/2122

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଏପ୍ରିଲ, ୨୦୨୨

## କ୍ଷୁଦ୍ର ସଞ୍ଚୟ ଯୋଜନା ସୁଧ ହାର ଅପରିବର୍ତ୍ତିତ ରହିବ

ନୂଆଦିଲ୍ଲୀ: ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ର ପ୍ରଥମ ତ୍ରୈମାସ ପାଇଁ ସ୍ମଲ୍ ସେଭିଂ ସ୍କିମ୍‌ର ସୁଧ ଦର ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଏବଂ ନ୍ୟାଶନାଲ ସେଭିଂ ସାର୍ଟିଫିକେଟ୍ (ଏନ୍‌ଏସ୍‌ସି) ଭଳି କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକର ସୁଧ ହାର, ଉଚ୍ଚ ମୁଦ୍ରାସ୍ଫୀତି ଚାଲିଥିବା ଯୋଗୁ ସ୍ଥିର ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ପିପିଏଫ୍ ଉପରେ ୭.୧% ସୁଧ ହାର, ସୁକନ୍ୟା ସମୃଦ୍ଧି ଯୋଜନା ପାଇଁ ୭.୬% ଏବଂ ଏନ୍‌ଏସ୍‌ସି ପାଇଁ ୬.୮% ସୁଧ ହାର କ୍ରେଡିଟ୍ ହେବ।

# ଇ-ଯାନର ଚାହିଦା ବଢ଼ିବ

**ଓଡ଼ିଶାରେ ଦୁଇଚକିଆ ଯାନର ବେଶ୍ ଆଦର ରହିଛି। ସହର ହେଉ କିମ୍ବା ଗ୍ରାମାଞ୍ଚଳ, ସବୁ ବର୍ଗର ଲୋକେ ଦୁଇଚକିଆ ଯାନ ଉପରେ ନିର୍ଭର କରିଥାଆନ୍ତି। ତେଣୁ ଏହା ଗମନାଗମନର ମୁଖ୍ୟ ମାଧ୍ୟମ ସାଜିଛି। ଟୁ ହ୍ୱିଲର ବିକ୍ରି କ୍ଷେତ୍ରରେ ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା 'ଉତ୍କଳ ଅଟୋ'ର ପରିଚାଳନା ଅଂଶୀଦାର ଅଖିଳ ପୋଦ୍ଦାରଙ୍କ ସହିତ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା।**



**ଅଖିଳ ପୋଦ୍ଦାର**
**ମ୍ୟାନେଜିଂ ପାର୍ଟନର, ଉତ୍କଳ ଅଟୋ**

**▸▸ ଆପଣଙ୍କ ପ୍ରାଥମିକ ଜୀବନ କିପରି ରହିଥିଲା?**

ରାଞ୍ଚିସ୍ଥିତ ଇଂଲିଶ୍ ମାଧ୍ୟମ ବିକାଶ ବିଦ୍ୟାଳୟରୁ ଶିକ୍ଷା ଆରମ୍ଭ ହୋଇଥିଲା। ପରେ ସେଣ୍ଟ ଜାଭିୟର୍ସ ମହାବିଦ୍ୟାଳୟରୁ ବାଣିଜ୍ୟରେ ସମ୍ମାନ ସହ ରାଞ୍ଚି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲି। ମାତ୍ର ୧୮ ବର୍ଷ ବୟସରେ ଏକ ରୁଗ୍‌ଣ ଅଶୋକ ଲେ ଲ୍ୟାଣ୍ଡ ଡିଲରଶିପ୍‌ର ଦାୟିତ୍ୱ ଗ୍ରହଣ କରିଥିଲି।

**▸▸ ଅଟୋ ମୋବାଇଲ୍ ବ୍ୟବସାୟରେ କିପରି ପ୍ରବେଶ କଲେ?**

ଜୀବନର ପ୍ରାରମ୍ଭରୁ ସ୍ୱଳ୍ପ ପୁଞ୍ଜିରେ କିପରି ଦକ୍ଷ ପରିଚାଳନା ହୋଇପାରିବ, ତାହା ପ୍ରମାଣିତ କରିବା ପାଇଁ ଚାନ୍ଦମଲ୍ (ଏକ ରୁଗ୍‌ଣ ସଂସ୍ଥା)କୁ ପୁନଶ୍ଚ ଚଳଚଞ୍ଚଳ କରିପାରିଥିଲି। ଏହାପରେ ୮ବର୍ଷ ପର୍ଯ୍ୟନ୍ତ ଏହି ବାଣିଜ୍ୟିକ ଯାନର ବିକ୍ରେତା ଭାବରେ ସଫଳତା ଅର୍ଜନ କରିଥିଲି। ମୋ ସମ୍ପର୍କୀୟ ଜେଜେଙ୍କ କଟକରେ ଥିବା ଉତ୍କଳ ଅଟୋ (ବଜାଜ୍ ବିକ୍ରେତା) ସଙ୍କଟରେ ପହଞ୍ଚିଥିଲା। ମୁଁ ଆଉ ଏକ ଆହ୍ୱାନର ସାମ୍ନା କରି ୧୯୯୮ରେ ଉତ୍କଳ ଅଟୋର ପରିଚାଳନା ଭାର ଗ୍ରହଣ କଲି।

**▸▸ ଏହି ବ୍ୟବସାୟର ଭବିଷ୍ୟତ କିପରି ରହିବ, ନିଜ ଅନୁଭୂତିରୁ କିଛି କୁହନ୍ତୁ?**

ଅଟୋମୋବାଇଲ୍ କ୍ଷେତ୍ରରେ ମୋ ୨୫ ବର୍ଷର ଅଭିଜ୍ଞତା ରହିଛି। ଦେଶର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତିରେ ସବୁବେଳେ ଏହି ବ୍ୟବସାୟର ସହଭାଗିତା ରହିବ। ଆଗାମୀ ଦିନରେ ଏହାର ଆବଶ୍ୟକତା ସମୟାନୁଯାୟୀ ପରିବର୍ତ୍ତିତ ହୋଇପାରେ। ଭବିଷ୍ୟତରେ ଇନ୍ଧନ ଯାନ କିମ୍ବା ଇ-ଯାନର ବ୍ୟବହାର ବହୁଳ ହୋଇପାରେ। ତେବେ ପ୍ରତି ପରିବାରରେ ଦୁଇଚକିଆ ଯାନ ବ୍ୟବହାର ପ୍ରାୟତଃ ଦେଖିବାକୁ ମିଳିବ।

**▸▸ ବର୍ତ୍ତମାନ ପର୍ଯ୍ୟନ୍ତ ଉତ୍କଳ ଅଟୋର ଯାତ୍ରା କିପରି ରହିଛି?**

ଉତ୍କଳ ଅଟୋ ୧୯୭୦ ମସିହାରେ ଓଡ଼ିଶାର ପ୍ରଥମ ବଜାଜ୍ ୨ ଚକିଆ ଯାନ ବିକ୍ରେତା ଭାବରେ କାର୍ଯ୍ୟ ଆରମ୍ଭ କଲା। ସେହି ସମୟରେ ସ୍କୁଟରଟିଏ ପାଇବା ପାଇଁ ଅଗ୍ରିମ ଅର୍ଥ ଦେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା। ହେଲେ ଆଜିକାଲି ଗ୍ରାହକଙ୍କ ପସନ୍ଦ ମୁତାବକ ବିଭିନ୍ନ ମଡେଲ ଯାନ ଯୋଗାଇଦେବା ପାଇଁ ଶୋ'ରୁମ୍ ପ୍ରସ୍ତୁତ ଅଛି। ପରେ ବଜାଜ୍ ଡିଲରଶିପ୍ ଛାଡ଼ି ହୋଣ୍ଡା ଦୁଇଚକିଆ ବିକ୍ରେତା ଭାବେ କାର୍ଯ୍ୟ ଆରମ୍ଭ କଲୁ। କେବଳ ବିକ୍ରି ନୁହେଁ, ବିକ୍ରି ପରବର୍ତ୍ତୀ ସେବାକୁ ଆମେ ଯଥେଷ୍ଟ ଗୁରୁତ୍ୱ ଦେଇଥାଉ। ଫଳରେ ଗ୍ରାହକମାନଙ୍କର ସନ୍ତୋଷ ଆମକୁ ଆଗକୁ ବଢ଼ାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ଅଟୋ ପୂର୍ବାଞ୍ଚଳରେ ଏକ ନମ୍ବର ହୋଣ୍ଡା ବିକ୍ରେତା ଭାବରେ ମାନ୍ୟତା ପାଇଛି।

**▸▸ ଭବିଷ୍ୟତକୁ ନେଇ ଆପଣଙ୍କର କି ଲକ୍ଷ୍ୟ ରହିଛି?**

ଆଗାମୀ ଦିନରେ ଅଟୋମୋବାଇଲ୍ ଇଣ୍ଡଷ୍ଟ୍ରିରେ ଉତ୍କଳ ଅଟୋ କାର୍ଯ୍ୟ କରିବ। ଲୋକଙ୍କ ଚାହିଦା ଦେଖି ସବୁଠୁ ଭଲ ଇ-ଦୁଇଚକିଆ ଏବଂ ଚାରିଚକିଆର ବିକ୍ରେତା ହେବା ପାଇଁ ଚେଷ୍ଟା ଜାରି ରହିଛି।

**▸▸ ଅବସର ସମୟ କିପରି କଟାଇବାକୁ ଭଲ ପାଆନ୍ତି?**

ଅବସର ସମୟରେ ପରିବାର ସହିତ ବିଭିନ୍ନ ସ୍ଥାନକୁ ବୁଲିଯିବାକୁ ଭଲ ପାଏ। ଆରମ୍ଭରୁ ମୋର ସମାଜସେବା ପ୍ରତି ରୁଚି ରହିଛି। ତେଣୁ ବହୁ ସାମାଜିକ ଅନୁଷ୍ଠାନ ଜରିଆରେ ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥାଏ। ଅବହେଳିତ ପିଲାଙ୍କ ଶିକ୍ଷା ଏବଂ ସେମାନଙ୍କ ଉନ୍ନତି ପାଇଁ ସହାୟତା ଯୋଗାଇ ଦେଇଥାଏ।

**▸▸ ଏହି ବ୍ୟବସାୟରେ କ'ଣ ସବୁ ଆହ୍ୱାନ ରହିଛି?**

ଏହି ବ୍ୟବସାୟରେ ବିକ୍ରେତାମାନେ କମ୍ପାନୀ ଉପରେ ଅଧିକ ନିର୍ଭରଶୀଳ ହୋଇଥାଆନ୍ତି। ଉଚିତ ସମୟରେ ଚାହିଦା ମୁତାବକ ଉତ୍ପାଦ ମିଳିବା ଏକ ଆହ୍ୱାନରେ ପରିଣତ ହୋଇଛି। ପ୍ରତିଯୋଗିତାମୂଳକ ବଜାରରେ ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ଭିନ୍ନ ଭିନ୍ନ ଉତ୍ପାଦ ଉପଲବ୍ଧ କରାଇବା ଏକ ବଡ଼ ସମସ୍ୟା।

**▸▸ କୋଭିଡ୍ ସମୟରେ ବ୍ୟବସାୟ କିପରି ଥିଲା?**

କୋଭିଡ୍ ସମୟ ବ୍ୟବସାୟୀମାନଙ୍କ ପରିଚାଳନା ଦକ୍ଷତାର ମାନଦଣ୍ଡ ମାପିବା ପାଇଁ ସୁଯୋଗ ଦେଇଥିଲା। ବିଭିନ୍ନ ସ୍ତରରୁ ସହଯୋଗ ପାଇ ବ୍ୟବସାୟ ତିଷ୍ଠି ପାରିଲା। ବିଶେଷକରି ଆମ କର୍ମଚାରୀମାନେ ଏକ ପରିବାର ଭଳି ସୁଖଦୁଃଖରେ ସହଭାଗୀ ହୋଇଥିଲେ।

# 'ପ୍ରଗତି' ଆଜି ଘରେ ଘରେ

**ଏକ ଛୋଟ କୁକୁଡ଼ା ଫାର୍ମରୁ ତାଙ୍କର ବ୍ୟବସାୟିକ ଜୀବନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସେ ରାଜ୍ୟର ଏକ ପ୍ରମୁଖ ଘରୋଇ ଦୁଗ୍ଧ ପ୍ରକ୍ରିୟାକରଣ ଉଦ୍ୟୋଗ 'ପ୍ରଗତି ମିଲ୍କ ପ୍ରଡକ୍ଟସ୍'ର ମ୍ୟାନେଜିଂ ଡାଇରେକ୍ଟର ପଦବୀରେ ରହିଛନ୍ତି। ଏହି କମ୍ପାନୀର ବିଭିନ୍ନ ଡେଏରି ପ୍ରଡକ୍ଟ ବର୍ତ୍ତମାନ ଓଡ଼ିଶାର ଘରେ ଘରେ ପରିଚିତ। ଏବେ ଏହି କମ୍ପାନୀ ଅଧିକରୁ ଅଧିକ ଚାଷୀଙ୍କ ସହ ଯୋଡ଼ିହେବାକୁ ଲକ୍ଷ୍ୟ ରଖିଛି। ଏଭଳି ଏକ ସୁସଙ୍ଗଠିତ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ପ୍ରଦୋଷ କୁମାର ରାଉତଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।**



**ପ୍ରଦୋଷ କୁମାର ରାଉତ, ମ୍ୟାନେଜିଂ ଡାଇରେକ୍ଟର, ପ୍ରଗତି ମିଲ୍କ ପ୍ରଡକ୍ଟସ୍**

**▸▸ ବ୍ୟବସାୟିକ ଜୀବନ ଓ ଯାତ୍ରା କିଭଳି ରହିଛି?**

କଟକ ଜିଲା ଟାଙ୍ଗୀ ଚୌଦ୍ୱାର ବ୍ଲକ୍‌ରେ ମୋର ଜନ୍ମ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା ଆରମ୍ଭକରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଶେଷ କରିଛି। ଶିକ୍ଷା ଶେଷ ପରେ ବଡ଼ଭାଇ 'ପଶୁପତି' ମୁଖ୍ୟ ପ୍ରକାଶ କୁମାର ରାଉତଙ୍କ ଇଚ୍ଛା ଏବଂ ନିର୍ଦ୍ଦେଶକ୍ରମେ ଏକ ଛୋଟ କୁକୁଡ଼ା ଫାର୍ମରୁ ମୋର ବ୍ୟବସାୟ ଆରମ୍ଭ କରିଥିଲି। ଧୀରେ ଧୀରେ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ଓଡ଼ିଶାର ସର୍ବବୃହତ୍ ରଘୁନାଥ ବ୍ରଏଲର ନାମରେ ପରିଚିତ ହୋଇଥିଲା। ସେହି ସମୟରେ ପଶୁପତି ଫିଡ୍‌ସ ଗ୍ରୁପ୍ ପଶୁଖାଦ୍ୟ ପ୍ରସ୍ତୁତି କରିବାରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ। ସେଥିମଧ୍ୟରୁ ଗୋଖାଦ୍ୟ ପ୍ରମୁଖ ଉତ୍ପାଦ ଥିଲା। ଏହି ଗ୍ରୁପ୍‌ର ଗୋ ଉତ୍ପାଦ ବିଶେଷଜ୍ଞ କ୍ୟାପ୍‌ଟେନ୍ ନିର୍ମଳ କୁମାର ରାଉତ ଏହାର ପ୍ରତିଷ୍ଠାତା ଥିଲେ। କ୍ୟାପ୍‌ଟେନ୍ ଏବଂ ବଡ଼ ଭାଇ ପ୍ରକାଶଙ୍କ ପ୍ରୋତ୍ସାହନରେ ଦୈନିକ ୫୦୦୦ ଲିଟର କ୍ଷମତା ବିଶିଷ୍ଟ ଏକ ଛୋଟ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କଲି। ସେତେବେଳ ସୁଦ୍ଧା ଓଡ଼ିଶାରେ କୌଣସି ଦୁଗ୍ଧ ପ୍ରକ୍ରିୟାକରଣର ଘରୋଇ ଉଦ୍ୟୋଗ ଆରମ୍ଭ ହୋଇ ନ ଥିଲା। ଫଳରେ ଏହି କାରଖାନାଟି ରାଜ୍ୟର ପ୍ରଥମ ଘରୋଇ ଡେଏରି ଉଦ୍ୟୋଗ ଭାବେ ପରିଚିତ ହୋଇଥିଲା।

**▸▸ ବ୍ୟବସାୟରେ କିଭଳି ଚ୍ୟାଲେଞ୍ଜକୁ ସମ୍ମୁଖୀନ କରୁଛନ୍ତି?**

ଡେଏରି ଉଦ୍ୟୋଗ ପରିଚାଳନାରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ବ୍ୟବସାୟ ଜୀବନରେ ମୋତେ ସେସବୁକୁ ଅତିକ୍ରମ କରିବାକୁ ପଡ଼ିଥାଏ। ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ସିଧାସଳଖ ଚାଷୀମାନଙ୍କ ନିକଟରୁ ପ୍ରତିଦିନ ଉତ୍ତମ ଗୁଣବତ୍ତାର ଦୁଗ୍ଧ ସଂଗ୍ରହ କରିବା ଏବଂ ପ୍ରକ୍ରିୟାକରଣ ପରେ ଘରେ ଘରେ ନେଇ ପହଞ୍ଚାଇବା ପାଇଁ ଏକ ମୁଖ୍ୟ ଚ୍ୟାଲେଞ୍ଜ ଥିଲା। ଅକ୍ଳାନ୍ତ ପରିଶ୍ରମ, ନିରବଚ୍ଛିନ୍ନ ଉଦ୍ୟମ ଏବଂ ଦୂରଦୃଷ୍ଟି ଫଳରେ ଯାହା ଦିନେ ଅସମ୍ଭବ ମନେହେଉଥିଲା, ତାହା ଆଜି ସଫଳ ଦୁଗ୍ଧଶିଳ୍ପ ବ୍ୟବସାୟରେ ରୂପାନ୍ତରିତ ହୋଇପାରିଛି। ବର୍ତ୍ତମାନ ସମୟରେ 'ପ୍ରଗତି' ନିକଟରେ ଦୈନିକ ୬ଲକ୍ଷ ଲିଟର ପ୍ରକ୍ରିୟାକରଣ କ୍ଷମତା ବିଶିଷ୍ଟ ୩ଟି କାରଖାନା, ୧୨ଟି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଏବଂ ସ୍ୱତନ୍ତ୍ର ଦୁଗ୍ଧ ପରିବହନ ଗାଡ଼ି ରହିଛି। ଫଳରେ ବିଶୋଧିତ ଦୁଗ୍ଧ ବାହାରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ଦୁଗ୍ଧଜାତ ଦ୍ରବ୍ୟ ତଥା ଘିଅ, ପନିର, ଦହି, ଲସି, ବଟର ମିଲ୍କ ପ୍ରଭୃତି ପ୍ରସ୍ତୁତ ହେଉଛି। ଏହାକୁ ଆଗାମୀ ଦିନରେ ବ୍ୟାପକ କରିବା ପାଇଁ ପ୍ରଗତି କମ୍ପାନୀ ବିଭିନ୍ନ ସ୍ଥାନରେ ନିଜସ୍ୱ ଆଉଟ୍‌ଲେଟ୍ ଖୋଲିବା ଆରମ୍ଭ କରିଛି।

**▸▸ ଚାଷୀଙ୍କ ପାଇଁ କମ୍ପାନୀର କ'ଣ ସବୁ କାର୍ଯ୍ୟ ରହିଛି?**

ଦୁଗ୍ଧଚାଷୀଙ୍କ ଉନ୍ନତି ପାଇଁ 'ପ୍ରଗତି' କମ୍ପାନୀ ଅନେକ ଅପହଞ୍ଚ ସ୍ଥାନରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ଜାରି ରଖିଛି। ଗୋପାଳନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନିୟମିତ ଗୋଚିକିତ୍ସା ପାଇଁ ଡାକ୍ତର/ଔଷଧ, ଭ୍ରାମ୍ୟମାଣ ଗାଡ଼ି, ଗୋଖାଦ୍ୟ ଯୋଗାଣ ଏବଂ ସମୟ ସମୟରେ ଗୋପାଳନ ତାଲିମ ମଧ୍ୟ ଦିଆଯାଉଛି।

**▸▸ ଚାଷୀଙ୍କୁ କିଭଳି ସୁବିଧା ପ୍ରଦାନ କରାଯାଉଛି?**

ବର୍ତ୍ତମାନ ସୁଦ୍ଧା ପ୍ରଗତି କମ୍ପାନୀ ଦୈନିକ ପ୍ରାୟ ୩ଲକ୍ଷ ଲିଟରରୁ ଅଧିକ କ୍ଷୀର ସଂଗ୍ରହ କରି ଆସୁଛି। ଏହା ପଛରେ ସ୍ୱୟଂଚାଳିତ ଦୁଗ୍ଧ ସଂଗ୍ରହ ମେଶିନର ବ୍ୟବହାର ବହୁଳ ଉପଯୋଗୀ ହୋଇପାରିଛି। ଚାଷୀମାନଙ୍କୁ ଦୁଗ୍ଧ ମୂଲ୍ୟ ସିଧାସଳଖ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ପୈଠ କରାଯାଉଥିବାରୁ ଦୁଗ୍ଧ ପରିମାଣ ବଢ଼ାଇବାରେ ଅଧିକ ସହାୟକ ହୋଇଛି।

**▸▸ କମ୍ପାନୀର ଆଗାମୀ ଯୋଜନା କ'ଣ ରହିଛି?**

କମ୍ପାନୀ ବର୍ତ୍ତମାନ ବ୍ୟବସାୟକୁ ଗୁରୁତ୍ୱ ଦେଉଛି। ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକାରୀ ପରିସୀମାକୁ ବଢ଼ାଇ ପ୍ରାୟ ୨,୫୦,୦୦୦ ଦୁଗ୍ଧଚାଷୀ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ଏବଂ ଦୈନିକ ହାରାହାରି ୧୦ଲକ୍ଷ ଲିଟର ଦୁଗ୍ଧ ବ୍ୟବସାୟ କରିବାକୁ ଆମର ଲକ୍ଷ୍ୟ ରହିଛି।

**ରାଜ୍ୟ ଖବର**

# ସକାଳୁଆ ସ୍କୁଲ ପାଇଁ ପରିବର୍ତ୍ତନ ହେଲା ସମୟ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

- ୧ମରୁ ୮ମ ଶ୍ରେଣୀ ପିଲାଙ୍କ ଲାଗି ୬.୩୦ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲ
- ୯ମରୁ ଦ୍ୱାଦଶ ପାଇଁ ସାଢ଼େ ୭ରୁ ୧୧.୩୦ ପାଠପଢ଼ା

ଏଣିକି ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ଚାଲିବ। ଆସନ୍ତା ୨ ତାରିଖରୁ ରାଜ୍ୟ ସରକାର ସମସ୍ତ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସକାଳୁଆ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପ୍ରତି ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ସକାଳ ୬.୩୦ମିନିଟ୍‌ରୁ ୧୦ଟା ୩୦ମିନିଟ୍ ପର୍ଯ୍ୟନ୍ତ ପଢ଼ା ଚାଲିବ। ସେହିପରି ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସକାଳ ୭ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପାଠପଢ଼ା ଚାଲୁରହିବ । ଏପ୍ରିଲ ପହିଲାରୁ ବିଦ୍ୟାଳୟରେ ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନରେ ରନ୍ଧାଖାଦ୍ୟ ଯୋଗାଇବା କାର୍ଯ୍ୟକ୍ରମ ଆରମ୍ଭ ହେବ । ବିଦ୍ୟାଳୟ ଗୁଡ଼ିକରେ ପର୍ଯ୍ୟାପ୍ତ ପିଇବା ପାଣି ଉପଲବ୍ଧ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଛାତ୍ରୀଛାତ୍ରମାନଙ୍କୁ ଛତା ବ୍ୟବହାର ନିମନ୍ତେ ପରାମର୍ଶ ଦିଆଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନରେ କୋଭିଡ୍-୧୯ ମାର୍ଗଦର୍ଶିକା କଡ଼ାକଡ଼ି ଭାବେ ପାଳନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମଛୁଟି ସମ୍ବନ୍ଧରେ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ।




# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପୀଡ଼ିତାଙ୍କୁ ମାଡ଼

ନୟାଗଡ଼ ଅଫିସ/ ରଣପୁର,୩୧।୩(ସ୍ୱ.ପ୍ର.)

- ବଳାତ୍କାର ପରେ ଅମାନୁଷିକ ନିର୍ଯାତନା
- ଥାନାରେ ଅଭିଯୋଗ ପରେ କଙ୍ଗାରୁକୋର୍ଟ
- ନାବାଳିକାଙ୍କ ମା'ଙ୍କୁ ବି ପିଟିଲେ
- ୫ ମହିଳାଙ୍କ ସମେତ ୭ ଜେଲ୍ ଗଲେ

ନୟାଗଡ଼ ଜିଲା ରଣପୁର ଥାନାଠାରୁ ୫ କି.ମି. ଦୂର ଏକ ଗାଁରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଘରୁ ଟେକି ନେଇ ବଳାତ୍କାର କରାଯାଇଥିଲା। ଏ ସଂକ୍ରାନ୍ତରେ ଗାଁରେ ସଭା ବସିଥିଲା । ହେଲେ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ଏହା ପରେ ଏହି ଘଟଣା ଉଗ୍ରରୂପ ନେଇଛି । ଅଭିଯୁକ୍ତ ଫେରାର ହୋଇଥିବା ବେଳେ ଗୁରୁବାର ଗାଁରେ କଙ୍ଗାରୁ କୋର୍ଟ ବସି ପୀଡ଼ିତାଙ୍କୁ ଅମାନୁଷିକ ନିର୍ଯାତନା ଦିଆଯାଇଛି। ଏପରି କି ଗାଁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପୀଡ଼ିତାଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ଥାନାରେ କରାଯାଇଥିବା ଅଭିଯୋଗ ଉଠାଇ ଆଣିବାକୁ ପୀଡ଼ିତାଙ୍କ ଉପରେ ଚାପ ପକାଇଛନ୍ତି ଗାଁର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି। ନ ହେଲେ ଜୀବନରେ ମାରିଦେବାକୁ ସେମାନେ ଧମକ ଦେଇଛନ୍ତି। ସେମାନେ ପୀଡ଼ିତାଙ୍କ ମା'ଙ୍କୁ ବି ଛାଡ଼ି ନାହାନ୍ତି। ଘରେ ପଶି ତାଙ୍କୁ ମଧ୍ୟ ମାଡ଼ ମାରିଛନ୍ତି। ଏହି ଘଟଣା ନୟାଗଡ଼ ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ରଣପୁର ଥାନା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ୫ ମହିଳାଙ୍କ ସମେତ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଦିଲ୍ଲୀପ କୁମାର ତୋଟାଲ(୨୧), ରବି ପରିଡ଼ା(୬୦), ଅଶାନ୍ତି ଓରଫ ରୀନା ପରିଡ଼ା(୩୭), ସଞ୍ଜୁ ପରିଡ଼ା(୬୦), ଶଶି ପରିଡ଼ା(୩୫), ମଞ୍ଜୁ ମତା(୫୫), ସାଇ ବେହେରା (୫୫)। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ସହ ପ୍ରାଥମିକ ଚିକିତ୍ସା ପରେ ପୋଲିସ ଘରେ ଛାଡ଼ିଛି।

ଅଭିଯୋଗ ଅନୁଯାୟୀ, ଗତ ୩ ମାସ ତଳେ ଉପରୋକ୍ତ ଥାନା ଅଞ୍ଚଳର ଅବାଜୁ ପରିଡ଼ା(୩୨) ସମ୍ପୃକ୍ତ ନାବାଳିକାଙ୍କୁ ଘରୁ ଉଠାଇ ନେଇଥିଲେ। ଘଟଣା ଦିନ ଅବାଜୁ ନାବାଳିକାଙ୍କୁ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ନ କହିବାକୁ ସେ ନାବାଳିକାଙ୍କୁ ଧମକ ଦେଇଥିଲେ। କେହି ଜାଣିଲେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଥିଲେ। ନାବାଳିକା ଏକଥା ଘରେ କହିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିବାକୁ ପ୍ରସ୍ତୁତ ହୋଇଥିଲେ। ଏନେଇ କଥା ପ୍ରଚାର ହେବା ପରେ ଗାଁରେ ସଭା ବସିଥିଲା। ବଳାତ୍କାର ନେଇ ଥାନାରେ ଅଭିଯୋଗ ନ କରିବାକୁ ଗାଁ ସଭାରେ ନାବାଳିକାଙ୍କ ପରିବାରକୁ ପରାମର୍ଶ ଦିଆଯାଇଥିଲା। ହେଲେ ନାବାଳିକାଙ୍କ ପରିବାର ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ



ପୀଡିତାଙ୍କୁ ବିଦ୍ୟୁତ ଖୁଣ୍ଟରେ ବନ୍ଧାଯାଇଛି।

କରିବାକୁ ଚେଷ୍ଟା କରି ସଫଳ ହୋଇ ନ ଥିଲେ। ବୁଧବାର ନାବାଳିକାଙ୍କ ବାପା ଏ ସଂକ୍ରାନ୍ତରେ ରଣପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଅବାଜୁଙ୍କୁ ଥାନାକୁ ଡକାଇଥିଲା। ଅବାଜୁ ଥାନାକୁ ଆସିବା ବଦଳରେ ଫେରାର ହୋଇ ଯାଇଥିଲେ। ଗୁରୁବାର ଏନେଇ ଗାଁରେ କଙ୍ଗାରୁ କୋର୍ଟ ବସି ନାବାଳିକାଙ୍କ ପରିବାରକୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ପରେ ଘରୁ ଭିଡ଼ି ଆଣି ନାବାଳିକାଙ୍କୁ ଗାଁ ବିଦ୍ୟୁତ୍ ଖୁଣ୍ଟରେ ବନ୍ଧାଗଲା। ବହୁ ସଂଖ୍ୟକ ଲୋକ ମିଳିତ ହୋଇ ତାଙ୍କୁ ମାଡ଼ ମାରିବା ସହିତ ନାନା ନିର୍ଯାତନା ଦେଇଥିଲେ। ଏପରି କି ନାବାଳିକାଙ୍କ ମା'ଙ୍କୁ ବି ସେମାନେ ଘରେ ପଶି ପିଟିଥିଲେ।

ଏନେଇ ତଦନ୍ତକାରୀ ଅଫିସର ପ୍ରୀତି ପ୍ରକାଶ ମହାନ୍ତି କହିଛନ୍ତି, ଅଭିଯୋଗ ପରେ ୩୭୬(୩)(୨)(ଏନ), ୩୪୧, ୨୯୪, ୩୨୩, ୩୪୨, ୫୦୬, ୩୪ ଆଇପିସି, ପୋକ୍‌ସୋ ଆକ୍ଟ (୩)(୨)(ଭି),୩, (ଏ), (୩),(୧), (ଆର)(ଏସ୍), ଏସସି ଆଣ୍ଡ ଏସ୍‌ଟି ଆକ୍ଟରେ ଏକ ମାମଲା(ନଂ.୭୭/୨୨) ରୁଜୁ ହୋଇଛି । ସମ୍ପୃକ୍ତ ଗାଁର ଅବାଜୁ ପରିଡ଼ା, ସୌଭାଗ୍ୟ ବେହେରା, କୈଳାସ ପରିଡ଼ା, ରବି ପରିଡ଼ା. ମଞ୍ଜୁ ମତା, ଦିଲ୍ଲୀପ କୁମାର ତୋଟାଲ, ଅଶାନ୍ତି ଓରଫ ରୀନା ପରିଡ଼ା, ସଞ୍ଜୁ ପରିଡ଼ା, ଶଶି ପରିଡ଼ା, ସାଇ ବେହେରା ପ୍ରମୁଖ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ୭ଜଣଙ୍କୁ ଜେଲ ପଠାଯାଇଛି।

# ଶାଶୂ,ବୋହୂଙ୍କ ଗଳାକାଟି ହତ୍ୟା

ବଲାଙ୍ଗୀର ଅଫିସ/ଗୁଡ୍‌ଭେଲା, ୩୧।୩ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ନୂଆପଡା ଗାଁରେ ଗୁରୁବାର ଶାଶୁ,ବୋହୂଙ୍କ ଗଳାକାଟି ହତ୍ୟା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। କେଉଁ କାରଣରୁ ଏକ ସାଧାରଣ ପରିବାରର ଦୁଇଜଣଙ୍କ ଗଳାକାଟି ହତ୍ୟା କରାଯାଇଛି ତାହା ରହସ୍ୟ ଘେରରେ ରହିଛି। ହତ୍ୟାକାରୀ ଫେରାର ହୋଇଯାଇଥିବାରୁ ଏବଂ ପୀଡିତ ପରିବାର ସହ କୌଣସି ପରିବାରର ଶତ୍ରୁତା ବା ମତାନ୍ତର ନ ଥିବା କୁହାଯାଇଥିବାରୁ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ନୂଆପଡ଼ା ଗାଁର ଶୁଭ୍ରାଂଶୁ ମେହେର ଜଣେ ଚାଷୀ ଏବଂ ଦେଉଳଗୁଡି ଛକରେ ତାଙ୍କର ଏକ ମେଡିସିନ୍ ଦୋକାନ ରହିଛି। ଗୁରୁବାର ସକାଳ ପ୍ରାୟ ୭ଟାରେ ସେ ଘରୁ ଦୋକାନ ଅଭିମୁଖେ ବାହାରିଥିଲେ। ସବୁଦିନ ଭଳି ଘରେ ଶୁଭ୍ରାଂଶୁଙ୍କ ସ୍ତ୍ରୀ ଅମ୍ବିକା ମେହେର(୫୦) ଓ ମାତା ପ୍ରେମଶୀଳା ମେହେର (୭୫) ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

- ଘରେ ପଡ଼ିଥିଲା ରକ୍ତାକ୍ତ ମୃତଦେହ
- ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍
- ନୂଆପଡ଼ା ଗାଁ ସ୍ତବ୍ଧ, ଜଣାପଡ଼ିନି ହତ୍ୟାର କାରଣ

ଜଣେ ପଡୋଶୀ ଘର ଉପର ମହଲାକୁ ଯିବାରୁ ସେଠାରେ ପ୍ରେମଶୀଳା ଏବଂ ଅମ୍ବିକାଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖିଥିଲେ। ତାଙ୍କ ଚିତ୍କାର ଶୁଣି ପାଖପଡୋଶୀ ଏବଂ ଗାଁ ଲୋକେ ଖବର ସମ୍ପର୍କରେ ଜାଣିବାକୁ ପାଇଥିଲେ। ବଲାଙ୍ଗୀରରୁ ଡିଏସ୍‌ପି ଲକ୍ଷ୍ମୀନାରାୟଣ ମାରାଣ୍ଡି, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ତୁଷରା ଥାନା ଆଇଆଇସି ସଞ୍ଜୀବ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘରକୁ କେହି ପଶି ହତ୍ୟା କରିବା ପରେ ସେଠାରୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ତାଙ୍କ ପରିବାରର କୌଣସି ସଦସ୍ୟଙ୍କ ସହ କୌଣସି ପ୍ରକାର ଶତ୍ରୁତା ନ ଥିବା ଶୁଭ୍ରାଂଶୁ କହିଛନ୍ତି। ଶୁଭ୍ରାଂଶୁଙ୍କ ଭାଇମାନଙ୍କ ମଧ୍ୟରେ ଜମିବାଡିକୁ ନେଇ କଳହ ଥିବା କଥା ଶୁଣାଯାଉଛି। ଶୁଭ୍ରାଂଶୁଙ୍କ ଦୁଇ ଶାଳକଙ୍କ ମଧ୍ୟରୁ ଜଣେ ନୂଆପଡ଼ା ଗାଁରେ ରହନ୍ତି ଓ ଭିଣୋଇଙ୍କ ମେଡିସିନ ଦୋକାନରେ ବସନ୍ତି। ସେ ମଧ୍ୟ ପରିବାର ସହ ଘଟଣା ଦିନ ଅନୁପସ୍ଥିତ ଥିବା କହିଛନ୍ତି। ଆଉ ଜଣେ ଶାଳକ ତୁଷରାରେ ସୁନା ଗହଣା ଦୋକାନ କରିଛନ୍ତି। ଶୁଭ୍ରାଂଶୁଙ୍କ ଦୁଇ ଝିଅ ମଧ୍ୟରୁ ଜଣଙ୍କର ବିବାହ ହୋଇସାରିଥିବା ବେଳେ ଅନ୍ୟ ଜଣେ ଭୁବନେଶ୍ୱରରେ ପଢୁଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧/୨୦୨୨ (୨୦ ପୃଷ୍ଠା) | Bhubaneswar, Friday, April 1/2022





**ଜୟନ୍ତୀଙ୍କୁ ତୃତୀୟ ସ୍ୱର୍ଣ୍ଣ**

ଜାତୀୟ ପାରା-ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଜୟନ୍ତୀ ବେହେରା।

୧୮

୧୨

**ଇସ୍ତଫା ଦେବିନି, ଲଢ଼ିବି: ଇମ୍ରାନ୍**

ଅନାସ୍ଥା ପ୍ରସ୍ତାବର ସାମ୍ନା କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଇସ୍ତଫା ଦେବେ ନାହିଁ ଓ ଶେଷ ପର୍ଯ୍ୟନ୍ତ ଲଢ଼ିବେ ବୋଲି ଦେଶ ଉଦ୍ଦେଶ୍ୟରେ ସମ୍ବୋଧନ ବେଳେ କହିଛନ୍ତି।



**ଆଜିର ସମ୍ପାଦକୀୟ**

ପାଶ୍ଚାତ୍ୟ ଏକତା ଓ ୟୁକ୍ରେନ୍ ଯୁଦ୍ଧ

ସରିଲା ବିଧାନସଭାର ସ୍ୱଳ୍ପକାଳୀନ ବଜେଟ ଅଧିବେଶନ ପୃଷ୍ଠା-୧୫

୩ ଏମ୍‌ପିଙ୍କ କାର୍ଯ୍ୟକାଳ ସରିଲା ପୃଷ୍ଠା-୧୪

# କେନ୍ଦ୍ରକୁ ଫେରିଗଲା ୮୪୨ କୋଟି

## ଜଳସେଚନରେ ଅନିୟମିତତା

### ସିଏଜି ରିପୋର୍ଟ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଜଳ ସେଚନ ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା ସତ୍ତ୍ୱେ ଆର୍ଥିକ ପରିଚାଳନାରେ ଅନିୟମିତା, ଜମି ଅଧିଗ୍ରହଣରେ ବିଳମ୍ବ , ଡିପିଆର ପ୍ରସ୍ତୁତିରେ ତ୍ରୁଟି, ଭୁଲ ସର୍ଭେ ଓ ଅନୁସନ୍ଧାନ, ତ୍ରୁଟିଯୁକ୍ତ ଡିଜାଇନ, ଜଳ ନ ଥିବା ସ୍ଥାନରେ ବୃହତ ପ୍ରକଳ୍ପ ପରିକଳ୍ପନା, କେନାଲରେ ପାଣିର ଅଭାବ ଯୋଗୁ ଜଳସେଚନ ପ୍ରକଳ୍ପଗୁଡ଼ିକ ବିଳମ୍ବ ହେବା ସହ କ୍ଷୁଦ୍ର ଓ ଉପ କେନାଲ ନିର୍ମାଣରେ ଅପବ୍ୟୟ ଯୋଗୁ ସରକାରଙ୍କୁ ବହୁ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ଏପରିକି ଚାଷଜମିଗୁଡ଼ିକୁ ଜଳସେଚିତ କରାଯାଇ ପାରି ନାହିଁ। ଫଳରେ ୮୪୨ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଫେରିଯାଇଛି। ଏପରିକି କେନ୍ଦ୍ରୀୟ ଅନୁଦାନ ମଧ୍ୟ ରାଜ୍ୟକୁ ହରାଇବାକୁ ପଡ଼ିଛି। ଗୁରବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରିପୋର୍ଟରେ ଏଭଳି ତଥ୍ୟ ☞ ପୃଷ୍ଠା-୨



ଭୁବନେଶ୍ୱରସ୍ଥିତ ଏଜି କାର୍ଯ୍ୟାଳୟରେ ଗୁରୁବାର ଖବରଦାତା ସମ୍ମିଳନୀରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ଅନନ୍ତ କିଶୋର ବେହେରା ଏବଂ ଡିଜି (ଅଡିଟ୍) ଇଷ୍ଟକୋଷ୍ଟ ରେଲୱେ ବିଭୁଦତ୍ତ ବସନ୍ତିଆ ସିଏଜି ରିପୋର୍ଟ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଥମୁନି ତୈଳ ଦର ବୃଦ୍ଧି

### ପେଟ୍ରୋଲ ୮୬, ଡିଜେଲ ୮୫ ପଇସା ବଢ଼ିଛି

**ନୂଆଦିଲ୍ଲୀ,୩୧।୩:** ପେଟ୍ରୋଲ ଓ ଡିଜେଲ ଦର ଥମିବାର ନାଁ ଧରୁନାହିଁ। ଗତ ୧୦ ଦିନ ମଧ୍ୟରେ ତେଲ ଦର ୯ ଥର ବଢ଼ିଲାଣି। ଏପରିକି କ୍ରମାଗତ ଭାବେ ୭ମ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ଗୁରୁବାର ☞ ପୃଷ୍ଠା-୨



## ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ତୈଳ ଦର ବଢ଼ୁଥିବାରୁ ରାଜ୍ୟରେ ବସ୍ ଭଡ଼ାକୁ ବୃଦ୍ଧି କରାଯାଇଛି। ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହି ଅନୁଯାୟୀ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୮୭ ପଇସାରୁ ୯୦ ପଇସାକୁ ବୃଦ୍ଧି କରାଯାଇଥିବା ବେଳେ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୯୧ରୁ ୯୪ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ ଭଡ଼ା କିଲୋମିଟର ପିଛା ୧ ଟଙ୍କା ୨୫ ପଇସାରୁ ୧ ଟଙ୍କା ୩୧ ପଇସାକୁ ବୃଦ୍ଧି କରାଯାଇଥିବା ବେଳେ ଏସି ଡିଲକ୍ସ ବସ୍ ଭଡ଼ା କିଲୋମିଟର ପିଛା ୧ ଟଙ୍କା ୫୩ ପଇସାରୁ ୧ ଟଙ୍କା ୫୯ ପଇସା ଏବଂ ସୁପର ପ୍ରିମିୟମ ବସ୍ ଭଡ଼ା କିମି ପିଛା ୨ ଟଙ୍କା ୩୮ ପଇସାରୁ ୨ ଟଙ୍କା ୪୭ ପଇସାକୁ ବୃଦ୍ଧି କରାଯାଇଛି।


DADLS - 77



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ-୨୦୨୨ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



ଓଡ଼ିଶା ସରକାର

ଓଡ଼ିଶା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ୍ୟ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।





ଓଡ଼ିଶା ଦିବସ ୨୦୨୨
ପାଳନ ଅବସରରେ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ - ୨୦୨୨ ଉପଲକ୍ଷେ ରାଜ୍ୟବାସୀ ସମସ୍ତଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆମ ରାଜ୍ୟର ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅତୁଳନୀୟ ଅବଦାନ ରଖିଥିବା ଆମ ରାଜ୍ୟର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଆସନ୍ତୁ, ଆମେ ସମସ୍ତେ ଆମର ସେହି ପୂର୍ବସୂରୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟର ବିକାଶଧାରାରେ ସାମିଲ ହେବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0142/2122





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୭୭,୧୯,୭୯୪ | ୬୧,୬୪,୬୯୪ | ୪୨,୭୭,୪୩,୮୪୮ |
| ଭାରତ | ୪,୩୦,୨୪,୪୪୦ | ୫,୨୧,୧୫୯ | ୪,୨୪,୮୯,୦୦୪ |
| ଓଡ଼ିଶା | ୧୨,୮୭,୬୪୦ | ୯୧୨୧(+୫୩) | ୧୨,୭୮,୧୨୧ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶାରୁ ହଟିଲା କୋଭିଡ୍ ମହାମାରୀ ଆଇନ

ଭୁବନେଶ୍ୱର, ୩୧।୩ (ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବା ସହ ଜୀବନଜୀବିକା ସ୍ୱାଭାବିକ ହେବା ପରେ ରାଜ୍ୟ ସରକାର ସମସ୍ତ କୋଭିଡ୍ କଟକଣାକୁ ହଟାଇ ଦେଇଛନ୍ତି। ଏଣିକି ଆଉ କୋଭଈ୍ଡ୍ ବିପର୍ଯ୍ୟୟ ଆଇନ ବା ମହାମାରୀ ଆଇନ ଅନ୍ତର୍ଗତ ହେବନାହିଁ। ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନ୍ତର୍ଗତ କୋଭିଡ୍ ପରିଚାଳନା କରାଯାଉଥିବାବେଳେ ଏହି ମହାମାରୀ ସଂକ୍ରାନ୍ତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇଛି। ଏନେଇ ଗୁରୁବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ସରକାର ମାର୍ଚ୍ଚ ୨୮ରେ ଏହି କୋଭିଡ୍ ପରିଚାଳନାକୁ ବିପର୍ଯ୍ୟୟ ଆଇନ୍ -୨୦୦୫ରୁ ବାଦ୍ ଦେବାକୁ ବିଜ୍ଞପ୍ତି ଜାରି କରିଥିଲେ। ପ୍ରାୟ ୨ ବର୍ଷ ପରେ ରାଜ୍ୟରୁ ମହାମାରୀ କଟକଣା ହଟିଛି। ତେବେ ମାସ୍କ ପିନ୍ଧିବା ଓ ହାତ ଧୋଇବା ଜାରି ରଖିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ଯଦି ଭବିଷ୍ୟତରେ କୋଭିଡ୍ ସ୍ଥିତି ବୃଦ୍ଧି ପାଏ, ପୁନର୍ବାର ଆଇନ ଲାଗୁ ହୋଇପାରେ। ପୂର୍ବରୁ କୋଭିଡ ମହାମାରୀ ଆଇନକୁ କେନ୍ଦ୍ର ସରକାର ହଟାଇ ଦେଇ ଥିବାବେଳେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖ ବୁଲୁଥିଲେ ଚକ ବୁଲୁଥାଏ**
**ବୁଲି ପଡୁଥାଏ ପହି,**
**ସଂସାର ମଧ୍ୟରେ ଘର କରିଥିଲେ**
**ପଥର ପଡ଼ିଲେ ସହି।**

ତେଲଲୁଣର ସଂସାର ଭିତରେ ଘର କରିଥିଲେ ମଣିଷକୁ ଅନେକ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମଣିଷ ସେସବୁକୁ ଭ୍ରୂକ୍ଷେପ ନ କରି ନିଜ କର୍ମପଥରେ ଆଗେଇ ଚାଲିବା ହିଁ ପ୍ରକୃତ ମାନବୀୟ ଧର୍ମର ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଜାଗା ଘା' ଦେଖି ହୁଏନାହିଁ**
**କି ଦେଖାଇ ହୁଏନାହିଁ।**

ଲଜ୍ଜାଜନକ କଥାକୁ ସହଜରେ ଅନ୍ୟ ଆଗରେ କହିହୋଇ ନ ଥାଏ। କୌଣସି ଅପ୍ରକାଶ୍ୟ ଘଟଣା ଅନ୍ୟ ଆଗରେ କରିବା ନେଇ ମନରେ ଲଜ୍ଜା ବା ସଂକୋଚ ଭାବ ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୬ ଓଏଏସ୍‌ଙ୍କ ଦାୟିତ୍ୱ ବଦଳାଇଲେ ସରକାର

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏହି ପ୍ରକ୍ରିୟାରେ ୬ ଜଣ ଓଏଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। କଳ୍ପତରୁ ବେହେରାଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି)ର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ପୂର୍ବରୁ ସେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର(ଆଡମିନଷ୍ଟ୍ରେଶନ୍) ଭାବେ କାର୍ଯ୍ୟ କରୁଥିଲେ। ସିଏମ୍‌ସି ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଥିବା ଓଏଏସ୍ ଅଫିସର ଅବିନାଶ ରାଉତ ଏସ୍‌ସିବି ରେଜିଷ୍ଟ୍ରାର (ଆଡମିନିଷ୍ଟ୍ରେଶନ୍) ଭାବେ ବଦଳି ହୋଇଛନ୍ତି। ପାରଳାଖେମୁଣ୍ଡି ଉପଜିଲାପାଳ ଦିଲୀପ କୁମାର ମହାରଣାଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ଭାବେ ବଦଳି କରାଯାଇଛି। ମାଲକାନଗିରି ଆଇଟିଡିଏ ପିଏ ଭାବେ କାର୍ଯ୍ୟରତ ଥିବା କ୍ଷୀରାବ୍ଧୀ ବେହେରା ମାଲକାନଗିରି ଡିଆର୍‌ଡିଏର ଅତିରିକ୍ତ ପିଡି (ପ୍ରଶାସନିକ) ଭାବେ ବଦଳି ହୋଇଛନ୍ତି। ମୟୂରଭଞ୍ଜ ବିଜାତୋଳାରେ ବିଡିଓ ଥିବା ତ୍ରିନାଥ ମାଝିଙ୍କୁ ମାଲକାନଗିରି ଆଇଟିଡିଏର ପିଏ ଭାବେ ବଦଳି କରାଯାଇଛି। ଗଞ୍ଜାମ ଜିଲା ଚିକିଟିରେ ବିଡିଓ ଥିବା ଫାଲ୍‌ଗୁନି ମାଝିଙ୍କୁ ଗଜପତି ଆଇଟିଡିଏର ପିଏ ଭାବେ ନିଯୁକ୍ତି ମିଳିଛି।

# ଅଧିକାରୀଙ୍କ ସମ୍ମୁଖରେ ସହକର୍ମୀ ଶିକ୍ଷକଙ୍କୁ ମାଡ଼ ମାରିଲେ ଶିକ୍ଷୟିତ୍ରୀ

## ତଦନ୍ତ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ଜିଲାପାଳ

କାଲିମେଲା, ୩୧।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଟିଗଲ ପଞ୍ଚାୟତର ଏମ୍‌ପିଭି-୬୫ ଅପ୍‌ଗ୍ରେଡ୍ ଉଚ୍ଚ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଥିବା ସମସ୍ୟା ସମାଧାନ କରିବାକୁ ଆସିଥିବା ଏବିଇଓ ସିଆର୍‌ସିସି ଓ ବିଦ୍ୟାଳୟ ସଭାପତିଙ୍କ ସମ୍ମୁଖରେ ଗଣ୍ଡଗୋଳ ହୋଇଛି। ଜଣେ ଶିକ୍ଷୟିତ୍ରୀ ତାଙ୍କ ସହକର୍ମୀ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିଛନ୍ତି। ଏହାକୁ ନେଇ ଶିକ୍ଷୟିତ୍ରୀ ଜଣକ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକଙ୍କ ନାମରେ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ବିଶାଳ ସିଂହ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଖବରରୁ ଜଣାପଡ଼ିଛି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଇଲା ସେନ୍ ତାଙ୍କୁ ସହକର୍ମୀମାନେ ହଇରାଣ କରୁଛନ୍ତି ବୋଲି ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଏହାର ତଦନ୍ତ ପାଇଁ ଏବିଇଓ ଚିନ୍ତାହରଣ ମଧୁ ଓ ଅସିତ ମିସ୍ତ୍ରି, ସିଆର୍‌ସିସି ସୁଭାଷ ମଣ୍ଡଳ, ଏସ୍‌ଏମ୍‌ସି ସଭାପତି ସମସ୍ତେ ବିଦ୍ୟାଳୟରେ ପହଞ୍ଚିଥିଲେ। ସହକାରୀ ଶିକ୍ଷକ ସମ୍ରାଟ ବେହେରା ଓ ସହକାରୀ ଶିକ୍ଷୟିତ୍ରୀ ଇଲାଙ୍କୁ ଡାକି ଅଧିକାରୀମାନେ ପଚରାଉଚରା କରି ତଥ୍ୟ ସଂଗ୍ରହ କରୁଥିଲେ। ଏହି ସମୟରେ ଶିକ୍ଷୟିତ୍ରୀ ଇଲା ଅଧିକାରୀଙ୍କ ସମ୍ମୁଖରେ ଶିକ୍ଷକ ବେହେରାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ୩ ଜଣ ଅଧିକାରୀଙ୍କ ଉପସ୍ଥିତିରେ ଜଣେ ଶିକ୍ଷୟିତ୍ରୀଙ୍କ ଏପରି ଆଚରଣ ପ୍ରଦର୍ଶନକୁ ଛାତ୍ରୀଛାତ୍ର,



ଶିକ୍ଷୟିତ୍ରୀ ଜଣକ ଶିକ୍ଷକ ସମ୍ରାଟ ବେହେରାଙ୍କୁ ମାଡ଼ ମାରୁଛନ୍ତି।

ଅଭିଭାବକ ଓ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସିଆର୍‌ସିସି ଓ ବିଇଓଙ୍କୁ ଦାବିପତ୍ର ଦେଇଛନ୍ତି। ଘଟଣା ସମ୍ପର୍କରେ ଏବିଇଓ ଅସିତ ମିସ୍ତ୍ରି ଓ ଚିନ୍ତାହରଣ ମଧୁଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀ ଜଣକ ଶିକ୍ଷକଙ୍କୁ ମାଡ଼ ମାରିବା ଘଟଣା ସତ୍ୟ। ଏନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି। ଏସ୍‌ଏମ୍‌ସି ସଭାପତି ସୁମନ୍ତ ରାୟ କହିଛନ୍ତି, ଶିକ୍ଷୟିତ୍ରୀ ରାଗିଯାଇ ଯାହା କଲେ ତାହା ଠିକ୍ କରିନାହାନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ମାଡ଼ ଖାଇଥିବା ଶିକ୍ଷକ ବେହେରାଙ୍କୁ ପଚାରିବାରୁ ସେ କହିଲେ, ସାର୍‌ମାନେ ତଦନ୍ତ ପାଇଁ ମୋତେ ରୁମ୍‌କୁ ଡାକିଥିଲେ। ମୁଁ ଯାଇ ତଦନ୍ତ ପ୍ରକୋଷ୍ଠର ଏକ ଚେୟାରରେ ବସିଥିବାବେଳେ ଶିକ୍ଷୟିତ୍ରୀ ଇଲା ଅଧିକାରୀମାନଙ୍କ ଉପସ୍ଥିତିରେ ତାଙ୍କୁ ଚାପୁଡ଼ା ମାରିଥିଲେ। ଏ ସଂକ୍ରାନ୍ତରେ ମାଡ଼ ମାରିଥିବା ଶିକ୍ଷୟିତ୍ରୀ ଇଲାଙ୍କୁ ପଚାରିବାକୁ ଫୋନ (ନଂ. ୯୮୬୧୬୩୮୩୬୯) ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଫଳରେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

**ପ୍ରଥମ ପୃଷ୍ଠାରୁ...**

## କେନ୍ଦ୍ରକୁ ଫେରିଗଲା...

ପଦାକୁ ଆସିଛି। ଗୁରୁବାର ବିଧାନସଭାରେ ରାଜ୍ୟର ଆର୍ଥିକ ପରିଚାଳନା ଓ ଭୂପୃଷ୍ଠ ଜଳସେଚନର ସମୀକ୍ଷା ରିପୋର୍ଟ ୨୦୨୦-୨୧ ଉପସ୍ଥାନ କରାଯାଇଛି। ଏଥିରେ ରାଜ୍ୟର ଆର୍ଥିକ ସ୍ଥିତି ଓ ପରିଚାଳନାକୁ ନେଇ ସିଏଜି ସନ୍ତୋଷ ପ୍ରକଟ କରିଥିଲେ ମଧ୍ୟ ଜଳସେଚନ ବିଭାଗର ଆର୍ଥିକ ପରିଚାଳନା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଳସେଚନ ବିଭାଗର ଅପାରଗତା ଯୋଗୁଁ ପ୍ରକଳ୍ପଗୁଡ଼ିକ ସଂପୂର୍ଣ୍ଣ ହୋଇପାରି ନ ଥିବାରୁ ସେଗୁଡ଼ିକର ସୁଫଳ ପାଇବାରେ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ୨୦୧୪ରୁ ୨୦୨୦ ମଧ୍ୟରେ ଜଳସେଚନ ପାଇଁ ଆସିଥିବା ୮୪୨.୯୮ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଉପଯୋଗ ହୋଇ ନ ପାରି ଫେରିଯାଇଛି। ୫ଟି ବୃହତ ଜଳସେଚନ ପ୍ରକଳ୍ପ, ୯ଟି ବୃହତ ଉଠା ଜଳସେଚନ ପ୍ରକଳ୍ପ ଏବଂ ୧୦ଟି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପକୁ ଯାଞ୍ଚ କରିବା ପରେ ଏଭଳି ଚାଞ୍ଚଲ୍ୟକର ତଥ୍ୟର ପର୍ଦ୍ଦାଫାସ ହୋଇଛି। ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି ଯେ କୃଷକମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜଳସେଚନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜଳର ଉତ୍ସ ନିଶ୍ଚିତ ନ କରି ବୃହତ ଉଠା ଚଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଯୋଗୁ ଜଳସେଚନ ପ୍ରଭାବିତ ହୋଇଛି।

କେବଳ ସେତିକି ନୁହେଁ ଗୋଟିଏ କାମକୁ ଦୁଇଥର କରିବା ଏବଂ କଣ୍ଟ୍ରାକ୍ଟରଙ୍କୁ ଅହେତୁକ ଅନୁକମ୍ପା ଦେଖା ଯାଇଛି। ଉପକୂଳ ସୁରକ୍ଷା ବୃକ୍ଷ ରୋପଣ ପାଇଁ ଜଙ୍ଗଲ ବିଭାଗକୁ ୨୮୨.୮୩ କୋଟି ଦିଆଯାଇଥିବା ବେଳେ ବିନିଯୋଗ ପ୍ରମାଣ ପତ୍ର କେବଳ ୭୦.୯୩ କୋଟିର ଦିଆଯାଇଛି। ପ୍ରକଳ୍ପଗୁଡ଼ିକରେ ୧୨, ୭୪୨.୧୧ କୋଟି ଖର୍ଚ୍ଚ ହୋଇ ୫ ଲକ୍ଷ ୨ ହଜାର ୮୪୨ ହେକ୍ଟର ଜମି ଜଳସେଚନ ଲକ୍ଷ୍ୟ ରହିଥିଲେ ମଧ୍ୟ ସେଥିରୁ ମାତ୍ର ୨୪% ୧ ଲକ୍ଷ ୨୨ ହଜାର ୪୧୮ ହେକ୍ଟର ଜମି ଜଳସେଚିତ ହୋଇଛି। ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ୧୩ରୁ ୪୩ ବର୍ଷ ବିଳମ୍ବିତ ହୋଇଥିଲା। କେବଳ ସେତିକି ନୁହେଁ, ୬୬ ହଜାର ୨୧୯.୨୫ ଏକର ବେସରକାରୀ ଜମି ପାଇଁ ପାଣ୍ଠି ଥିଲା ବେଳେ ସେଥିରୁ ମାତ୍ର ୪୮ ପ୍ରତିଶତ ୩୧ ହଜାର ୫୫୪.୫୭ ଏକର ଜମି ଅଧିଗ୍ରହଣ ହୋଇଥିଲା। ଅନିୟମିତତା ଓ ଠିକାଦାରଙ୍କୁ ଅନୁକମ୍ପା ଦେଖାଇବା ଯୋଗୁ ରାଜକୋଷରୁ ୫୫୪.୮୭ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିଛି।

ସିଏଜି ୨୦୧୪ରୁ ୨୦୧୯ ମଧ୍ୟରେ ରାଜ୍ୟର ୫ଟି ବୃହତ, ୯ଟି ବୃହତ ଉଠା ଓ ୧୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଡିଟ କରାଯାଇଥିଲା। ଏଗୁଡ଼ିକରେ ମାର୍ଚ୍ଚ ୨୦୨୦ ସୁଦ୍ଧା ୧୨,୭୪୨ କୋଟି ଟଙ୍କା ବ୍ୟୟ ହୋଇଛି। ୯ଟି ବୃହତ ଉଠା ଜଳସେଚନକୁ ଛାଡ଼ିଦେଲେ ଅନ୍ୟ ପ୍ରକଳ୍ପଗୁଡ଼ିକର ମୂଲ୍ୟ ୧୪୨ରୁ ୪୫୯୬ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ଭୂପୃଷ୍ଠ ଜଳସେଚନ ପ୍ରକଳ୍ପ (କେନାଲ ପ୍ରକଳ୍ପ) ଗୁଡ଼ିକର ଯୋଜନା, କାର୍ଯ୍ୟକାରିତା ଓ ମନିଟରିଂରେ ବ୍ୟାପକ ଅଭାବ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ଟଙ୍କା ଥାଇ ମଧ୍ୟ କେତେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇପଡ଼ିଛି। ଏହା ଫଳରେ ଜଳସେଚନ କ୍ଷମତାର ମାତ୍ର ୨୪ ପ୍ରତିଶତ ଉପଯୋଗ ହୋଇପାରିଛି। ବୃହତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ୧୩ରୁ ୪୩ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହୋଇଛି। ଏହାଫଳରେ ପ୍ରକଳ୍ପଗୁଡ଼ିକର ବ୍ୟୟ ଅଟକଳ ମଧ୍ୟ ବୃଦ୍ଧି ପାଇଛି। ୨୦୧୦-୧୫ରେ ୧୪.୭୧ କୋଟି ଟଙ୍କା ବ୍ୟୟରେ ୧୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ୧,୬୧୨ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୭୭୨ ହେକ୍ଟର ଜମିକୁ ଜଳସେଚନ କରି ପାରିଥିଲା। ସେହିପରି କ୍ଷୁଦ୍ର କିମ୍ବା ଉପକେନାଲ ନିର୍ମାଣରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୦୮ରୁ ୨୦୧୬ ମଧ୍ୟରେ ୬୮ଟି କ୍ଷୁଦ୍ର ଓ ମଧ୍ୟମ କେନାଲର ଖନନ ପାଇଁ ୧୧୦.୯୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ତେବେ ସେଗୁଡିକ ତଳମୁଣ୍ଡକୁ ପାଣି ଯୋଗାଣ କରି ପାରୁ ନ ଥିଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ଥମୁନି ତୈଳ...

ଭୁବନେଶ୍ୱରରେ ପେଟ୍ରୋଲ ୮୬ ଏବଂ ଡିଜେଲ ୮୫ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୮.୬୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୮.୪୨ ଟଙ୍କାରେ କାରବାର ହେଉଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ମାର୍ଚ୍ଚ ୨୨ରେ ପ୍ରଥମ ଥର ପାଇଁ ତୈଳ ଦର ବୃଦ୍ଧି ଘଟିଥିଲା। ଗତ ୧୦ ଦିନ ମଧ୍ୟରେ ପେଟ୍ରୋଲ ଉପରେ ୬.୮୪ ଟଙ୍କା ଓ ଡିଜେଲରେ ୬.୮୦ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡ଼ିଛି।

ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ୮୦ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୧.୮୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୩.୦୭ ଟଙ୍କାରେ ପହଞ୍ଚିଛି। ବିଶେଷକରି ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୋଟ ୬.୪୦ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୬.୭୨ ଟଙ୍କା, ୧୧୧.୩୫ ଟଙ୍କା ଏବଂ ୧୦୭.୪୫ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରଗୁଡ଼ିକରେ ଡିଜେଲ ଲିଟର ପିଛା ୧୦୦.୯୪ ଟଙ୍କା, ୯୬.୨୨ଟଙ୍କା ଏବଂ ୯୭.୫୨ ଟଙ୍କାରେ ପହଞ୍ଚିଛି।

କୋଭିଡ୍ ଭଳି ଏକ ମାନ୍ଦାବସ୍ଥା ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ନିଜ ନିଜର ଟିକସ ହ୍ରାସ କିମ୍ବା ଛାଡ଼ କରୁ ନ ଥିବା ଯୋଗୁ ତୈଳ ଦର ଉଚ୍ଚା ରହୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏପରିକି ତୈଳ ଦର ବୃଦ୍ଧି ଯୋଗୁ ଦେଶର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଇନ୍ଧନର ଚାହିଦା ଆଦି ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଏବଂ ତୈଳ ବିଶୋଧନାଗାରର ବ୍ୟବହାର ଉପରେ ନିର୍ଭର କରିଥାଏ। ଏହା ବାଦ ଭାଟ୍ ଏବଂ ପରିବହନ ମୂଲ୍ୟ ଆଧାରରେ ରାଜ୍ୟ ରାଜ୍ୟ ମଧ୍ୟରେ ଇନ୍ଧନ ମୂଲ୍ୟରେ ଫରକ ମଧ୍ୟ ଦେଖାଦେଇଥାଏ। ୨୦୨୧ ନଭେମ୍ବର ୪ ତାରିଖରେ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଟଙ୍କା ଏବଂ ଡିଜେଲ ଉପରୁ ୧୦ ଟଙ୍କାର ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟ ଭଲ ରହିବ ଏବଂ ସାହସର ସହ ପ୍ରତ୍ୟେକ କାମକୁ ସମ୍ପନ୍ନ କରିପାରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** ଅତୀତ ସମସ୍ୟା ବୃଦ୍ଧି ପାଇବା ହେତୁ ମନରେ ନକାରାତ୍ମକ ଭାବନା କେନ୍ଦ୍ରୀଭୂତ ହେବ। କର୍ମକ୍ଷେତ୍ରରେ ଏବଂ ବାଣିଜ୍ୟ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** ଆଜି ଆପଣ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିନ୍ତୁ ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ଆଜିର ପ୍ରତ୍ୟୁଷ ଯାତ୍ରା କାଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ବନ୍ଧୁମାନଙ୍କ ସହାୟତାରେ ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବ। ସଭାସମିତିରେ ବାଦାନୁବାଦ ମନ୍ତବ୍ୟ ହେତୁ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରିବେ ନାହିଁ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗିପଡ଼ନ୍ତୁ ନାହିଁ।

**କନ୍ୟା** ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ସହ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କାପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା** ଆଜି ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ବିଶାଖା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ କିନ୍ତୁ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା** ଯଥା ସମୟରେ ହାତକୁ ନେଇଥିବା କାମ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନରେ ଆଗ୍ରହୀ ହେବେ କିନ୍ତୁ ମାତ୍ରାଧିକ ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିବେ।

**ଧନୁ** ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜି ଆକସ୍ମିକ ଭାବରେ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ମଧ୍ୟ ଜୁଟିବ।

**ମକର** ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ସମ୍ପର୍କର ତିକ୍ତତା ବୃଦ୍ଧି ପାଉଥିବାରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆଶା କରିଥିବା କାମ ଶେଷ ପର୍ଯ୍ୟାୟକୁ ନେଇପାରିବେ।

**କୁମ୍ଭ** ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ। ସାମାଜିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ପରିବାର ମଧ୍ୟରେ ଛୋଟକଥାକୁ ଧରି ବସନ୍ତୁ ନାହିଁ। ଯାତ୍ରା ସମୟରେ ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ** ଆଜି ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।


# classifieds Everyday
0674-2580101, 2549302

**real estate**

**SALE**

Plot For Sale at Chaatabar per sqft. @99/-. 9583295832, 8249017091. D-23501

**Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615.** D-73220

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71881

**1.4KM from Pitapalli Chandaka bypass Bhubaneswar (loan available) developed for home sqft.-999/- Gangapada Priyanka-7735142073.** D-73217

**60ft. ପିଚୁ ରୋଡ୍‌କୁ ଲାଗି 18ଗୁଣ୍ଠ commercial Plot Bhubaneswar GIFT College ସାମ୍ନାରେ ତୁରନ୍ତ ବିକ୍ରିହେବ। per ଗୁଣ୍ଠ @900000/- Owner-9437033320.** D-73213

Booking open-2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

**ଉତ୍ତରା ଛକ ବାଳକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932.** D-23509

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

ପୁରୀ ହରେକୃଷ୍ଣପୁର ଛକରୁ ମଙ୍ଗଳାଘାଟ ଛକ ମଧ୍ୟରେ ମଙ୍ଗରାଜପୁର ଛକ ପାଖରେ ସ୍ଥିତିବାନ ଘରବାଡ଼ି ପ୍ଲଟ୍ ଡିସିମିଲ୍‌କୁ 3 ଲକ୍ଷ ଟଙ୍କା। ଶ୍ରୀମନ୍ଦିର, ମହୋଦଧି ଓ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର 10 ରୁ 15 ମିନିଟ୍ ସମୟ ରାସ୍ତା। ଯୋଗାଯୋଗ- **9438220432 / 9437629713.** D-23539

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed, demarcated gharabari, electricity plot** କିଣନ୍ତୁ। **7008492511.** D-23475

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

**Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar-sqft.-2700/- first possesion then registration. 8249602844.** D-73221

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9438122777, 9556622939.** D-71799

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**to-let**

**Residential Accommodation in 4th floor, 2BHK Flat of 1200 Sqft., 2-Toilets and One Balcony, well ventilated at Canal Road, Bomikhal. Contact : 9439572658.** D-23526

**healthcare**

Newly opening SPA positively health benefits with expert therapist. 8917332216. D-71971

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly open full body massage ladies and gents. 8327740003. D-71884

Newly open SPA positively health benefits by expert therapist. 8455987557. D-71484

Refreshing your mind and body with the best therapy, 7873794731. D-23292

Newly open SPA positively health benefits expert therapist, Kalpana. 7846814019. D-71480

**AFFIDAVIT**

I, Sri Shreekara Mahapatra have changed my name from Shreekar Mahapatra to Shreekara Mahapatra as per affidavit dt. 18.03.2022. D-23532

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


JioMart.com
Reliance
Growth is Life
Presents
ସମର ରେଡି ସେଲ୍
1st-3rd April
ଫ୍ରୀ ହୋମ୍ ଡେଲିଭରୀ
ସର୍ବନ୍ୟୁନ ଅର୍ଡର୍ ନାହିଁ
ଜିଓମାର୍ଟ୍ ଆପ୍ ବର୍ତ୍ତମାନ୍ ଡାଉନଲୋଡ୍ କରନ୍ତୁ
ଅଫର୍ସ ଏଠାରେ ମଧ ଉପଲବ୍ଧ
SMART STORES
କୋଲ୍ଡ ଡ୍ରିଙ୍କ୍ ରେଞ୍ଜ୍ 750 ml ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
ପର୍ଯ୍ୟନ୍ତ 33% ଛାଡ଼
MRP ₹40 ଡେଣିକି
ଜୁସ୍ ରେଞ୍ଜ୍ (ର' ପ୍ରିସେରୀ / ରିଅଲ୍ / ବି ନେଚୁରାଲ୍) 200 ml ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
ପର୍ଯ୍ୟନ୍ତ 50% ଛାଡ଼
MRP ₹60 ଡେଣିକି
ମାଜା 1.2 ℓ
ସଞ୍ଚୟ ₹21
MRP ₹70
ଆମ ମୂଲ୍ୟ ₹49
ରସନା ଇନ୍‌ଷ୍ଟା ଇନ୍‌ଷ୍ଟାଣ୍ଟ ଅରେଞ୍ଜ୍ 750 g
50% ଛାଡ଼
MRP ₹300
ଆମ ମୂଲ୍ୟ ₹150
ମିଲ୍କ ବେଭରେଜେସ୍, ବଟର ମିଲ୍କ, କର୍ଡ୍ ଆଣ୍ଡ ୟଗହର୍ଟ୍ (ନିର୍ଦ୍ଦିଷ୍ଟ ରେଞ୍ଜ୍)
ପର୍ଯ୍ୟନ୍ତ 50% ଛାଡ଼
MRP ₹12 ଡେଣିକି
ତରଭୁଜ 1 ୟୁନିଟ୍
ଆମ ମୂଲ୍ୟ ₹89
ବଜାର ମୂଲ୍ୟ ₹100
ମେନ୍‌ସ ଆଣ୍ଡ ଓମେନ୍‌ସ ଡିଓ 120 ml ଡେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ୍)
50% ଛାଡ଼
MRP ₹225 ଡେଣିକି
ଆମ ମୂଲ୍ୟ ₹113 ଡେଣିକି
ଲିରିଲ୍ 125 g x 3 ୟୁନିଟ୍ + 75 g / ସିଂଥଲ୍ ଲାଇମ୍ 125 g x 3 ୟୁନିଟ୍ / 150 g x 5 ୟୁନିଟ୍ / କୁଲ ସୋପ୍ 125 g x 3 ୟୁନିଟ୍ (ନିର୍ଦ୍ଦିଷ୍ଟ ରେଞ୍ଜ୍)
25% ଛାଡ଼
MRP ₹132 ଡେଣିକି
ଆମ ମୂଲ୍ୟ ₹99 ଡେଣିକି
ପଣ୍ଡ୍‌ସ ଟ୍ୟାଲ୍କ 400 g (ଡ୍ରିମ୍ ଫ୍ଲାୱାର୍/ ମ୍ୟାଜିକ୍ ଫ୍ରେଶନେସ୍) (ନିର୍ଦ୍ଦିଷ୍ଟ ରେଞ୍ଜ୍)
ସଞ୍ଚୟ ₹120
MRP ₹340 ଡେଣିକି
ଆମ ମୂଲ୍ୟ ₹220 ଡେଣିକି
ଭେସଲିନ୍ / ନିଭିଆ ସମର୍ ବଡ଼ି ଲୋଶନ୍ 400 ml (ନିର୍ଦ୍ଦିଷ୍ଟ ରେଞ୍ଜ୍)
ସଞ୍ଚୟ ₹170 ଡେଣିକି
MRP ₹425 ଡେଣିକି
ଆମ ମୂଲ୍ୟ ₹255 ଡେଣିକି
ନବରତ୍ନ କୁଲ୍ ଆୟୁର୍ବେଦିକ୍ ହେୟାର ଅଏଲ୍ 300 ml / 500 ml (ନିର୍ଦ୍ଦିଷ୍ଟ ରେଞ୍ଜ୍)
ସଞ୍ଚୟ ₹25 ଡେଣିକି
MRP ₹198 ଡେଣିକି
ଆମ ମୂଲ୍ୟ ₹173 ଡେଣିକି
ହୋମ୍ ୱାନ୍ ସେଟ୍ ଅଫ୍ 4 1 ℓ ଫ୍ରିଜ୍ ବଟଲ୍‌ସ
50% ଛାଡ଼
MRP ₹249 ଡେଣିକି
ଆମ ମୂଲ୍ୟ ₹125 ଡେଣିକି
କାକୁଡ଼ି 1 kg
ଆମ ମୂଲ୍ୟ ₹29
ବଜାର ମୂଲ୍ୟ ₹40
ବେସନ/ମଇଦା/ ସୁଜି/ ଦଳିଆ 500 g / 1 kg
50% ଛାଡ଼
MRP ₹40 ଡେଣିକି
ଆମ ମୂଲ୍ୟ ₹20 ଡେଣିକି
ରାଜଧାନୀ ସତ୍ତୁ 500 g
33% ଛାଡ଼
MRP ₹75
ଆମ ମୂଲ୍ୟ ₹50
ଫର୍ଚ୍ୟୁନ୍ ଏଭରେଡ଼ୀ ବାସମତୀ ରାଇସ୍ 5 kg + ଫର୍ଚ୍ୟୁନ୍ ରିଫାଇନ୍‌ଡ ରାଇସ୍ ବ୍ରାନ୍ ହେଲ୍‌ଥ ଅଏଲ୍ 5 ℓ
ଆମ ମୂଲ୍ୟ ₹1299 କମ୍ବାଇଣ୍ଡ
MRP ₹1890
ସଞ୍ଚୟ ₹591
ଗୁଡ୍ ଲାଇଫ୍ ସୁଗାର M 5 kg
ଆମ ମୂଲ୍ୟ ₹222 (₹44.4/kg)
MRP ₹285
ସଞ୍ଚୟ ₹63
ସୁପର ସର୍ବୋତ୍ତମ ରାଇସ୍ ବ୍ରାନ ଅଏଲ 1 ℓ
15% EXTRA
ଆମ ମୂଲ୍ୟ ₹159
MRP ₹199
ସଞ୍ଚୟ ₹40
ଗୁଡ୍ ଲାଇଫ୍ ରେଇସିନ୍‌ସ (ଗ୍ରୀନ୍ / ଗୋଲ୍ଡ) / କ୍ୟାସ୍ୟୁ (W320) 500 g
ଆମ ମୂଲ୍ୟ ₹149/ ₹415
MRP ₹183 / ₹499
ସଞ୍ଚୟ ₹34 / ₹84
ରେଫ୍ରିଜରେଟର୍ସ ଉପରେ ବେଷ୍ଟ୍ ଡିଲ୍‌ସ
ପ୍ରାରମ୍ଭିକ ମୂଲ୍ୟ ₹12,790
ପର୍ଯ୍ୟନ୍ତ 50% ଛାଡ଼
ଇନଭର୍ଟର ଏୟାର କଣ୍ଡିଶନର୍ସ
ପ୍ରାରମ୍ଭିକ ମୂଲ୍ୟ ₹25,990
ପର୍ଯ୍ୟନ୍ତ 45% ଛାଡ଼
ସମର କଲେକ୍ସନ୍
JioMart FASHION
ପର୍ଯ୍ୟନ୍ତ 60%* ଛାଡ଼
ମେନ୍ସ ଏବଂ ଓମେନ୍ସ ୱାର୍
*Applicable only on Jiomart
HDFC BANK
SUMMER TREATS
5% CashBack*
With HDFC Bank
Debit Card | Credit Card
On Minimum Transaction Rs.2000
Max Cashback Up To Rs. 250
Valid from 1st to 7th April 2022
*T&C Apply
ଭୁବନେଶ୍ୱର • କଟକ • ଢେଙ୍କାନାଳ • ଭଦ୍ରକ • ଯାଜପୁର ରୋଡ୍ • ସେମିଳିଗୁଡ଼ା • ଅନୁଗୁଳ • ବାଲେଶ୍ୱର • ବାରିପଦା • ବଲାଙ୍ଗୀର • ଝାରସୁଗୁଡ଼ା • ସୁନ୍ଦରଗଡ • ପୁରୀ • ରାୟଗଡ଼ା • ରାଉରକେଲା • ସମ୍ବଲପୁର • ଖୋର୍ଦ୍ଧା • କେନ୍ଦ୍ରାପଡା • ବରଗଡ଼
ସର୍ତ୍ତ ଓ ନିୟମାବଳୀ ଲାଗୁ । ବ୍ୟାଙ୍କିଙ୍ଗ୍ ଏବଂ ୱାଲେଟ୍ ଅଫର୍ସ କେବଳ ଜିଓମାର୍ଟ୍ ବୈଧ ଅଟେ । #କେବଳ ମନୋନୀତ ଦ୍ରବ୍ୟର ଏମ୍ଆରପି ଉପରେ, ଖାଇବା ତେଲ, ଲୁଜ୍ ଖାଦ୍ୟସାମଗ୍ରୀ, ଫ୍ରେଶ୍ ମିଲ୍କ, ବେବୀ ଫୁଡ୍‌ସ, ପତଞ୍ଜଳି ଉତ୍ପାଦ, ସାଧାରଣ ମର୍ଚାଣ୍ଡାଇଜ୍, ଇଲେକଟ୍ରୋନିକ୍ସ, ଆପାରେଲ ଏବଂ ଫୁଟୱେର୍ ଅନ୍ତର୍ଭୁକ୍ତ ନୁହେଁ । ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ଉତ୍ପାଦଗୁଡ଼ିକର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟରେ ପ୍ରଦର୍ଶିତ ଅଟେ । ସମସ୍ତ ଉତ୍ପାଦର ଏମ୍ଆରପିରେ ସମସ୍ତ ଟ୍ୟାକ୍ସ ସାମିଲ ଅଟେ । ସମସ୍ତ ଅଫର୍ 3 ଏପ୍ରିଲ୍ 2022 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇ ସ୍ଥିତ କୋର୍ଟର ସ୍ୱତନ୍ତ୍ର ବିଚାର ଅଧିକାର ଅଧୀନ ଅଟେ ।

# ପାଶ୍ଚାତ୍ୟ ଏକତା ଓ ୟୁକ୍ରେନ୍ ଯୁଦ୍ଧ



ଚାର୍ଲସ୍ କେ. କୁପଚାନ୍

ଏବେ ନାଟୋ, ଆମେରିକା– ୟୁରୋପୀୟ ସଂଘ(ଇୟୁ) ଏବଂ ଜି ୭ ଦେଶଗୁଡ଼ିକ ମଧ୍ୟରେ ଦେଖାଯାଇଥିବା ଏକତା ଏକ ଶକ୍ତିଶାଳୀ ପାଶ୍ଚାତ୍ୟକୁ ପ୍ରତିପାଦିତ କରିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଆଟ୍‌ଲାଣ୍ଟିକ ଗଣତାନ୍ତ୍ରିକ ଦେଶସମୂହ ପ୍ରଭାବଶାଳୀ ପ୍ରତିକ୍ରିୟା ଏବଂ ଅପ୍ରତ୍ୟାଶିତ ଏକତା ପ୍ରକାଶ କରୁଛନ୍ତି। ସେମାନେ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଓ ନାଟୋକୁ ମଜଭୁତ କରିବା ସହ ରୁଷିଆର ଅର୍ଥ ବ୍ୟବସ୍ଥା ଉପରେ କଟକଣା ଲଗାଇଛନ୍ତି। ପ୍ରବାସୀ କିମ୍ବା ଶରଣାର୍ଥୀମାନଙ୍କୁ ତଡ଼ିଦେବା ପରିବର୍ତ୍ତେ ଇୟୁର ସଦସ୍ୟ ଦେଶଗୁଡ଼ିକ ସେମାନଙ୍କ ପାଇଁ ଦ୍ୱାର ଖୋଲି ଦେଉଛନ୍ତି। ଆମେରିକା କଂଗ୍ରେସରେ ଦୁଇ ଦଳ ମଧ୍ୟରେ ଏକତା ଓ ସଦ୍‌ଭାବ ରହିଥିବା ଜଣାପଡ଼ିଛି , ଯାହା ଦୀର୍ଘଦିନ ହେଲା ଦେଖାଯାଇ ନ ଥିଲା। ରାଜନୈତିକ ସିଦ୍ଧାନ୍ତକାରୀ ଫ୍ରାନସିସ୍ ଫୁକୁୟାମା ଆଗକୁ ଏକ ନୂଆ ସ୍ୱାଧୀନତା ଜନ୍ମ ନେବ ବୋଲି ଅନୁମାନ କରିଛନ୍ତି। ସେ କହିଛନ୍ତି ଯେ, ବିଶ୍ୱ ଗଣତନ୍ତ୍ରର ଅଧୋଗତିକୁ ନେଇ ଆମ ମଧ୍ୟରେ ରହିଥିବା ଭୟରୁ ଆମକୁ ଏହା ରକ୍ଷା କରିପାରିବ। ସେ ମଧ୍ୟ ଆଶା କରିଛନ୍ତି ଯେ,୧୯୮୯ର ଭାବନା ଓ ଉତ୍ସାହ ଜାରି ରହିବ ଓ ଏଥିପାଇଁ ୟୁକ୍ରେନ୍‌ର ଏକ ସାହସୀ ଗୋଷ୍ଠୀଙ୍କୁ ଧନ୍ୟବାଦ। ଏଥିରେ ମୁଁ ଏକମତ ନୁହେଁ। ତେବେ ରାଜନୈତିକ ସମସ୍ୟାଗୁଡ଼ିକ ଆଟଲାଣ୍ଟିକ ଗଣତାନ୍ତ୍ରିକ ଦେଶସମୂହକୁ ବିବ୍ରତ କରୁଥିବା ଖବର ସାମ୍ନାକୁ ଆସି ନ ପାରେ ,ହେଲେ ସେମାନେ ଏଥିରୁ ମୁକ୍ତ ନୁହନ୍ତି। ରୁଷିଆର ଆକ୍ରମଣ ପାଶ୍ଚାତ୍ୟ ପ୍ରତି ଏକ ସତର୍କ ଘଣ୍ଟି ହୋଇଥିବାବେଳେ, ସମ୍ଭାବ୍ୟ ନୂଆ ଶୀତଳ ଯୁଦ୍ଧ ଅନୁଦାରବାଦ ଏବଂ ରାଜନୈତିକ ସମସ୍ୟା ବହୁଳ ଆମେରିକା ଏବଂ ୟୁରୋପକୁ ବଦଳାଇପାରିବ ନାହିଁ।

ଅବଶ୍ୟ ୟୁକ୍ରେନ୍‌ରେ ଲାଗି ରହିଥିବା ଯୁଦ୍ଧର ବ୍ୟାପକ ଆର୍ଥିକ ପ୍ରଭାବ ରହିଛି, ଯାହା ରାଜନୈତିକ ନକାରାତ୍ମକ ପରିଣାମ ବୃଦ୍ଧି କରିବ। ସେହି ଅନୁଯାୟୀ, ଆମେରିକା ଏବଂ ୟୁରୋପ ସେମାନଙ୍କ ନିଜ କଥା ଉପରେ ଧ୍ୟାନ ଦେବା ଦରକାର। ଏପରିକି ୟୁକ୍ରେନ୍ ବିପର୍ଯ୍ୟୟ ସାହାଯ୍ୟ ଚାହୁଁଥିବାବେଳେ ଆମେରିକା ଓ ୟୁରୋପକୁ ନିଜ ଘର ଉପରେ ଅଧିକ ନଜର ରଖିବା ଆବଶ୍ୟକ।

ଶୀତଳ ଯୁଦ୍ଧରେ ସୋଭିଏଟ୍ ଦ୍ୱାରା ସୃଷ୍ଟି କରାଯାଇଥିବା ରାଜନୈତିକ କଠିନ ସ୍ଥିତି ବା ଅନୁଶାସନ ଆମେରିକାରେ ଦୁଇଦଳ ମଧ୍ୟରେ ବୈଦେଶିକ ନୀତିକୁ ନେଇ ଲାଗିଥିବା ସଂଘର୍ଷକୁ ଶାନ୍ତ କରିବାରେ ସାହାଯ୍ୟ କରିଥିଲା। ସେହିପରି ଏବେ ରୁଷିଆ ସହିତ ଆରମ୍ଭ ହୋଇଥିବା ମିଲିଟାରି ଶତ୍ରୁତାର ଏକ ନୂଆ ଯୁଗ ଆମେରିକାରେ ଦ୍ୱିଦଳୀୟ ରାଜନୈତିକ ବିଶ୍ୱାସ ଓ ମତର ଗ୍ରହଣୀୟତା ପୁଣି ଫେରାଇଆଣୁଛି। ବାମପନ୍ଥୀ ଡେମୋକ୍ରାଟିକ ପାର୍ଟି ଆଉ ପ୍ରତିରକ୍ଷା ବଜେଟ ହ୍ରାସ କରିବା ଲାଗି ଜୋରଦାର ଦାବି କରୁନାହିଁ । ରିପବ୍ଲିକାନ ପାର୍ଟିର ବୈଦେଶିକ ନୀତିକୁ ବିରୋଧ କରୁଥିବା ଏବଂ ନବ ବିଚ୍ଛିନତାବାଦୀ ଗୋଷ୍ଠୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସମାଲୋଚନା କରିବାରେ ସ୍ୱର ନରମ କରିଛନ୍ତି। ଏହାସହ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ବାଇଡେନ୍‌ଙ୍କ ପ୍ରତିକ୍ରିୟାକୁ ସମର୍ଥନ କରିଛନ୍ତି। କିନ୍ତୁ ନୀତିକୁ ନେଇ ଏବେ ଆମେରିକାରେ ଫେରିଥିବା ଦୁଇ ଦଳ ମଧ୍ୟରେ ସହଯୋଗ ଓ ସମନ୍ୱୟର ଧାରା ବେଶିଦିନ ରହିବ ନାହିଁ। ଶୀତଳ ଯୁଦ୍ଧ ଯୁଗର ଦ୍ୱିଦଳୀୟ ସହଯୋଗ କେବଳ ସୋଭିଏଟ୍ ବିପଦ ଯୋଗୁ ହୋଇ ନ ଥିଲା ବରଂ ଆମେରିକା ମଧ୍ୟରେ ବ୍ୟାପକ ଭାଗୀଦାରି ସମୃଦ୍ଧି ଦ୍ୱାରା ସୃଷ୍ଟି ରାଜନୈତିକ ଗ୍ରହଣୀୟତା ବା ଏକମତର ବିଚାରଧାରା ଯୋଗୁ ସମ୍ଭବ ହୋଇଥିଲା। ତଥାପି ଦୀର୍ଘଦିନ ହେଲା ଲାଗି ରହିଥିବା ଆର୍ଥିକ ଅସୁରକ୍ଷା ଏବଂ ବର୍ଦ୍ଧିତ ଅସମାନତା ଆମେରିକାର ସାମାଜିକ ବର୍ଗୀକରଣ ଓ ସମାନତା ମଧ୍ୟରେ ଏକ ସମନ୍ୱୟ ସ୍ଥିତି ଗ୍ରହଣ କରିବା ଧାରାକୁ ବନ୍ଦ କରିଦେଇଛି ଏବଂ ସୀମିତ ବୈଚାରିକ ସମଭାବ ତୀବ୍ର ଧ୍ରୁବୀକରଣକୁ ବାଟ ଦେଖାଇଛି। ଏଭଳି ରାଜନୈତିକ ସମନ୍ୱୟ ଭାବର ଅଧଃପତନ ସେପ୍ଟେମ୍ବର ୧୧, ୨୦୦୧ର ଉଗ୍ରବାଦୀ ଆକ୍ରମଣର ଠିକ୍ ପରେ ପରେ ଦେଖାଦେଇଥିଲା ଓ ଦ୍ୱିଦଳୀୟ ସହଯୋଗ ଓ ସହମତି ଅଦୃଶ୍ୟ ହୋଇଯାଇଥିଲା।

ଆମେରିକାର ମୁଦ୍ରାସ୍ଫୀତି ଏବେ ୪୦ ବର୍ଷ ମଧ୍ୟରେ ସବୁଠୁ ଅଧିକ ରହିଛି। ଏହା ଯୋଗୁ ଜନ ଆକ୍ରୋଶଭିତ୍ତିକ ରାଜନୀତି ପୁଣି ଫେରିବାର ଅଧିକ ସମ୍ଭାବନା ରହିଛି। ଶକ୍ତି ଓ ଖାଦ୍ୟ ମୂଲ୍ୟ ବୃଦ୍ଧି ଯୋଗୁ ବାଇଡେନ୍‌ଙ୍କ ଗହଣୀୟତା ସ୍ତର କମ୍ ରହିଛି ଓ ୟୁକ୍ରେନ୍ ଯୁଦ୍ଧର ଦୃଢ ସଞ୍ଚାଳନ ସତ୍ତ୍ୱେ ମଧ୍ୟ ଏହା ଜାରି ରହିଛି। ନଭେମ୍ବରର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପାଖେଇ ଆସୁଥିବାରୁ ବାଇଡେନ୍‌ଙ୍କୁ ଅଳ୍ପ କିଛି ରିପବ୍ଲିକାନ ବିରୋଧ କରିବା ଆରମ୍ଭ କରିବେ। କଂଗ୍ରେସରେ ରୁଷିଆ ବିରୋଧୀ ଭାବକୁ ନେଇ ସୃଷ୍ଟି ହୋଇଥିବା ରିପବ୍ଲିକାନ ପାର୍ଟିର ନବ ବିଚ୍ଛିଇନତାବାଦୀ ଗୋଷ୍ଠୀ ବର୍ତ୍ତମାନ ପାଇଁ ଶାନ୍ତ ରହିପାରନ୍ତି , ତଥାପି ପାର୍ଟି ମଧ୍ୟରେ ଏହାର ଦୃଢ ସମର୍ଥନ ରହିଛି । ରୁଷିଆ ଉପରେ ପାଶ୍ଚାତ୍ୟ ନେତୃତ୍ୱରେ ଲଗାଯାଇଥିବା କଟକଣା ଆମେରିକା ଉପଭୋକ୍ତାଙ୍କର କ୍ଷତି କରିବା ଯୋଗୁ ସେମାନଙ୍କ ବିରୋଧ ପୁଣି ପ୍ରକାଶ ପାଇବ ଓ ସେମାନଙ୍କ ପ୍ରତି ସମର୍ଥନ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅନୁଦାର ନୀତି ବା ଅନୁଦାରବାଦୀ ନେତାଙ୍କ ପ୍ରତି ଦୃଢ ସମର୍ଥନ ପୁଣି ଫେରିବ। ଏଣୁ ଏହାକୁ ଦୃଷ୍ଟିରେ ରଖି ବାଇଡେନ୍ ପ୍ରଶାସନ ତୁରନ୍ତ ତା'ଘରୋଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦରକାର। ଭିତ୍ତିଭୂମି, ଶିକ୍ଷା, ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟ ଘରୋଇ କାର୍ଯ୍ୟକ୍ରମଗୁଡ଼ିକରେ ନିବେଶ କରିବା ହିଁ ନିର୍ବାଚନୀ ଅସନ୍ତୋଷକୁ ଦୂର କରିବାରେ ହେବ ଭଲ ଉପାୟ। ଏହା ମଧ୍ୟ ସାମାଜିକ ସମନ୍ୱୟ ଆଣିବାରେ ରାଜନୈତିକ ବିଚାରଧାରର ସଙ୍କଟକୁ ସୁଧାରିପାରିବ। ଚଳିତ ସପ୍ତାହରେ ବାଇଡେନ୍‌ଙ୍କ ପ୍ରସ୍ତାବିତ ବଜେଟ ହିଁ ଏ ଦିଗରେ ଏକ ଉଚିତ ପଦକ୍ଷେପ। ୟୁରୋପ ୟୁକ୍ରେନ୍ ଯୁଦ୍ଧ ଉପରେ ଧ୍ୟାନ ଦେଉଥିବାରୁ ତାକୁ ନିଜ ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ।

ଆମେରିକାଠାରୁ ୟୁରୋପର ସାମାଜିକ ସମନ୍ୱୟ ପ୍ରତି ରାଜନୈତିକ ବିଚାରଧାରର ସମର୍ଥନ ଦୃଢ ରହିଛି। ଇୟୁ ପ୍ରଭାବୀ ଏକତା ପ୍ରଦର୍ଶନ କରିଛି ଓ ୟୁରୋପୀୟ ଏକତା ଲାଗି ଜୋର ଲଗାଇ ଦେଇଛି। ତେବେ ୟୁକ୍ରେନ୍‌ର ଶରଣାର୍ଥୀମାନଙ୍କୁ ୟୁରୋପର ଜୋରଦାର ସ୍ୱାଗତ୍ କରିବା ଘରୋଇ ସଂଘର୍ଷର ସୂତ୍ରପାତ କରିପାରେ। ମୂଲ୍ୟ ବୃଦ୍ଧି ଓ ସମ୍ଭାବ୍ୟ ସ୍ଥାୟୀ ପୁନଃଅଇଥାନକୁ ନେଇ ଏହା ଘଟିପାରେ। ରୁଷିଆର ତୈଳ ନେବା ବନ୍ଦ କଲେ ଏଥିପାଇଁ ଇୟୁକୁ ଅଧିକ ନିବେଶ କରିବାକୁ ହେବ ଓ ଏହା ଶକ୍ତିର ମୂଲ୍ୟ ବୃଦ୍ଧି କରିବ। ଏହା ମଧ୍ୟ କୋଭିଡ୍ ମହାମାରୀରେ କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାର ସୁଧାରରେ ବାଧା ଉପୁଜାଇବ। ରୁଷିଆ ବିରୋଧରେ ଏବେ ପୋଲାଣ୍ଡ ଓ ହଙ୍ଗେରୀ ଆଗରେ ରହିଛନ୍ତି । ବାସ୍ତବରେ ଏହି ଦୁଇ ଦେଶ ବର୍ତ୍ତମାନ ଉଦାରବାଦହୀନ ସରକାର ଶାସନରେ ରହିଛନ୍ତି, ଯାହା ମୂଳ ୟୁରୋପୀୟ ମୂଲ୍ୟବୋଧ ପ୍ରତି ବିପଦ।

ଆମେରିକୀୟଙ୍କ ଭଳି ୟୁରୋପୀୟମାନେ ଘରୋଇ ସୁଧାର ଲାଗି କଠୋର ପରିଶ୍ରମ କରିବା ଆବଶ୍ୟକ। ଆର୍ଥିକ ପୁନର୍ଗଠନ ଏବଂ ନିବେଶ, ପ୍ରବାସନ ନୀତିରେ ସଂସ୍କାର ଓ ସୀମା ନିୟନ୍ତ୍ରଣ ଏବଂ ବୈଦେଶିକ ଓ ପ୍ରତିରକ୍ଷା ନୀତି ଉପରେ ପ୍ରାଧାନ୍ୟ ଦେବା ଉଚିତ। ଏହା ଯୋଗୁ ଇୟୁର ଏକତା ଓ ଗଣତାନ୍ତ୍ରିକ ବ୍ୟବସ୍ଥା ମଜଭୁତ ହେବ। ତେବେ ୟୁକ୍ରେନ୍ ଉପରେ ପୁଟିନ୍‌ଙ୍କ ଭୟଙ୍କର ଆକ୍ରମଣ ପାଶ୍ଚାତ୍ୟକୁ ଉଜାଗର କରିଛି ଓ ଏକତା ଆଣିଛି। କିନ୍ତୁ ନିଜ ଦେଶରେ ବୃଦ୍ଧି ଉଦାରବାଦ ଗଣତନ୍ତ୍ର ପ୍ରତି ବୃଦ୍ଧିପାଉଥିବା ବିପଦ ଉପରେ ତୁରନ୍ତ ଧ୍ୟାନ ଦେବା ଉଚିତ।

**ସିନିୟର ଫେଲୋ, କାଉନ୍‌ସିଲ ଅଫ୍ ଫରେନ୍ ରିଲେଶନ; ପ୍ରଫେସର, ଇଣ୍ଟରନ୍ୟାଶନାଲ ଆଫେୟାର୍ସ, ଜର୍ଜଟାଉନ ୟୁନିଭର୍ସିଟି**

## ଏଇ ଭାରତରେ

ଏଥର ପାରମ୍ପରିକ କଂକ୍ରିଟ ଘର ବଦଳରେ ଏମିତି ଘର ତୋଳିବେ ଯେଉଁଥିରେ ତାପମାତ୍ର ୭ ଡିଗ୍ରୀ ରହିବ ଓ ଶୀତଳତା ପ୍ରଦାନ କରିବ। ହରିୟାଣାର ଡ. ଶିବଦର୍ଶନ ମଲିକଙ୍କ ଦ୍ୱାରା ଏଭଳି ଘର ନିର୍ମାଣ କରିବା ସମ୍ଭବ ହୋଇପାରିଛି। ସେ ଗବେଷଣା କରି ଗୋବରରୁ ପ୍ରସ୍ତୁତ କରିଛନ୍ତି ପ୍ଲାଷ୍ଟର ଓ ଇଟା। ପ୍ଲାଷ୍ଟର ନାମ ବେଦିକ ପ୍ଲାଷ୍ଟର ଓ ଇଟାର ନାମ ଗୋକ୍ରିଟ ବ୍ରିକ୍ସ। ଏସବୁ ଗୋବର, ମାଟି ଏବଂ ଅନ୍ୟ କେତେକ ପ୍ରାକୃତିକ ଜିନିଷ ମିଶ୍ରଣରେ ପ୍ରସ୍ତୁତ କରାଯାଉଛି। ଏହି ଦୁଇଟି ଆବିଷ୍କାର ଗୃହ ନିର୍ମାଣରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଏଥିରେ ଅଧିକ ସଂଖ୍ୟାରେ ନିର୍ମାଣ କରାଯାଇପାରିଲେ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନକୁ ରୋକା ଯାଇପାରିବ ବୋଲି କହନ୍ତି ଡ.ମଲିକ। ଘର ଶୀତଳ ରହିବା ଫଳରେ ବିଦ୍ୟୁତ୍ ଶକ୍ତି ମଧ୍ୟ ବଞ୍ଚାଯାଇପାରିବ। ଡ. ମଲିକ ୧୯୯୫ରେ ପିଏଚ୍.ଡି. ପରେ ରୋହତକ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ। କିନ୍ତୁ ୧୯୯୭ରେ ଚାକିରି ଛାଡି ଦିଲ୍ଲୀ ଆଇଆଇଟି, ବିଶ୍ୱବ୍ୟାଙ୍କ ଏବଂ ଜାତିସଂଘ ବିକାଶ କାର୍ଯ୍ୟକ୍ରମରେ ଜଣେ କନ୍‌ସଲ୍‌ଟାଣ୍ଟ୍ ଭାବେ କାର୍ଯ୍ୟ କରିବା ପରେ ବହୁ ଗବେଷଣା କରି ଏଭଳି ପ୍ଲାଷ୍ଟର ଓ ଇଟା ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ମତରେ ପ୍ଲାଷ୍ଟର ତାପମାତ୍ର ଶୋଷଣ ନ କରି ଗୃହକୁ ଶୀତଳ ରଖିପାରୁଛି। ଏହାକୁ ମଧ୍ୟ ଆଧୁନିକ ଘରେ ବି ବ୍ୟବହାର କରାଯାଇପାରିବ ଏବେ ସୁଦ୍ଧା ଭାରତରେ ୨୦,୦୦୦ ଘରେ ଏହି ପ୍ଲାଷ୍ଟର ବ୍ୟବହାର କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୧ ଏପ୍ରିଲ ୧୯୯୭

- ଚୀନର ହେନାନ ପ୍ରଦେଶରେ ଥିବା ଏକ କ୍ଷୁଦ୍ର କୋଇଲା ଖଣିରେ ଗ୍ୟାସ ବିସ୍ଫୋରଣ ଘଟି ୧୮ ଖଣି ଶ୍ରମିକଙ୍କ ପ୍ରାଣହାନୀ।
- ଏଇଏସ୍ ଇବ୍‌ଠାରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିକୁ ଗ୍ରୀଡ୍‌କୋ ୟୁନିଟ ପିଛା ୧ଟାଙ୍କା ୭୬ ପଇସାରେ କିଣିବା ପାଇଁ ଗ୍ରୀଡ୍‌କୋ–ଏଇଏସ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ।

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 7 | 6 | 8 | |
| 2 | | | | | | 5 | | 3 |
| | | | | | 6 | 2 | | |
| | | 7 | 4 | | 8 | | | 2 |
| 6 | | 4 | 3 | 1 | | | | |
| | 9 | | | | | | | |
| 7 | 5 | | | | | | | |
| | 8 | | | 5 | | | 6 | |
| 4 | | 2 | | | | 8 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 2 | 3 | 7 | 5 | 1 | 9 | 8 |
| 8 | 3 | 9 | 2 | 1 | 4 | 5 | 6 | 7 |
| 1 | 5 | 7 | 8 | 6 | 9 | 3 | 2 | 4 |
| 6 | 2 | 4 | 1 | 8 | 7 | 9 | 5 | 3 |
| 7 | 9 | 1 | 5 | 2 | 3 | 8 | 4 | 6 |
| 5 | 8 | 3 | 4 | 9 | 6 | 2 | 7 | 1 |
| 9 | 4 | 8 | 7 | 5 | 1 | 6 | 3 | 2 |
| 3 | 1 | 6 | 9 | 4 | 2 | 7 | 8 | 5 |
| 2 | 7 | 5 | 6 | 3 | 8 | 4 | 1 | 9 |

ଗତକାଲିର ଉତ୍ତର

# ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା। ଠିକ୍ ଏହି ଦିନ ସିନ୍ଧୁପ୍ରଦେଶ ମଧ୍ୟ ଜନ୍ମଲାଭ କରିଥିଲା। କିନ୍ତୁ ବର୍ତ୍ତମାନ ଏହା ପାକିସ୍ତାନରେ ଅବସ୍ଥିତ। ଓଡ଼ିଶାର ଅତୀତ ଗୌରବ ସମୃଦ୍ଧମୟ। ୧୫୬୮ ପର୍ଯ୍ୟନ୍ତ ଓଡ଼ିଶା ସ୍ୱତନ୍ତ୍ର ରାଷ୍ଟ୍ର ମର୍ଯ୍ୟାଦା ପାଇଥିଲା। ୧୫୬୮ ରେ ଶେଷ ସ୍ୱାଧୀନ ନରପତି ମୁକୁନ୍ଦ ଦେବଙ୍କର ଯାଜପୁର ସନ୍ନିକଟ ଗୋହିରାଟିକିରି ରଣକ୍ଷେତ୍ରରେ ପରାଜୟ ଓ ନିଧନ ପରେ ଓଡ଼ିଶାର ଭାଗ୍ୟଲିପି ଅସ୍ତମିତ ହୋଇଗଲା ବୋଲି କହିଲେ କିଛି ଭୁଲ୍ ହେବନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଆଫଗାନ୍, ମୋଗଲ, ମରହଟ୍ଟା ଏବଂ ପରିଶେଷରେ ବ୍ରିଟିଶମାନଙ୍କ ଦ୍ୱାରା ଶାସିତ ହେଲା ପରେ ସେହି ବ୍ରିଟିଶ ଶାସନ ସମୟରେ ବହୁ ଆନ୍ଦୋଳନ, ପ୍ରତୀକ୍ଷା ଓ ନିବେଦନ ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରିଛି। ଆମ ପରେ ଆନ୍ଧ୍ରପ୍ରଦେଶ, କର୍ନାଟକ, ଗୁଜରାଟ ଇତ୍ୟାଦି ରାଜ୍ୟ ଜନ୍ମ ଲାଭ କରିଥିଲେ ମଧ୍ୟ ସେମାନଙ୍କ ଠାରୁ ଅନେକ କ୍ଷେତ୍ରରେ ଓଡ଼ିଶା ପଛୁଆ ଅଛି। ଏହାକୁ ସ୍ୱୀକାର କରିବାକୁ ହେବ।

ଓଡ଼ିଶା ଏକ ପଛୁଆ ତଥା ଅନଗ୍ରସର ରାଜ୍ୟ ହୋଇଥିଲେ ମଧ୍ୟ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଆମର କୌଣସି ଦ୍ୱିଧା ନାହିଁ। ହଁ! ଆମେ ଓଡ଼ିଆ, ଏବେ ମଧ୍ୟ ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ସଗର୍ବେ କହିପାରୁ ଆମେ ଓଡ଼ିଆ। ପୃଥିବୀର କୋଡ଼ିଏଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ। ସ୍ୱତନ୍ତ୍ର କଳାର ସୃଜନ (ଉତ୍କଳ ହେତୁ) ପଥର ନିହାଣରେ ଏ ଦେଶ ଶିଳ୍ପୀ କୋଣାର୍କ, ଲିଙ୍ଗରାଜ ଏବଂ ଜଗନ୍ନାଥ ଆଦି ବିରାଟ ମନ୍ଦିର ନିର୍ମାଣ କରିପାରିଛି। ପ୍ରାୟ ବାରଶହ ବର୍ଷ ତଳେ ନିର୍ମିତ କୋଣାର୍କକୁ ଦେଖି ଗୁରୁଦେବ ରବୀନ୍ଦ୍ରନାଥ ଠାକୁର କହିଥିଲେ, ଏଠାରେ ପ୍ରସ୍ତରର ଭାଷା ଆଗେ ମନୁଷ୍ୟର ଭାଷା ପରାଜୟ ବରଣ କରିଛି। ପ୍ରେମ, ସଦ୍‌ଭାବ ଓ ସୃଜନଶୀଳ ବୀରତ୍ୱର ପରିବେଶ ମଧ୍ୟରେ କିପରି ଏକ ଜାତି ବଞ୍ଚିରହେ ତା'ର ଜ୍ୱଳନ୍ତ ନିଦର୍ଶନ ହେଉଛି କୋଣାର୍କ ମନ୍ଦିର।

ସାତ ସମୁଦ୍ର ତେର ନଈ ପାରି ହୋଇ ଦେଶବିଦେଶରେ ଓଡ଼ିଆମାନେ ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ। ଏବେ ମଧ୍ୟ ଏସବୁ ଦେଶରେ ଓଡ଼ିଆ ସଂସ୍କୃତିର ଛିଟା ସ୍ପଷ୍ଟ ଅନୁଭବ କରିହୁଏ। ଏହି ଜାତି ଗଢ଼ିଛି ଅଧାଗଢ଼ା ତିନି ଠାକୁର। ଆମେ ତ ମଣିଷ ; କିପରି ଗଢ଼ିପାରିବୁ ପୂର୍ଣ୍ଣ ଈଶ୍ୱର। ଆମର ଏଇ ସରଳ ଠାକୁର ମଧ୍ୟରେ ସବୁ ଧର୍ମ, ସବୁ ମତ, ସବୁ ପଥ ନିଜ ଅସ୍ତିତ୍ୱ ହରେଇ ଦେଇଛନ୍ତି। ସେଥିପାଇଁ ସେଦିନ ଭକ୍ତକବି ଜଗନ୍ନାଥ ଦାସ କହିଥିଲେ– ''ଦେଖ ଏ ଯେତେ ନଦନଦୀ। ପ୍ରବାହେ ମିଳନ୍ତି ଜଳଧି॥/ ଲବଣ ଜଳେ ସେ ମିଶନ୍ତି। ନିଜ ସ୍ୱଗୁଣ ପାସୋରନ୍ତି॥''

ବାସ୍ତବରେ ସମୁଦ୍ରର ଲବଣାକ୍ତ ଜଳ ଭିତରେ ନଦୀ ତା'ର ସତ୍ତା ହରାଇଲା ଭଳି ଭାରତର ସକଳ ପ୍ରାନ୍ତର ଧର୍ମୀୟ ଚେତନା ଶ୍ରୀଜଗନ୍ନାଥଙ୍କ ଚେତନାରେ ନିଜ ସତ୍ତା ହରାଇଛି। ସେ ହୁଅନ୍ତୁ ବୌଦ୍ଧ, ଜୈନ, ଶିଖ୍ ଅବା ଖ୍ରୀଷ୍ଟିଆନ୍। ଏହା ବିଶେଷ ତଥ୍ୟର ଆବଶ୍ୟକତା ରଖେ ନାହିଁ। ଐତିହାସିକମାନେ ଏକଥା ମଧ୍ୟ ସ୍ୱୀକାର କରନ୍ତି ଯେ, ପ୍ରଭୁ ଯିଶୁ କିଛିଦିନ ପାଇଁ ପୁରୀରେ ଅବସ୍ଥାନ କରିଥିଲେ। ଏଠାକୁ ନାନକ ଆସିଛନ୍ତି, ଚୈତନ୍ୟ ଆସିଛନ୍ତି, ଶଙ୍କର ଆସିଛନ୍ତି, ରାମାନୁଜ ଏବଂ ତୁଳସୀ ଦାସ ମଧ୍ୟ ଆସିଛନ୍ତି। ସମସ୍ତେ ଶ୍ରୀଜଗନ୍ନାଥଙ୍କ ମହିମାରେ ମହିମାନ୍ୱିତ।

ସେଦିନ ଏ ପବିତ୍ର ମାଟିକୁ ଛୁଇଁ କେବଳ ଚଣ୍ଡାଶୋକ 'ଧର୍ମାଶୋକ ହୋଇ ନ ଥିଲେ; ନୀତିଦିନ ମଣିଷ ରକ୍ତରେ ସ୍ନାନ କରୁଥିବା ବ୍ୟକ୍ତି କରୁଣାର ମହାଦୂତ ହୋଇଥିଲେ। ଏ ପବିତ୍ର ମାଟି ଇତିହାସର ସରହଦ ଡେଇଁ ପୁରାଣ ପୃଷ୍ଠାରେ ଆଙ୍କିଛି ଅନେକ ପଦଚିହ୍ନ। ପୁରାଣ କହେ ଦ୍ୱାରକାର ଶାପଗ୍ରସ୍ତ ଶାମ୍ବ ଋଷି ଶାପ ମୁକ୍ତିପାଇଁ ଆସିଥିଲେ ଅର୍କଭୂମି କୋଣାର୍କକୁ। ମହାଭାରତ ଯୁଦ୍ଧ ପରେ ପାଣ୍ଡବ ପାଞ୍ଚ ଭାଇ ଭ୍ରାତୃହତ୍ୟା, ପିତୃହତ୍ୟା, ଗୁରୁହତ୍ୟା ଓ ବ୍ରହ୍ମହତ୍ୟା ମହାପାପରୁ ମୁକ୍ତି ପାଇଁ ଆସିଥିଲେ ଏମାଟିକୁ; ମହାମାୟାଙ୍କ ନାଭି ପୀଠ ମା' ବିରଜାଙ୍କ ପାଖକୁ। ଏ ମାଟି ରାମାୟଣର ରାମଙ୍କୁ ମଧ୍ୟ କରିଛି ରମଣୀୟ। ରାବଣ ଥିଲେ ମହାଜ୍ଞାନୀ ଏବଂ ଶ୍ରେଷ୍ଠ ବ୍ରାହ୍ମଣ ତଥା ଶିବଭକ୍ତ। ରାବଣକୁ ହତ୍ୟା କରିଥିବା ଧନୁକୁ ରଘୁବୀର ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜଙ୍କ ପୀଠରେ ମହାଦେବଙ୍କୁ ଅର୍ପଣ କରି ତାଙ୍କର ଶରଣ ପଶିଥିଲେ। ସେଇଥିପାଇଁ ଏକମାତ୍ର ଶୈବପୀଠ ଲିଙ୍ଗରାଜ ଚୂଡ଼ାରେ ଧନୁ ବିରାଜିତ। ଏ ପବିତ୍ର ଭୂମିର ଦାୟାଦ ଭାବେ ଆମେ କ'ଣ ଗର୍ବ ଅନୁଭବ କରୁନାହୁଁ?

ଆଜି ମଧ୍ୟ ଆମେ ସଗର୍ବେ କହିପାରିବା ଆମେ ଓଡ଼ିଆ। ଏଇ ମାଟିରୁ ପୁଅ ଭୀମଭୋଇଙ୍କର କବିତା ସ୍ୱର୍ଣ୍ଣିମ ଅକ୍ଷରରେ ବିଶ୍ୱ ଜାତିସଂଘର ଲଲାଟରେ ଖୋଦିତ ହୋଇଛି, 'ମୋ ଜୀବନ ପଛେ ନର୍କେ...'। ଏଇ ମାଟିର ପୁଅ ସାରଳା ଦାସ ବିଶାଳ ଗ୍ରନ୍ଥ ମହାଭାରତ ରଚନାକରି ବେଦବ୍ୟାସ ପାଲଟି ଯାଇଛନ୍ତି। ପୁଣି ଜଗନ୍ନାଥ ଦାସଙ୍କ ଭାଗବତ ଆଜି ମଧ୍ୟ ଓଡ଼ିଶାର ଘରେ ଘରେ ଲୋକପ୍ରିୟ। ଓଡ଼ିଆପୁଅ ଜୟଦେବଙ୍କ କବିତାର ପଙ୍କ୍ତି ପୂରଣ କରିଛନ୍ତି ସ୍ୱୟଂ ଜଗନ୍ନାଥ। ସମ୍ବଲପୁରର ମହାନ୍ କବି ଗଙ୍ଗାଧରଙ୍କ 'ତପସ୍ୱିନୀ' ସୂର୍ଯ୍ୟ ଭଳି ବିଶ୍ୱ ଆଧୁନିକ ସାହିତ୍ୟରେ ଗାଥା ପ୍ରଚାର କରୁଛି। ଆହୁରି ଅନେକ ସୁଯୋଗ୍ୟ ସନ୍ତାନସନ୍ତତି ଯଥା– ଫକୀରମୋହନ, ରାଧାନାଥ, ଗୋପବନ୍ଧୁ, ମଧୁସୂଦନ ଦାସ, ମଧୁସୂଦନ ରାଓ, ବିଦ୍ୟୁତପ୍ରଭା ଦେବୀ, କୁନ୍ତଳା କୁମାରୀ, ମନୋଜ ଦାଶ, ମାୟାଧର ମାନସିଂ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ସାରସ୍ୱତ ସାଧିକା/ସାଧକଙ୍କର ସୃଷ୍ଟି ସମ୍ଭାରରେ ପଲ୍ଲବିତ ହୋଇଛି ଓଡ଼ିଆ ଭାଷା ସାହିତ୍ୟ। ଏ ମାଟିର ପୁଅ ସାମନ୍ତ ଚନ୍ଦ୍ରଶେଖର ସାମାନ୍ୟ ବାଉଁଶ ନଳୀରେ ମାପି ପାରିଥିଲେ ହିମାଳୟର ଉଚ୍ଚତା ଆଉ ଚନ୍ଦ୍ରର ଦୂରତା।

ଆଜି ମହିଳା ସଶକ୍ତୀକରଣ ବିଷୟରେ କୁହାଯାଉଛି। କିନ୍ତୁ ଏହାର ପାଞ୍ଚଶହ ବର୍ଷ ପୂର୍ବରୁ ଏ ମାଟିର ପୁଅ ବଳରାମ ଦାସ ମହିଳା ସଶକ୍ତୀକରଣ ବିଷୟରେ ଲକ୍ଷ୍ମୀପୁରାଣ ମାଧ୍ୟମରେ ଯେଉଁ ଗଣଆନ୍ଦୋଳନ ସୃଷ୍ଟିକରିଛନ୍ତି ତାହା ଉଲ୍ଲେଖଯୋଗ୍ୟ। ସିପାହି ବିଦ୍ରୋହର ଯଥେଷ୍ଟ ପୂର୍ବରୁ ଇଂରେଜ ଶାସକ ବିରୁଦ୍ଧରେ ଓଡ଼ିଆ ତେଜିଥିଲା ପାଇକ ବିଦ୍ରୋହ। ଓଡ଼ିଆ ପୁଅ ବିଜୁ ପଟ୍ଟନାୟକ ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମୀ ନାୟକଙ୍କୁ ମୃତ୍ୟୁଦଣ୍ଡରୁ ରକ୍ଷା କରିବାକୁ ଯାଇ ଆକାଶ ମାର୍ଗରେ ଚିଲ ଭଳି ଯାଇ ଝମ୍ପିଆଣିଥିଲେ ଭାରତ ବର୍ଷକୁ। ସେହି ଦୁଃସାହସର ସୀମା ଭାଙ୍ଗି ଜାହାଜ ଭର୍ତ୍ତି ସୈନ୍ୟ ନେଇ କଶ୍ମୀରକୁ ଭାରତର ଅଙ୍ଗ ବୋଲି ପ୍ରମାଣ କରିଥିଲେ।

ଆଜି ପ୍ରକୃତରେ ରୁଦ୍ର ନୃତ୍ୟରେ ଯଥା– ବାତ୍ୟା, ବନ୍ୟା ଓ ମରୁଡ଼ି ଯୋଗୁ ଓଡ଼ିଶା ଭୌତିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇ ନ ପାରେ କିନ୍ତୁ ଦାରିଦ୍ର୍ୟ ଓଡ଼ିଶାର ଶବ୍ଦକୋଷରେ ନାହିଁ। ସେଥିପାଇଁ ସେଦିନ ଆଠଶହ କୋଟିରୁ ଊର୍ଦ୍ଧ୍ୱ ଇଣ୍ଡୋନେସିଆ ଦେଇଥିବା ଚେକ୍‌କୁ ଚିରିଦେଇ ଏ ମାଟିର ପୁଅ ବିଜୁ ପଟ୍ଟନାୟକ କହିଥିଲେ ''ଓଡ଼ିଆ ଦେଇ ଶିଖେ, ନେଇ ଶିଖିନି''। ଏ ଭୂମି ଭବ୍ୟଭାରତ ଆତ୍ମା ବୋଲି ଦିବ୍ୟଗୁରୁ ଅବତାରୀ ଶ୍ରୀ ରାମକୃଷ୍ଣ ତାଙ୍କୁ ଓଡ଼ିଶାକୁ (ଜଗନ୍ନାଥଧାମକୁ) ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବିବେକାନନ୍ଦ ପଦବ୍ରଜରେ ସମଗ୍ର ଭାରତ ବୁଲିଥିଲେ ଓ ପ୍ରତିନିଧି ହୋଇ ବିଶ୍ୱରେ ଭାରତର ମହିମାର ଗାଥା ବର୍ଣ୍ଣନା କରିଥିଲେ ମଧ୍ୟ ଓଡ଼ିଶା ମାଟିକୁ ଆସି ନ ଥିଲେ। ଗୁରୁ କହିଥିଲେ, ''ମୁଁ ଯାଇନି; ତୁ ବି ଯିବୁ ନାହିଁ। ସେଠାକୁ ଥରେ ଗଲେ ଅଟକିଯିବୁ। ଯେଉଁ କାମ ପାଇଁ ଆସିଛୁ ତାହା ଆଉ କରିପାରିବୁନାହିଁ।'' ଏ ଆତ୍ମାର ଭୂମି ବୋଲି ତ ଏଠି ଏତେ ଆକର୍ଷଣ ; ଏଠି ଅବତାରୀ ବି ଅଟକିଯାଏ। ସେଦିନ କପିଳମୁନି କହିଗଲେ ଯେ, ''ଉତ୍କଳସ୍ୟ ସମଦେଶ, ଦେଶନାସ୍ତି ମହୀତଳେ।'' ଓଡ଼ିଆ ଭାଷା ଦକ୍ଷିଣ ଭାଷା ଭଳି କ୍ଷିପ୍ର ନୁହେଁ କିମ୍ବା ଉତ୍ତରୀୟ ଭାରତ ଭାଷା ପରି ଧୀର ମଧ୍ୟ ନୁହେଁ। ଏହା ମଧ୍ୟମ। ଏହା ଦକ୍ଷିଣ ଓ ଉତ୍ତର ଭାରତର ଏକ ଅଦ୍ଭୁତ ସମନ୍ୱୟ। ଓଡ଼ିଆର ଖାଦ୍ୟ, ପୋଷାକ ପରିପାଟୀ ନିଜର ସ୍ୱତନ୍ତ୍ରତା ସତ୍ତ୍ୱେ ଉତ୍ତର ଭାରତର ଏକ ଅପୂର୍ବ ସମନ୍ୱୟ। ମା' ଶ୍ରୀମାଙ୍କୁ ଜଣେ ପ୍ରଶ୍ନ କରିଥିଲେ, ''ଅତିମାନସ ମହାଶକ୍ତିକୁ ଧାରଣ କରିବାକୁ କେଉଁ ଜାତିର ନାମ ପ୍ରଥମ ?'' ଶ୍ରୀମା କିଛି ସମୟ ନୀରବ ରହି ଅସୀମ ଆକାଶକୁ ଚାହିଁ କହିଲେ 'ଓଡ଼ିଶା'। ତେଣୁ ସର୍ବଧର୍ମ ସମନ୍ୱୟର ପୀଠ ଜଗନ୍ନାଥଧାମର ଦାୟାଦ ବୋଲି ଆମେ ଗର୍ବ ଅନୁଭବ କରୁଛୁ।

ସେଦିନ ଭାର୍ଗବୀ ନଦୀକୂଳରେ ଗୋପବନ୍ଧୁଙ୍କ ସମେତ ପଞ୍ଚସଖା ଏହି ଶପଥ ନେଇଥିଲେ ଯେ, ଆଜି ଆମେ ଓଡ଼ିଶାକୁ ଯେଉଁ ଅବସ୍ଥାରେ ଦେଖୁଛେ ମୃତ୍ୟୁ ବେଳକୁ ତାକୁ ଢେର୍ ଉନ୍ନତ ଅବସ୍ଥାରେ ଦେଖିବା। ଆଜି ଉତ୍କଳ ଦିବସ ପାଳନ ଅବସରରେ ଆମ ସମସ୍ତଙ୍କର ଏହା ହିଁ ସ୍ୱପ୍ନ ହେବା ଆବଶ୍ୟକ। ଏହି ସ୍ୱପ୍ନ କିପରି ବାସ୍ତବ ରୂପ ନେବ ସେଥିପାଇଁ ସମସ୍ତେ ଅଙ୍ଗୀକାରବଦ୍ଧ ହେବା ଉଚିତ।

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

# କେନୋପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ



ଡା. ଗୋପାଳ ଚନ୍ଦ୍ର ଦାଶ

କେନୋପନିଷଦର ବିଷୟବସ୍ତୁ ବ୍ରହ୍ମ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ। ଏହି ଉପନିଷଦର ମୁଖ୍ୟ ଆଲୋଚ୍ୟ ବିଷୟ ହେଉଛି ସଂସାରର ସମସ୍ତ ଜଡ଼ ଓ ଚେତନ ପଦାର୍ଥ ବ୍ରହ୍ମଙ୍କ ଶକ୍ତି ଦ୍ୱାରା ପରିଚାଳିତ। ଅର୍ଥାତ୍ ବ୍ରହ୍ମ ସର୍ବଶକ୍ତିମାନ୍। ଏହି ଉପନିଷଦ ସାମବେଦର ଜୈମନୀୟ ବ୍ରାହ୍ମଣ ଶାଖାର ନବମ ଅଧ୍ୟାୟରୁ ସୃଷ୍ଟି। ଏହାର ପ୍ରାଚୀନ ନାମ ତଳବକାର ଉପନିଷଦ ଥିଲା। କେନଷିତଂ (କାହାଦ୍ୱାରା) ଶବ୍ଦରୁ ଏହି ଉପନିଷଦ ଆରମ୍ଭ ହୋଇଥିବାରୁ ପରବର୍ତ୍ତୀ କାଳରେ ଏହାକୁ କେନୋପନିଷଦ ନାମରେ ନାମିତ କରାଗଲା। ଏହି ଉପନିଷଦ ୪ ଖଣ୍ଡରେ ବିଭକ୍ତ ଓ ଏହାର ମନ୍ତ୍ର ସଂଖ୍ୟା ୩୪। ଗୁରୁଶିଷ୍ୟ ସମ୍ବାଦ ରୂପରେ ବ୍ରହ୍ମଙ୍କ ଶକ୍ତି, ମହିମା, ସ୍ୱରୂପ ଓ ଉପାସନା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ପ୍ରଥମ ଖଣ୍ଡରେ ବ୍ରହ୍ମଙ୍କ ସମ୍ବନ୍ଧରେ ବର୍ଣ୍ଣନା କରି ଉପନିଷଦକାର କହିଛନ୍ତି, ସମସ୍ତ ଇନ୍ଦ୍ରିୟଗଣ, ମନ ଓ ପ୍ରାଣକୁ ଯିଏ ଶକ୍ତି ପ୍ରଦାନ କରନ୍ତି ସେ ହେଉଛନ୍ତି ବ୍ରହ୍ମ। ବାକ୍ୟ ଯାହାକୁ ପ୍ରକାଶ କରିପାରେ ନାହିଁ, ମନ ଯାହାକୁ ଅନୁଭବ କରିପାରେ ନାହିଁ, ଆଖି ଯାହାକୁ ଦେଖିପାରେ ନାହିଁ, କର୍ଣ୍ଣ ଯାହାକୁ ଶୁଣିପାରେ ନାହିଁ, ପ୍ରାଣ ଯାହାକୁ ସଞ୍ଚାଳନ କରିପାରେ ନାହିଁ ମାତ୍ର ଯାହାର ଶକ୍ତି ଦ୍ୱାରା ବାଣୀ ପ୍ରକଟ ହୋଇଥାଏ, ମନ ଅନୁଭବ କରିଥାଏ, ଚକ୍ଷୁ ଦେଖିପାରେ, କର୍ଣ୍ଣ ଶୁଣିପାରେ ଓ ପ୍ରାଣଶକ୍ତି ସଞ୍ଚାଳିତ ହୋଇଥାଏ, ସେ ହେଉଛନ୍ତି ବ୍ରହ୍ମ। ଅର୍ଥାତ୍ ପରମାତ୍ମା ବ୍ରହ୍ମ ଇନ୍ଦ୍ରିୟାତୀତ, ପ୍ରାଣାତୀତ ଓ ମନନାତୀତ। ବ୍ରହ୍ମଙ୍କ ଶକ୍ତି ବଳରେ ଇନ୍ଦ୍ରିୟମାନେ ଶକ୍ତିମାନ୍ ହୋଇ ଜୀବାତ୍ମା ପାଇଁ କାର୍ଯ୍ୟ କରନ୍ତି। ତେଣୁ ଇନ୍ଦ୍ରିୟାଦି ଜଡ଼ବସ୍ତୁ ଉପାସନୀୟ ନୁହେଁ ବରଂ ଜଡ଼ର ନିୟନ୍ତା ବ୍ରହ୍ମ ହିଁ ଉପାସ୍ୟ।

ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ପୂର୍ଣ୍ଣବ୍ରହ୍ମଙ୍କୁ ସୀମିତ ଜ୍ଞାନ ମାଧ୍ୟମରେ ଜାଣିବା ସମ୍ଭବ ନୁହେଁ। ତେଣୁ ଉପନିଷଦକାର କହିଛନ୍ତି, ଯେଉଁ ବ୍ୟକ୍ତି ଅଭିମାନ କରି କହେ ଯେ ସେ ବ୍ରହ୍ମଙ୍କୁ ଜାଣିଛି, ପ୍ରକୃତରେ ସେ ବ୍ରହ୍ମଙ୍କ ବିଷୟରେ କିଛି ଜାଣି ନ'ଥାନ୍ତି। ମାତ୍ର ଯେଉଁ ବ୍ୟକ୍ତି କହେ ଯେ ପୂର୍ଣ୍ଣ ବ୍ରହ୍ମଙ୍କୁ ଜାଣିହେବ ନାହିଁ, ପ୍ରକୃତରେ ସେ ବ୍ରହ୍ମଙ୍କୁ ଜାଣିଛି। ଏହାର ଅର୍ଥ ପୂର୍ଣ୍ଣବ୍ରହ୍ମଙ୍କୁ ଭଲଭାବରେ ଜାଣିଛି ବୋଲି କହିବା ବା ଆଦୌ ଜାଣିହେବ ନାହିଁ ବୋଲି କହିହେବ ନାହିଁ। ମାତ୍ର ବ୍ରହ୍ମ ସତ୍ତାକୁ କିଛି ପରିମାଣରେ ଉପଲବ୍ଧି କରିହେବ। ବ୍ୟକ୍ତିର ଲବ୍ଧ ଜ୍ଞାନ ଦ୍ୱାରା ପୂର୍ଣ୍ଣବ୍ରହ୍ମଙ୍କୁ ପୂର୍ଣ୍ଣଭାବରେ ଜାଣିବା ଅସମ୍ଭବ। ଅହଂକାର ବିନାଶ ନ ହେଲେ ବ୍ରହ୍ମ ଦର୍ଶନ ଅସମ୍ଭବ। କହିବା ଓ ଶୁଣିବାରେ ବ୍ରହ୍ମତତ୍ତ୍ୱ ଯେତିକି ସୁଗମ, ଅନୁଭୂତିରେ ତାହା ସେତିକି ଦୁରୂହ।

ତୃତୀୟ ଖଣ୍ଡରେ ଦେବ ଓ ଯକ୍ଷ ବିଷୟକ ଏକ ଆଖ୍ୟାୟିକା (ଦୃଷ୍ଟାନ୍ତ) ମାଧ୍ୟମରେ ବ୍ରହ୍ମଙ୍କର ଶକ୍ତି ଆଲୋଚନା କରାଯାଇଛି। ବ୍ରହ୍ମଙ୍କ ଶକ୍ତିରେ ବଳବାନ୍ ହୋଇ ଅସୁରମାନଙ୍କ ଉପରେ ବିଜୟ ଲାଭ କରିଥିବା ଦେବତାମାନେ ଏକଦା ଅହଂକାରୀ ହୋଇଗଲେ। ଅଗ୍ନି, ବାୟୁ ଓ ଇନ୍ଦ୍ର ଆଦି ଦେବତାମାନଙ୍କର ଅହଂକାରକୁ ଭଙ୍ଗ କରିବାକୁ ଯାଇ ବ୍ରହ୍ମ ଯକ୍ଷ ରୂପରେ ପ୍ରକଟିତ ହୋଇ ସେମାନଙ୍କର ଶକ୍ତିକୁ ଅପହରଣ କରିନେଲେ। ଯଦ୍ଦ୍ୱାରା ଅଗ୍ନିଦେବତା ସାମାନ୍ୟ ତୃଣଖଣ୍ଡକୁ ଭସ୍ମ କରିପାରିଲେ ନାହିଁ କି ବାୟୁଦେବତା ଉଡ଼ାଇ ପାରିଲେ ନାହିଁ। ଦେବତାମାନଙ୍କର ଶକ୍ତିହୀନତାର କାରଣ ହିଁ ଯକ୍ଷରୂପୀ ବ୍ରହ୍ମ ବୋଲି ଇନ୍ଦ୍ର ଦେବତା ଉମାଦେବୀଙ୍କଠାରୁ ଜାଣିପାରିଥିଲେ। ଦୃଶ୍ୟମାନ ଅଗ୍ନି ଓ ଅଦୃଶ୍ୟ ବାୟୁଦେବତା ଭୌତିକ ତଥା ଜଡ଼ ଜଗତର ପ୍ରତିନିଧି। ଅଜ୍ଞାନତା ଯୋଗୁ ସେମାନେ ମହାଶକ୍ତିମାନ ବ୍ରହ୍ମ (ଯକ୍ଷ)ଙ୍କୁ ଚିହ୍ନିବାରେ ସକ୍ଷମ ନୁହନ୍ତି। ପରନ୍ତୁ ଜୀବାତ୍ମା (ଇନ୍ଦ୍ର) ନିଜର ବୁଦ୍ଧି ଓ ମେଧା (ଉମା) ବଳରେ ବ୍ରହ୍ମଙ୍କୁ ଚିହ୍ନି ପାରନ୍ତି। ଏହି ଉପାଖ୍ୟାନ ମାଧ୍ୟମରେ ଉପନିଷଦକାର ଜଣାଇବାକୁ ଚାହାନ୍ତି ବ୍ରହ୍ମ ସର୍ବଶକ୍ତିମାନ୍ ଓ ସମସ୍ତ ଜଡ଼ ତଥା ଚେତନ ଜଗତ ତାଙ୍କରି ଶକ୍ତିରେ କାର୍ଯ୍ୟଶୀଳ ହୋଇଥାଆନ୍ତି।

ଚତୁର୍ଥ ଖଣ୍ଡରେ ପରଂବ୍ରହ୍ମଙ୍କର ଉପାସନା ଶୈଳୀ ଓ ଫଳ ଉଲ୍ଲେଖ କରାଯାଇ ବ୍ରହ୍ମବିଦ୍ୟା ସାଧନାର ରହସ୍ୟ ଓ ବ୍ରହ୍ମ ଶକ୍ତିର ମହିମା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ଯେଉଁ ଜ୍ଞାନୀ ସାଧକ ବ୍ରହ୍ମଙ୍କୁ 'ତଦ୍‌ବନ' ଅର୍ଥାତ୍ ପୂଜନୀୟ, ବନ୍ଦନୀୟ ଓ ଉପାସ୍ୟ ବୋଲି ବିବେଚନା କରେ ସେ ସମସ୍ତ ପ୍ରାଣୀଙ୍କର ପ୍ରିୟ ହୁଏ। ବ୍ରହ୍ମ ଦର୍ଶନ ଅଭ୍ୟାସୀଙ୍କ ପାଇଁ ତିନିଗୋଟି ସାଧନ ଆବଶ୍ୟକ। ସେଗୁଡ଼ିକ ହେଲା ତପ (ଦ୍ୱନ୍ଦ୍ୱ ସହନ), ଦମ (ମନ ଓ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ) ଓ ନିଷ୍କାମ କର୍ମ (ଆସକ୍ତି ରହିତ କର୍ମ)। 'ପ୍ରତିବୋଧ' ଅର୍ଥାତ୍ ଇନ୍ଦ୍ରିୟଗୁଡ଼ିକର ଅନ୍ତର୍ମୁଖୀ ଦ୍ୱାରା ବ୍ରହ୍ମର ସ୍ୱରୂପକୁ ଉପଲବ୍ଧି କରାଯାଇପାରେ। ବେଦ ଓ ବେଦାଙ୍ଗରେ ଏହି ବିଦ୍ୟା ବିସ୍ତାର ଭାବରେ ଆଲୋଚନା କରାଯାଇଛି। ଏହି ବ୍ରହ୍ମବିଦ୍ୟା ରହସ୍ୟକୁ ଜାଣିବାବାଲା ସାଧକ ନିଜର ସମସ୍ତ ପାପ ସମୂହକୁ ବିନଷ୍ଟ କରି ଅବିନାଶୀ, ଅସୀମ ଓ ସର୍ବଶ୍ରେଷ୍ଠ ସ୍ଥିତିରେ ପହଞ୍ଚିଥାଏ– ଅର୍ଥାତ୍ ପରମ ଧାମକୁ ପ୍ରାପ୍ତ ହୁଏ।

**ମୋ: ୭୮୪୮୮୫୦୯୫୦**

## ଚିରନ୍ତନୀ

ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ! –(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାସେଞ୍ଜର ଟ୍ରେନ୍ ଚାଲୁ ହେଉ

ମହାଶୟ,

ଓଡ଼ିଶାର ପାରାଦୀପଠାରୁ ହରିଦାସପୁର ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଯାଉ। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲାର ଅଞ୍ଚଳବାସୀ ଉପକୃତ ହେବେ। ଏଥିପ୍ରତି କେନ୍ଦ୍ର ରେଳବାଇ ବିଭାଗ ମନ୍ତ୍ରୀ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବସ୍ ଅପେକ୍ଷା କମ୍ ଭଡ଼ା ଯାତାୟାତରେ ସୁଯୋଗ ପାଇପାରିବେ। ପାରାଦୀପ କିମ୍ବା ଜଗତ୍‌ସିଂହପୁରକୁ ଆସିବାକୁ କିମ୍ବା କେନ୍ଦ୍ରାପଡ଼ା ଏବଂ ଯାଜପୁରକୁ ଚାହିଁଲେ ସହଜରେ ଯାତ୍ରା କରିପାରିବେ। ଚାରି ଜିଲାବାସୀଙ୍କ ଦୀର୍ଘଦିନର ଆଶା ଫଳବତୀ ହେବ। ପରସ୍ପର ଜିଲା ମଧ୍ୟରେ ତାରତମ୍ୟ ଦୂର ହୋଇପାରିବ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





ଓଡ଼ିଶା ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ରାତିରେ ଆଲୋକମାଳାରେ ଝଲସି ଉଠିଛି ଖାରବେଳ ଭବନ ଏବଂ ଲୋକସେବା ଭବନ।

# ଆମେ କେତେ ଓଡ଼ିଆ

ଆମେ ଓଡ଼ିଆ– ଅନ୍ୟକୁ ଏହି ପରିଚୟ ଦେବାରେ ଆଜି ଆମକୁ କୁଣ୍ଠା ଲାଗୁଛି। କେହି ଆମକୁ 'ଓଡ଼ିଆ' କହିଦେଲେ ଆମ ମନ ଭିତରେ କେମିତି ଗୋଟାଏ ନ୍ୟୂନମନ୍ୟତା ଛାଏଁ ଛାଏଁ ସୃଷ୍ଟି ହୋଇଯାଉଛି। ଆପଣା ଲୋକ ସହ କଥା ହେବାବେଳେ ଇଂଲିଶ ଦି'ପଦ ଯୋଡ଼ିଦେଇ ନିଜକୁ କୃତ୍ୟ କୃତ୍ୟ ମଣୁଛୁ।

ଉଚ୍ଚଶିକ୍ଷା ସ୍ତରରେ କେହି ଓଡ଼ିଆକୁ ଗୋଟିଏ ବିଷୟ ନେଇ ପାଠ ପଢ଼ିଲେ ଭିନ୍ନ ଭାଷା ନେଇ ପଢୁଥିବା ସହପାଠୀମାନେ ନାକ ଟେକୁଛନ୍ତି। ଅନ୍ୟପକ୍ଷରେ ଓଡ଼ିଆ ବିଷୟ ନେଇ ଉଚ୍ଚ ଶିକ୍ଷା ପାଇଥିବା ଛାତ୍ରଟି ପାଇଁ ସେମିତି କିଛି ଆଖିଦୃଶିଆ କର୍ମସଂସ୍ଥାନର ବ୍ୟବସ୍ଥା ନାହିଁ। ସବୁଠି ଯେମିତି ଓଡ଼ିଆକୁ ହତାଦର।

କିନ୍ତୁ ଦିନ ଥିଲା, ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଆମେ ଆନନ୍ଦ ଓ ଗର୍ବ ଅନୁଭବ କରୁଥିଲୁ। କୋଣାର୍କର ଶିଳ୍ପକଳା, କଟକର ତାରକସି କାମ, ପିପିଲିର ଚାନ୍ଦୁଆ, ମାଣିଆବନ୍ଧ ପାଟ, ସମ୍ବଲପୁରୀ ଶାଢ଼ି (ଯାହା ଏକଦା ବାଉଁଶ ନଳାରେ ପଶି ବିଦେଶକୁ ରପ୍ତାନି ହେଉଥିଲା) ଆଦି ସବୁ କାହାଣୀ ହୋଇରହିଛି। କଳାର ଉତ୍କର୍ଷ ଦୃଷ୍ଟିରୁ ଓଡ଼ିଶାର ଅନ୍ୟ ନାମ ଉତ୍କଳ ବୋଲି ଖ୍ୟାତ ହୋଇଥିଲା। ଦିଗ୍‌ବିଜୟୀ ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ବୀରତ୍ୱର ପାଦ ତଳେ ନିଜର ପରାଜୟ ସ୍ୱୀକାର କରିଥିଲେ। ଓଡ଼ିଆ ସମ୍ରାଟ ମହାମେଘବାହନ ଖାରବେଳଙ୍କ ଅନନ୍ୟ ବୀରତ୍ୱ ଓ ଉଦାରତା ଆଜି ବିସ୍ମୃତ। ଉତ୍କଳର ଗଜପତି ପୁରୁଷୋତ୍ତମ ଦେବଙ୍କ ସମ୍ମାନାର୍ଥେ ନିଜେ ସ୍ୱୟଂ ଜଗନ୍ନାଥ କାଞ୍ଚି ଅଭିଯାନରେ ପାଇକ ସାଜିଥିବାର କାହାଣୀ କିମ୍ବଦନ୍ତୀ ଓଡ଼ିଆମାନେ ଭୁଲିଗଲେଣି। ଭାରତର ଅନ୍ୟାନ୍ୟ ପ୍ରଦେଶ ଇଂରେଜ ଅଧୀକୃତ ଥିବାବେଳେ ଓଡ଼ିଶା ତା'ର ବୀରତ୍ୱ ପାଇଁ ବହୁ ପଛରେ ଅର୍ଥାତ୍ ୧୮୦୩ ମସିହାରେ ପରାଧୀନତା ସ୍ୱୀକାର କରିଥିଲା। ଏସବୁ ଆଜି ଇତିହାସ ହୋଇରହିଛି।

ଆମେ ଓଡ଼ିଆ! ପଖାଳ ଆମ ଜୀବନ। ପଖାଳ ସାଙ୍ଗକୁ ଶାଗ, ଆମ୍ବଚଟଣି କି ବଡ଼ିଚୂରା ନ ହେଲେ ଆମ୍ବୁଲ ଫଡାଏ ପାଣି କରିଦେଲେ ତା' ସହିତ କୋଉ ବିଦେଶୀ ବ୍ୟଞ୍ଜନ ସରି ହେବ। କିନ୍ତୁ ପ୍ରିୟ ପଖାଳକୁ ଭୁଲିଗଲୁଣି। ଓଡ଼ିଆ ସାଧବର ନୌଯାତ୍ରାରେ ବେଶିଦିନ ସତେଜ ଓ ତିଷ୍ଠି ରହୁଥିବା ଆରିସା ପିଠା, ଚୁଡ଼ା, ମୁଢ଼ି ଆଦିର ବ୍ୟବହାର ଅତୀତର କଥାବସ୍ତୁ ହୋଇଗଲାଣି।

ଆମେ ଓଡ଼ିଆ। ଦୁଃଖ ଆମର ସହଚର। ନଅଙ୍କ ଦୁର୍ଭିକ୍ଷ, ନଈବଢ଼ି, ମରୁଡ଼ି, ମହାବାତ୍ୟା ପରି ବହୁ ଦୁଃଖକଷ୍ଟକୁ ଆମେ ମଥାପାତି ସହିଛୁ। ଶିକ୍ଷା କ୍ଷେତ୍ରରେ ଆମେ ପର ଦେଖାଶିଖାରେ ପାଗଳ ଭଳି ମାତିଛୁ। ପାଠପଢ଼ା ପାଇଁ ବହୁଳ ଅର୍ଥ ବ୍ୟୟ କରି ପିଲାଟି ମୁହଁରୁ ଇଂଲିଶ ଗୀତ ଦି'ପଦ ଶୁଣି ଆମେ ନିଜକୁ ଧନ୍ୟ ମନେକରୁଛୁ। ଆମେ ଆମର ରାଧାନାଥ, ଫକୀରମୋହନ, ମଧୁସୂଦନ, ଗୋପବନ୍ଧୁ ଆଦି ପ୍ରାତଃସ୍ମରଣୀୟ ମହାନ୍ ବ୍ୟକ୍ତିତ୍ୱଙ୍କୁ ଭୁଲିଯାଉଛୁ।

ଆମେ ଓଡ଼ିଆ। ଆମର ପାଇକପଣ, ଆମର ଗଡ଼ଖାଇ ଦୁର୍ଗ, ଆମର ବୀରତ୍ୱ କେଉଁ ଏକ ଅପଦେବତାର ଅଭିଶାପରେ ଆଜି ଅଥର୍ବ ଓ ସ୍ଥାଣୁ ପାଲଟିଯାଇଛି। କର୍ପୂର ଉଡ଼ିଯାଇଛି, କେବଳ କନାର ଗନ୍ଧକୁ ଜାବୁଡ଼ି ଧରି ଓଡ଼ିଆ ଧ୍ୱଜା ଉଡ଼ାଇବାକୁ ଅଗତ୍ୟା ବାହାଦୁରି ମଣିଛୁ। ଆମେ ଓଡ଼ିଆ। ସ୍ୱତନ୍ତ୍ର ପ୍ରଦେଶ ହେବାର ୮୬ ବର୍ଷ ପରେ ବି ପ୍ରଚୁର ପ୍ରାକୃତିକ ସମ୍ପଦକୁ ସମ୍ବଳ କରି ଆମେ ତଥାପି ଗରିବ ଓ ଦୁଃଖୀ ହୋଇ ବଞ୍ଚିରହିଛୁ। ଆମର ଯଥେଷ୍ଟ ସମ୍ପତ୍ତି ଥାଇ ଆମେ ଦରିଦ୍ରର ବାନା ଉଡ଼ାଇଚାଲିଛୁ। ଆଜି ଗାଉଛି ଓଡ଼ିଆ ପର ସଙ୍ଗୀତ, ନିଜେ ନ ଜାଣୁଛି ନିଜର ବିତ୍ତ। ଏଭଳି ଦୁଃସ୍ଥିତିରେ କବି ଗୋଦାବରୀଶଙ୍କ ମହାନ୍ ଚେତାବନୀ–ବାଣୀ ଆଜି ଅନିବାର୍ଯ୍ୟ ହୋଇପଡ଼ିଛି–

'ଉଠ କଙ୍କାଳ, ଛିଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ପୂରିଉଠୁ ସେହି ହୃତ ଗୌରବ, ମୃତ ଗୌରବ, ଗତ ଗୌରବ ରାଜି।

–ରାଧାମୋହନ ମହାପାତ୍ର
ମୋ: ୯୮୬୧୧୮୯୯୩୬






# ଓଡ଼ିଶା ଦିବସ: ଏମାନଙ୍କ ମତରେ...

## ଓଡ଼ିଆ ଭାଷା ପ୍ରତି ଗୁରୁତ୍ୱ ରହୁ



୧୯୩୬ ମସିହାରେ ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ତେଣୁ ଭାଷାଭିତ୍ତିକ ଏକତ୍ୱ ପାଇଁ ଯେଉଁ ଆନ୍ଦୋଳନ ହୋଇଥିଲା, ବର୍ତ୍ତମାନ ସେହି ଭାଷା ପ୍ରତି ଗୁରୁତ୍ୱ କମି କମି ଯାଉଛି। ସରକାରୀ କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗକୁ ଆଜି ପର୍ଯ୍ୟନ୍ତ ସମସ୍ତେ ଗ୍ରହଣ କରିପାରୁ ନାହାନ୍ତି। ସେହିପରି ସାକ୍ଷୀଗୋପାଳ ପାଖରେ ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର କାମ ମଧ ଆରମ୍ଭ ହୋଇ ପାରୁନାହିଁ। ଯେଉଁ ପୃଷ୍ଠଭୂମି ଉପରେ ଆମେ ସ୍ୱତନ୍ତ୍ର ରାଜ୍ୟ ଗଠନ କଲେ। ସେହି ଭାଷା ପ୍ରତି ଆମର ଗୁରୁତ୍ୱ ରହିବା ଦରକାର। ଏବେକାର ଯୁବପିଢ଼ୀମାନେ ଓଡ଼ିଆ ଭାଷା ପ୍ରତି ବିମୁଖ ହେଉଛନ୍ତି। ଏବେ ବି ବହୁ ଓଡ଼ିଆ ଅଞ୍ଚଳ ଆନ୍ଧ୍ରପ୍ରଦେଶ, ଛୋଟନାଗପୁର, କଳାହାଣ୍ଡି ସୀମା, ସମ୍ବଲପୁର ସୀମା, ବଙ୍ଗଳାରେ ରହିଯାଇଛି। ଏଭଳି ବିଚ୍ଛିନ୍ନାଞ୍ଚଳରେ ରହୁଥିବା ପିଲାମାନଙ୍କୁ ଓଡ଼ିଆ ସ୍କୁଲରେ ଓଡ଼ିଆ ପୁସ୍ତକ ଦେଇ ଶିକ୍ଷା ପ୍ରଦାନ କରିବା ଦରକାର। ମଧୁବାବୁ, ଗୋପବନ୍ଧୁଙ୍କ ଭଳି ମହାପୁରୁଷମାନେ ଯେଉଁଭଳି ଓଡ଼ିଶା ଗଠନର ସ୍ୱପ୍ନ ଦେଖିଥିଲେ ତାହା ପୂରଣ ହୋଇ ପାରିନାହିଁ।

-ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଐତିହାସିକ

## ଭାଷା ବଞ୍ଚିଲେ ଆମେ ବଢ଼ିପାରିବା



ଆଜିକା ସମୟରେ ଲୋକମାନଙ୍କୁ ବାହାରେ ନିଜକୁ ଓଡ଼ିଆ ଭାବେ ପରିଚୟ ଦେବାକୁ ଲାଜ ଲାଗୁଛି। କିନ୍ତୁ ଯେତେବେଳେ ଜଣେ ଓଡ଼ିଆ ଜାତୀୟ ବା ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରନ୍ତି, ସେତେବେଳେ ଏହି ତଥାକଥିତ ଓଡ଼ିଆମାନେ ନିଜର ସୋସିଆଲ ମିଡିଆରେ ଏହାକୁ ସେୟାର କରନ୍ତି। ମୁଁ ବାଙ୍ଗାଲୋରରେ ଥିବାବେଳେ ମୋ ରୁମ୍‌ମେଟ୍‌ମାନେ ଓଡ଼ିଆ ହୋଇ ବି ହିନ୍ଦୀରେ କଥା ହୁଅନ୍ତି। ପଚାରିଲେ କୁହନ୍ତି, ହିନ୍ଦୀରେ କଥା ହେଲେ ଆମର ରେପୁଟେଶନ୍ ବଢ଼ିବ। ବଙ୍ଗଳା, ତେଲୁଗୁ ଭଳି ଅନ୍ୟ ରାଜ୍ୟର ଲୋକେ ନିଜ ଭାଷାକୁ ଗୁରୁତ୍ୱ ଦିଅନ୍ତି। ମାତ୍ର ଆଜିକା ଯୁବପିଢ଼ି ଘରେ ମଧ ହିନ୍ଦୀ, ଇଂଲିଶରେ କଥା ହେଉଛନ୍ତି। ଓଡ଼ିଆ ଜାଣି କିଛି ସୁବିଧା ହେବନାହିଁ ବୋଲି ଧାରଣା ରହୁଛି। ଏ ସବୁକୁ ବଦଳାଇବାକୁ ପଡିବ। ଆମ ମାତୃଭାଷାକୁ ଆମକୁ ପ୍ରାଥମିକତା ଦେବାକୁ ପଡିବ। କାରଣ ଭାଷା ବଞ୍ଚିଲେ ହିଁ ଆମେ ବଢ଼ି ପାରିବା।

-ପ୍ରିୟଙ୍କା ସାହାଣୀ, ଚିତ୍ରଶିଳ୍ପୀ

## ଭାଷା ସୁରକ୍ଷା ପାଇଁ ଆନ୍ତରିକତା ଲୋଡ଼ା



ଆଉ ୧୪ ବର୍ଷ ପରେ ଓଡ଼ିଶା ପ୍ରଦେଶ ଗଠନକୁ ୧୦୦ ବର୍ଷ ପୂର୍ତ୍ତି ହେବ। ତେଣୁ ଶହେ ବର୍ଷ ବେଳକୁ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା କିପରି ଗଠନ ହୋଇପାରିବ, ସେଥିପାଇଁ ଏବେଠରୁ ନକ୍ସା ପ୍ରସ୍ତୁତ ହେବା ଦରକାର। ସେହିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ରକ୍ଷା ପାଇଁ ଉଦ୍ୟମକୁ କାର୍ଯ୍ୟକାରୀ କରିବାକୁ ଆନ୍ତରିକତା ଆବଶ୍ୟକ। ଓଡ଼ିଶାରେ ଥିବା କଳକାରଖାନା, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ବେଶି ଅଣଓଡ଼ିଆମାନେ ନିଯୁକ୍ତି ପାଉଛନ୍ତି। ଫଳରେ ନିଜ ରାଜ୍ୟରେ କାମ ନ ପାଇ ଓଡ଼ିଆମାନେ ବାହାର ରାଜ୍ୟକୁ ଯାଉଛନ୍ତି। ତେଣୁ ୯୦ ପ୍ରତିଶତ ଓଡ଼ିଆଙ୍କୁ କିପରି କର୍ମ ନିଯୁକ୍ତି ପାଇବେ ସେଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ। ଓଡ଼ିଶାରେ ସାଢେ ୪କୋଟି ଓଡ଼ିଆ ଲୋକ ଥିବାବେଳେ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟଗୁଡ଼ିକର ପ୍ରାୟ ୩୨ଟି ଜିଲାରେ ଅଢେଇ କୋଟି ଓଡ଼ିଆ ଅଛନ୍ତି। ସେ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରିବା ସହ ଶିକ୍ଷା ବ୍ୟବସ୍ଥାର ପ୍ରସାର ପାଇଁ ସରକାରଙ୍କୁ ଅଧିକ ବ୍ୟବବରାଦ କରିବାକୁ ପଡିବ।

-ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ରାଜ୍ୟ ସଭାପତି, ଉତ୍କଳ ସମ୍ମିଳନୀ

## ଗର୍ବ ଅନୁଭବ କରୁ

ଓଡ଼ିଶା ମାଟି ୧୯୩୬ରେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହୋଇଥିଲା। ଏଥିପାଇଁ ମହାପୁରୁଷମାନେ ସେମାନଙ୍କର



ବଳିଦାନ ଦେବାକୁ ପଛାଇ ନ ଥିଲେ। ମାତ୍ର ଆମର ଇତିହାସକୁ ଅନେକ ଯୁବପିଢ଼ି ଭୁଲିଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଉଛନ୍ତି। ତେଣୁ ଓଡ଼ିଶା ଦିବସ ପାଳନ ପରିବର୍ତ୍ତେ ସେମାନେ ଏପ୍ରିଲ ଫୁଲ୍ କହି ଅନ୍ୟକୁ ବୋକା ବନାଇ ଦିନଟିକୁ ମନାଉଛନ୍ତି। ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଯାହାକି ଭାଷାଭିତ୍ତିରେ ସ୍ୱତନ୍ତ୍ର ହୋଇଥିଲା। ଓଡ଼ିଶା ଦିବସ ପାଳନ କରିବା ଦ୍ୱାରା ଆମେ ଓଡ଼ିଆ ବୋଲି ଗର୍ବ ଅନୁଭବ କରୁ।

–ଡା. ଶୁଭଶ୍ରୀ ଶୁଭଦର୍ଶିନୀ, ଚିକିତ୍ସିକା

## ଜାତି ପାଇଁ ନେବା ସଂକଳ୍ପ

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଭାରତ ମାନଚିତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ଥାନ ପାଇଥିଲା। ସେଥିପାଇଁ ଏହି ଦିବସଟି ପ୍ରତ୍ୟେକ



ଓଡ଼ିଆଙ୍କ ପାଇଁ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ଆମ ଜାତି ଓ ରାଜ୍ୟ ପାଇଁ ଗର୍ବ ଓ ଗୌରବର ଦିବସ। ଓଡ଼ିଶା ଦିବସରେ ଛାତ୍ରସମାଜ, ଯୁବଗୋଷ୍ଠୀ ଦେଶ ଓ ଜାତିର ଉନ୍ନତି କରିବା ପାଇଁ ସଂକଳ୍ପ ନେବା ଉଚିତ। ଉନ୍ନତିମୂଳକ କାର୍ଯ୍ୟ କେତୋଟି ଜିଲାରେ ସୀମାବଦ୍ଧ ନ ହୋଇ ସମଗ୍ର ଓଡ଼ିଶାର ୩୦ ଟି ଜିଲାରେ ବାଣ୍ଟି କରି ହେବା ବିଧେୟ। ଆଞ୍ଚଳିକ ମନୋଭାବ ପରିହାର କରି ସମଗ୍ର ଓଡ଼ିଶାର ଉନ୍ନତି ପରିକଳ୍ପନା କରିବା ଉଚିତ। ଆଜି ମଧ ରାଜ୍ୟ ବାହାରେ ବହୁ ଓଡ଼ିଆ ଅବହେଳିତ ଓ ନିଷ୍ପେଷିତ। ଏପରିକି ସେମାନେ ଓଡିଆ ଭାଷା ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ଏ ଦିଗରେ ସରକାର ଓ ଜନସାଧାରଣଙ୍କ ଚେଷ୍ଟା ଅବ୍ୟାହତ ରହିବା ବିଧେୟ।

-ନିରୋଜାଲକ୍ଷ୍ମୀ ମହାପାତ୍ର, ସମାଜସେବୀ


DADLS-79

Azadi Ka Amrit Mahotsav
ଓଡ଼ିଶା ସରକାର

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ୨୦୨୨
ତା.୦୧.୦୪.୨୦୨୨
ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଭୁବନେଶ୍ୱର

ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ
ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳାକୃତି
ଶ୍ରୀ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କଙ୍କ ଦ୍ୱାରା ଉଦ୍‌ଘାଟନ ।
ସନ୍ଧ୍ୟା ଘ.୫.୩୦ ମି.–ପୋଲିସ୍ ବ୍ୟାଣ୍ଡ୍ ଦ୍ୱାରା ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ଧୂନ୍ ପରିବେଷଣ
ସନ୍ଧ୍ୟା ଘ.୬.୦୦ମି. –ସାଧାରଣ ସଭା
– "ବନ୍ଦେ ଉତ୍କଳ ଜନନୀ" ବୃନ୍ଦଗାନ, ଶ୍ରୀ ଲକ୍ଷ୍ମୀକାନ୍ତ ପାଲିତ୍ ଏବଂ ସାଥୀ କଳାକାରଙ୍କ ଦ୍ୱାରା

ମୁଖ୍ୟ ଅତିଥି : ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଯୋଗଦାନ କରିବେ ।
ସଭାପତି : ଡ. ସୂର୍ଯ୍ୟନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନିତ ଅତିଥି : ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ
ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ,
ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ମନ୍ତ୍ରୀ,
ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା,
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ,
ମାନ୍ୟବର ବିଧାୟକ, ଭୁବନେଶ୍ୱର(ଉତ୍ତର)
ସ୍ୱାଗତ ଭାଷଣ: ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ
– ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ
– ଚିକିତ୍ସା ସେବା କ୍ଷେତ୍ରରେ ୧୦ ଜଣ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

ସନ୍ଧ୍ୟା ଘ.୭.୦୦ମି.– ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ
ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶେଖର ଘୋଷ, ଲକ୍ଷ୍ମୀକାନ୍ତ ପାଲିତ, ମନ୍ମଥ ମିଶ୍ର, ମହାପ୍ରସାଦ କର, ଗୌତମ ଗିରି, ଅନିନ୍ଦିତା ଦାସ, ସୁସ୍ମିତା ଦାସ, ଅଞ୍ଜଳି ମିଶ୍ର, ଦିପ୍ତୀରେଖା ପାଢ଼ୀ, ଅର୍ପିତା ଚୌଧୁରୀଙ୍କ କଣ୍ଠରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ଓଡ଼ିଶୀ ନୃତ୍ୟ – ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ଭୁବନେଶ୍ୱର
ସମ୍ବଲପୁରୀ ନୃତ୍ୟ – ରବୀନ୍ଦ୍ର ବାଗ୍ ଓ ସାଥୀ, ବରଗଡ଼

ଏହି ସମାରୋହରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0140/2122





## ସଂକ୍ଷେପରେ

### ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର

ଭୁବନେଶ୍ୱର, ୩୧।୩(ବ୍ୟୁରୋ): ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍) ସମେତ ଜିଲାର ୨୮ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୨୧-୨୨ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ମିଳିଛି। ଡିଏଚ୍ଏଚ୍ ବ୍ୟତୀତ ୨ ଉପଖଣ୍ଡସ୍ତରୀୟ ହସ୍ପିଟାଲ୍, ୬ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୮ଟି ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରକୁ ବିଭିନ୍ନ ବର୍ଗରେ ଉତ୍କର୍ଷତା ପାଇଁ ପୁରସ୍କୃତ କରାଯାଇଛି। ଉତ୍ତମ ପରିଚ୍ଛନ୍ନତା, ପରିଷ୍କାର, ସଂକ୍ରମଣହୀନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦିଗରେ ନିରନ୍ତର ସ୍ୱଚ୍ଛତା ବୃଦ୍ଧି କରାଇବା କ୍ଷେତ୍ରରେ ମାଲକାନଗିରି ଡିଏଚ୍ଏଚ୍ ପ୍ରଥମ ସ୍ଥାନ ଗ୍ରହଣ କରିବା ସହ କାୟାକଳ୍ପ ଆୱାର୍ଡ-୨୦୨୧-୨୨ ବାବଦ ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ କୁଡୁମୁଲୁଗୁମାକୁ ୧୫ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଥିବାବେଳେ ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ଲକ୍ଷ ଟଙ୍କା ଲେଖାଏ ମିଳିଛି। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ ଏମ୍ଭି-୭୯କୁ ୨ଲକ୍ଷ ଟଙ୍କା ପୁରସ୍କାର ମିଳିଥିବାବେଳେ ଅନ୍ୟ ପିଏଚ୍ସିକୁ ୫୦ହଜାର ଟଙ୍କା ଲେଖାଏ ମିଳିଛି।

### ପୌରପରିଷଦ କନିଷ୍ଠ ସହକାରୀ ନିଲମ୍ବିତ

ଆନନ୍ଦପୁର, ୩୧।୩(ସ୍ୱ.ପ୍ର.): ଆନନ୍ଦପୁର ପୌରପାଳିକାର କନିଷ୍ଠ ସହକାରୀ କମଳାକାନ୍ତ ଦିକ୍ଷୀତଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ସହର ଉନ୍ନୟନ ବିଭାଗ ଭୁବନେଶ୍ୱର ଚିଠି ନଂ ୫୯୭୧/୩୦।୩।୨୦୨୨ ଆଧାର କରି ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଏହି ସମୟରେ କମଳାକାନ୍ତ କେନ୍ଦୁଝର ଜିଲା ମୁଖ୍ୟ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ରହିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

### ୨ଗୁଣା ବଢ଼ିଲା ଘରୋଇ ପ୍ରାକୃତିକ ଗ୍ୟାସ୍ ଦର

ନୂଆଦିଲ୍ଲୀ,୩୧।୩: ଭାରତରେ ଚଳିତ ମାସ ମଧ୍ୟଭାଗରୁ ସିଏନ୍ଜି ଠାରୁ ଆରମ୍ଭ କରି ପିଏନ୍ଜି ପର୍ଯ୍ୟନ୍ତ ସବୁଥିରେ ଦର ବୃଦ୍ଧି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏପରିକି ଘରୋଇ ଗ୍ୟାସ୍ ମୂଲ୍ୟ ୨ ଗୁଣାରୁ ଅଧିକ ବଢ଼ିଯାଇଛି। ବିଶେଷକରି ଚଳିତ ବର୍ଷ ଏପ୍ରିଲ ପହିଲାରୁ ଘରୋଇ ପ୍ରାକୃତିକ ଗ୍ୟାସ୍ ଦର ବଢ଼ି ପ୍ରତି ଏମ୍ଏମ୍ବିଟିୟୁ ୬.୧୦ ଡଲାର ହୋଇଯାଇଛି। ଏହି ଦର ଆଗାମୀ ୬ ମାସ ପାଇଁ ବଳବତ୍ତର ରହିବ। ସେହିପରି ଗ୍ୟାସ୍ ଦାମ ବୃଦ୍ଧି ସହ ଏପ୍ରିଲରୁ ଘରେ ଖାଦ୍ୟ ରାନ୍ଧିବାଠାରୁ ଆରମ୍ଭ କରି ବିଦ୍ୟୁତ୍ ଓ ପରିବହନ ବାବଦ ଖର୍ଚ୍ଚ ମଧ ବଢ଼ିଯିବ ବୋଲି ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ବଜାରରେ ପ୍ରାକୃତିକ ଗ୍ୟାସ୍ ମୂଲ୍ୟ ବୃଦ୍ଧି ଯୋଗୁ ସରକାର ଦେଶରେ ଗ୍ୟାସ୍ ମୂଲ୍ୟ ବୃଦ୍ଧି ଲାଗି ନିଷ୍ପତ୍ତି ନେଇଛନ୍ତି। ଦେଶରେ କୋଭିଡ୍ ମହାମାରୀ ପରେ ଗ୍ୟାସ୍ ଦର ପୁଣି ବଢ଼ିଛି।

# ହତ୍ୟା ପାଇଁ ୩ ଲକ୍ଷର ସୁପାରି

**ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଗୁଳିକରି ହତ୍ୟା ଘଟଣା**

- ଆଉ ୪ଜଣଙ୍କୁ ଗିରଫ କଲା ପୋଲିସ
- ଟାର୍ଗେଟରେ ଥିଲେ ମୃତକ ଲୋକନାଥ ଓ ତାଙ୍କ ପୁଅ
- ହତ୍ୟାର କାରଣ ପୂର୍ବଶତ୍ରୁତା, ରାଜନୈତିକ ବିବାଦ

ବେଲପଡା, ୩୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ବାଗଦୋର ଗ୍ରାମ ପଞ୍ଚାୟତ ସମିତି ସଭ୍ୟାଙ୍କ ସ୍ୱାମୀ ଲୋକନାଥ ବିଶ୍ୱାଳ ହତ୍ୟା ଘଟଣାର ଗୁମର ଖୋଲିଛି। ପୂର୍ବଶତ୍ରୁତା ଓ ରାଜନୈତିକ ବିଦ୍ୱେଷ ଯୋଗୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ଆଉ ଏଥିପାଇଁ ଦିଆଯାଇଥିଲା ୩ଲକ୍ଷ ଟଙ୍କାର ସୁପାରି। ସୁପାରି ନେଇଥିଲେ ପାଟଣାଗଡ ଅଞ୍ଚଳର ସନ୍ତୋଷ କୁମାର ଦାଶ(୪୨)। ବନମାଳ ଗ୍ରାମର ବାସୁଦେବ ପଧାନ(୫୨)ଥିଲେ ମୁଖ୍ୟ ଅଭିଯୁକ୍ତ। ଟାର୍ଗେଟରେ ଥିଲେ ଲୋକନାଥ ଓ ତାଙ୍କ ପୁଅ ଅନିଲ। ହେଲେ ଘଟଣା ଦିନ କେବଳ ଲୋକନାଥଙ୍କୁ ହତ୍ୟା କରିବାରେ ଅଭିଯୁକ୍ତମାନେ ସଫଳ ହୋଇଥିଲେ। ଏହି ଘଟଣାରେ ଗୁରୁବାର ବେଲପଡା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ବେଳେ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି।

ବେଲପଡ଼ା ଥାନା ଆଇଆଇସି ବୁଲୁ ମୁଣ୍ଡାଙ୍କ ସୂଚନା ଅନୁଯାୟୀ, ୨୦୧୫-୧୬ ମସିହାରୁ ଲୋକନାଥ ବିଶ୍ୱାଳଙ୍କ ପରିବାର ସହ ବାସୁଦେବଙ୍କ ପରିବାର ମଧ୍ୟରେ ଜମିବାଡିକୁ ନେଇ ଗଣ୍ଡଗୋଳ ରହିଥିଲା। ସେ ସମୟରେ ଲୋକନାଥଙ୍କ ପୁଅ ଅନିଲ ବାସୁଦେବଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ତାଙ୍କ ପଞ୍ଜରା ହାଡ ଭାଙ୍ଗି ଯାଇଥିଲା। ବୁର୍ଲାରେ ୨ମାସ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୁଣି ଥରେ ସେମାନଙ୍କ ମଧ୍ୟରେ ଗାଁରେ ଏକ ବିବାହ ଭୋଜିରେ ଗଣ୍ଡଗୋଳ ହୋଇଥିଲା। ତେଣୁ ଏହାର ପ୍ରତିଶୋଧ ନେବା ପାଇଁ ବାସୁଦେବ ବାଟ ଖୋଜୁଥିଲେ। ଅନ୍ୟ ଏକ ଘଟଣାକ୍ରମରେ ବାସୁଦେବ ପଧାନ ନୂଆପଡା ଜିଲା କଲାମାଟି ଅଞ୍ଚଳର ବୁଡି ଅଞ୍ଚଳରେ ଘରଦ୍ୱାର ଜମି ଯିବା ପରେ କ୍ଷତିପୂରଣ ବାବଦକୁ ବହୁତ ଟଙ୍କା ପାଇଥିଲେ। ସେହି ଟଙ୍କାକୁ ନେଇ ଶ୍ୱଶୁର ଘର ବନମାଳ ଆସି ଜମିବାଡି କିଣିଥିଲେ। ଏଠାରେ ରହଣି ସମୟରେ ବାସୁଦେବ ଏକ ଜାତୀୟ ଦଳରେ ଯୋଗଦେଇ ପ୍ରଭାବ ବିସ୍ତାର କରିବାକୁ ଚାହୁଁଥିଲେ। ହେଲେ ଏଥିରେ ଲୋକନାଥ ଅନ୍ତରାୟ ସାଜୁଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟାଭାବେ ଲେକନାଥ ନିଜ ସ୍ତ୍ରୀଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ କରାଇଥିଲେ। ଏପରକି ନିଜର ଜଣେ ସମର୍ଥକଙ୍କୁ ସରପଞ୍ଚଭାବେ ନିର୍ବିରୋଧ ବିଜୟୀ କରାଇଥିଲେ। ଏଥିରେ ବାସୁଦେବ ଈର୍ଷାନ୍ୱିତ ହୋଇ ଉଠିଥିଲେ। ସବୁଦିନ ପାଇଁ ଲୋକନାଥଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ପାଟଣାଗଡ ଥାନା ପାଡେଲ ଗ୍ରାମର ସନ୍ତୋଷ ଦାଶଙ୍କୁ ସୁପାରି ଦେଇଥିଲେ। ସେହି ଅନୁଯାୟୀ ସନ୍ତୋଷ ତାର ଗ୍ୟାଙ୍ଗ ଡକାଇ ଯୋଜନା କରିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଲୋକନାଥଙ୍କ ପୁଅ ଅନିଲ ଅନ୍ୟତମ ଅଭିଯୁକ୍ତ ତଥା ବରଗଡ ଜିଲା ପଦ୍ମପୁର ଗ୍ରାମର ନରେଶ ସାହୁଙ୍କ ସହ ମିଶି ୩ ବର୍ଷ ତଳେ ମହୁଲ ବେପାର ଚଳାଇଥିଲେ। କିନ୍ତୁ ପଇସା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ଫୋନରେ ଅନିଲଙ୍କୁ ଧମକ ମିଳୁଥିଲା। କୌଣସିମତେ ଏହା ଜାଣି ସୁପାରି ନେଇଥିବା ସନ୍ତୋଷ ନରେଶ ସାହୁଙ୍କ ସହ ଯୋଗାଯୋଗ କରି ତାଙ୍କୁ ହତ୍ୟା ଯୋଜନାରେ ସାମିଲ କରିଥିଲେ। ଗୁରୁବାର ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ମାଷ୍ଟରମାଇଣ୍ଡ ବାସୁଦେବ ଓ ସନ୍ତୋଷ ରହିଛନ୍ତି। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ପାଟଣାଗଡ ରାମପାଲିର କରୁଣା ବାଗ (୨୩), ପାଟଣାଗଡ ବଡପଡାର ରାଜା ଓରଫ କୁଶଧ୍ୱଜ ମାଝି(୨୬)। ବୁଧବାର ପାଟଣାଗଡର ସୀତାରାମ ବିନ୍ଧାଣୀ (୩୦) ଓ ପାଟଣାଗଡ ଥାନା ଝୁଲେନବର ଗ୍ରାମର ରବି ଷାଣ୍ଡ (୨୬)ଙ୍କୁ ପୋଲିସ ଗିରଫ କରିଥିଲା। ଏ ଯାଏ ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି ସାରିଲାଣି। ଅନ୍ୟତମ ଅଭିଯୁକ୍ତ ନରେଶ ସାହୁ(୨୫)ଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ହତ୍ୟା ଯୋଜନା ୧ମାସ ପୂର୍ବରୁ କରାଯାଇଥିଲା ଏବଂ ଏଥିରେ ଦେଶୀ ବନ୍ଧୁକ ବ୍ୟବହାର କରାଯାଇଥିବା ଆଇଆଇସି ମୁଣ୍ଡା କହିଛନ୍ତି।



ଗିରଫ ୪ ଅଭିଯୁକ୍ତ।

### ୨ ଶିକ୍ଷକଙ୍କୁ ଚାକିରିରୁ ଅନ୍ତର

ବାରିପଦା ଅଫିସ,୩୧।୩

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଦୁଇ ଶିକ୍ଷକଙ୍କୁ ଚାକିରିରୁ ଅନ୍ତର କରାଯାଇଛି। ଡିପସି ନବ କିଶୋର ଗିରିଙ୍କ ଚିଠି ନଂ.୧୩୯୦/୧୩୯୩ ତା. ୩୧ ମାର୍ଚ୍ଚ ୨୦୨୨ରିଖ ଅନୁଯାୟୀ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କପ୍ତିପଦା ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଦ୍ୱୟ ହେଲେ ମଝିଗଡ଼ିଆ ପଞ୍ଚାୟତ ମହୁଲପଙ୍ଖା ସ୍କୁଲର ସୌରଭ ଆଚାର୍ଯ୍ୟ ଓ ନଟୋ ପଞ୍ଚାୟତ ହଳଦିଆସାହି ସ୍କୁଲର ମନଶ୍ରୀ ନାଏକ। ଜାଲ୍ ବିଇଡି ସାର୍ଟିଫିକେଟ ଯାଞ୍ଚ ସମୟରେ ଏହି ଦୁଇ ଶିକ୍ଷକ ଚାକିରି ପାଇବା ବେଳେ ପ୍ରଦାନ କରିଥିବା ବିଇଡି ସାର୍ଟିଫିକେଟର ପଞ୍ଜୀକୃତ ନମ୍ବର ଅନ୍‌ଲାଇନରେ ପ୍ରଦର୍ଶିତ ହୋଇ ନ ଥିଲା। ଏଣୁ ସାର୍ଟିଫିକେଟ ଦୁଇଟି ଜାଲ୍ ବୋଲି ପ୍ରମାଣିତ ହେବା ପରେ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ତେବେ ମନଶ୍ରୀ ନାଏକ ତିନିମାସ ପୂର୍ବରୁ ଚାକିରି ଛାଡ଼ି ଚାଲିଯାଇଥିବା ବେଳେ ସୌରଭ ଆଚାର୍ଯ୍ୟ ମଧ ନିର୍ଦ୍ଦେଶ ଆସିବା ପୂର୍ବରୁ ଚାକିରି ଛାଡ଼ି ଦେଇଥିବା ନେଇ ବିଇଓ ଜଗନ ମୋହନ ବେହେରା କହିଛନ୍ତି।

# ଫୁଟାଇଲେ ୫ ରାଉଣ୍ଡ ଗୁଳି

- ଭାଜପା ପୌରାଧକ୍ଷାଙ୍କୁ ହତ୍ୟା ଧମକ
- ୨ ଗିରଫ, ଲକ୍ଷେ ଟଙ୍କା ସହ ସ୍କୁଟି ଜବତ

ଢେଙ୍କାନାଳ ଅଫିସ୍, ୩୧।୩

ପୌର ନିର୍ବାଚନ ପରବର୍ତ୍ତୀ ହିଂସାରେ ଅଶାନ୍ତ ହୋଇଉଠିଛି ଢେଙ୍କାନାଳ ସହର। ପରାଜୟକୁ ସହଜରେ ଗ୍ରହଣ କରିପାରୁନଥିବା ଏକ ଗୋଷ୍ଠୀ ବୁଧବାର ରାତିରେ ପୌରାଧକ୍ଷାଙ୍କ ଘର ଆଗରେ ୫ ରାଉଣ୍ଡ ଗୁଳିଚାଳନା କରିବା ସହିତ ହତ୍ୟା ଧମକ ଦେଇଛନ୍ତି। ଅଭିଯୁକ୍ତଙ୍କ ଆକ୍ରୋଶରୁ ବର୍ତ୍ତିନାହାନ୍ତି ୧୯ନଂ. ୱାର୍ଡ କାଉନ୍ସିଲରଙ୍କ ସମ୍ପର୍କୀୟ ଏବଂ ଜଣେ ସାଧାରଣ ବ୍ୟକ୍ତି। ଏ ନେଇ ଟାଉନ୍ ଥାନାରେ ଦୁଇଟି ମାମଲା (ନଂ. ୧୮୫/୨୨ ଏବଂ ୧୮୬/୨୨) ରୁଜୁ ହୋଇଛି। ଅନ୍ୟପଟେ ଅଭିଯୋଗର ତଦନ୍ତ କରି ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ସ୍କୁଟି, ନଗଦ ୧ଲକ୍ଷ ଟଙ୍କା, ୨ଟି ଠେଙ୍ଗା ଜବତ କରିଛି। ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ଗୁଳିଚାଳନା ସ୍ଥଳରେ ସାଇଣ୍ଟିଫିକ୍ ଦଳ ତଦନ୍ତ ଚଳାଇଛି। ଗୋଟିଏ ରାତିରେ ଏଭଳି ପୃଥକ୍ ଘଟଣା ପୌରାଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିବାବେଳେ ସହରର ଆଇନଶୃଙ୍ଖଳା ବିଗିଡ଼ିବା ପୋଲିସ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଛି।

ପୌରାଧକ୍ଷା ତଥା ଭାଜପା ନେତ୍ରୀ ଜୟନ୍ତୀ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ଟା ୪୦ରେ ୨ଟି ବାଇକ୍‌ରେ ୫ଜଣ ଯୁବକ ତାଙ୍କ ଘର ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ସେ ବାଲ୍‌କୋନିକୁ ଆସି ଦେଖିବା ବେଳେ ହଠାତ୍ ସେମାନେ ୫ ରାଉଣ୍ଡ ଗୁଳିଚାଳନା କରିଥିଲେ। ଜୟନ୍ତୀ ଜୀବନ ବିକଳରେ ବାଲକୋନି କବାଟ ଦେଇ ଘର ଭିତରକୁ ପଳାଇଥିଲେ। ଏହାପରେ ସମ୍ପୃକ୍ତ ଅଭିଯୁକ୍ତମାନେ ତାଙ୍କୁ ଏବଂ ତାଙ୍କ ସ୍ୱାମୀ ତଥା ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କୁ ବୋମା ପକାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ଢେଙ୍କାନାଳରେ ପୁଣି ଉପନିର୍ବାଚନ ହେବ ବୋଲି ସେମାନେ ଖୋଲାଖୋଲି ଚେତାବନୀ ଦେଇଥିଲେ। ପରିବାର ସଦସ୍ୟ ଅଭିଯୁକ୍ତଙ୍କୁ ଗୋଡ଼ାଇବାରୁ ସେମାନେ ଫେରାର ହୋଇଯାଇଥିଲେ। ଏଥିପୂର୍ବରୁ ରାତି ପ୍ରାୟ ସାଢ଼େ ୧୦ଟାରେ ସମ୍ପୃକ୍ତ ଅଭିଯୁକ୍ତମାନେ ୧୯ନଂ. ୱାର୍ଡ ଅନ୍ତର୍ଗତ ସିମିଳିଆ ଗ୍ରାମରେ ଆତଙ୍କରାଜ ସୃଷ୍ଟି କରିଥିଲେ। ସେମାନେ ସମ୍ପୃକ୍ତ ୱାର୍ଡରେ କାଉନ୍ସିଲରଙ୍କ ବାପା ଆର୍ତ୍ତବନ୍ଧୁ ମଲ୍ଲିକ ଏବଂ ଗ୍ରାମର ଶୈଳେନ୍ଦୁ ନାରାୟଣ ସାହୁ (୪୦)ଙ୍କୁ ଭୟଭୀତ କରାଇବା ସହ ଧମକଚମକ ଦେଇଛନ୍ତି। ଅଭିଯୁକ୍ତମାନେ ଶୈଳେନ୍ଦୁଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାଡ଼ ମାରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଗୁରୁବାର ପୌରାଧକ୍ଷା ଜୟନ୍ତୀ, ତାଙ୍କ ସ୍ୱାମୀ ରାମଚନ୍ଦ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ ପ୍ରମୁଖ ଦଳୀୟ ସମର୍ଥକଙ୍କ ସହ ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଘଟଣାରେ ହାଉସିଂବୋର୍ଡ କଲୋନୀର ସତ୍ୟବ୍ରତ ବେହେରା (୨୬) ଏବଂ ଜୟଗୋପାଳ ସାହିର ସୋମନାଥ ସାହୁ (୨୨) ଗିରଫ ହୋଇଥିବା ଏସ୍‌ପି ଏଲ୍. ଦିବ୍ୟା ଭି. କହିଛନ୍ତି।

ଏ ସଂକ୍ରାନ୍ତରେ ରାମଚନ୍ଦ୍ର ପାତ୍ର କୁହନ୍ତି, ଘଟଣା ପରେ ଏସ୍‌ପିଙ୍କୁ ସୁରକ୍ଷା ମାଗିଛୁ। ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କ ଫଟୋ ସ୍ଥାନୀୟ ବିଧାୟକଙ୍କ ସହ ରହିଛି। ସେମାନେ ହତ୍ୟାଧମକ ଦେବା ସହ ଉପନିର୍ବାଚନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର କୁହନ୍ତି, ବିଧାୟକ ନିର୍ବାଚନରେ ହାର୍‌କୁ ବରଦାସ୍ତ କରି ନ ପାରି ଗୁଣ୍ଡା ଲଗାଇଛନ୍ତି। ତାଙ୍କର ମତିଭ୍ରମ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଛନ୍ତି। ଭାଜପା ପକ୍ଷରୁ ଅଣାଯାଇଥିବା ଅଭିଯୋଗର ପ୍ରତିକ୍ରିୟାରେ ବିଧାୟକ ସୁଧୀର କୁମାର ସାମଲ କୁହନ୍ତି, ପଥର ଖଣି ଓ ବାଲି ବ୍ୟବସାୟକୁ ନେଇ ଏହି ଗଣ୍ଡଗୋଳ ଘଟିଛି। ବିଜେଡି ହିଂସାକୁ ପ୍ରଶ୍ରୟ ଦିଏନାହିଁ। ସୁଧୀର ସାମଲ କ'ଣ ତାହା ସହରବାସୀ ଜାଣିଛନ୍ତି। ଆମେ ଆଇନକୁ ସମ୍ମାନ ଜଣାଉଛୁ। ନିର୍ବାଚନ ପରେ ଗତ ୨୪ ତାରିଖ ସନ୍ଧ୍ୟାରେ ଜଣେ ବିଜେଡି କାଉନ୍ସିଲର ପ୍ରାର୍ଥୀ ଥାନାକୁ ଅଭିଯୋଗ କରିବାକୁ ଆସିଥିବାବେଳେ ଭାଜପା କର୍ମୀମାନେ ପୋଲିସ ଉପସ୍ଥିତିରେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସେମାନଙ୍କ ପିଲାମାନେ ଅରାଜକତା କରୁଛନ୍ତି। ତେଣୁ ଏଭଳି ନାଟକବାଜିର କିଛି ଲାଭ ନାହିଁ ବୋଲି ବିଧାୟକ କହିଛନ୍ତି।



ଟାଉନ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ପୌରାଧକ୍ଷା ଏବଂ ତାଙ୍କ ସମର୍ଥକମାନେ।

### କଏଦୀଙ୍କ ଦୈନିକ ମଜୁରି ବଢ଼ିଲା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜେଲରେ ସଜା କାଟୁଥିବା କଏଦୀଙ୍କର ଦୈନିକ ମଜୁରୀ ବୃଦ୍ଧି କରାଯାଇଛି। ଏନେଇ ଗୁରୁବାର ଗୃହ ବିଭାଗ ପକ୍ଷରୁ ଜେଲ ବିଭାଗକୁ ଚିଠି ଲେଖାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ପୂର୍ବରୁ କୁଶଳୀ କଏଦୀମାନେ ଦୈନିକ ମଜୁରୀ ୭୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ତାହା ୧୪୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅର୍ଦ୍ଧକୁଶଳୀ କଏଦୀଙ୍କର ମଜୁରୀ ୬୦ରୁ ୧୧୫ ଟଙ୍କା ଏବଂ ଅଣକୁଶଳୀ କଏଦୀଙ୍କର ମଜୁରୀ ୫୦ରୁ ୯୫ ଟଙ୍କାକୁ ବୃଦ୍ଧି କରାଯାଇଛି।

ସୂଚନା ଅନୁଯାୟୀ, ବିଭିନ୍ନ ଜେଲରେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇ ସଜା କାଟୁଥିବା କଏଦୀମାନଙ୍କୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। କୁଶଳୀ କଏଦୀମାନେ ଜେଲରେ ଟେଲରିଂ, ଫିନାଇଲ୍ ଓ ଧୂପକାଠି ଆଦି ପ୍ରସ୍ତୁତି କରିଥାନ୍ତି। ସେହିପରି ଅର୍ଦ୍ଧକୁଶଳୀ କଏଦୀମାନେ ବାଳ କାଟିବା, ଖାଦ୍ୟ ପ୍ରସ୍ତୁତ କରିବା, ବଗିଚାର ଯତ୍ନ ନେବା ଓ ଗୋପାଳନ କରୁଥିବା ବେଳେ ଅଣକୁଶଳୀ କଏଦୀମାନେ ଝାଡୁ ମାରିବା ସହ ଜେଲରେ ସଫେଇ କାର୍ଯ୍ୟ କରି ପାରିଶ୍ରମିକ ନେଇଥାନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁନ୍ ୨୩ରେ ସରକାରଙ୍କ ପକ୍ଷରୁ କଏଦୀମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଥିଲା। କୁଶଳୀ କଏଦୀଙ୍କ ମଜୁରୀ ୬୦ରୁ ୭୦ ଟଙ୍କା, ଅର୍ଦ୍ଧକୁଶଳୀ କଏଦୀଙ୍କ ମଜୁରୀ ୫୦ରୁ ୬୦ ଟଙ୍କା ଓ ଅଣକୁଶଳୀ କଏଦୀଙ୍କ ମଜୁରୀ ୪୦ରୁ ୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

### ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି



**୨୦୨୦ ତୁଳନାରେ ୨୦୨୧ରେ ୭.୨୪% ବଢ଼ିଛି**

- ଗଜପତି ଜିଲାରେ ସର୍ବାଧିକ, ନୟାଗଡ଼ରେ ସର୍ବନିମ୍ନ
- ତାଗିଦ କଲେ ସଚିବ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୦ରେ ୨୦୨୧ ବର୍ଷ ଅପେକ୍ଷା ଦୁର୍ଘଟଣାଜନିତ ମୃତ୍ୟୁହାର ୭.୨୪ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୧ ବର୍ଷରେ ମୋଟ ୧୦,୯୮୪ ଦୁର୍ଘଟଣା ରାଜ୍ୟରେ ହୋଇଥିବା ବେଳେ ସେଥିରେ ୫୦୮୧ଜଣଙ୍କ ମୃତ୍ୟୁ ଘଟିବା ସହ ୯୭୮୨ ଆହତ ହୋଇଛନ୍ତି। ମିଳିଥିବା ତଥ୍ୟ ମୁତାବକ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ଦ୍ରୁତଗତିରେ ବଢ଼ିଚାଲିଛି। ୨୦୧୪ ଦୁର୍ଘଟଣାରେ ୩୯୩୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୧ରେ ପହଞ୍ଚିଛି। ଏହି ସମୟ ଭିତରେ ରାଜ୍ୟରେ ପ୍ରାୟ ୨୯ ପ୍ରତିଶତ ମୃତ୍ୟୁହାର ବୃଦ୍ଧି ଘଟିଛି।
ଗଜପତି, ଝାରସୁଗୁଡ଼ା, ବୌଦ୍ଧ ଏବଂ ରାୟଗଡ଼ା ଭଳି ଜିଲାରେ ୨୫ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁହାରରେ ବଢ଼ିଛି। କେନ୍ଦୁଝର, ଗଞ୍ଜାମ, ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଏବଂ କଟକ ଜିଲାରେ ୨୦୦ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସୁଛି। ଏହାକୁ ହ୍ରାସ କରିବା ଲାଗି ପରିବହନ ବିଭାଗ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲାର ଜିଲାପାଳ, ଏସ୍‌ପି ଏବଂ ସବୁ ଆର୍‌ଟିଓଙ୍କୁ ଚିଠି ଲେଖି ଗୁରୁବାର ଜଣାଇଛନ୍ତି। ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବାକୁ ଗଠନ ହୋଇଥିବା ସ୍ପେଶାଲ ଟାସ୍କଫୋର୍ସ ମଧ୍ୟ ଠିକ୍‌ରେ କାମ କରୁ ନ ଥିବା ସେ କହିଛନ୍ତି। ପଞ୍ଚାୟତ ଏବଂ ସହରାଞ୍ଚଳରେ ମଧ ଟ୍ରାଫିକ ନିୟମ କଡ଼ାକଡ଼ି କରିବାରେ ପ୍ରସ୍ତୁତ ଯୋଜନା ଫେଲ୍ ହୋଇଛି। ସଚିବଙ୍କ ଚିଠିରେ ଉଲ୍ଲେଖ ରହିଥିବା ତଥ୍ୟ ଅନୁଯାୟୀ, ୨୦୨୦ ବର୍ଷରେ ରାଜ୍ୟରେ ମୋଟ ୯୮୧୭ ଦୁର୍ଘଟଣାଜନିତ ଘଟଣା ସାମ୍ନାକୁ ଆସିଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୧୦୯୮୪ରେ ପହଞ୍ଚିଛି। ୨୦୨୦ରେ ମୋଟ ୪୭୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୫୦୮୧ରେ ପହଞ୍ଚିଛି। ୨୦୨୦ ତୁଳନାରେ ୨୦୨୧ରେ ରାଜ୍ୟରେ ମୃତ୍ୟୁହାରରେ ୭.୨୪ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୧ରେ ଗଜପତି ଜିଲାରେ ସର୍ବାଧିକ ୩୨.୫୬ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ରହିଛି। ଏହାପରେ ଝାରସୁଗୁଡ଼ା, ବୌଦ୍ଧ ଏବଂ ରାୟଗଡା ଜିଲା ରହିଛି। ନୟାଗଡ ଜିଲା ଦୁର୍ଘଟଣାଜନିତ ମୃତ୍ୟୁହାର ସର୍ବନିମ୍ନ ରହିଛି। ତେଣୁ ଏହାକୁ ହ୍ରାସ କରିବା ଲାଗି ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ ଆରମ୍ଭ ଲାଗି କହିଛନ୍ତି। ୨୦୨୧ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ରାଜ୍ୟରେ ୧୨ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ଘଟିଛି। ଏବେଠାରୁ ଦୁର୍ଘଟଣା କମାଇବାକୁ ଚେକିଂ କଡ଼ାକଡି କରିବାକୁ ପରିବହନ ବିଭାଗର ସମସ୍ତ ଡେପୁଟି କମିଶନର ଏବଂ ଆର୍‌ଟିଓମାନଙ୍କୁ ଗୁରୁବାର ପରିବହନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରେ ଏଥିଲାଗି ମାଇକ୍ରୋ ଲେଭଲ ମନିଟରିଂ ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଏବେ ସବୁ ଡେପୁଟି କମିଶନରମାନେ ଆର୍‌ଟିଓ ଅଫିସ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ଏଣିକି ହାଇୱେ ପାଟ୍ରୋଲିଂ, ନିଶାସକ୍ତ ଚାଳକଙ୍କୁ ଧରିବା ଲାଗି ବ୍ରେଥ୍ ଆନାଲାଇଜରର ବ୍ୟବହାର, ନିୟମ ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ ଚାଲାଣ କାଟିବା, ଦୁର୍ଘଟଣାର ଠିକ୍ ତଥ୍ୟ ପ୍ରଦାନ ଏବଂ ଡିଏଲ୍ ବାତିଲ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ସଚିବ ତାଙ୍କ ଚିଠି ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି।

# ବିପଦରେ ଛୁଆ ହାତୀ

- ବାଟବଣା ହୋଇ ଜନବସତିରେ ଶାବକ
- ଜଳାଶୟରେ ଅଣ୍ଡିରା ହାତୀର ମୃତଦେହ

ଢେଙ୍କାନାଳ ଅଫିସ/ ଭାପୁର(ଡି.ଏନ୍.ଏ.) ୩୧।୩

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ସିଧାସଳଖ ପ୍ରଭାବ ଢେଙ୍କାନାଳର ବନ୍ୟଜୀବନ ଉପରେ ପଡ଼ିଲାଣି। ଜଙ୍ଗଲରେ ଖାଦ୍ୟ ଓ ପାଣି ଅଭାବ ହାତୀ ଭଳି ବିଶାଳକାୟ ତୃଣଭୋଜୀ ପ୍ରାଣୀଙ୍କୁ ଗାଁ ମୁହାଁ କରାଇଛି। କମ୍ ବୟସର ଛୁଆ ହାତୀ ଗୋଠରୁ ଅଲଗା ହେବା ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି।

ସଦର ରେଞ୍ଜ୍ ଅନ୍ତର୍ଗତ ଭାପୁର ନୂଆସାହି ନିକଟବର୍ତ୍ତୀ ଅଞ୍ଚଳକୁ ବାଟବଣା ହୋଇ ଚାଲି ଆସିଥିବା ହାତୀ ଶାବକ ପାଇଁ ଗୁରୁବାର ବନ ବିଭାଗକୁ ନାକେଦମ ହେବାକୁ ପଡ଼ିଛି। ଉକ୍ତ ଛୁଆ ହାତୀ ମା'ଠାରୁ ଅଲଗା ହୋଇ ଦୁଇଦିନ ହେଲା ଗାଁ ତଳି ଅଞ୍ଚଳରେ ଘୂରି ବୁଲୁଥିଲା। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ତା'କୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ତେବେ ଲୋକଙ୍କ ଗହଳି ଏବଂ ହୋହଲ୍ଲା ପାଇଁ ହାତୀ ଶାବକ ଭୟଭୀତ ହୋଇପଡ଼ିଥିଲା। ତେଣୁ ସେ ଇତସ୍ତତଃ ହୋଇ ଏଣେତେଣେ ଦୌଡ଼ିବା ସହିତ ହାଲିଆ ହୋଇପଡ଼ିଥିଲା। ସନ୍ଧ୍ୟା ସୁଦ୍ଧା ଛୁଆ ହାତୀ ଗାଁ ପାଖ ବୁଦୁବୁଦିଆ ଜଙ୍ଗଲ ନିକଟରେ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଦିନତମାମ କିଛି ଖାଇ ନ ଥିବାରୁ ତା'ର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

ସେହିପରି ଗୁରୁବାର ସକାଳେ ବେଲବଣିଆ ସଂରକ୍ଷିତ ଜଙ୍ଗଲର ଅମାନ୍ତିପଡ଼ା ପଥର ଖଣି ନିକଟ ପୋଖରୀରୁ ଏକ ଅଣ୍ଡିରା ହାତୀ ଛୁଆର ମୃତଦେହ ଠାବ କରାଯାଇଛି। ସୂଚନା ପାଇ ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ, ରେଞ୍ଜର ବିଭୁଦାନନ୍ଦ ମିଶ୍ର, ବନପାଳ ଇନ୍ଦୁଭୂଷଣ ଭଞ୍ଜ, ବନରକ୍ଷୀ ସବିତା ବେହେରା ପ୍ରମୁଖ କପିଳାସ ଏବଂ କାଇମାଟିର ପ୍ରାଣୀ ଚିକିତ୍ସକଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଉକ୍ତ ହାତୀର ଆନୁମାନିକ ବୟସ ଦୁଇବର୍ଷ ହେବ। ସେ କିଛିଦିନ ହେଲା ଅସୁସ୍ଥ ଥିଲା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ନମୁନା ସଂଗ୍ରହ କରି ଓୟୁଏଟି ଲାବୋରେଟୋରିକୁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିଲେ ହାତୀମୃତ୍ୟୁର କାରଣ ସ୍ପଷ୍ଟ ହେବ।



ବାଟବଣା ହୋଇ ଚାଲିଆସିଥିବା ହାତୀ।



ଜଳାଶୟରୁ ଠାବ ହୋଇଥିବା ହାତୀ ମୃତଦେହ।




ଓଡ଼ିଶା ଦିବସ ଅବ୍ୟବହିତ ପୂର୍ବରୁ ପୁରୀ କୁମ୍ଭାରପଡ଼ାର ଶିଳ୍ପୀ ଯବୀର ଖାନଙ୍କ ଦ୍ୱାରା ଧାନରେ ପ୍ରସ୍ତୁତ ଓଡ଼ିଶା ମାନଚିତ୍ର, ଶ୍ରୀଜଗନ୍ନାଥଙ୍କ ଚିତ୍ର।

# ବିନା ତଦନ୍ତରେ ଯୁବକ ଗିରଫ ଅଭିଯୋଗ

## ଟ୍ରାକ୍ଟର ଚଢ଼ାଇ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ଘଟଣା

**ଦଶରଥପୁର,୩୧।୩(ଡି.ଏନ.ଏ.)**

ଯାଜପୁର ଜିଲା ଦଶରଥପୁର ତହସିଲ ଅଧୀନ ବୈତରଣୀ ନଦୀର ପଲ୍ଲାସାହି ବାଲିଘାଟରୁ ମଙ୍ଗଳବାର ବେଆଇନ ଭାବେ କେତେକ ଟ୍ରାକ୍ଟର ବାଲି ଉଠାଉଥିଲେ। ଖବର ପାଇ ତହସିଲଦାର ଅବିନାଶ ବିଶ୍ୱଜିତ୍ ସେଠୀ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ନିକଟରେ ଛିଡ଼ା ହୋଇଥିବା ମଙ୍ଗଳପୁର ଥାନା ଅଧୀନ ମଲ୍ଲିକାପୁର ପଞ୍ଚାୟତ ମଲ୍ଲିକାପୁର ଗ୍ରାମର ରାଜେଶ ସାହୁ(ପପି)ଙ୍କୁ ତହସିଲଦାର କାବୁକରି ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ନ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ସେ ନିର୍ଦ୍ଦୋଷ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ତେଣୁ ପପିଙ୍କ ସ୍ତ୍ରୀ ଶୁକ୍ରବାର ଯାଜପୁର ଏସ୍‌ପିଙ୍କୁ ଭେଟି ଏକଥା ଜଣାଇବେ ବୋଲି ଗୁରୁବାର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ଚଢ଼ାଉ ସମୟରେ ପପିଙ୍କୁ ଟ୍ରାକ୍ଟର ଚାଳକ ଭାବି ତହସିଲଦାର କଡ଼ା ଭାଷାରେ ପାଟି କରିଥିଲେ। ପପି ଏହାର ପ୍ରତିବାଦ କରିବା ସହ ସେ ଟ୍ରାକ୍ଟର ଚାଳକ ନୁହନ୍ତି ବୋଲି କହିଥିଲେ। ହେଲେ ତହସିଲଦାର କିଛି ନ ଶୁଣି ତାଙ୍କୁ ବିଭିନ୍ନ ଧମକଚମକ ଦେଇଥିଲେ। ଏହାପରେ ତହସିଲଦାର ପପିଙ୍କ ନାମରେ ମଙ୍ଗଳପୁର ଥାନାରେ

### ଏସ୍‌ପିଙ୍କ ଦ୍ୱାରସ୍ଥହେବେ ଗିରଫ ବ୍ୟକ୍ତିଙ୍କ ସ୍ତ୍ରୀ

ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ତହସିଲଦାର ଦେଇଥିବା ଏତଲାରେ ଟ୍ରାକ୍ଟର ନମ୍ବର ଉଲ୍ଲେଖ କରିନାହାନ୍ତି। ପୋଲିସ ଜବତ କରିଥିବା ଟ୍ରାକ୍ଟରଟି ସଞ୍ଜିତ ସାହୁଙ୍କ ନାମରେ ରହିଛି। ଉକ୍ତ ଗାଡ଼ିର ଡ୍ରାଇଭର ତହସିଲଦାରଙ୍କୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ପପିଙ୍କ ସ୍ତ୍ରୀ କହିଛନ୍ତି। ଅପରପକ୍ଷେ ତହସିଲଦାର ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ପପି ଟ୍ରାକ୍ଟର ଚଳାଇ ଆସି ତାଙ୍କ ସରକାରୀ ବୋଲେରୋ ଗାଡ଼ିକୁ ଧକ୍କା ଦେଇଥିଲେ। ହେଲେ ବୋଲେରୋ ଗାଡ଼ିର କୌଣସି ସ୍ଥାନରେ ଧକ୍କା ଚିହ୍ନ ନ ଥିବା ଦେଖାଯାଇଛି। ଘଟଣା ସମ୍ପର୍କରେ ତହସିଲଦାର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ମୋ ଗାଡ଼ି ସମ୍ମୁଖକୁ ଏକ ଟ୍ରାକ୍ଟର ମାଡ଼ି ଆସିଥିଲା। ତେଣୁ ସେ ମୋତେ ମାରିଦେବାକୁ ଉଦ୍ୟମ କରିଥିବା ଅନୁଭବ କରି ମୁଁ ଥାନାରେ ଏପରି ଏତଲା ଦେଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଏନାମାମୁଲ ହକ୍ କହିଛନ୍ତି, ତହସିଲଦାରଙ୍କ ଏତଲା ଆଧାରରେ ଆମେ ଅଭିଯୁକ୍ତଙ୍କୁ ଗିରଫ କରିଛୁ। ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ।


**ଏସ୍.ଇ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୧-୨୨-୨୧, ତାରିଖ: ୩୦।୦୩।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଖଡ଼୍ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ସେଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ବିଏଲ୍‌ଏସ୍-ଏନ୍‌ଡିଏସ୍‌ବି ଲାଇନ୍ ନିମନ୍ତେ ପାସେଞ୍ଜର ଫିଟ୍‌ନେସ୍ ପାଇଁ ବାଲେଶ୍ୱରରୁ ନୀଳଗିରି ସାଇଡିଂ ପର୍ଯ୍ୟନ୍ତ ଟ୍ରାମ୍ ୱେ ଟାଇପ୍ ଓଏଚ୍‌ଇରୁ ପାରମ୍ପରିକ ଓଏଚ୍‌ଇକୁ ପରିବର୍ତ୍ତନ ଏବଂ ବିଏଲ୍‌ଏସ୍-ଏନ୍‌ଡିଏସ୍‌ବି ଲାଇନ ନିମନ୍ତେ ପାସେଞ୍ଜର ଫିଟ୍‌ନେସ୍ ପାଇଁ ୦୪ ଗୋଟି ଅତିରିକ୍ତ ଟ୍ରାନ୍ସଫର୍ମରର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ:** ₹୨,୬୭,୮୦,୩୦୨.୨୬ । **ଇଏମ୍‌ଡି:** ₹୨,୮୩,୯୦୦/- । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । **ସମାପ୍ତି ଅବଧି:** ୧୨ (ବାର) ମାସ । **ଦାଖଲ ତାରିଖ:** ତା୨୧।୦୪।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ତା।୨୧।୦୪।୨୦୨୨ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-714)**


# ଫ୍ୟୁଚର ରିଟେଲ ସିଇଓଙ୍କ ଇସ୍ତଫା

**ନୂଆଦିଲ୍ଲୀ,୩୧।୩**

ଋଣରେ ବୁଡ଼ିଥିବା ଫ୍ୟୁଚର ରିଟେଲ ଲିମିଟେଡ୍ (ଏଫ୍‌ଆର୍‌ଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସଦାଶିବ ନାୟକ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ନାୟକଙ୍କ ଇସ୍ତଫା ସମ୍ପର୍କରେ ଗୁରୁବାର ଶେୟାର ବଜାରକୁ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିବା ସହ ଫ୍ୟୁଚର ଗ୍ରୁପ୍ ସିଇଓ କିଶୋର ବିୟାନୀଙ୍କୁ ୩ବର୍ଷ ପାଇଁ କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ ଭାବେ ନିଯୁକ୍ତି କରିଥିବା ସୂଚନା ଦିଆଯାଇଛି। ସଦାଶିବ ୨୦୨୧ ଅଗଷ୍ଟରେ ଏହି ପଦବୀରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହିତ ଏଫ୍‌ଆର୍‌ଏଲ୍‌ର ଆଇନଗତ ଲଢ଼େଇ ଚାଲିଛି। କୋଭିଡ୍ ମହାମାରୀ ଲକ୍‌ଡାଉନ୍ ପ୍ରଭାବ ଯୋଗୁ ଫ୍ୟୁଚର ଗ୍ରୁପ୍ ଆର୍ଥିକ ସଙ୍କଟ ଦେଇ ଗତି କରୁଛି ଏବଂ ଋଣ ଶୁଝିବା ପାଇଁ ସଂଘର୍ଷ କରୁଛି। ଅନ୍ୟପଟେ ଆମାଜନ ପକ୍ଷରୁ ଆଇନଗତ ଉଲ୍ଲଂଘନ ଦର୍ଶାଇ ଫ୍ୟୁଚର ଗ୍ରୁପ୍‌ର ବିକ୍ରି ଉପରେ ରୋକ ଲଗାଯାଇଛି। ଏହାଛଡ଼ା ମାର୍ଚ୍ଚ ମାସ ଆରମ୍ଭରେ ଏଫ୍‌ଆର୍‌ଏଲ୍ ନିର୍ଦ୍ଦେଶକ ରାହୁଲ୍ ଗର୍ଗ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଥିଲେ।

# ଆତ୍ମସମୀକ୍ଷା ଲାଗି ଏମ୍‌ପିମାନଙ୍କୁ ପ୍ରସନ୍ନଙ୍କ ପରାମର୍ଶ

**ନୂଆଦିଲ୍ଲୀ,୩୧।୩**

ଦେଶବାସୀଙ୍କୁ ସନ୍ତୁଷ୍ଟ କଲା ଭଳି କର୍ତ୍ତବ୍ୟ ଆମେ ସମ୍ପାଦନ କରିଛେ କି ନାହିଁ, ଆତ୍ମସମୀକ୍ଷା କରିବା ଲାଗି ରାଜ୍ୟ ସଭାରେ ୬ ବର୍ଷ କାର୍ଯ୍ୟକାଳ ପୂରଣ କରିବାକୁ ଯାଉଥିବା ସହକର୍ମୀମାନଙ୍କୁ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଗୁରୁବାର ପରାମର୍ଶ ଦେଇଛନ୍ତି। ରାଜ୍ୟ ସଭାରୁ ବିଜେଡି ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର ଏବଂ ଭାସ୍କର ରାଓ ଜୁଲାଇ ୧ରେ ଅବସର ନେବାକୁ ଯାଉଛନ୍ତି। ଉକ୍ତ ସଦନରେ ବିଦାୟକାଳୀନ ଉଦ୍‌ବୋଧନ ଦେଇ ପ୍ରସନ୍ନ କହିଥିଲେ, ୬ ବର୍ଷ ପରେ ସେ ଅବସର ନେଉଥିବାବେଳେ ଦେଶ ପାଇଁ ରଖିଥିବା ପ୍ରତିଶ୍ରୁତି ଓ ଗୃହରେ ନେଇଥିବା ଶପଥ ପୂରଣ କରିଛନ୍ତି କି ନାହିଁ, ତାହା ତାଙ୍କ ଅନ୍ତରାତ୍ମା ପ୍ରଶ୍ନ କରୁଛି। ପାର୍ଲାମେଣ୍ଟ ହେଉଛି ଏକ ମହାନ ଆନ୍ଦୋଳନର ଜୀବନ୍ତ ସାକ୍ଷୀ। କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କିତ ବିଲ୍ ଭଳି ଐତିହାସିକ ମୁହୂର୍ତ୍ତକୁ ବିଜେଡି ଏମ୍‌ପି ମନେ ପକାଇଥିଲେ। ତେବେ ପାର୍ଲାମେଣ୍ଟର ନିଷ୍ପତ୍ତି ଠିକ୍ ଥିଲା କି ନାହିଁ, ତାହା ପରବର୍ତ୍ତୀ ପିଢ଼ି ଓ ଇତିହାସ ନିଷ୍ପତ୍ତି ନେବ। ବିରୋଧୀ ଦଳ ବିନା ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ସଂଖ୍ୟାଗରିଷ୍ଠ ମତକୁ କାର୍ଯ୍ୟକାରୀ କରାଯାଉଥିବାବେଳେ କମ୍ ସଂଖ୍ୟକଙ୍କ ମତକୁ ଅଣଦେଖା କରାଯିବା ଉଚିତ ନୁହେଁ। ବିରୋଧୀ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଜୀବନ୍ତ କରିଥାନ୍ତି। ଏହା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ବିଜେଡି ଏମ୍‌ପି କହିଛନ୍ତି।

ସେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କୁ ତାଙ୍କର ସହଯୋଗ ଓ ପ୍ରୋତ୍ସାହନ ଲାଗି ଧନ୍ୟବାଦ ଜଣାଇବା ସହ ଉପାଧ୍ୟକ୍ଷଙ୍କୁ ଗୃହର ସୁପରିଚାଳନା ଲାଗି ପ୍ରଶଂସା କରିଥିଲେ। ତାଙ୍କୁ ଏକାଧିକ ସୁଯୋଗ ଦେଇଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସନ୍ନ ଧନ୍ୟବାଦ ଜଣାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ମନେ ପକାଇ ସେ କହିଥିଲେ, ମହାନ ସ୍ୱାଧୀନତା ସଂଗ୍ରାମୀ ବିଜୁବାବୁଙ୍କ ପରଲୋକରେ ତାଙ୍କ ମରଶରୀରକୁ ଭାରତ, ଇଣ୍ଡୋନେସିଆ ଓ ରୁଷିଆର ଜାତୀୟ ପତାକାରେ ଆବୃତ କରାଯାଇଥିଲା। ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ଲାଗି ବିଜେଡିର ଦାବିକୁ ପ୍ରସନ୍ନ ଦୋହରାଇଥିଲେ। ବିଜେଡିର କୌଣସି ସଦସ୍ୟ କେବେ ଗୃହରେ ବିଶୃଙ୍ଖଳା କରିବାକୁ ଉଦ୍ୟମ କରନ୍ତି ନାହିଁ। ଦଳ ଉକ୍ତ ପରମ୍ପରା ଜାରି ରଖିବା ସହ ଗୃହର ମର୍ଯ୍ୟାଦା ବଜାୟ ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସସ୍ମିତ୍ ପାତ୍ର ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓ ଗୃହର ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦାୟ ସମ୍ବର୍ଦ୍ଧନା ସଭାରେ ଉଦ୍‌ବୋଧନ ଦେବାବେଳେ ନାଇଡୁ ମଧ୍ୟ ଉଭୟ ଏମ୍‌ପିଙ୍କୁ ପ୍ରଶଂସା କରିଥିଲେ। ୭ ମନୋନୀତ ସଦସ୍ୟଙ୍କ ସମେତ ମୋଟ ୭୨ ରାଜ୍ୟ ସଭା ସଦସ୍ୟ ଜୁଲାଇ ସୁଦ୍ଧା ଅବସର ନେବାକୁ ଯାଉଥିବାବେଳେ ସେମାନଙ୍କୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2022033, ତା.25.03.2022ରିଖ

**କାର୍ଯ୍ୟର ନାମ :** ତାଳଚେର ଏବଂ ଗଞ୍ଜାମ ସ୍ଥିତ ଗୋପାଳପୁର ମଧ୍ୟରେ ନୂଆ B.G. ଲାଇନ୍ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ (FLS) କାର୍ଯ୍ୟ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 501.53** ଲକ୍ଷ, EMD (ଟଙ୍କାରେ): 4,00,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.04.2022ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା / ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-156/CE/21-22



**JDCA**
JD Centre of Art

**Notice Inviting Tender of uPVC/Aluminium works, JD Centre of Art, Bhubaneshwar (Extension)**

Applications are invited for the uPVC/Aluminium window & aperture works of JD Centre of Art with built up area about 20,000 sq.ft. at A5 Jagmara, near Khandagiri Chakka, NH5, Khandagiri, Bhubaneswar.

| Estimated Cost of Works (uPVC/ Alu.): Rs. 13,00,000/- | Earnest Money Deposit 2% quoted: Rs. 26,000/- | Cost of Tender Document, to be paid online: Rs. 1,500/- |
|---|---|---|
| Date of Publication | Late Date of Submission | Date of Tender Opening |
| 15.03.2022 | 1100 hrs, 06.04.2022 | 1830 hrs, 06.04.2022 |
| Execution Timeline | | 60 days |

For queries & tender document: spaces@jdcentreofart.org
A20 VIP Colony, Nayapalli, Bhubaneswar 751015
T: 0674 2554195, 2555077 M: 9310322133 www.jdcentreofart.org



**ଓଡ଼ିଶା ଲଳିତ କଳା ଏକାଡେମୀ**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)
ସଂସ୍କୃତି ଭବନ, ଭୁବନେଶ୍ୱର – ୭୫୧୦୧୪
ଦୂରଭାଷ ନଂ. ୦୬୭୪–୨୪୩୧୬୧୨, ୨୪୩୧୬୧୧

**୪୦ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଓ ପୁରସ୍କାର**

ଆସନ୍ତା ୨୦୨୨–୨୩ ମସିହା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟସ୍ତରୀୟ ଚିତ୍ରକଳା/ମୁଦ୍ରଣକଳା/ଭାସ୍କର୍ଯ୍ୟ/ପାରମ୍ପରିକ ଚିତ୍ରର ପ୍ରଦର୍ଶନୀ ଆୟୋଜନ କରାଯିବ। ଉକ୍ତ ବିଭାଗଗୁଡ଼ିକରେ ଶ୍ରେଷ୍ଠ କୃତି ପାଇଁ ସର୍ବମୋଟ ୮ଗୋଟି ପୁରସ୍କାର କୃତୀ ଶିଳ୍ପୀମାନଙ୍କୁ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା, ମାନପତ୍ର ଓ ଟ୍ରଫି ସହିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କରାଯିବ। ଆଗ୍ରହୀ ଶିଳ୍ପୀମାନେ ନିୟମାବଳୀ ଓ ଫର୍ମ ଏକାଡେମୀ Website: **www.odishalalitkalaakademi.org**ରୁ ଡାଉନ୍‌ଲୋଡ କରି ପାରିବେ। ଇଚ୍ଛୁକ ଶିଳ୍ପୀମାନେ ଏକାଡେମୀ ନିୟମାବଳୀ ଅନୁପାଳନ ସହ ନିର୍ଦ୍ଧାରିତ ଫର୍ମରେ ନିଜର ଦୁଇଟି ରଙ୍ଗିନ ପାସ୍‌ପୋର୍ଟ ଫଟୋ, ନିଜର କଳା କୃତିର ସର୍ବାଧିକ ୨ଗୋଟି ୭'' × ୫'' ଆକାରର ରଙ୍ଗିନ ଫଟୋ ଓ ପ୍ରବେଶିକା ଦେୟ ୨୦୦ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟକୁ ତା୨୦।୦୪।୨୦୨୨ରିଖରୁ ତା୩୦।୦୪।୨୦୨୨ରିଖ ମଧ୍ୟରେ ପ୍ରେରଣ କରିପାରିବେ।

ପଞ୍ଚାନନ ସାମଲ
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ



**ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ**
ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ, ସମ୍ବଲପୁର, ସରକାର୍ଣ୍ଣ ଚୌକ, ସେଂଟ ଜନସ ସ୍କୁଲ ସମ୍ମୁଖ, ଏନଏଚ୬, ସାଖୀପଡ଼ା ରୋଡ଼, ସମ୍ବଲପୁର, ଓଡ଼ିଶା- ୭୬୮୦୦୬

**ଭ୍ରମ ସଂଶୋଧନ**

ଏହି କାର୍ଯ୍ୟାଳୟର ବିଜ୍ଞପ୍ତି ନଂ ୧୧୨୦/ଏନଏଚଏଆଇ/ପିଆଇୟୁ/ଏସବିପି/ଏନଏଚ ୫୭ (୦ରୁ ୪୫.୭୫୦) /ଟୋଲ/୩୨୦/୨୦୨୨ ଏବଂ ନଂ ୧୧୦୪୦/ଏନଏଚଏଆଇ/ପିଆଇୟୁ/ଏସବିପି/ ଏନଏଚ ୫୭ (୧୪୦.୯୦୦ରୁ ୨୨୪.୯୦୦) /ଟୋଲ/୩୨୧/୨୦୨୨ ଉଭୟର ତାରିଖ ୨୮.୦୩.୨୦୨୨ରେ ବଲାଙ୍ଗିର ଟାଉନ ନିକଟ ସିଏଚ୧୫.୨୫୦ରେ ଫି ପ୍ଲାଜା ପାଇଁ ୟୁଜର ଫି ନିର୍ଦ୍ଧାରଣ ଓ ରଙ୍ଗମାଟିଆ ଗ୍ରାମ ନିକଟ ସିଏଚ୧୯୦.୦୫୦ରେ ଫି ପ୍ଲାଜା ପାଇଁ ୟୁଜର ଫି ନିର୍ଦ୍ଧାରଣ ନିମନ୍ତେ ତା ୩୦.୦୩.୨୦୨୨ରେ ଉଭୟ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ବିଜ୍ଞାପନ ପ୍ରକାଶ ପାଇଥିଲା । ଉଭୟ ପ୍ଲାଜା ପାଇଁ ୟୁଜର ଫି ଆଦାୟ ସମୟ ଓ ତାରିଖକୁ ତା ୦୧.୦୪.୨୦୨୨ର୦୮.୦୦ଘ. ପରିବର୍ତ୍ତେ ତା ୦୧.୦୪.୨୦୨୨ର୦୦.୦୦ଘ. ପଢ଼ିବାକୁ ଅନୁରୋଧ । ଅନ୍ୟ ସମସ୍ତ ଫି ରୂପରେଖ ଅପରିବର୍ତ୍ତିତ ରହିବ । ଫୋନ ନଂ.(୦୬୬୩)୨୫୪୮୯୬୬. ଇମେଲ : piusambalpur@nhai.org, nhaisambalpur@gmail.com

ସ୍ୱା/-ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ


# ଓଡ଼ିଶାରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ର



**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ର ଗୁରୁବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ସଚିବ ଚନ୍ଦ୍ର ମନ୍ତ୍ରଣାଳୟ ଅଧୀନ ରାଜ୍ୟର ସମସ୍ତ ବିଭାଗର କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସେ ୧୯୮୮ ବ୍ୟାଚ ଭାରତୀୟ ପ୍ରଶାସନିକ ସେବା ମହାରାଷ୍ଟ୍ର କ୍ୟାଡରର ବରିଷ୍ଠ ଅଧିକାରୀ। ଏହାପୂର୍ବରୁ ସେ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟର ସଚିବ, ପ୍ରତିରକ୍ଷା ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ତଥା ମହାରାଷ୍ଟ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଥିଲେ।


ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର

**ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର**
(ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ)

**ସାଂସ୍କୃତିକ ପ୍ରତିଭା ସନ୍ଧାନ ଛାତ୍ରବୃତ୍ତି ଯୋଜନା - ୨୦୨୧-୨୨ ଏବଂ ୨୦୨୨-୨୩**

ସିସିଆର୍‌ଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍କୁଲ କିମ୍ବା ପାରମ୍ପରିକ ପ୍ରଦର୍ଶନ କଳାରେ ଅଭ୍ୟାସରତ ପରିବାରର ୧୦ରୁ ୧୪ ବର୍ଷ ବୟସ (କଟ୍-ଅଫ୍ ଯୋଗ୍ୟତା ତାରିଖ ଅନୁସାରେ) ବର୍ଗର ଚୟନ କରାଯାଇଥିବା ଅତି ପ୍ରତିଭାଶାଳୀ ଶିଶୁଙ୍କୁ ସଙ୍ଗୀତ, ନୃତ୍ୟ, ନାଟକ, ଚିତ୍ରକଳା, ଶିଳ୍ପକଳା, ହସ୍ତକଳା ଏବଂ ସାହିତ୍ୟିକ କଳା ଭଳି ବିଭିନ୍ନ ସାଂସ୍କୃତିକ କ୍ଷେତ୍ର, ବିଶେଷକରି ବିଲୁପ୍ତପ୍ରାୟ ସ୍ଥିତିରେ ଥିବା ଦୁର୍ଲଭ କଳା ଉପରେ ବିଶେଷ ଗୁରୁତ୍ୱ ସହିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ହାସଲ କରିବା ପାଇଁ ସାଂସ୍କୃତିକ ପ୍ରତିଭା ସନ୍ଧାନ ଛାତ୍ରବୃତ୍ତି ଯୋଜନାର କାର୍ଯ୍ୟାନ୍ୱୟନ କରାଯାଉଛି । ଏହି ଯୋଜନା ଅଧୀନରେ ଦିଆଯାଉଥିବା ଛାତ୍ରବୃତ୍ତି ଏକାଥରକେ ଦୁଇବର୍ଷ ପାଇଁ ପ୍ରଦାନ କରାଯାଇଥାଏ, ଯାହାକୁ ଶିକ୍ଷାର ପ୍ରଥମ ବିଶ୍ୱବିଦ୍ୟାଳୟ ଡିଗ୍ରୀ ସ୍ତର ସମ୍ପୂର୍ଣ୍ଣ ହେବା କିମ୍ବା ୨୦ ବର୍ଷ, ଯାହା ପୂର୍ବରୁ ହେଉଥିବ, ପର୍ଯ୍ୟନ୍ତ ପ୍ରତି ଦୁଇବର୍ଷରେ ନବୀକରଣ କରାଯାଇପାରିବ ।
ନିମ୍ନ ବିବରଣୀ ଅନୁଯାୟୀ ପ୍ରତିବର୍ଷ ୬୫୦ ଗୋଟି ଛାତ୍ରବୃତ୍ତି ପ୍ରଦାନ କରାଯିବ:

| | |
|---|---|
| ସାଧାରଣ ବର୍ଗ ଏବଂ ଅନ୍ୟାନ୍ୟ ବର୍ଗ ପାଇଁ ୩୭୫ଟି ଛାତ୍ରବୃତ୍ତି | ପାରମ୍ପରିକ କଳାକାର ପରିବାର ପାଇଁ ୧୨୫ଟି ଛାତ୍ରବୃତ୍ତି |
| ଜନଜାତୀୟ ସଂସ୍କୃତି/ଅନୁସୂଚିତ ଜନଜାତି ବର୍ଗ ପାଇଁ ୧୦୦ଟି ଛାତ୍ରବୃତ୍ତି | ଭିନ୍ନକ୍ଷମ (ଦିବ୍ୟାଙ୍ଗ)ଙ୍କ ପାଇଁ ୨୦ଟି ଛାତ୍ରବୃତ୍ତି |
| ସୃଜନାତ୍ମକ ଲିଖନ/ସାହିତ୍ୟିକ କଳା ପାଇଁ ୩୦ଟି ଛାତ୍ରବୃତ୍ତି | |

ଛାତ୍ରବୃତ୍ତିର ପରିମାଣ ହେଉଛି ବାର୍ଷିକ ଟ.୩୬୦୦/– (ତିନି ହଜାର ଛଅଶହ ଟଙ୍କା) ଏବଂ ବିଶେଷ ପ୍ରଶିକ୍ଷଣ ଲାଗି ପୈଠ କରାଯାଇଥିବା ବାସ୍ତବ ଟ୍ୟୁସନ୍ ଦେୟ ମଧ୍ୟ ବାର୍ଷିକ ଟ.୯୦୦୦/– (ନଅ ହଜାର ଟଙ୍କା) ପର୍ଯ୍ୟନ୍ତ ଭରଣା କରାଯିବ । ତା୦୧।୦୭।୨୦୦୭ ଓ ୩୦।୦୬।୨୦୧୧ (ଉଭୟ ଦିବସ ଅନ୍ତର୍ଭୁକ୍ତ) ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁମାନେ ବର୍ଷ ୨୦୨୧–୨୨ ନିମନ୍ତେ ଯୋଗ୍ୟ ହେବେ ଏବଂ ତା୦୧।୦୭।୨୦୦୮ ଓ ତା୩୦।୦୬।୨୦୧୨ରିଖ (ଉଭୟ ଦିବସ ଅନ୍ତର୍ଭୁକ୍ତ) ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁମାନେ ବର୍ଷ ୨୦୨୨–୨୩ ନିମନ୍ତେ ଯୋଗ୍ୟ ହେବେ । ଦରଖାସ୍ତ ଏବଂ ଅନ୍ୟାନ୍ୟ ବିବରଣୀ ସିସିଆର୍‌ଟି ୱେବ୍‌ସାଇଟ୍ – **www.ccrtindia.gov.in**ରୁ ଡାଉନ୍‌ଲୋଡ୍ କରାଯାଇପାରିବ କିମ୍ବା ନିମ୍ନଲିଖିତ ଯେକୌଣସି ଠିକଣାରୁ ବ୍ୟକ୍ତିଗତ ଭାବେ/ଡାକରେ ବିନା ଦେୟରେ ସଂଗ୍ରହ କରାଯାଇପାରିବ ।

| | |
|---|---|
| ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର, ୧୫ ଏ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ - ୧୧୦୦୭୫ ଫୋନ୍ ନଂ.: ୦୧୧-୨୫୩୦୯୩୦୦ ଇ-ମେଲ୍: ddsch.ccrt@nic.in ୱେବ୍‌ସାଇଟ୍: www.ccrtindia.gov.in | ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ସିଆଇଆଇ ସମ୍ମୁଖ, ନୂଆ ଗୁଗଲ ଅଫିସ୍, ମାଧପୁରରୁ କୋଣ୍ଡାପୁର ମେନ୍ ରୋଡ୍, ମାଧପୁର, ହାଇଦ୍ରାବାଦ-୫୦୦୦୮୪, ତେଲେଙ୍ଗାନା ଫୋନ୍ ନଂ.୦୪୦-୨୩୧୧୭୦୫୦ ଟେଲିଫାକ୍ସ: ୦୪୦-୨୩୧୧୧୯୧୮, ଇମେଲ୍: rchyd.ccrt@nic.in |
| ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ୩ ବି, ଆମ୍ବାଭଗଡ଼, ସ୍ୱରୂପ ସାଗର ନିକଟ, ଉଦୟପୁର - ୩୧୩୦୦୧, ରାଜସ୍ଥାନ, ଫୋନ୍ ନଂ: ୦୨୯୪-୩୨୯୧୫୬୭; ୨୪୩୦୭୬୪, ଟେଲିଫାକ୍ସ: ୦୨୯୪-୨୪୩୦୭୭୧, ଇମେଲ୍: rcud.ccrt@nic.in | ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ୫୮, ଜୁରି ପାର, ପଞ୍ଜାବାରି ରୋଡ୍, ଗୁଆହାଟୀ - ୭୮୧୦୩୭, ଆସାମ ଫୋନ୍ ନଂ.୦୩୬୧-୨୩୩୦୧୫୨ ଟେଲିଫାକ୍ସ: ୦୩୬୧-୨୩୩୫୩୧୬ ଇମେଲ୍: rcgwt.ccrt@nic.in |
| ସିସିଆର୍‌ଟି ଆଞ୍ଚଳିକ କେନ୍ଦ୍ର, ପୁରୁଣା କଲେକ୍ଟୋରେଟ୍ ବିଲ୍ଡିଂ, ଦାମୋହ, ମଧ୍ୟପ୍ରଦେଶ - ୪୭୦୬୬୧ ଫୋନ୍ ନଂ. ୦୭୮୧୨-୨୯୯୧୮୭ ଇମେଲ୍: rcdamoh-ccrt@gov.in | |

davp 09127/12/0024/2122

ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଫର୍ମ ସହିତ ତତ୍‌ସମ୍ବନ୍ଧୀୟ ଦସ୍ତାବିଜ ସିସିଆର୍‌ଟି, ନୂଆଦିଲ୍ଲୀ-୧୧୦୦୭୫ ଠିକଣାରେ ଶନିବାର, ୩୦ ଏପ୍ରିଲ, ୨୦୨୨ କିମ୍ବା ତାହା ପୂର୍ବ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ଡାକ ବିଳମ୍ବ ପାଇଁ ସିସିଆର୍‌ଟି ଦାୟୀ ରହିବ ନାହିଁ ଏବଂ ଶେଷ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।





## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ପକ୍ଷରୁ ଓଡ଼ିଶା ଦିବସ, ଏଜି ଛକ, ସକାଳ ୮ଟା।
- ସତ୍ୟଭାମା ଦେବୀ ୱେଲଫାୟାର ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଦିବସ, ସତ୍ୟଭାମା ଦେବୀ କଲେଜ, ପୂର୍ବାହ୍ନ ୧୦ଟା।
- ଭାଷା ଆନ୍ଦୋଳନ ପକ୍ଷରୁ ମାତୃ ଭାଷା ପ୍ରେମୀର ଦ୍ୱିତୀୟ ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ, ଲୋହିଆ ଏକାଡେମୀ ସମ୍ମିଳନୀ କକ୍ଷ, ୟୁନିଟ-୯, ପୂର୍ବାହ୍ନ ୧୦ଟା।
- ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଶା ଦିବସ ଅବସରରେ ଡିଜିଟାଲ ପ୍ରକାଶନର ଶୁଭାରମ୍ଭ ଓ ଆଲୋଚନାଚକ୍ର, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ପୂର୍ବାହ୍ନ ୧୦ଟା ୩୦।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ଓଡିଶା ମିରର୍ ପକ୍ଷରୁ ଉତ୍କଳ ଉତ୍କର୍ଷ ସମ୍ମାନ, ବୁଦ୍ଧ ମନ୍ଦିର, ଅପରାହ୍ନ ୪ଟା ୩୦।
- ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହ, ପ୍ରଦର୍ଶନୀ ପଡିଆ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ସଂଭାବନା ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଦ୍ୱାରା ଆୟୋଜିତ ଉତ୍କଳ ଦିବସ ସମାରୋହ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।

**କଟକ**
- ଉତ୍କଳ ଦିବସ ଅବସରରେ ଲିସା ପକ୍ଷରୁ ସାଇକେଲ ରାଲି ଓ ପ୍ରଭାତ ପରିକ୍ରମା, ଲିସା କାର୍ଯ୍ୟାଳୟ, ସେକ୍ଟର-୬, ସିଡିଏ, ସକାଳ ୭ଟା।
- ଓଡ଼ିଶା ପୋଲିସର ରାଜ୍ୟସ୍ତରୀୟ ୮୭ତମ ପ୍ରତିଷ୍ଠା ଦିବସ, ଓଏସ୍‌ଏପି ଷଷ୍ଠ ବାଟାଲିୟନ ଗ୍ରାଉଣ୍ଡ, ପୂର୍ବାହ୍ନ ୮ଟା।
- ଓଡ଼ିଶା ଲୋକସେବା ଆୟୋଗର ୭୪ତମ ପ୍ରତିଷ୍ଠା ଦିବସ, ଆୟୋଗ କ୍ୟାମ୍ପସ୍, ପୂର୍ବାହ୍ନ ୧୧ଟା ୩୦।

**ପୁରୀ**
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଓ ବନ୍ଦେ ଉତ୍କଳ ଜନନୀ ଗାନ, ଜିଲା ସଂସ୍କୃତି ଭବନ, ସକାଳ ୫ଟାରୁ ଆରମ୍ଭ।
- ଆଶ୍ୱସ୍ତି ଫାଉଣ୍ଡେଶନ୍ ପକ୍ଷରୁ ରକ୍ତଦାନ ଶିବିର, ମଙ୍ଗଳାଘାଟ କାର୍ଯ୍ୟାଳୟ ପରିସର, ସକାଳ ୮ ଟା।
- ଉତ୍କଳ ସମ୍ମିଳନୀ ପୁରୀ ଶାଖା ପକ୍ଷରୁ ଓଡ଼ିଶା ଦିବସ ସମାରୋହ, ଭକ୍ତ ସାଲବେଗ ପୀଠ, ପୂର୍ବାହ୍ନ ୧୦ଟା।
- ଉତ୍କଳ ଜନନୀ ସେବା ସମିତି ପକ୍ଷରୁ ଓଡ଼ିଶା ଦିବସ ପାଳନ, ରାମଚଣ୍ଡୀ ବାଲିକୁଦ ସାହି, ପୂର୍ବାହ୍ନ ୧୧ଟା ।
- ଓଡିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଓଟିଡିସି ପକ୍ଷରୁ କାଫେଟେରିଆର ଶୁଭାରମ୍ଭ, ସ୍ୱର୍ଗଦ୍ୱାର ନିକଟ, ପୂର୍ବାହ୍ନ ୧୧ଟା ୩୦।

# ବ୍ରାଉନସୁଗାର ମାଫିଆଙ୍କ କୋଟିଏ ଟଙ୍କାର ସମ୍ପତ୍ତି ଜବତ

**ପୁରୀ ଅଫିସ,୩୧।୩**

ପୁରୀରେ ବ୍ରାଉସୁଗାର ସମେତ ନିଶା କାରବାର ବଢ଼ି ଚାଲିଥିବା ବେଳେ ପୁରୀ ପୋଲିସକୁ ଏକ ବଡ଼ଧରଣର ସଫଳତା ମିଳିଛି। ପୁରୀ ସମେତ ଜିଲାରେ ବ୍ରାଉନସୁଗାର କାରବାର ଚଳାଉଥିବା ଜଣେ ବଡ଼ ବେପାରୀଙ୍କୁ ପୋଲିସ କାବୁ କରିଛି। ସେ ହେଲେ ପୁରୀ ନିକଟ ଗଡ଼ିଶାଗଦାସ୍ଥିତ ସୁନାଖଳାର ଅନିରୁଦ୍ଧ ଜୟସିଂହ। ପୋଲିସ ଅନିରୁଦ୍ଧଙ୍କୁ ଜାନୁୟାରୀରୁ ଗିରଫ କରିଥିବା ବେଳେ ୧୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ସେ ଜଣେ ବଡ଼ ନିଶା ବେପାରୀ ଥିବାରୁ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଏବେ ସୁଦ୍ଧା ପ୍ରାୟ ୧କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିବା ଏସ୍‌ପି କନଓ୍ୱର ବିଶାଳ ସିଂ ଗୁରୁବାର ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଏଥିସହ ଅନିରୁଦ୍ଧଙ୍କ ୨ଟି ଜେସିବି, ଗୋଟିଏ କାର୍, ସୁନାଗହଣା, ଘରୋଇ ସାମଗ୍ରୀ ଓ ହାର୍ଡଓ୍ୱେର ଦୋକାନ ଓ ସିମେଣ୍ଟ ଗୋଦାମକୁ ଜବତ କରାଯାଇଛି। ଡିଏସ୍‌ପି ମନୋବ୍ରତ ଶତପଥୀ, ଅରଖକୁଦା ସାମୁଦ୍ରିକ ଥାନାର ଆଇଆଇସି ବିଜୟ କେତନ ବେହେରା ଓ ବାସେଳୀ ସାହି ଆଇଆଇସି କୁଳମଣୀ ସେଠୀଙ୍କ ମିଳିତ ଟିମ୍ ବିଭିନ୍ନ ସ୍ଥାନରେ


ଏସ୍‌ପି ସୂଚନା ଦେଉଛନ୍ତି।


ଜବତ ଅଳଙ୍କାର।

ଚଢ଼ାଉ କରି ଉକ୍ତ ସମ୍ପତ୍ତି ଜବତ କରିଛନ୍ତି।

ସୂଚନା ଅନୁଯାୟୀ, ଜାନୁୟାରୀ ୭ରେ ପୁରୀର ବାସେଳିସାହି ଅଞ୍ଚଳରେ ଅନିରୁଦ୍ଧଙ୍କ ଉପସ୍ଥିତିରେ ବ୍ରାଉନସୁଗାର ବିକ୍ରି ହେଉଥିଲା। ବିଶେଷସୂତ୍ରରୁ ଖବରପାଇ ପୋଲିସ ସେଠାରେ ପହଞ୍ଚି ଚଢ଼ାଉ କରି ଅନିରୁଦ୍ଧଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କଠାରୁ ୧୪୦ ଗ୍ରାମର ବ୍ରାଉନସୁଗାର ସମେତ ଅନ୍ୟ ନିଶାଦ୍ରବ୍ୟ ପାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ପୁରୀ ଏସ୍‌ପି କନଓ୍ୱର ବିଶାଲ ସିଂ ଏକ ଆର୍ଥିକ ଅନୁସନ୍ଧାନକାରୀ ଟିମ୍ ଗଠନ କରି ମାମଲାର ଖୋଳତାଡ଼ କରିଥିଲେ। ପାଖାପାଖି ୨ ମାସର କସରତ ପରେ ପୁରୀ ପୋଲିସକୁ ଗୁରୁବାର ଏହି ସଫଳତା ମିଳିଛି। ପୁରୀ ସହରରେ ବ୍ରାଉନସୁଗାର ବେପାରୀ ଭାବେ ଅନିରୁଦ୍ଧ କୁଖ୍ୟାତ ଥିବାବେଳେ ନିଶାସେବନ କରୁଥିବା ଯୁବଗୋଷ୍ଠୀଙ୍କୁ ନିଶାବେପାରରେ ସାମିଲ କରୁଥିବା ଅଭିଯୋଗ ହେଉଥିଲା। ବ୍ରାଉନସୁଗାର ବେପାରରୁ ହୋଇଥିବା ଆୟରେ ୧ କୋଟି ୧୭ ହଜାର ୨୭୬ ଟଙ୍କା ମୂଲ୍ୟର ସମ୍ପତ୍ତି ଠୁଳ କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଅନିରୁଦ୍ଧଙ୍କ ନାମରେ ନିଶା ବେପାର କରୁଥିବା ଅଭିଯୋଗରେ ଗଡ଼ିଶାଗୋଦା ଥାନା, ଭୁବନେଶ୍ୱର ଶହୀଦନଗର ଥାନା, ଜଙ୍କିଆ ଥାନାରେ ବିଭିନ୍ନ ମାମଲା ରହିଛି। ସେହିଭଳି ବାସେଳି ସାହି ଥାନାରେ ମଧ୍ୟ ନମ୍ବର ୮/୨୨ରେ ଏନଡିପିଏସ୍ ଆକ୍ଟ ୨୧(ବି) ଓ ୨୯ରେ ମାମଲା ରୁଜୁ ହୋଇଥିଲା।

ଏସ୍‌ପି ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି, ପୁରୀ ଜିଲାକୁ ନିଶାମୁକ୍ତ କରିବା

- ୩ ମାସରେ ୧.୩୯୨ କେଜି ବ୍ରାଉନସୁଗାର ଜବତ, ୨୧ ଗିରଫ
- ସ୍ୱେଶାଲ ଟାସ୍କ ଫୋର୍ସ ଗଠନ ହୋଇ ଚଢ଼ାଉ ଚାଲିଛି

ପାଇଁ ଜୋରଦାର ଅଭିଯାନ ଚାଲିଛି। ଏଥିପାଇଁ ସ୍ୱେଶାଲ୍ ଟାସ୍କ ଫୋର୍ସ ଗଠନ ହୋଇଛି। ସ୍ୱେଶାଲ ଡ୍ରାଇଭ୍‌ରେ ୨୦୨୨ ଆରମ୍ଭରୁ ଏପର୍ଯ୍ୟନ୍ତ ପାଖାପାଖି ୧ କେଜି ୩୯୨ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ୨୧ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି କ୍ରମରେ ଗୁରୁବାର ଅନିରୁଦ୍ଧ ଜୟସିଂହଙ୍କ ୧ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ ହୋଇଛି। କୋଲକାତାକୁ କାଗଜପତ୍ର ପଠାଯାଇଛି। ହ୍ୱାଟ୍‌ସଆପ୍ ମାଧ୍ୟମରେ ଏକ ଟୋଲ ଫ୍ରି ନମ୍ବର ଇସ୍ୟୁ ହୋଇଛି। ପୁରୀ ଜିଲାବାସୀ ବ୍ରାଉନସୁଗାର ବେପାରୀ କିମ୍ବା ମାଫିଆଙ୍କ ସମ୍ପର୍କିତ ସୂଚନା ପୋଲିସକୁ ଯୋଗାଇବା ପାଇଁ ଅପିଲ କରାଯାଇଛି। ସେହିଭଳି ଅନିରୁଦ୍ଧ ସହ ଆହୁରି ୪ଜଣ ବ୍ରାଉନସୁଗାର ବେପାରୀ ମଧ୍ୟ ଜାନୁୟାରୀ ୭ରେ ଗିରଫ ହୋଇଥିଲେ। କିଭଳି ବ୍ରାଉନସୁଗାର ସେବନକୁ କମାଯିବ ସେନେଇ ପୋଲିସ ବିକଳ୍ପ ପ୍ରସ୍ତୁତି କରୁଛି ବୋଲି ଏସ୍‌ପି କହିଛନ୍ତି।


ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ୭୪ ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଗୁରୁବାର କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ କୋଠାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ଆଜି ଓପିଏସ୍‌ସିର ପ୍ରତିଷ୍ଠା ଦିବସ

**କଟକ ଅଫିସ,୩୧।୩**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ୭୪ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଆୟୋଗ ପରିସରରେ ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏଥିରେ ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପ୍ରତୀକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ପ୍ରଥମଥର ପାଇଁ ପ୍ରତିଷ୍ଠା ଦିବସ ପାଳନ କରାଯାଉଥିବାରୁ କାର୍ଯ୍ୟାଳୟ କୋଠାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି ବୋଲି ଓପିଏସ୍‌ସି ସଚିବ ଆଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଭ୍ରମରବର


@ ରଞ୍ଜନ


@ ସସ୍ମିତା


@ ଚିତ୍ତରଞ୍ଜନ


@ ସୁଦର୍ଶନ


@ ସ୍ମିତାମୟୀ

## ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରାଅ: ହାଇକୋର୍ଟ

**କଟକ ଅଫିସ,୩୧।୩:** ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରାଇବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିଟ୍‌ଫଣ୍ଡ ସଂସ୍ଥା ଜିଏଲ୍‌ପି ଡେଭଲପର୍ସର ଜବତ ହୋଇଥିବା ୪୮ କୋଟି ଟଙ୍କାକୁ ଏହାର ଜମାକାରୀଙ୍କୁ ଫେରାଇ ଦେବାକୁ ସଂସ୍ଥା ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ଚିହ୍ନଟ ଜମାକାରୀଙ୍କୁ ଯାଞ୍ଚ କରିବା ସହ ଫାଷ୍ଟ କମ୍ ଫାଷ୍ଟ ସର୍ତ୍ତ ଆଧାରରେ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାତୀଙ୍କୁ ଆନ୍ଥ୍ରାକ୍ସ ଭ୍ୟାକ୍‌ସିନ

**ବାରଙ୍ଗ,୩୧।୩(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଛୋଟ ହାତୀ ମାମା, ବଡ଼ହାତୀ ବାସନ୍ତି, ପ୍ରେମା ଓ ହୀରାକୁ ଗୁରୁବାର ଆନ୍ଥ୍ରାକ୍ସ ଭ୍ୟାକ୍‌ସିନ୍ ଦିଆଯାଇଛି। ଆନ୍ଥ୍ରାକ୍ସ ଏକ ଭୟାନକ ସଂକ୍ରମଣ ଜୀବାଣୁ। ତେଣୁ ସଂକ୍ରମଣରୁ ସେମାନଙ୍କୁ ରକ୍ଷା କରିବା ପାଇ ଭ୍ୟାକସିନ ଦିଆଯାଇଛି।

# ଅର୍ଥସେବା ଅଧିକାରୀଙ୍କୁ ମିଳିବ ଉଚ୍ଚତର ତାଲିମ

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ)**

**ମଧୁସୂଦନ ଏକାଡେମୀ-ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

ଓଡ଼ିଶା ଅର୍ଥସେବା ଅଧିକାରୀଙ୍କୁ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଉଚ୍ଚତର ତାଲିମ ପ୍ରଦାନ କରାଯିବ। ଏ ନେଇ ଗୁରୁବାର ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକାଡେମୀ ନିର୍ଦ୍ଦେଶକ ନିହାର ରଞ୍ଜନ ସ୍ୱାଇଁ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ସ୍ୱାକ୍ଷର କରିଥିଲେ। ଅର୍ଥ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ବିଶାଳ ଦେବ ଯୋଗଦେଇଥିଲେ। ଏହା ଆମ ରାଜ୍ୟର ଅର୍ଥସେବା ଅଧିକାରୀଙ୍କ ଗୁଣାତ୍ମକମାନ ବୃଦ୍ଧି କରିବା ସହ ରାଜ୍ୟର ବିତ୍ତୀୟ ପରିଚାଳନା କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀ ନିର୍ଦ୍ଦେଶକ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇ ଯୋଜନାର ରୂପରେଖ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପାଠ୍ୟକ୍ରମ ଅଧୀନରେ ଅର୍ଥସେବା ଶିକ୍ଷାନବିସମାନେ ସେମାନଙ୍କର ବର୍ଷବ୍ୟାପୀ ପଦାସୀନ ତାଲିମ ସହ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଏକବର୍ଷିଆ ସ୍ନାତକୋତ୍ତର ଡିପ୍ଲୋମା ସାର୍ଟିଫିକେଟ ହାସଲ କରିପାରିବେ। ଏହା ସେମାନଙ୍କ ଭବିଷ୍ୟତ କାର୍ଯ୍ୟଶୈଳୀକୁ ଅଧିକ ଗୁଣାତ୍ମକ କରିବା ସହିତ ଅର୍ଥସେବା କ୍ଷେତ୍ରରେ କ୍ୟାରିଅର ଉନ୍ନତି ଦିଗରେ ସହାୟକ ହୋଇପାରିବ ବୋଲି ସ୍ୱାଇଁ କହିଥିଲେ।

# 'ଓଡ଼ିଶାରେ ଉର୍ଦ୍ଦୁ ଶିକ୍ଷାକୁ ଶେଷ କରିବା ପାଇଁ ଚକ୍ରାନ୍ତ ଚାଲିଛି'

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

ରାଜ୍ୟରୁ ଉର୍ଦ୍ଦୁ ଭାଷାକୁ ଶେଷ କରିଦିଆଯିବାକୁ ଚକ୍ରାନ୍ତ ଚାଲିଛି ବୋଲି ଓଡ଼ିଶା ଉର୍ଦ୍ଦୁ ସର୍କଲ ପକ୍ଷରୁ ଅଭିଯୋଗ କରାଯାଇଛି। ମଡର୍ନ ଇଣ୍ଡିଆନ ଲାଙ୍ଗୁଏଜ୍ ମଧ୍ୟରୁ ଉର୍ଦ୍ଦୁ ଅନ୍ୟତମ ହୋଇଥିଲେ ସୁଦ୍ଧା ଏହାର ଉନ୍ନତି ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବା ବଦଳରେ ଏହାକୁ ମୂଳପୋଛ କରିବାକୁ ବସିଛନ୍ତି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ରିପବ୍ଲିକ ପାର୍ଟି ଅଫ ଇଣ୍ଡିଆର ରାଜ୍ୟ ସଭାପତି ଶେଖ ଅବଦୁଲ ୱାଲି କହିଛନ୍ତି। ୧୧୦ ବର୍ଷ ତଳେ କଟକରେ ଉର୍ଦ୍ଦୁ ବିଷୟରେ ଏକ ଶିକ୍ଷକ ଟ୍ରେନିଂ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା। ରାଜ୍ୟ ସରକାର କେତେକ ମୁସଲମାନ ଗ୍ରାମରେ ଥିବା ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ କରି ମୁସ୍‌ଲିମ୍ ବସ୍ତି ଉଚ୍ଚ ପ୍ରାଥମିକ କରିଥିଲେ। ଭୁବନେଶ୍ୱରରେ ଥିବା ଉର୍ଦ୍ଦୁ ଏକାଡ଼େମୀ ପାଇଁ ରାଜ୍ୟ ବଜେଟରେ ଅନୁଦାନ ରହୁନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉର୍ଦ୍ଦୁ /ପାର୍ସିଆନ୍ ଛାତ୍ରୀଛାତ୍ରଙ୍କୁ ଗତ ଏକବର୍ଷ ହେଲା ପୁସ୍ତକ ଦିଆଯାଇ ନାହିଁ। ଶିକ୍ଷା ଦର୍ପଣରେ ଉର୍ଦ୍ଦୁ ଏମ୍‌ଆଇଏଲ୍ ନାହିଁ। ଶିକ୍ଷକ ନିଯୁକ୍ତିରେ ଉର୍ଦ୍ଦୁ ଶିକ୍ଷକ ପଦ ପାଇଁ ବିଜ୍ଞାପନ ବାହାରୁ ନାହିଁ। ୪୦ କୋଟି ଟଙ୍କା ବ୍ୟୟରେ କଟକ ସିଡିଏରେ ହୋଇଥିବା ଉର୍ଦ୍ଦୁ ୟୁନିଭର୍ସିଟି କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି ୱାଲି ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଡଭୋକେଟ ମହମ୍ମଦ ଇମାମୁଦ୍ଦିନ, ପ୍ରତାପ ସାହୁ, ପୁଷ୍ପା ଦାଶ, ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍‌ଭଡ଼ା ବୃଦ୍ଧି ଜନବିରୋଧୀ

**ତୈଳ ଉପରୁ ଭାଟ୍ କମାନ୍ତୁ ସରକାର: ସମାଜବାଦୀ ପାର୍ଟି**

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

ତୈଳଦର ବୃଦ୍ଧି ପାଉଥିବା ଯୁକ୍ତି ଦର୍ଶାଇ ରାଜ୍ୟ ସରକାର ଗୁରୁବାର ବସ୍‌ଭଡ଼ା ବୃଦ୍ଧି କରିଛନ୍ତି। ବସଭଡ଼ା ବୃଦ୍ଧିକୁ ସମାଜବାଦୀ ପାର୍ଟି ବିରୋଧ କରିବା ସହ ଜନବିରୋଧୀ ବୋଲି କହିଛି। ଏ ନେଇ ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା କହିଛନ୍ତି, ଡିଜେଲ୍ ଦର କ୍ରମାଗତ ଭାବେ ବଢୁଥିବାରୁ ରାଜ୍ୟ ସରକାର ଗୁରୁବାର ବସ୍‌ଭଡ଼ା ବୃଦ୍ଧି କରିଥିବା ଯୁକ୍ତି ଦର୍ଶାଇଛନ୍ତି। ବଜାରରେ ଯେତେବେଳେ ବିଭିନ୍ନ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛି, ସେହି ସମୟରେ ବସ୍ ଭଡ଼ା ବୃଦ୍ଧି ଯୋଗୁ ଦରଦାମ୍ ଆହୁରି ବଢିଯିବ। ବସ୍‌ଭଡ଼ା ବୃଦ୍ଧିକୁ ଆଳ କରି ଟ୍ରକ, ଅଟୋ ଓ ମାଲ ପରିବହନ ଭଡ଼ା ମଧ୍ୟ ବୃଦ୍ଧି ପାଇବ। ଫଳରେ ଖାଦ୍ୟ ସାମଗ୍ରୀର ଦରଦାମ୍ ହୁ ହୁ ହୋଇ ବଢିଚାଲିବ, ଯାହା ସାଧାରଣ ଖାଉଟିଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ। ଜନସାଧାରଣ ତଥା ଖାଉଟିଙ୍କ ଉପରୁ ବୋଝ ଲାଘବ କରିବା ପାଇଁ ରାଜ୍ୟ ସରକାର ତୈଳ ଉପରୁ ଭାଟ୍ କମାନ୍ତୁ ବୋଲି ବେହେରା କହିଛନ୍ତି।

# ଭଗବତୀଙ୍କ ହୁଣ୍ଡିରୁ ମିଳିଲା ୫.୩୫ ଲକ୍ଷ ଟଙ୍କା



**ଖୋର୍ଦ୍ଧା ଅଫିସ/ବାଣପୁର, ୩୧।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ମା'ଭଗବତୀଙ୍କ ହୁଣ୍ଡି ଖୋଲାଯାଇଛି। ଚଳିତ ମାର୍ଚ୍ଚ ୩୦ ଓ ୩୧ ତାରିଖ ଦୁଇଦିନ ଧରି ଭଗବତୀ ମନ୍ଦିରରେ ଥିବା ଦୁଇଟି ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରେ ପଡିଥିବା ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଓ ରୁପା ଅଳଙ୍କାର ସଂଗ୍ରହ କରାଯାଇ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଜମା ରଖାଯାଇଛି। ବୁଧବାର ମଣ୍ଡପ ପାଖ ହୁଣ୍ଡିରୁ ୩, ୭୧, ୩୯୫ ଟଙ୍କା ସହିତ ୭ଟି ରୁପା ଆଖି, ଗୋଟିଏ ରୁପା ଚିତା, ଦୁଇଟି ରୁପା ପାତିଆ ଓ ଗୋଟିଏ ରୁପାର କଇଁଚ ମୁଦି ସଂଗ୍ରହ କରାଯାଇଥିଲା। ସେହିପରି ଗୁରୁବାର ମନ୍ଦିର ଭିତର ହୁଣ୍ଡିରୁ ୧,୬୩,୯୬୮ ଟଙ୍କା ସହିତ ୨ଟି ରୁପାର ଆଖି ସଂଗ୍ରହ କରାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। କମିଟି ସଭାପତି ସ୍ଥାନୀୟ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, କମିଟି ସଭ୍ୟ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକ, ସଭ୍ୟ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଏଣ୍ଡାଓମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ଥାନାଧିକାରୀ ଶାନ୍ତନୁ ପଟ୍ଟନାୟକ, ପୂଜକ ବିନାୟକ ମହାପାତ୍ର, ପାଳିଆ ମାଳି ବସନ୍ତ ନାୟକ, ଫଟୋଗ୍ରାଫର ବ୍ରଜ ଜେନା, ମନ୍ଦିର କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, କମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ହୁଣ୍ଡିରୁ ସଂଗୃହୀତ ଅର୍ଥ ଓ ଅଳଙ୍କାର ମା'ଙ୍କ ନୀତିକାନ୍ତି ଓ ସେବାରେ ବିନିଯୋଗ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।


ବିଧାନସଭା ପରିସରସ୍ଥ ଗାନ୍ଧୀ ମୂର୍ତ୍ତି ନିକଟରେ ଗୁରୁବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସହିତ ତାଲିମ ନେଉଥିବା ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀମାନେ।



ସୁଦର୍ଶନ ଆର୍ଟ ଇନଷ୍ଟିଚ୍ୟୁଟ ପକ୍ଷରୁ ଗୁରୁବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଓଡ଼ିଶା ଦିବସ ଶୁଭେଚ୍ଛା ଜଣାଉଛନ୍ତି।



ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ଆୟୋଜିତ ସଡ଼କ ସୁରକ୍ଷା ସଂକ୍ରାନ୍ତ ସଚେତନତା ଶୋଭାଯାତ୍ରା।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୩।୨୦୨୨

| | |
|---|---|
| ୪,୪୪,୯୨୧ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ |
| ରୁପା | ୫୯ ଗ୍ରାମ |

# ଶର୍ମିଷ୍ଠା ମାନିଲେନି, ରଞ୍ଜନ ସତ କହିଲେ

**ଭୁବନେଶ୍ୱର(ବ୍ୟୁରୋ)/କଟକ (ଅଫିସ୍) ୩୧।୩**

**କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା**
- ପ୍ରମାଣ ନଷ୍ଟ ପାଇଁ ଭରପୂର ପ୍ରୟାସ
- ଚଣ୍ଡିଖୋଲ ନିକଟରୁ ଅଧାପୋଡ଼ା ଇୟର୍ ଫୋନ୍, ଅଖା, ଚପଲ, ଶାଢ଼ି ଜବତ

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ପ୍ରତିଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ୫ ଦିନିଆ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା ଜାରି ରଖିଛି। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତ କ୍ରାଇମବ୍ରାଞ୍ଚ ଆଗରେ ମୁହଁ ଖୋଲୁନାହାନ୍ତି। ସେ ଫେରାର ହୋଇ ଯେପରି ପୋଲିସକୁ ଭୁଆଁ ବୁଲାଇଥିଲେ, ପଚରାଉଚରା ସମୟରେ ମଧ୍ୟ ସେପରି ବାଟବଣା କରୁଛନ୍ତି। ଅପରପକ୍ଷରେ ମାମଲାର ଅନ୍ୟତମ ଅଭିଯୁକ୍ତ ରାଜ୍ ଓରଫ ରଞ୍ଜନ ନାୟକ କ୍ରାଇମବ୍ରାଞ୍ଚ ନିକଟରେ ସବୁ ସତକଥା କହି ଦେଇଛନ୍ତି। ଅପହରଣ ପରେ ହତ୍ୟା କିପରି କଲେ, କେଉଁଠାରେ ପ୍ରମାଣ ନଷ୍ଟ କରିଥିଲେ ଏବଂ ଏଥିରେ କିଏ କିଏ ସହଯୋଗ କରିଥିଲେ ସେନେଇ ସମସ୍ତ କଥା ଜଣାଇବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଘଟଣାସ୍ଥଳ ନେଇ ସେଠାରୁ କିଛି ଜିନିଷ ଜବତ କରିଛି।

ରଞ୍ଜନ ଦେଇଥିବା ସୂଚନା ଅନୁସାରେ ତାଙ୍କ ସହ ମାଷ୍ଟରମାଇଣ୍ଡ ଶର୍ମିଷ୍ଠା, ଝୁନା ଭୋଇ, ଭାଗ୍ୟଧର ନାୟକ ଓ ନିଲୁ ଓରଫ ବିବେକ ମିଶି ଭଦ୍ରକ ଜିଲା ଚାନ୍ଦବାଲି ଥାନା ପଳାଶପୁର ଗ୍ରାମରୁ ମାନସଙ୍କୁ ଫେବୃୟାରୀ ୭ରେ ଅପହରଣ କରିଥିଲେ। ଶର୍ମିଷ୍ଠାଙ୍କ କାର୍‌ରେ ସେଠାରୁ ମାନସଙ୍କୁ ଅଣାଯାଇ


ରଞ୍ଜନ ନାୟକ।

ଭୁବନେଶ୍ୱର ଏୟାରଫିଲ୍ଡ ଥାନାସ୍ଥିତ ଦୟାଳ ଆଶ୍ରମରେ ରଖାଯାଇଥିଲା। ଆଶ୍ରମରେ ନିରଞ୍ଜନ ସେଠୀଙ୍କ ସମେତ ଅନ୍ୟମାନେ ମାନସଙ୍କୁ ନିସ୍ତୁକ ମାଡ଼ ମାରି ହତ୍ୟା କରିଥିଲେ। ହତ୍ୟା ପରେ ମାନସଙ୍କ ମୃତଦେହକୁ ଏକ ଅଖାରେ ଭର୍ତ୍ତି କରି ଶର୍ମିଷ୍ଠାଙ୍କ କାର୍‌ରେ ନିଆଯାଇ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ପୋତି ଦେଇଥିଲେ। ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମାନସଙ୍କ





## କୁଆଡ଼େ ଗଲା ମେମୋରି ଚିପ୍ ?

ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ କହିଥିଲା ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ୪ଅଭିଯୁକ୍ତଙ୍କ ରିମାଣ୍ଡର ଗୁରୁବାର ତୃତୀୟ ଦିନ ବିତିଯାଇଥିଲେ ମଧ୍ୟ ମେମୋରି ଚିପ୍‌କୁ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ମେମୋରି ଚିପ୍ ଅଛି କି ନାହିଁ ତାହାକୁ ନେଇ ପ୍ରଶ୍ନ ଛିଡ଼ା ହୋଇଛି। ଉକ୍ତ ମେମୋରି ଚିପ୍‌ରେ ବଡ଼ ନେତା, ମନ୍ତ୍ରୀଙ୍କ ଆପତ୍ତିଜନକ ଦୃଶ୍ୟ ଥିବା କୁହାଯାଉଥିଲା। ଯଦି ସେମାନଙ୍କୁ ବଞ୍ଚାଇବା ପାଇ ଶର୍ମିଷ୍ଠା ମେମୋରି ଚିପ୍‌କୁ ଭାଙ୍ଗି ଦେଇଥିବେ ତାହା ହେଲେ ହତ୍ୟାର କାରଣ ପରଦା ଆଢୁଆଳରେ ରହିଯିବ ବୋଲି କୁହାଯାଉଛି।

ବିଭିନ୍ନ ଜିନିଷକୁ ନଷ୍ଟ କରିବାକୁ ଚେଷ୍ଟା କରାଯାଇଥିଲା। ସେମାନେ ମାନସଙ୍କ ଚପଲ, ଇୟର୍ ଫୋନ୍, ମୃତଦେହ ନିଆଯାଇଥିବା ଅଖା, ଏକ ଶାଢ଼ି, ଗାତ ଖୋଳାଯିବାରେ ବ୍ୟବହୃତ କୋଦାଳ, ଗଇଁତିକୁ ଉକ୍ତ କାର୍‌ରେ ଯାଜପୁର ଜିଲା ଚଣ୍ଡିଖୋଲଠୁ ୨ କି.ମି ଦୂର ୫୩ ନଂ ଜାତୀୟ ରାଜପଥର ଚଣ୍ଡିଖୋଲ-ଦୁବୁରି ରାସ୍ତା ପାର୍ଶ୍ୱରେ ଥିବା ଏକ ବୁଦାମୂଳେ ଗଇଁତି ଓ କୋଦାଳକୁ ଫୋପାଡ଼ି ଦେଇଥିଲେ। ଏଥିସହ ସେହି ସ୍ଥାନରେ ଚପଲ, ଇୟର୍ ଫୋନ୍, ଅଖା ଓ ଶାଢ଼ିକୁ ସେଠାରେ ପୋଡ଼ି ଦେଇଥିଲେ ବୋଲି ରଞ୍ଜନ ସୂଚନା ଦେବା ପରେ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁବାର ସକାଳୁ ପ୍ରମାଣ ନଷ୍ଟ କରାଯାଇଥିବା ଉକ୍ତ ସ୍ଥାନକୁ ତାଙ୍କୁ ନେଇ ଯାଇଥିଲେ। କ୍ରାଇମବ୍ରାଞ୍ଚ ସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଯାଇଥିଲା। କୋଦାଳ ଓ ଗଇଁତି ଫିଙ୍ଗିଥିବା ସ୍ଥାନକୁ ରଞ୍ଜନ ଚିହ୍ନାଇଥିଲେ। ଅପରପକ୍ଷରେ ଅଭିଯୁକ୍ତମାନେ ସାମଗ୍ରୀ ପୋଡ଼ି ଦେଇଥିଲେ ମଧ୍ୟ ତାହା ଅର୍ଦ୍ଧପୋଡ଼ା ହୋଇ କିଛି ପଡ଼ି ରହିଥିଲା। ସାଇଣ୍ଟିଫିକ୍ ଟିମ୍ ତନ୍ନ ତନ୍ନ ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ଘଟଣାସ୍ଥଳରୁ ଅର୍ଦ୍ଧପୋଡ଼ା ଚପଲ, ଇୟର୍ ଫୋନ୍, ଅଖା ଓ ଶାଢ଼ିକୁ କ୍ରାଇମବ୍ରାଞ୍ଚ ଜବତ କରିଥିଲା। ଏଥିସହ ବୁଦାମୂଳରୁ ଗଇଁତି ଓ କୋଦାଳକୁ ମଧ୍ୟ କ୍ରାଇମବ୍ରାଞ୍ଚ ଜବତ କରି ଆଣିଛି।

### ମୋବାଇଲ ମିଳିଥିବା ସ୍ଥାନରେ କ୍ରାଇମବ୍ରାଞ୍ଚର ଯାଞ୍ଚ

ଯାଜପୁର ଧର୍ମଶାଳା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଶଙ୍ଖାରିଡିହ ନିକଟସ୍ଥ ରାସ୍ତା ପାର୍ଶ୍ୱରୁ ସୁରେଶ ନାଏକ ନାମକ ଜଣେ ଶ୍ରମିକ ମାନସଙ୍କ ମୋବାଇଲ ପାଇଥିଲେ। ଉକ୍ତ ସ୍ଥାନକୁ କ୍ରାଇମବ୍ରାଞ୍ଚ ଟିମ୍ ଗୁରୁବାର ଯାଇଥିଲା। ହେଲେ କ୍ରାଇମବ୍ରାଞ୍ଚ ଟିମ୍ ସେଠାରେ କୌଣସି ଲୋକଙ୍କୁ ପଚରା ଉଚରା କରି ନ ଥିଲା। କିଛି ସମୟ ସେଠାରେ ରହି ଉକ୍ତ ଟିମ୍ ପୁଣି ଚଣ୍ଡିଖୋଲ ଆଡ଼କୁ ଚାଲିଯାଇଥିଲା।

### ଆଜି ହୋଇପାରେ ସିନ୍ ରିକ୍ରିଏଶନ୍

ମାନସ ହତ୍ୟା ମାମଲାରେ ସବୁଠୁ ବଡ଼ ପ୍ରମାଣ ବାକି ରହିଛି। ଅଭିଯୁକ୍ତମାନେ କିପରି ହତ୍ୟା କଲେ, ମୃତଦେହ କେଉଁଠି ପୋତିଲେ ଘଟଣାସ୍ଥଳକୁ ଯାଇ ତାହା ପୁନର୍ବାର କ୍ରାଇମବ୍ରାଞ୍ଚକୁ କହିବେ। ଶୁକ୍ରବାର ଦୟାଳ ଆଶ୍ରମ ଓ ରଣପୁର ଥାନାସ୍ଥିତ ଜଙ୍ଗଲକୁ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ୍ କରିପାରେ ବୋଲି ସୂଚନା ମିଳିଛି।

## ଆଜିଠାରୁ ସାଢ଼େ ୭ରେ ଖୋଲିବ ନନ୍ଦନକାନନ




ବାରଙ୍ଗ,୩୧।୩(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଏପ୍ରିଲ ପହିଲାରୁ ୭ଟା ପରିବର୍ତ୍ତେ ସକାଳ ସାଢେ ୭ଟା ସମୟରେ ଖୋଲାଯାଇ ସନ୍ଧ୍ୟା ୫ଟା ସମୟରେ ବନ୍ଦ କରାଯିବ। ତେବେ ନନ୍ଦନକାନନକୁ ୨୦୨୧-୨୨ ଆର୍ଥିକ ବର୍ଷରେ ୧୪ ଲକ୍ଷ ୬୧ ହଜାର ୨୧୪ ଜଣ ପର୍ଯ୍ୟଟକ ଆସିଛନ୍ତି। ପର୍ଯ୍ୟଟକମାନେ କୋଭିଡ ନିୟମ ଅନୁସାରେ ଉଭୟ ପାର୍କ ବୁଲିପାରିବେ ବୋଲି ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

## ନୟାପଲ୍ଲୀରୁ ଆଉ ୬ ଗିରଫ
### ବିଜେବି କଲେଜ ଷ୍ଟ୍ରଙ୍ଗରୁମ୍ ପରିସରରେ ହିଂସା ଘଟଣା

ଭୁବନେଶ୍ୱର,୩୧।୩ (ବ୍ୟୁରୋ): ଇଭିଏମ୍ ଟାମ୍ପରିଂ ଅଭିଯୋଗକୁ ନେଇ ବିଜେବି କଲେଜ ଷ୍ଟ୍ରଙ୍ଗରୁମ୍ ପରିସରରେ ଘଟିଥିବା ହିଂସାକାଣ୍ଡ ଘଟଣାରେ ଆଉ ୬ଜଣଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଏହାକୁ ମିଶାଇ ମୋଟ ୮ ଜଣଙ୍କୁ ଗିରଫ କରାଗଲାଣି। ବଡ଼ଗଡ଼ ଥାନା ପୋଲିସ ୬ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ସନ୍ତୋଷ କୁମାର ସାହୁ (୩୫), ବିଦ୍ୟାଧର ବେହେରା (୩୧), ବିଶ୍ୱଜିତ ବଳବନ୍ତରାୟ (୨୪), ସନ୍ଦୀପ ମହାନ୍ତି (୨୬), ସାଗର ବଳବନ୍ତରାୟ (୨୯) ଏବଂ ଦେବବ୍ରତ ମହାନ୍ତି (୨୨) । ଏମାନଙ୍କଠାରୁ ଭଙ୍ଗା ଚେୟାର, ଟେବୁଲ ଓ ବାଉଁଶ ବାଡ଼ି ଜବତ କରାଯାଇଛି। ସୂଚନାନୁଯାୟୀ, ଭୁବନେଶ୍ୱର ମହାନଗର ନିଗମର ମେୟର ଓ କର୍ପୋରେଟର ନିର୍ବାଚନ ପାଇଁ ମାର୍ଚ୍ଚ ୨୪ରେ ମତଦାନ ସରିଥିବାବେଳେ ୨୬ରେ ଭୋଟ ଗଣତି ହୋଇଥିଲା। ହେଲେ ଭୋଟ ଗଣତି ପୂର୍ବରୁ ଅର୍ଥାତ ମାର୍ଚ୍ଚ ୨୫ରେ ଇଭିଏମ୍ ଟାମ୍ପରିଂ ସହ ଷ୍ଟ୍ରଙ୍ଗରୁମ ଭିତରକୁ କେତେଜଣ ଯୁବକ ପଶିଥିବା ଅଭିଯୋଗକୁ ନେଇ ସେଠାରେ ମାର୍‌ପିଟ ହୋଇଥିଲା। ଏହି ସମୟରେ ପୋଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଥିଲା। ଫଳରେ ପୋଲିସ ଲାଠି ଚାର୍ଜ କରିଥିଲା। ଏଥିରେ ପୋଲିସ କର୍ମଚାରୀଙ୍କ ସମେତ ୮ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ ।



ଭୁବନେଶ୍ୱର ଆଚାର୍ଯ୍ୟବିହାରଠାରେ ନୃତ୍ୟାୟନ ପକ୍ଷରୁ ଗୁରୁବାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୫ ବର୍ଷ ଜେଲ୍

**କଟକ ଅଫିସ,୩୧।୩**

ନାବାଳିକା ବଳାତ୍କାର ମାମଲାରେ କଟକର ଆଡହକ ଆଡିଶନାଲ ସେସନ ଜଜ୍ କମ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଗୁରୁବାର ଅଭିଯୁକ୍ତ ଜୟରାମ ସ୍ୱାଇଁ(୪୦)ଙ୍କୁ ୨୫ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ୬ ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତା ଜଣଙ୍କ ସାବାଳିକା ହେବା ପର୍ଯ୍ୟନ୍ତ ଏହି କ୍ଷତିପୂରଣ ରାଶି ତାଙ୍କ ନାମରେ ଏକ ସରକାରୀ ବ୍ୟାଙ୍କରେ ସ୍ଥାୟୀ ଭାବେ ଜମା ରହିବ ବୋଲି ଅଦାଲତ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ନାବାଳିକା ଜଣଙ୍କ ଜଗତ୍‌ପୁର ଥାନା ଅଞ୍ଚଳରେ ଥିବା ଆଈ ଘରକୁ ବୁଲିବାକୁ ଆସିଥିଲେ। ୨୦୧୯ ମାର୍ଚ୍ଚ ୨୦ ତାରିଖ ସକାଳେ ସେ ପଡୋଶୀ ଜୟରାମଙ୍କ ଘର ନିକଟକୁ ଫୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ଜୟରାମ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ଆଈ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଏଥିସହ ଅଭିଯୁକ୍ତଙ୍କୁ ଘଟଣା ପରଦିନ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ୧୫ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଏହି ଦଣ୍ଡବିଧାନ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ ।

## ଲଜ୍ଜାବିହୀନ ନାରୀ ଓ ନର୍କ ଭିତରେ ଫରକ ନାହିଁ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଆଜି ମଧ୍ୟ ସମାଜରେ ଝିଅଟିଏ ଜନ୍ମ ହେଲେ କେତେ କଥା ଶୁଣିବାକୁ ମିଳେ। ଝିଅ ଜନ୍ମ କରିବା ଯେମିତି ଏକ ପାପ। ଝିଅମାନେ କ'ଣ ପୁଅମାନଙ୍କ ଭଳି ପରିବାର ଭରଣପୋଷଣ କରିପାରିବେ ନାହିଁ ? ଏଭଳି ଏକ ପ୍ରସଙ୍ଗକୁ ନେଇ ପଞ୍ଚମ ବେଦ ପକ୍ଷରୁ ନାଟକ 'ଲଜ୍ଜା' ଗୁରୁବାର ବିଜୁ ନାଟ୍ୟ କେନ୍ଦ୍ରରେ ମଞ୍ଚସ୍ଥ ହୋଇଛି। ସୁନୀ ନାମ୍ନୀ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା କିପରି ସବୁ ନିର୍ଯାତନାକୁ ସହି ପରଘରେ କାମ କରି ତିନୋଟି ଝିଅକୁ ପାଳି ପୋଷି ବଡ଼ କରିଥିଲେ। ବଡ଼ଝିଅ ସ୍ୱାବଲମ୍ବୀ ହୋଇଥିବାବେଳେ ଓ ସାନ ଝିଅ କଲେଜରେ ପଢ଼ନ୍ତି। ମଝିଆ ଝିଅ ଶାରୀରିକ ଓ ମାନସିକ ବିକଳାଙ୍ଗ। ଆଜିକାଲି ଚକମକ ଦୁନିଆରେ ସାନଝିଅ ରଞ୍ଜୁ ନିଜକୁ ହଜେଇ ଦେଇଥିଲା। ସେ ତାର ସବୁ ଖୁସିକୁ ଖୁବ୍ କମ୍ ସମୟରେ ହାତମୁଠାରେ ପାଇବା ପାଇଁ ଚାହିଁଥିଲା। ଧୀରେ ଧୀରେ ସେ ଅନ୍ଧାର ଗଳି ଭିତରକୁ ପ୍ରବେଶ କରି ଫେରିବାର ବାଟ ପାଇ ନ ଥିଲା। ଶେଷରେ ମୃତ୍ୟୁ ରାସ୍ତା ହିଁ ଏକ ମାତ୍ର ବିକଳ୍ପ ରହିଥିଲା, ଯାହାକୁ ସୁନୀର ପରିବାର ସମସ୍ତେ ଆପଣେଇ ନେଇଥିଲେ। କୁମାରୀ କନ୍ୟାମାନେ ବୁଝି ରଖିବା ଦରକାର ଯେ, ପ୍ରାପ୍ୟ ପରିଶ୍ରମରୁ ମିଳିଥାଏ, ମାତ୍ର ଅପ୍ରାପ୍ୟକୁ ଆଶା ରଖିଲେ ସେମାନଙ୍କୁ ବହୁତ କିଛି ହରେଇବାକୁ ପଡ଼ିଥାଏ। ଚରିତ୍ର ଆଉ ଲଜ୍ଜା ହେଉଛି ନାରୀର ଭୂଷଣ। ଲଜ୍ଜାକୁ ଛାଡ଼ିଦେଲେ ନାରୀ ଓ ନର୍କ ଭିତରେ କୌଣସି ଫରକ ନ ଥାଏ। ଆଧୁନିକତା ନାମରେ ଉଚ୍ଛୃଙ୍ଖଳତା କେବେବି ଗ୍ରହଣୀୟ ନୁହେଁ । ତେଣୁ ପ୍ରତ୍ୟେକ ଝିଅ ଲଜ୍ଜାର ଅର୍ଥ ଠିକ୍ ଭାବରେ ବୁଝିବା ଉଚିତ ବୋଲି ଲକ୍ଷ୍ମୀଧର ପୂଜାପଣ୍ଡା ନିର୍ଦ୍ଦେଶନାରେ ଉପସ୍ଥାପିତ ହୋଇଥିବା ଏହି ନାଟକରେ ସ୍ପଷ୍ଟ ବାରି ହୋଇଯାଇଥିଲା। ପଞ୍ଚମବେଦ ପକ୍ଷରୁ ଆୟୋଜିତ ଏହି ନାଟ୍ୟୋତ୍ସବରେ ଡ. ସମର ମୁଦୁଲିଙ୍କୁ ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ- ୨୦୨୨ ଓ ସୀତାକାନ୍ତ ମହାନ୍ତି, ସତ୍ୟରଞ୍ଜନ ବେହେରା, ପଞ୍ଚାନନ ଦାଶ, ଲିଙ୍ଗରାଜ ନାହାକ ଏବଂ ଆହ୍ଲାଦିନୀ କରଙ୍କୁ ପଞ୍ଚମବେଦ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା।

## ସରକାରଙ୍କୁ ଧନ୍ୟବାଦ ଦେଲା ଶିକ୍ଷକ ସଂଘ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ରାଜ୍ୟର ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ୩୯୬ ଜଣ ଅଧ୍ୟାପକଙ୍କ ପଦୋନ୍ନତି ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏନେଇ ସଂଘର ସଭାପତି ଡ. ମାନସ ବେହେରା କହିଛନ୍ତି, ଏହି ପଦୋନ୍ନତି ପ୍ରକ୍ରିୟାରେ ୨୮୩ ଜଣ ଅଧ୍ୟାପକଙ୍କୁ ୨ଟି ପଦୋନ୍ନତି ଦିଆଯାଇ ପ୍ରାଧ୍ୟାପକ (ରିଡର) ଓ ୧୧୩ ଜଣ ଅଧ୍ୟାପକଙ୍କୁ ବରିଷ୍ଠ ଅଧ୍ୟାପକ ସିନିୟର) ପଦକୁ ଉନ୍ନୀତ କରାଯାଇଛି। ଏଥିପାଇଁ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟ ସରକାର ତଥା ଉଚ୍ଚଶିକ୍ଷା ବିଭାଗକୁ ଧନ୍ୟବାଦ ଦେବା କୃତଜ୍ଞତା ଜ୍ଞାପନ କରାଯାଇଛି।

## ନିଶା ପାଇଁ ସାଙ୍ଗ ଦେହରେ ଲଗାଇଲେ ନିଆଁ

**ବାରଙ୍ଗ,୩୧।୩(ଡି.ଏନ୍.ଏ.)**

ନିଶା ପାଇଁ ଦୁଇ ଜଣ ସାଙ୍ଗଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ଜଣେ ଅଟୋ ଡ୍ରାଇଭର। ଏପରି ଏକ ଘଟଣା ବାରଙ୍ଗ ଥାନା ଅନ୍ତର୍ଗତ ବାଙ୍ଗଲି ସାହି କ୍ଲବ ଘର ନିକଟରେ ଗୁରୁବାର ସନ୍ଧ୍ୟାରେ ଘଟିଛି। ବାଙ୍ଗଲି ସାହିର ଅଟୋଚାଳକ କାହ୍ନୁ ଦାସ ଓ ତାଙ୍କର ଦୁଇ ସାଙ୍ଗ ଅଭିଜିତ୍ ହାଲଦାର, ତାପସ କର ମିଶି କ୍ଲବ ଘର ନିକଟରେ ନିଶା ସେବନ କରୁଥିଲେ। ତେବେ କିଛି ଭାଗବଣ୍ଟାକୁ ନେଇ ୩ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇ ପରେ ଉଗ୍ରରୂପ ଧାରଣ କରିଥିଲା। କାହ୍ନୁ ଏଥିରେ ଉତ୍କ୍ଷିପ୍ତ ହୋଇ ଅଟୋରୁ ପେଟ୍ରୋଲ ବାହାର କରି ଅଭିଜିତ୍ ଓ ତାପସଙ୍କ ଦେହରେ ପକାଇ ନିଆଁ ଲଗାଇଦେଲେ। ଦୁହିଁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେମାନଙ୍କୁ ନେଇ ବାରଙ୍ଗ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇବା ସହ ଥାନାରେ ଖବର ଦେଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ପୋଲିସ ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ପଠାଇବା ସହ ଅଟୋଚାଳକ କାହ୍ନୁଙ୍କୁ ଅଟକ ରଖିଛି। ପୋଲିସର ତଦନ୍ତରୁ କାହ୍ନୁ ବିବାହିତ ହୋଇଥିବାବେଳେ ତାପସ ଗୁପଚୁପ ବିକୁଥିବା ଏବଂ ଅଭିଜିତ ଓଲା ଗାଡି ଡ୍ରାଇଭର ଭାବେ କାମ କରୁଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଛି: କୁଲସ୍ତେ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଗୁରୁବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ କଳିଙ୍ଗ ଷ୍ଟାଡ଼ିୟମରେ ଚାଲିଥିବା ପାରା ଆଥ୍‌ଲେଟ୍ ଚାମ୍ପିୟନଶିପ୍‌ର ଉଦଯାପନୀ ଉତ୍ସବରେ ଯୋଗଦେବା ପରେ ବିଭାଗୀୟ ବୈଠକରେ ଯୋଗଦେଇଥିଲେ। ଶୁକ୍ରବାର ସକାଳେ କୁଲସ୍ତେ ଦିଲ୍ଲୀ ଫେରିଯିବେ।

କୁଲସ୍ତେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା କହିଛନ୍ତି। ସେ କହିଛନ୍ତି, ଲୋକଙ୍କ ହିତ ପାଇଁ କେନ୍ଦ୍ର ସରକାର ଯେଉଁ ଯୋଜନା କରୁଛନ୍ତି, ସେଗୁଡ଼ିକୁ ରାଜ୍ୟ ସରକାର ଠିକ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ। କିନ୍ତୁ ଏଠାରେ ତାହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖାଦେଇଛି। ଏହାର ତଦନ୍ତ ପାଇଁ ଯେଉଁ କେନ୍ଦ୍ରୀୟ ଟିମ ଆସିଥିଲା, ତା'ର ରିପୋର୍ଟ ଅନୁଯାୟୀ ଏହି ଯୋଜନାରେ ଦୁର୍ନୀତି ହୋଇଛି। ତାଲିକାରେ ଜଣଙ୍କର ନାମ ଥିବାବେଳେ ଆଉ ଜଣେ ସୁବିଧା ପାଇଛନ୍ତି। ସେହିପରି ତୈଳ ଦର ବୃଦ୍ଧି ପ୍ରସଙ୍ଗରେ ସେ କହିଛନ୍ତି, ଏଥିପାଇଁ ଆମେ ସମସ୍ତେ ଚିନ୍ତିତ। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ବେଳେବେଳେ ତୈଳ ଦର ହ୍ରାସ ଓ ବୃଦ୍ଧି ହେଉଥିବାରୁ ଏପରି ସମସ୍ୟା ଦେଖାଦେଉଛି। ଏ ନେଇ ରାଜ୍ୟ ସରକାରମାନେ ମଧ୍ୟ ଚିନ୍ତିତ ହେବା ଆବଶ୍ୟକ ।



କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଫଗନ ସିଂ କୁଲସ୍ତେଙ୍କ ସହ ଅନ୍ୟମାନେ।

## ୯ରେ ମଧ୍ୟସ୍ଥତା କେନ୍ଦ୍ରରେ ଉଭୟ ହେବେ ହାଜର

**ସୁମିତ-ତପସ୍ୱିନୀ ବିବାଦ ମାମଲା**

**କଟକ ଅଫିସ, ୩୧।୩**

ବହୁଚର୍ଚ୍ଚିତ ସୁମିତ-ତପସ୍ୱିନୀ ବିବାଦ ଘଟଣାର ଗୁରୁବାର ହାଇକୋର୍ଟ ଉଭୟଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଆସନ୍ତା ୯ତାରିଖରେ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବେ। ସେଠାରେ ଦୁହିଁଙ୍କ ମଧ୍ୟରେ ଆପୋସ ମିଳାମିଶା ମାଧ୍ୟମରେ ବୁଝାମଣା ଉଦ୍ୟମ କରାଯିବ। ପରେ ଉକ୍ତ ରିପୋର୍ଟକୁ ଅଦାଲତରେ ଦାଖଲ କରିବାକୁ ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ତପସ୍ୱିନୀଙ୍କ ପାଇଁ ଯେଉଁ ଘର ଭଡ଼ାରେ ନିଆଯାଇଛି ଉକ୍ତ ଘରର ଏକ ଭିଡିଓ ରେକର୍ଡିଂ ପାଇଁ ହାଇକୋର୍ଟ ଉଭୟ ତପସ୍ୱିନୀ ଏବଂ ସୁମିତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ପୃଥକ୍ ଭାବେ ଭିଡିଓ ରେକର୍ଡିଂ କରି ଅଦାଲତରେ ତାହାକୁ ଦାଖଲ କରିବାକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ନିର୍ଦ୍ଦେଶ



ଦେଇଛନ୍ତି। ହାଇକୋର୍ଟ ଏହି ମାମଲାରେ ପୂର୍ବରୁ ଭରଣପୋଷଣକୁ ନେଇ ଯେଉଁ ଆଦେଶ ଦେଇଥିଲେ ତାକୁ ବଳବତ୍ତର ରଖିଛନ୍ତି। ଆସନ୍ତା ୩୦ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାରୁ ପ୍ରକାଶ ସୁମିତ ଏବଂ ତପସ୍ୱିନୀଙ୍କ ବିବାଦ ଘଟଣାରେ ଗତ ଜାନୁୟାରୀ ୪ତାରିଖରେ ବ୍ରହ୍ମପୁର ଜିଲା ଦୌରାଜଜ୍ ତପସ୍ୱିନୀଙ୍କୁ ମାସିକ ଭରଣପୋଷଣ ବାବଦରେ ୧୭ହଜାର ଟଙ୍କା ଦେବା ସହ ତାଙ୍କ ଘରେ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗତ ୪ମାସ ଧରି ସୁମିତ ଚାକିରିରେ ଯୋଗଦେଇ ନ ଥିବାରୁ ଏହି ଭରଣପୋଷଣ ଅର୍ଥ କମ୍ କରିବା ଲାଗି ହାଇକୋର୍ଟରେ ଆଉ ଏକ ପିଟିଶନ୍ ରୁଜୁ କରିଥିଲେ। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ତପସ୍ୱିନୀଙ୍କୁ ୧୦ହଜାର ଟଙ୍କାର କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ତପସ୍ୱିନୀଙ୍କ ପାଇଁ ଏକ ଭଡ଼ାଘର ବୁଝି ଦେବାକୁ ହାଇକୋର୍ଟ ସୁମିତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁମିତଙ୍କ ପକ୍ଷରୁ ଘରଭଡ଼ା ବୁଝି ଦିଆଯାଇଥିବା ନେଇ ଗୁରୁବାର ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଘରଭଡା ବାବଦକୁ ମାସିକ ୩ହଜାର ଟଙ୍କାର ଚୁକ୍ତି ହୋଇଥିବା ସୁମିତଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଅପରପକ୍ଷେ ଏହି ଘର ରହିବା ଉପଯୁକ୍ତ ନୁହେଁ ବୋଲି ତପସ୍ୱିନୀଙ୍କ ଆଇନଜୀବୀ ମାନସ ଚାନ୍ଦ ହାଇକୋର୍ଟଙ୍କୁ କହିଥିଲେ। ସୁମିତଙ୍କ ନାଁରେ ଆସ୍କା ମେଡିକାଲରେ ଏକ ସରକାରୀ କ୍ୱାର୍ଟର ଥିବା ସେ ଅଦାଲତଙ୍କୁ ଜଣାଇଥିଲେ। ଅଦାଲତ ଏହାକୁ ବିଚାରକୁ ନେଇ କ୍ୱାର୍ଟର ସଂକ୍ରାନ୍ତରେ ଅବଗତ କରାଇବାକୁ ସୁମିତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଏପ୍ରିଲ୍, ୨୦୨୨

**ତୈଳ ଦରବୃଦ୍ଧି ପ୍ରତ୍ୟାହାର ଲାଗି କଂଗ୍ରେସର ଦାବି**

କ୍ରମାଗତ ତୈଳ ଦର ବୃଦ୍ଧିକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ତୁରନ୍ତ ପେଟ୍ରୋଲ ଓ ଡିଜେଲ ଉପରୁ ବର୍ଦ୍ଧିତ ଦର ପ୍ରତ୍ୟାହାର କରିନେବାକୁ ସେ ଦାବି କରିଛନ୍ତି। ୧୦ ଦିନ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦର ୯ ଥର ବଢ଼ିଲାଣି। ଏହା ଦ୍ୱାରା ସାଧାରଣ ଜନତା ସର୍ବାଧିକ ପ୍ରଭାବିତ ହୋଇଥିବା ବିଜୟ ଚୌକ୍‌ରେ କଂଗ୍ରେସ ଏମ୍‌ପିମାନଙ୍କ ଆନ୍ଦୋଳନର ନେତୃତ୍ୱ ନେଇ ରାହୁଲ କହିଥିଲେ। ରାଜ୍ୟ ସଭା ଓ ଲୋକ ସଭାର କଂଗ୍ରେସ ସଦସ୍ୟମାନେ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ।



## ସଂକ୍ଷେପରେ

### ବିଶ୍ୱର ଏକତୃତୀୟାଂଶ ଟିକା ନେଇନାହାନ୍ତି: ଡବ୍ଲ୍ୟୁଏଚ୍‌ଓ

**ଜେନେଭା,୩୧।୩:** କେତେକ ଧନୀ ଦେଶରେ କୋଭିଡ୍ ଟିକାର ଚତୁର୍ଥ ଓ ପଞ୍ଚମ ଡୋଜ୍ ଦିଆଗଲାଣି। ଅଥଚ ବିଶ୍ୱ ଜନସଂଖ୍ୟାର ଏକ-ତୃତୀୟାଂଶ ଏପର୍ଯ୍ୟନ୍ତ ଟିକାର ଗୋଟିଏ ହେଲେ ଡୋଜ୍ ନେଇ ନ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍ କହିଛନ୍ତି। ଆଫ୍ରିକୀୟ ଦେଶର ୮୩ ପ୍ରତିଶତଙ୍କୁ ଟିକା ମିଳିନାହିଁ। ଅଧିକାଂଶ ଉଚ୍ଚ ଓ ମଧ୍ୟମ ଆୟକାରୀ ଦେଶ ଟିକାକରଣର ୭୦ ପ୍ରତିଶତ ହାସଲ କରିସାରିଲେଣି।

### ଧନୀ ହୋଇଥିଲେ ମୋ ଘରେ ଚଢ଼ାଉ ହୋଇଥାଆନ୍ତା: ସତ୍ୟପାଲ

**ଗୁଆହାଟୀ,୩୧।୩:** ମୁଁ ଧନୀ ହୋଇଥିଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆୟ କର (ଆଇଟି) ବିଭାଗ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଧିକାରୀମାନେ ମୋ ଘରେ ଚଢ଼ାଉ କରିଥାଆନ୍ତେ ବୋଲି



ମେଘାଳୟ ରାଜ୍ୟପାଳ ସତ୍ୟପାଳ ମଲିକ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ କଟାକ୍ଷ କରିଛନ୍ତି। ଏଥିସହ ଅବସର ପରେ ତାଙ୍କୁ ଏକ ଘର ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସେ ଅନୁରୋଧ କରିଛନ୍ତି। ଶିଲଂରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସତ୍ୟପାଳ କହିଛନ୍ତି, ସେ ବିଧାୟକ, ଏମ୍‌ପି, ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଏବେ ସେ ରାଜ୍ୟପାଳ ହୋଇ ସୁଦ୍ଧା ତାଙ୍କର ନିଜସ୍ୱ ଘର ନାହିଁ। ତେଣୁ ଅବସର ନେବା ପରେ ତାଙ୍କୁ ଏକ ଘର ଯୋଗାଇଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ସେ ଅନୁରୋଧ କରିଛନ୍ତି। କୃଷି ଆଇନର ସମାଲୋଚକ ସତ୍ୟପାଳ ଆହୁରି କହିଛନ୍ତି, ଦାରିଦ୍ର୍ୟ ତାଙ୍କର ବଳ। ସେ ଦେଶର ଉଚ୍ଚ ପଦବୀରେ ଥିବା ଶକ୍ତିଶାଳୀ ଲୋକଙ୍କ ସହ ଲଢ଼େଇ କରିପାରିବେ।

### ମହାରାଷ୍ଟ୍ରରୁ ହଟିବ ସବୁ କୋଭିଡ୍ କଟକଣା

**ମୁମ୍ବାଇ,୩୧।୩ :** କରୋନା ମହାମାରୀ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ମହାରାଷ୍ଟ୍ର ମରାଠୀ ନବବର୍ଷକୁ ସ୍ୱାଗତ କରିବାକୁ ଯାଉଥିବାବେଳେ ଶନିବାରଠାରୁ ସମସ୍ତ କୋଭିଡ୍ କଟକଣା ହଟାଇବାକୁ ନିଷ୍ପତ୍ତି ନେଇଛି। ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଉଥିବାବେଳେ ଏହା ଆଉ ବାଧ୍ୟତାମୂଳକ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ କହିଛନ୍ତି।

### ଦର ବୃଦ୍ଧି ନେଇ ପ୍ରଶ୍ନ କରିବାରୁ ରାଗିଲେ ରାମଦେବ

**କରନାଲ,୩୧।୩:** ଯୋଗ ଗୁରୁ ରାମଦେବ ବାବାଙ୍କୁ କରନାଲରେ ଏକ ସାମ୍ବାଦିକ ସମ୍ମିଳନୀରେ ଜଣେ ଖବରଦାତା ପେଟ୍ରୋଲ ଦର ବୃଦ୍ଧି ବିଷୟରେ ପ୍ରଶ୍ନ କରିଥିଲେ। ରାମଦେବ ଏଥିରେ ରାଗିଯାଇ ଖବରଦାତାଙ୍କୁ ଚୁପ୍ ରହିବାକୁ କହିଥିଲେ। ୨୦୧୪ ଲୋକ ସଭା ନିର୍ବାଚନରେ ସରକାର ବଦଳିଲେ, ପେଟ୍ରୋଲ ଲିଟର ପିଛା ୪୦ ଟଙ୍କାରେ ମିଳିବ ବୋଲି ରାମଦେବ ପୂର୍ବରୁ କହିଥିଲେ। ତାହା ମନେପକାଇଦେଇ ଖବରଦାତା ଜଣକ ରାମଦେବଙ୍କୁ ପ୍ରଶ୍ନ କରିବାରୁ ଏହାର ଉତ୍ତର ଦେବା ବଦଳରେ ରାମଦେବ ରାଗି ଯାଇ କହିଥିଲେ, 'ହଁ ମୁଁ ତାହା କହିଥିଲି, ତୁମେ ମୋର କ'ଣ କରିବ? ମୁଁ ଠିକାଦାର ନୁହେଁ ଯେ, ତୁମମାନଙ୍କ ଏଭଳି ପ୍ରଶ୍ନର ଉତ୍ତର ଦେଉଥିବି।



ରୁଷିଆର ଆକ୍ରମଣ ପରେ ୟୁକ୍ରେନ୍‌ରୁ ପଳାୟନ କରିଥିବା କୁନିପିଲାମାନେ ଜର୍ମାନୀର ବର୍ଲିନସ୍ଥିତ ଏକ ସ୍କୁଲରେ ଖେଳୁଛନ୍ତି।

## ଅସନ୍ତୁଳିତ କୂଟନୀତି



ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ

ୟୁକ୍ରେନ୍ ଆକ୍ରମଣକୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଦୃଢ଼ ନିନ୍ଦା କରି ରୁଷିଆ ଉପରେ କଟକଣା ଲଗାଉଛନ୍ତି। କିନ୍ତୁ ଭାରତ ମଝିରାସ୍ତା ବାଛିନେଇଥିବାରୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ନୂଆଦିଲ୍ଲୀର କୂଟନୈତିକ ଫାଟ ସୃଷ୍ଟି ହୋଇଛି। ମାର୍ଚ୍ଚ ୨୪-୨୫ରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୱି ୨୦୧୯ ପରେ ପ୍ରଥମ ଥର ପାଇଁ ଭାରତ ଆସିଥିବାବେଳେ ଏବେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ ସମର୍ଥନ ଆଶାରେ ନୂଆଦିଲ୍ଲୀ ଗସ୍ତରେ। ସମାନ ସମୟରେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ମାର୍ଚ୍ଚ ୧୯-୨୦ରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ଦିଲ୍ଲୀ ଗସ୍ତ ପରେ ୨୧ ତାରିଖରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ମୋଦିଙ୍କ ସହ ଭିଡିଓ ସମିଟ୍ କରିଥିଲେ। ୩୦ ତାରିଖରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନିଓ ବ୍ଲିଙ୍କେନ୍ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଫୋନ୍‌ରେ ୟୁକ୍ରେନ୍‌ର ମାନବୀୟ ସଙ୍କଟ ସମ୍ପର୍କରେ କଥା ହୋଇଥିଲେ। ଲାଭ୍ରୋଭ୍‌ଙ୍କ ଗସ୍ତ ସମୟରେ ଆମେରିକାର ଅର୍ଥନୀତି ସମ୍ପର୍କିତ ଜାତୀୟ ସୁରକ୍ଷା ଉପପରାମର୍ଶଦାତା (ଡେପୁଟି ଏନ୍‌ଏସ୍‌ଏ) ଦଲୀପ ସିଂ ଏବଂ ବ୍ରିଟେନ୍ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ମଧ୍ୟ ଭାରତ ଆସିଛନ୍ତି। ଉଭୟେ ଲାଭ୍ରୋଭଙ୍କ ଉପସ୍ଥିତିକୁ ନେଇ ଅସହଜ ମନେକରିଛନ୍ତି। ରୁଷିଆ ବିରୋଧୀ ଅଭିଯାନରେ ଭାରତ ମଧ୍ୟ ସାମିଲ ହେଉ ବୋଲି ଆମେରିକା ଓ ବ୍ରିଟେନ୍ କୂଟନୀତିଜ୍ଞ ରୋକ୍‌ଠୋକ୍ ଶୁଣାଇଛନ୍ତି।

# ମହଙ୍ଗା ପଡ଼ିବ ଶସ୍ତା ତେଲ

## 'ଯୁଦ୍ଧକୁ ଇନ୍ଧନ ଦେଉଛି ଭାରତ'

**ୟୁକ୍ରେନ୍ ଆକ୍ରମଣ ପରେ ଆମେରିକା ଓ ୟୁରୋପୀୟ କ୍ରେତାମାନେ ମସ୍କୋଠାରୁ ତେଲ କିଣିବା ବନ୍ଦ କରିଦେବାରୁ ରୁଷିଆ ନୂଆ ବଜାର ଖୋଜୁଛି। ଏବେ ଏସିଆକୁ ରୁଷିଆର ତେଲ ଯୋଗାଣ ବଢ଼ିଯାଇଛି। ଭାରତ ଏହାର ଫାଇଦା ନେବାକୁ ଯାଇ ଅନ୍ତର୍ଜାତୀୟ ଚାପ ଓ କଟକଣାକୁ ଭ୍ରୂକ୍ଷେପ ନ କରି ରୁଷିଆଠାରୁ ରିହାତି ଦରରେ ଅଶୋଧିତ ତୈଳ ଆଣୁଛି। ରୁଷିଆ ତେଲ କିଣିବାରେ ଚାଇନା ପ୍ରଥମରେ ଥିବାବେଳେ ଭାରତ ହେଉଛି ଦ୍ୱିତୀୟ ବଡ଼ କ୍ରେତା। ଯୁଦ୍ଧ ପରେ ବ୍ରେଣ୍ଟ ମୂଲ୍ୟ ୧୦ ଡଲାର ବଢ଼ିଥିବାବେଳେ ରୁଷିଆ ପୂର୍ବ ତୁଳନାରେ ଭାରତକୁ ବ୍ୟାରେଲ ପିଛା ୩୫ ଡଲାର ରିହାତିରେ ତେଲ ଦେଉଛି। ଏହାସହ ବର୍ଷକୁ ୧୫ ନିୟୁତ ବ୍ୟାରେଲ ତେଲ ରପ୍ତାନି କରିବାକୁ ଚାହୁଁଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହାକୁ ଗ୍ରହଣ କରିପାରି ନାହାନ୍ତି। ଭାରତକୁ ଶସ୍ତା ତେଲ ଆମଦାନୀ କୂଟନୈତିକ ସ୍ତରରେ ମହଙ୍ଗା ପଡ଼ିବ ବୋଲି କୁହାଯାଉଛି।**

**ୱାଶିଂଟନ/ନୂଆଦିଲ୍ଲୀ,୩୧।୩**

ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ଭାରତର 'ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ' ଆଭିମୁଖ୍ୟ ଆମେରିକାକୁ ନିରାଶ କରିଛି। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ମସ୍କୋ ଉପରେ କଟକଣା ଜାରି କରିଥିବାବେଳେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ ସମର୍ଥନ ଆଶାରେ ଗୁରୁବାର ନୂଆଦିଲ୍ଲୀ ଆସିଛନ୍ତି। ମସ୍କୋର ପ୍ରସ୍ତାବ ଉପରେ ଭାରତ ବିଚାର କରୁଥିବା ନେଇ ଗୁରୁବାର ଆମେରିକା ଓ ଅଷ୍ଟ୍ରେଲିଆ ନୂଆଦିଲ୍ଲୀକୁ ସମାଲୋଚନା କରିଛନ୍ତି। ୱାଶିଂଟନରେ ଆମେରିକାର ବାଣିଜ୍ୟ ସଚିବ ଜିନା ରାଇମୋଣ୍ଡୋ ଖବରଦାତାଙ୍କୁ ସମ୍ବୋଧନ କରି କହିଛନ୍ତି, ବର୍ତ୍ତମାନ ଇତିହାସର ଠିକ୍ ପକ୍ଷ ସହ ଛିଡ଼ା ହେବାର ସମୟ ଉପନୀତ। ଆମେରିକା ଓ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ସମର୍ଥନ କରି ୟୁକ୍ରେନ୍‌ର ସ୍ୱାଧୀନତା, ଗଣତନ୍ତ୍ର ଓ ସାର୍ବଭୌମତ୍ୱ ପ୍ରତି ଦୃଷ୍ଟି ଦେବା ଉଚିତ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧରେ ଇନ୍ଧନ ଯୋଗାଇବା ଅନୁଚିତ। ଯୁଦ୍ଧ ପାଇଁ ଆବଶ୍ୟକ ପାଣ୍ଠି ଓ ସହାୟତା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜିନା ସମାଲୋଚନା କରିଛନ୍ତି। ତାଙ୍କ ସହ ଥିବା ଅଷ୍ଟ୍ରେଲିଆ ବାଣିଜ୍ୟ ମନ୍ତ୍ରୀ ଡାନ୍ ତେହନ୍ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମର ଯେଉଁ ଆଭିମୁଖ୍ୟ ରହିଆସିଛି, ତାକୁ ଏବେ ଭିତ୍ତିକରି ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଏକାଠି କାର୍ଯ୍ୟ କରିବା ସମୟ ଆସିଛି। ଆମେରିକା ଓ ଅଷ୍ଟ୍ରେଲିଆର ଉପରୋକ୍ତ ମନ୍ତବ୍ୟରୁ କ୍ୱାଡ୍ ସଦସ୍ୟଙ୍କ ମଧ୍ୟରେ ଭାରତ ପ୍ରତି ବଢୁଥିବା ଅସନ୍ତୋଷ ପ୍ରତିଫଳିତ ହେଉଛି। କ୍ୱାଡ୍ରିଲେଟରାଲ ସିକ୍ୟୁରିଟି ଡାଇଲଗ୍ (କ୍ୱାଡ୍) ହେଉଛି ଆମେରିକା, ଅଷ୍ଟ୍ରେଲିଆ, ଭାରତ, ଜାପାନକୁ ନେଇ ଏକ ରଣନୈତିକ ପ୍ଲାଟ୍‌ଫର୍ମ, ଯାହାକି ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚାଇନାର କ୍ରମବର୍ଦ୍ଧିଷ୍ଣୁ ହସ୍ତକ୍ଷେପକୁ ପ୍ରତିହତ କରିବା ପାଇଁ ପ୍ରୟାସରତ। ରୁଷିଆ ଅସ୍ତ୍ରଶସ୍ତ୍ରର ସର୍ବବୃହତ୍ ଆମଦାନୀକାରୀ ଭାରତ ଏହି ରାଷ୍ଟ୍ର ସମୂହର ସଦସ୍ୟ ହୋଇ ମଧ୍ୟ ଏବେ ଶସ୍ତାରେ ମସ୍କୋଠାରୁ ତେଲ କିଣୁଛି। ଯୁଦ୍ଧବିରତି ଆହ୍ୱାନକୁ ଭାରତ ସମର୍ଥନ କରିଥିଲେ ହେଁ ଜାତିସଂଘରେ ମସ୍କୋ ବିରୋଧୀ ପ୍ରସ୍ତାବଗୁଡ଼ିକ ଆଗତ ବେଳେ ମତଦାନରୁ ବିରତ ରହିଆସିଛି। ଆମେରିକା ସମେତ ୟୁରୋପୀୟ ଦେଶଗୁଡ଼ିକ ରୁଷିଆର ୭ଟି ବ୍ୟାଙ୍କକୁ ସ୍ୱିଫ୍ଟରୁ ବାଦ୍ ଦେବା ପରେ ଭାରତ ଟଙ୍କା-ରୁବଲ ବିନିମୟରେ ତେଲ କିଣିବାକୁ ଚାହୁଁଛି।

## ପରିଣାମ ଭଲ ହେବନି

**ଆମେରିକା ଡେପୁଟି ଏନ୍‌ଏସ୍‌ଏଙ୍କ ଚେତାବନୀ**

**ନୂଆଦିଲ୍ଲୀ,୩୧।୩**



ଭାରତ ସମେତ କୌଣସି ଦେଶ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କ ଜରିଆରେ ମସ୍କୋଠାରୁ ରୁବଲ ବିନିମୟରେ କାରବାର କଲେ କିମ୍ବା ଆମେରିକାର କଟକଣାକୁ ନ୍ୟୂନ କଲା ଭଳି ନିଜସ୍ୱ ଦେୟ ବ୍ୟବସ୍ଥା ଆପଣାଇଲେ ପରିଣାମ ଭଲ ହେବ ନାହିଁ। ନୂଆଦିଲ୍ଲୀ ଗସ୍ତରେ ଥିବା ଆମେରିକାର ଅର୍ଥନୀତି ସମ୍ପର୍କିତ ଜାତୀୟ ସୁରକ୍ଷା ଉପପରାମର୍ଶଦାତା (ଡେପୁଟି ଏନ୍‌ଏସ୍‌ଏ) ଦଲୀପ ସିଂ ଗୁରୁବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ ଆସିବା ପୂର୍ବରୁ ଏଭଳି ଚେତାବନୀ ଦେଇଛନ୍ତି।

ଆମେରିକା ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ଭାରତୀୟ ବଂଶୋଦ୍ଭବ ଦଲୀପ ନୂଆଦିଲ୍ଲୀରେ ରୁଷିଆ ବିରୋଧରେ ଖୋଲାଖୋଲି ସତର୍କ କରାଇଛନ୍ତି। ଦଲୀପ କହିଛନ୍ତି, ଚାଇନା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ଅତିକ୍ରମଣ କଲେ ଏହାର 'ଜୁନିୟର ପାର୍ଟନର' ରୁଷିଆ ଭାରତକୁ ସାହାଯ୍ୟ କରିବାକୁ ଆସିବ ବୋଲି ନୂଆଦିଲ୍ଲୀ ମନେକରିବା ଅନୁଚିତ। ଦଲୀପ ଆହୁରି କହିଛନ୍ତି, ସେ ବନ୍ଧୁତା ଦୃଷ୍ଟିରୁ ଆମେରିକାର କଟକଣା ବ୍ୟବସ୍ଥା ସମ୍ପର୍କରେ କହିବା ପାଇଁ ଏଠାକୁ ଆସିଛନ୍ତି। ଆମେରିକା ସହ ମିଶି କାମ କଲେ ଉଭୟ ରାଷ୍ଟ୍ରର ସ୍ୱାର୍ଥରକ୍ଷା ହେବ। କିନ୍ତୁ କଟକଣାକୁ ଅବଜ୍ଞା କଲେ ପରିଣାମ ଭଲ ହେବ ନାହିଁ।



## ରୁଷିଆ ବିରୋଧୀ କଟକଣାରେ ସାମିଲ ହେଉ ଭାରତ: ଲିଜ୍ ଟ୍ରସ୍

**ନୂଆଦିଲ୍ଲୀ,୩୧।୩**

ଏପ୍ରିଲରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ସମ୍ଭାବ୍ୟ ଭାରତ ଗସ୍ତ ପୂର୍ବରୁ ଗୁରୁବାର ତାଙ୍କ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ଦିଲ୍ଲୀ ଆସିଛନ୍ତି। ସେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟିବା ପୂର୍ବରୁ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଲିଜ୍ କହିଛନ୍ତି, ରୁଷିଆ ବିରୋଧରେ କଟକଣା ଜାରି କରିବାରେ ଭାରତ ମଧ୍ୟ ସାମିଲ ହେବା ଉଚିତ। ତେବେ ଭାରତ କ'ଣ କରିବ ତାହା ନୂଆଦିଲ୍ଲୀ ଉପରେ ନିର୍ଭର କରେ। ଜୟଶଙ୍କର କହିଛନ୍ତି, ପ୍ରତ୍ୟେକ ରାଷ୍ଟ୍ରର ନିଜସ୍ୱ ସାର୍ବଭୌମ ନିଷ୍ପତ୍ତି ରହିଛି। ଏକତରଫା କଟକଣାକୁ ଭାରତ ମାନିବ ନାହିଁ। ମୁମ୍ବାଇରେ ଥିବା ରୁଷିଆର ଏକ କେନ୍ଦ୍ରୀୟ ଆର୍ଥିକ ସଂସ୍ଥା ଗୋଷ୍ଠୀଠାରୁ ଭାରତ ତେଲ କିଣିବା ପାଇଁ ଆଲୋଚନା କରୁଛି।

## ୩ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରୁ ଆଫସ୍ପା ଆଂଶିକ ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ବହୁ ଦଶନ୍ଧି ପରେ ନାଗାଲାଣ୍ଡ, ଆସାମ ଓ ମଣିପୁରରେ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଆଫସ୍ପା) ଅଧୀନରେ ରହିଥିବା ବିଶୃଙ୍ଖଳିତ ଅଞ୍ଚଳକୁ ସଙ୍କୁଚିତ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ୧ରୁ ଏହା କାର୍ଯ୍ୟକାରୀ ହେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଟୁଇଟର ଜରିଆରେ ଘୋଷଣା କରିଛନ୍ତି। ଉଗ୍ରପନ୍ଥୀ ଉପଦ୍ରୁତ ଉତ୍ତର-ପୂର୍ବାଞ୍ଚଳର ଉକ୍ତ ୩ ରାଜ୍ୟରୁ ଆଫସ୍ପା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବ ନାହିଁ। କେତେକ ଅଞ୍ଚଳରେ ଏହା ବଳବତ୍ତର ରହିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗତବର୍ଷ ଡିସେମ୍ବରରେ ନାଗାଲାଣ୍ଡରେ ସେନା ଗୁଳିରେ ୧୪ ଜଣ ନିରୀହ ଖଣି ଶ୍ରମିକଙ୍କ ମୃତ୍ୟୁ ପରେ ଆଫସ୍ପା ପ୍ରତ୍ୟାହାର ଦାବି ଜୋର୍ ଧରିଥିଲା। ଏହି ସ୍ୱତନ୍ତ୍ର ଆଇନ ପ୍ରତ୍ୟାହାର କରାଯିବା କେତେଦୂର ସମ୍ଭବ, ତାହା ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ଏହାର ୩ ମାସ ପରେ ନାଗାଲାଣ୍ଡ ସମେତ ୩ ରାଜ୍ୟରୁ ଆଫସ୍ପାକୁ ଆଂଶିକ ପ୍ରତ୍ୟାହାର ଲାଗି ନିଷ୍ପତ୍ତି ନିଆଯାଇଛି। ଉତ୍ତର-ପୂର୍ବାଞ୍ଚଳର ଉପରୋକ୍ତ ୩ ରାଜ୍ୟରେ ଉଗ୍ରବାଦକୁ ଦମନ କରିବାରେ ସୈନ୍ୟବାହିନୀକୁ ସହାୟତା ପାଇଁ ବହୁ ଦଶନ୍ଧି ହେଲା ସେଠାରେ ଆଫସ୍ପା ଲାଗୁ ହୋଇଥିଲା। ଏହା ବଳରେ ସେନା ବିଭିନ୍ନ ଅଞ୍ଚଳରେ ଅଭିଯାନ କରିବା ସହ ବିନା ୱାରେଣ୍ଟରେ ଯେକୌଣସି ବ୍ୟକ୍ତିଙ୍କୁ ଗିରଫ କରିବାର କ୍ଷମତା ପାଇଥିଲା। କଠୋର ବ୍ୟବସ୍ଥା ଥିବା ଉକ୍ତ ଆଇନକୁ ଉତ୍ତର-ପୂର୍ବାଞ୍ଚଳ ସମେତ ଜମ୍ମୁ-କଶ୍ମୀରରୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବି ହୋଇଆସୁଥିଲା। ମଣିପୁର କର୍ମୀ ଇରୋମ ଚାନୁ ଶର୍ମିଳା ଉକ୍ତ ଆଇନ ପ୍ରତ୍ୟାହାର ଦାବିରେ ୧୬ ବର୍ଷ ଅନଶନ କରିଥିଲେ।

## ମୁହାଁମୁହିଁ ହେବେ ବେଜୋସ-ଅମ୍ବାନୀ

**ନୂଆଦିଲ୍ଲୀ,୩୧।୩**



ଇଣ୍ଡିଆନ୍ କ୍ରିକେଟ ଲିଗ୍ (ଆଇସିଏଲ୍) ପ୍ରସାରଣ ନିଲାମୀରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଦୁଇ ବିଲିୟନେୟାର ଜେଫ୍ ବେଜୋସ୍ ଓ ମୁକେଶ ଅମ୍ବାନୀ। ପ୍ରଥମ ଥର ପାଇଁ ଟେଲିଭିଜନରେ କ୍ରିକେଟର ସିଧା ପ୍ରସାରଣ ଏବଂ ଅନ୍‌ଲାଇନ୍ ପ୍ଲାଟଫର୍ମ ପ୍ରସାରଣ ପାଇଁ ଅଲଗା ନିଲାମୀ କରାଯିବ। ଏଥିରେ ବେଜୋସ୍‌ଙ୍କ ଆମାଜନ୍, ଏହାର ପ୍ରାଇମ୍ ଭିଡିଓ ସର୍ଭିସ୍ ଏବଂ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସାମିଲ ହେବାକୁ ଯାଉଛନ୍ତି। ଜୁନ୍ ୧୨ରେ ଭାରତୀୟ କ୍ରିକେଟ ଲିଗ୍ ୭ ବିଲିୟନ୍ ଡଲାରରେ ନିଲାମ ହେବା ଆଶା ରଖାଯାଇଛି।



ବିଦାୟ ସମ୍ବର୍ଦ୍ଧନା ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓ ମଲ୍ଲିକାର୍ଜୁନ ଖାର୍ଗେ।

### ଖାର୍ଗେଙ୍କ ଉତ୍ତରରେ ହସିଲେ ମୋଦି

ରାଜ୍ୟ ସଭାର ଗୁରୁବାର ୭୨ ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା ପୂର୍ବରୁ ଗ୍ରୁପ୍ ଫଟୋ ପାଇଁ ସେମାନେ ଏକାଠି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସେଠାରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ହାତ ମିଳାଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ହୋହଲ୍ଲା କମ୍ କରି ଗୃହକାର୍ଯ୍ୟ ଚାଲିବାକୁ ଦେବାକୁ କହିଥିଲେ। ଜବାବରେ ଖାର୍ଗେ କହିଥିଲେ, ପ୍ରଶ୍ନ କରିବା ତାଙ୍କ ଦଳର କାମ ଓ ଉତ୍ତର ରଖିବା ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାରଙ୍କ ଦାୟିତ୍ୱ। ଏଥିରେ ଉଭୟ ହସିଥିଲେ।

## ୭୨ ରାଜ୍ୟ ସଭା ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆଗାମୀ ପିଢ଼ିଙ୍କୁ ଅନୁପ୍ରାଣିତ କରିବାକୁ କହିଲେ ପ୍ରଧାନମନ୍ତ୍ରୀ**

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ରାଜ୍ୟ ସଭାରୁ ଆଗାମୀ ୨ ମାସ ମଧ୍ୟରେ ଅବସର ନେଉଥିବା ୭୨ ସଦସ୍ୟଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏବଂ ଆଗାମୀ ପିଢ଼ିଙ୍କୁ ଅନୁପ୍ରାଣିତ କରିବା ଲାଗି ଅବସରପ୍ରାପ୍ତ ଏମ୍‌ପିମାନେ ପାର୍ଲାମେଣ୍ଟରୁ ହାସଲ କରିଥିବା ଅଭିଜ୍ଞତାକୁ ଲୋକଙ୍କ ମଧ୍ୟରେ ବାଣ୍ଟିବା ସହ ଦେଶ ସେବାରେ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଛନ୍ତି। ସଦସ୍ୟମାନେ ଗୃହର ଚାରିକାନ୍ଥ ମଧ୍ୟରୁ ଅବସର ନେଲେ ମଧ୍ୟ ସେମାନଙ୍କ ଅଭିଜ୍ଞତାକୁ ଦେଶର ସ୍ୱାର୍ଥ ପାଇଁ ଚାରି ଦିଗରେ ପ୍ରସାର କରିବାକୁ ମୋଦି କହିଥିଲେ। ସେ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୁଣିଥରେ ଗୃହକୁ ଫେରିବାକୁ କହିଥିଲେ।

ଦଳମତ ନିର୍ବିଶେଷରେ ଏମ୍‌ପିମାନେ ସେମାନଙ୍କଅବସରପ୍ରାପ୍ତସହକର୍ମୀମାନଙ୍କ ମଧୁର ସ୍ମୃତିକୁ ମନେପକାଇବା ସହ ସେମାନେ ପୁଣିଥରେ ଗୃହକୁ ଫେରନ୍ତୁ ବୋଲି କାମନା କରିଥିଲେ। କେତେଜଣ ଏମ୍‌ପି ଭାବପ୍ରବଣ ହୋଇପଡ଼ିଥିବା ଦେଖାଯାଇଥିଲା। ଏଥିସହିତ କିଛି ସମୟ ପାଇଁ ସଦସ୍ୟମାନେ ହାଲ୍‌କା ଫୁଲ୍‌କା ମୁହୂର୍ତ୍ତ ବିତାଇଥିଲେ। ୭ ମନୋନୀତ ଏମ୍‌ପିଙ୍କ ସମେତ ଉଚ୍ଚ ସଦନର ମୋଟ ୭୨ ସଦସ୍ୟ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ ଅବସର ନେଉଛନ୍ତି, ଯାହା କି ଗୃହ କ୍ଷମତାରୁ ଏକ ତୃତୀୟାଂଶ। ସେମାନଙ୍କ ମଧ୍ୟରୁ କେତେଜଣ ପୁନର୍ବାର ରାଜ୍ୟ ସଭାକୁ ନିର୍ବାଚିତ ହୋଇପାରନ୍ତି। ଅବସର ନେଉଥିବା ଏମ୍‌ପିଙ୍କ ମଧ୍ୟରେ ଅଛନ୍ତି ଏ.କେ. ଆଣ୍ଟୋନି, ଅମ୍ବିକା ସୋନି, ପି. ଚିଦାମ୍ବରମ, ଆନନ୍ଦ ଶର୍ମା, ଜୟରାମ ରମେଶ, ସୁରେଶ ପ୍ରଭୁ, ପ୍ରଫୁଲ୍ଲ ପଟେଲ, ସୁବ୍ରମଣ୍ୟମ ସ୍ୱାମୀ, ପ୍ରସନ୍ନ ଆଚାର୍ଯ୍ୟ, ସଞ୍ଜୟ ରାଉତ, ନରେଶ ଗୁଜରାଲ, ସତୀଶ ଚନ୍ଦ୍ର ମିଶ୍ରା, ଏମ୍.ସି. ମେରି କମ୍, ସ୍ୱପନ ଦାସଗୁପ୍ତା ଏବଂ ନରେନ୍ଦ୍ର ଯାଦବ ପ୍ରମୁଖ।

## ସଂକ୍ଷେପରେ

### ଆଜିଠୁ ପୁନିତ ସାଗର ଅଭିଯାନ

**କଟକ ଅଫିସ,୩୧।୩:** ନ୍ୟାଶନାଲ କ୍ୟାଡେଟ୍ କର୍ପସ(ଏନ୍‌ସିସି) ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ପୁନିତ ସାଗର ଅଭିଯାନ। ସମୁଦ୍ର ଓ ନଦୀକୂଳରେ ଜମା ହୋଇଥିବା ପ୍ଲାଷ୍ଟିକ୍‌କୁ ସଫା କରି ପୁନଃ ବ୍ୟବହାର ଉପଯୋଗୀ କରିବା ଉଦ୍ଦେଶ୍ୟରେ ଏନ୍‌ସିସି ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯିବ। ୫ ଦିନ ଧରି ଏଭଳି କାର୍ଯ୍ୟକ୍ରମ କରାଯିବା ପାଇଁ ଯୋଜନା ହୋଇଛି। ଏପ୍ରିଲ ୧ରେ ଜଗତ୍‌ପୁରସ୍ଥିତ ବର୍ଜ୍ୟବସ୍ତୁ ରିସାଇକ୍ଲିଂ ପ୍ଲାଣ୍ଟକୁ କ୍ୟାଡେଟମାନେ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨ ତାରିଖରେ ପୁରୀ ବେଳାଭୂମିରେ ପର୍ଯ୍ୟଟକ ଓ ଦୋକାନୀମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯିବ।

### ସଚିବାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରନର୍ସ ଅପ୍ ଟିମ୍‌କୁ ସମ୍ବର୍ଦ୍ଧିତ କଲେ ବିଭାଗୀୟ ନିର୍ଦ୍ଦେଶକ

**ଭୁବନେଶ୍ୱର,୩୧।୩:** ସଚିବାଳୟ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇ କୃତିତ୍ୱ ଅର୍ଜନ କରିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ଖେଳାଳିଙ୍କୁ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି। ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନିର୍ଦ୍ଦେଶକ ତ୍ରିପାଠୀ ଖେଳାଳିଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରି କ୍ରୀଡ଼ା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ବ୍ୟକ୍ତିଙ୍କୁ ସକ୍ରିୟ ତଥା ସୁସ୍ଥ ରଖିବା ସହ ଉତ୍ତମ କର୍ମସଂସ୍କୃତି ନିର୍ମାଣରେ ସହାୟକ ହୋଇଥାଏ ବୋଲି କହିବା ସହ କର୍ମଚାରୀଙ୍କୁ ସେମାନଙ୍କ ବୃତ୍ତିଗତ ଦାୟିତ୍ୱ ନିର୍ବାହ ସହ ପ୍ରବୃତ୍ତିକୁ ମଧ୍ୟ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି କ୍ରୀଡ଼ାବିତ୍‌ମାନଙ୍କ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ଖେଳାଳିମାନେ ଅଧିକ ସଫଳତା ଅର୍ଜନ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ବିଭାଗ ପକ୍ଷରୁ କ୍ରିକେଟ୍ ଦଳର ଆଲୋକ ମହାରଣା (ଅଧିନାୟକ), ଅମିତ ମହାପାତ୍ର (ଉପଅଧିନାୟକ), ରାଜେନ୍ଦ୍ର କୁମାର ନାୟକ, ଅଜୟ ନିଆଲ, ଶୁଭଜିତ୍ ବାରିକ, ନରସିଂହ ରେଡ୍ଡିଙ୍କୁ ବିଭାଗୀୟ ନିର୍ଦ୍ଦେଶକ ଫୁଲତୋଡ଼ା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ନୂତନ କର୍ପୋରେଟରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୩୧।୩:** ରସୁଲଗଡ ବାଲିଆପଟା ମହାଲକ୍ଷ୍ମୀ ଶାନ୍ତିପୀଠ ପ୍ରାଙ୍ଗଣରେ ଗୁରୁବାର ଭୁବନେଶ୍ୱର ମହାନଗର ନିଗମର ନବନିର୍ବାଚିତ ୧୯ନଂ ୱାର୍ଡର କର୍ପୋରେଟର ସ୍ମୃତିଶିଖା ବରିସଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନବାଗତା କର୍ପୋରେଟର ସମସ୍ତଙ୍କ ସହମତି ନେଇ ୱାର୍ଡର ସର୍ବାଙ୍ଗୀନ ଉନ୍ନତି କାର୍ଯ୍ୟକୁ କିପରି ଆଗେଇ ନେବେ ସେ ବିଷୟରେ ପ୍ରଦୀପ ବରିସଲ ଆଲୋଚନା କରିଥିଲେ। କର୍ପୋରେଟର ସ୍ମୃତିଶିଖାଙ୍କୁ ମହାଲକ୍ଷ୍ମୀ ଶାନ୍ତିପୀଠର ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ଅଧକ୍ଷ ପ୍ରଦ୍ୟୁମ୍ନ ପରିଡ଼ା, ସମ୍ପାଦକ ଚନ୍ଦ୍ରକାନ୍ତ ନାଥ, ସହସମ୍ପାଦକ ଦୟାନିଧି ସାହୁ, ବରିଷ୍ଠ ସଦସ୍ୟ ଅଜୟ ସାହୁ, ଉପାଧକ୍ଷ ପ୍ରମୋଦ ବରିସଲ, ନୟନ କିଶୋର ଜେନା, ଅନ୍ତର୍ଯ୍ୟାମି ପ୍ରଧାନ, ବାବୁଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

## ମାଟିରେ ମିଶିଲା 'ବାୱର୍ଚ୍ଚି ଫାଷ୍ଟଫୁଡ୍' ସମେତ ୪୦ ଭଠାଦୋକାନ

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହନଗର ନିଗମ (ବିଏମସି) ପକ୍ଷରୁ ମିଳିତ ଭାବେ ଗୁରୁବାର ଲକ୍ଷ୍ମୀସାଗର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କମିଶନରେଟ ପୋଲିସ ସହାୟତାରେ ଲକ୍ଷ୍ମୀସାଗର ଅଧୀନ ଝାରପଡ଼ା ମୌଜା ଗଣେଶ ବଜାରଛକସ୍ଥିତ 'ବାୱର୍ଚ୍ଚି ଫାଷ୍ଟଫୁଡ୍'କୁ ଉଚ୍ଛେଦ କରାଯାଇଛି। ସରକାରୀ ଜମିରେ ଗଢ଼ି ଉଠିଥିବା ଏହି ଫାଷ୍ଟଫୁଡ୍ ଦୋକାନ ଗଣେଶ ବଜାର ଛକ ରାସ୍ତାକୁ ମାଡ଼ିବସିଥିଲା। ବିଏମ୍‌ସି ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦକାରୀ ଦଳ ଏହି ଦୋକାନକୁ ଭାଙ୍ଗିଛନ୍ତି। ଏଥିସହ ଗୋଟିଏ ଟିଣଘର ଓ ଦୁଇଟି ଲୁହାନିର୍ମିତ କ୍ୟାବିନ୍ ଭଙ୍ଗାଯାଇଛି। ଫଳରେ ପ୍ରାୟ ୫୦୦ ବର୍ଗଫୁଟ୍ ସରକାରୀ ଭୂମି ଜବରଦଖଲମୁକ୍ତ ହୋଇଛି। ଉଚ୍ଛେଦ


'ବାୱର୍ଚ୍ଚି ଫାଷ୍ଟଫୁଡ୍' ଦୋକାନକୁ ଭଙ୍ଗାଯାଉଛି।


ଘଟଣାସ୍ଥଳରେ ବିରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ପ୍ରକ୍ରିୟାରେ ଦୁଇଟି ଜେସିବି ବ୍ୟବହାର କରାଯାଇଥିଲା। ତେବେ ଉଚ୍ଛେଦକୁ ତୀବ୍ର ବିରୋଧ କରାଯାଇଥିଲା। ଏହି ସମୟରେ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଏସିପି ପ୍ରକାଶ ଚନ୍ଦ୍ର ପାଲ, ଆଇଆଇସି ବିଶ୍ୱରଞ୍ଜନ ନାୟକ, ଆଇଆଇସି ପରେଶ କୁମାର ରାଉତ, ଆଇଆଇସି କୃଷ୍ଣଚନ୍ଦ୍ର ପାଲେନ୍, ଆଇଆଇସି ଅରୁଣ କୁମାର ସ୍ୱାଇଁଙ୍କ ସମେତ ବିଡିଏ ପକ୍ଷରୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ବିଏମସିର ଦକ୍ଷିଣ-ପୂର୍ବ ଜୋନ୍ ଓ ମଧ୍ୟ ସ୍କ୍ୱାଡ୍, ୨ ପ୍ଲାଟୁନ୍ ରିଜର୍ଭ ପୋଲିସ୍ ଫୋର୍ସ, ଗୋଟିଏ ସେକ୍ସନ୍ ମହିଳା ପୋଲିସ ନିୟୋଜିତ ଥିଲେ। ଅପରପକ୍ଷେ ଏମ୍‌ସିଏଲ୍ ଛକରୁ ମିଳିତ ଉଚ୍ଛେଦ ପ୍ରକ୍ରିୟାରେ ସମୁଦାୟ ୩୭ଟି ବାଉଁଶ ନିର୍ମିତ ଦୋକାନ ଭାଙ୍ଗି ଦିଆଯାଇଛି।

# ରାସ୍ତା ନିର୍ମାଣ ଦାବିରେ ଧାରଣା


କଳିଙ୍ଗ ଛକ ନିକଟସ୍ଥ ବେହେରା ସାହି ମୁଖ୍ୟରାସ୍ତା ସମ୍ମୁଖରେ କର୍ପୋରେଟର ବନ୍ଦିତା ପାଲ ଏବଂ ଅଞ୍ଚଳବାସୀ ଧାରଣା ଦେଇଛନ୍ତି।

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

## ପଦକ୍ଷେପ ନିଆ ନ ଗଲେ ଅନଶନ

ନୂଆପଲ୍ଲୀ ୩୭ନଂ. ୱାର୍ଡର ଗମନାଗମନ ପାଇଁ ଏକମାତ୍ର ମାଧ୍ୟମ ଭାବେ ପରିଚିତ ବେହେରା ସାହି ଛକରୁ ଇଉରେକା ଟ୍ରାଫିକ ଛକ ପର୍ଯ୍ୟନ୍ତ ବ୍ୟାପିଥିବା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ନବନିର୍ବାଚିତ କର୍ପୋରେଟର ବନ୍ଦିତା ପାଲ ଦାବି କରିଛନ୍ତି। ବିଏମ୍‌ସି କମିଶନର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅନଶନ କରାଯିବ ବୋଲି ବନ୍ଦିତା କହିଛନ୍ତି। ଏହି ଦାବିରେ ସେ ଗୁରୁବାର ଅଞ୍ଚଳବାସୀଙ୍କ ସହ ମଶାଲ ଶୋଭାଯାତ୍ରା କରିଛନ୍ତି।

୨୦୨୧ ମସିହାରୁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କାର୍ଯ୍ୟ ସରିଥିବାବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେଉନାହିଁ। ୨ବର୍ଷ ଧରି କେବଳ ପ୍ରତିଶ୍ରୁତି ମିଳୁଛି। ତେଣୁ ତୁରନ୍ତ ପଦକ୍ଷେପ ନେବା ଦାବିରେ ବୁଧବାରଠାରୁ କର୍ପୋରେଟର ଓ ଅଞ୍ଚଳବାସୀ କଳିଙ୍ଗ ଛକ ନିକଟସ୍ଥ ବେହେରା ସାହି ମୁଖ୍ୟରାସ୍ତା ସମ୍ମୁଖରେ ଧାରଣା ଦେଉଥିବାବେଳେ ଗୁରୁବାର ମଶାଲ ଶୋଭାଯାତ୍ରା କରିଥିଲେ। ୟୁରେକା ଛକରୁ ବେହେରା ସାହି ଛକ ଏବଂ ମଙ୍ଗଳା ମନ୍ଦିର ଛକରୁ ଈଶା ଆପାର୍ଟମେଣ୍ଟ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ସେହିପରି ବେହେରା ସାହିସ୍ଥିତ ଦମୟନ୍ତୀ ଆପାର୍ଟମେଣ୍ଟରେ ମଧ୍ୟ ଏହି ଶୋଭାଯାତ୍ରା ପହଞ୍ଚିଥିଲା। ଏଥିରେ ସାମାଜିକ କର୍ମୀ ଅର୍ଜୁନ ବେହେରା, ସ୍ଥାନୀୟ ଅଞ୍ଚଳର ଯୁବ, ଛାତ୍ର, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା ମହାସଂଘର ସଦସ୍ୟବୃନ୍ଦ ସାମିଲ ହୋଇଥିଲେ। ନିତିଦିନ ଦୁର୍ଘଟଣା ଘଟୁଛି। ନିକଟରେ ଜଣେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଏଭଳି ସ୍ଥିତିରେ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବା ନେଇ ସେ ଆଶା ରଖିଥିବା ବନ୍ଦିତା କହିଛନ୍ତି।

# ଡାକ୍ତରଙ୍କୁ ମାଡ଼ ମାରି ୨ ଗିରଫ

## ବାଇକ୍ ଓ ଟଙ୍କା ଜବତ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ରାଜଧାନୀରେ ଦିନକୁ ଦିନ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଯେଉଁଠି ଯାହାକୁ ପାଇଲେ ସେଇଠି ଆକ୍ରମଣ କରି ଲୁଟି ଚମ୍ପଟ ମାରୁଛନ୍ତି। ୨ଦୁର୍ବୃତ୍ତ ଜଣେ ଡାକ୍ତରଙ୍କୁ ଆକ୍ରମଣ କରି ତାଙ୍କଠାରୁ ୧୫୦୦ ଟଙ୍କା ଲୁଟିନେବା ଅଭିଯୋଗରେ ଚନ୍ଦ୍ରଶେଖପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଭୁବନେଶ୍ୱରର ଶ୍ୟାମ ସୁନ୍ଦର ରାଓ (୨୨) ଓ ପପିନା ନାୟକ (୨୬) । ସେମାନଙ୍କ ଠାରୁ ଗୋଟିଏ ମୋଟର ସାଇକେଲ ଓ ୨୦୦ ଟଙ୍କା ଜବତ କରାଯାଇଛି । ସୂଚନା ଅନୁଯାୟୀ, ଅଭିଯୋଗକାରୀ ଏକ ମେଡିକାଲରେ ଡାକ୍ତର ଅଛନ୍ତି। ବୁଧବାର ସେ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ୨ ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଅଟକାଇ ତାଙ୍କ କାର୍ କାଚ ଭାଙ୍ଗିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରରେ ଗଭୀର ଆଘାତ ସୃଷ୍ଟି ହୋଇଥିଲା। ଏନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୧୨୦/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

# ୪୧.୭୯ ପ୍ରତିଶତ ପରିବାରକୁ ମିଳିଛି ଟ୍ୟାପ୍ ଜଳ ସଂଯୋଗ

**ଭୁବନେଶ୍ୱର, ୩୧।୩(ପିଆଇବି)**

**୨୦୨୧-୨୨ ଆର୍ଥିକ ବର୍ଷରେ ଜଳଜୀବନ ମିଶନ ଅଧୀନରେ ଓଡ଼ିଶାକୁ ମିଳିଛି ୩,୩୨୩.୪୨ କୋଟି ଟଙ୍କା ଅନୁଦାନ**

ଜଳ ଜୀବନ ମିଶନ ଅଧୀନରେ ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ଅଂଶଧନ ଆକାରରେ ୩,୩୨୩. ୪୨କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେଥିମଧ୍ୟରୁ ରାଜ୍ୟ ସରକାର ୧,୦୬୪.୫୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଗୁରୁବାର ଲୋକ ସଭାରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ସୂଚନା ଦେଇଛନ୍ତି।

ଓଡ଼ିଶାକୁ ଜଳ ଜୀବନ ମିଶନ ଅଧୀନରେ ମିଳିଥିବା ଅନୁଦାନ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ପଟେଲ କହିଥିଲେ ଯେ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟକୁ ଯଥାକ୍ରମେ ୩୬୪.୭୪ କୋଟି ଟଙ୍କା ଏବଂ ୮୧୨.୧୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ମିଶନ ଅଧୀନରେ ମିଳିଥିବା କେନ୍ଦ୍ରୀୟ ଅନୁଦାନ ମଧ୍ୟରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୨୭୫.୦୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ୬୮୮.୬୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଅନ୍ୟପଟେ ଜଳ ଜୀବନ ମିଶନ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯-୨୦, ୨୦୨୦-୨୧ ଏବଂ ୨୦୨୧-୨୧ ଆର୍ଥିକ ବର୍ଷରେ ରାଜ୍ୟ ଅଂଶଧନ ବାବଦରେ ଯଥାକ୍ରମେ ୨୫୫.୦୨ କୋଟି ଟଙ୍କା, ୬୭୩ କୋଟି ଟଙ୍କା ଏବଂ ୧୦୫୪.୬୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଜଳ ଜୀବନ ମିଶନ ଅଧୀନରେ କେନ୍ଦ୍ର ସରକାର ସବୁ ପରିବାରକୁ ଟ୍ୟାପ୍ ଜଳ ଯୋଗାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମିଶନ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୬ ଲକ୍ଷ ୯୧ ହଜାର ୮୦୭ଟି ପରିବାରକୁ ଟ୍ୟାପ ଜଳ ଯୋଗାଣ କରାଯାଇଛି । ଏବେସୁଦ୍ଧା ମିଶନ ଅଧୀନରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟର ୪୧.୭୯ପ୍ରତିଶତ ପରିବାରକୁ ଟ୍ୟାପ୍ ଜଳ ସଂଯୋଗ ଦିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ। ମିଶନର ନିର୍ଦ୍ଧାରିତ ଅବଧି ମଧ୍ୟରେ ସବୁ ପରିବାରକୁ ଟ୍ୟାପ୍ ଜଳ ସଂଯୋଗ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୂଚୀତ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ କହିଥିଲେ।

# ରାଜ୍ୟ ଗ୍ରନ୍ଥାଗାରରେ ପୁସ୍ତକ ପ୍ରଦର୍ଶନୀ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଓଡ଼ିଶା ଦିବସ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୭ଦିନିଆ ପୁସ୍ତକ ପ୍ରଦର୍ଶନୀକୁ ଗୁରୁବାର ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଛନ୍ତି। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗ୍ରନ୍ଥାଗାରିକ ରୁଦ୍ର ପ୍ରସାଦ ବେହେରା, ସଂଘମିତ୍ରା ସାହୁ, କୁଙ୍କୁମିନା ଦାସ, ବିଦ୍ୟାଧର ପଣ୍ଡା, କର୍ଣ୍ଣମଣି ବିଶ୍ୱାଳ, ସଳିତା ପାତ୍ର,ମଞ୍ଜୁରାଣୀ ମୁଦୁଲି, ସୁବର୍ଣ୍ଣ ପଣ୍ଡା, ଭିକାରୀ ଚରଣ ସାହୁ ଓ ଅନ୍ୟ କର୍ମଚାରୀମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ କବି, ଲେଖକ ଓ ସମ୍ବାଦପତ୍ରର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ମୌଷଧି ବାଗ, ପ୍ରଶାନ୍ତ ବେହେରା, ଭାସ୍କର ମଢେଇ, ନବଚରଣ ମାଝୀ, କୁସୁମ ଟେଟେ, ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପାଠାଗାରରେ ଉପସ୍ଥିତ ହୋଇ ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଅବସର ନେଉଥିବା ପାଠାଗାରର ପୁରାତନ କର୍ମଚାରୀ ଶତ୍ରୁଘ୍ନ ଦେହୁରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏପ୍ରିଲ୧ ଶୁକ୍ରବାର ଓଡ଼ିଶା ଦିବସରେ ପାଠକମାନଙ୍କ ମଧ୍ୟରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା, ୨ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଉପରେ ଆଲୋଚନାଚକ୍ର ଏବଂ ୩ ତାରିଖରେ କବିତା ପାଠୋତ୍ସବ ହେବ।

# ୫ ପୋଲିସ କର୍ମଚାରୀଙ୍କ ଅବସର ଗ୍ରହଣ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ନିୟୋଜିତ ୫ ପୋଲିସ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ସେମାନେ ହେଲେ ବାଲିପାଟଣା ଥାନାର ହାବିଲଦାର ଏସ୍.କେ.ଇବ୍ରାହିମ, ମହେଶ୍ୱର ସାହୁ, ଶରତଚନ୍ଦ୍ର ବିଶ୍ୱାଳ, ସୁଦର୍ଶନ ମହାନ୍ତି ଏବଂ ଅମ୍ବୁଜ ବଲ୍ଲଭ ଭୂୟାଁ। ଏମାନେ ନିଜ ଚାକିରି କାଳ ମଧ୍ୟରେ ନିଷ୍ଠାପର କାର୍ଯ୍ୟ ସମ୍ପାଦନ କରିଥିବାରୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛି।

# ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦୃଶ୍ୟମାନ୍ୟତା ଦିବସ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଶାରଳା ଦେବୀ ଲିଙ୍ଗ ଗବେଷଣା କେନ୍ଦ୍ର, ଦ ହ୍ୟୁମାନିଟି, ତୃତୀୟ ଲିଙ୍ଗ କଲ୍ୟାଣ ସଂସ୍ଥା ଏବଂ ଜେଣ୍ଡର ଷ୍ଟଡିଜ (ଲିଙ୍ଗଭିତ୍ତିକ ଶିକ୍ଷା) ବିଭାଗର ମିଳିତ ଅନୁକୂଲ୍ୟରେ ଗୁରବାର ଆନ୍ତର୍ଜାତିକ ତୃତୀୟ ଲିଙ୍ଗ ଦୃଶ୍ୟମାନ୍ୟତା ଦିବସ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଲିଙ୍ଗ କଲ୍ୟାଣ ସଂସ୍ଥାର ଅଧକ୍ଷା ମେଘନା ସାହୁ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସେ ତାଙ୍କ ସଂଘର୍ଷ, କ୍ଷୋଭ, ବେଦନା, କଷ୍ଟ, ଯନ୍ତ୍ରଣା ଭିତରେ ଏମ୍‌ବିଏକୁ ତାଙ୍କର ଯାତ୍ରା, ତାଙ୍କର ଦୃଢ ଲକ୍ଷ, ଦୀର୍ଘଦିନର ପ୍ରଚେଷ୍ଟା ଓ ସୀମାହୀନ ସାହାସିକତା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଯୋଗ ଦେଇ ଛାତ୍ରୀମାନଙ୍କୁ ତାଙ୍କ ପରି ଦୃଢ ହୋଇ ନିଜ ଲକ୍ଷ୍ୟ ସାଧନା କରିବା ପାଇଁ ଉପଦେଶ ଦେବା ସହ ସଦସ୍ୟଙ୍କୁ ବସନ୍ତ ଉତ୍ସବର ରାମ୍‌ସୋ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୃତୀୟ ଲିଙ୍ଗ କଲ୍ୟାଣ ସଂସ୍ଥାର ସଦସ୍ୟ ସଲ୍‌ମା ବେଗମ, ମେଘନା ନିହାରିକା ପ୍ରମୁଖ ସଦସ୍ୟ କିପରି ସେମାନେ ସଂଘର୍ଷ କରି ଓକିଲ, ବିୟୁଟିସିଆନ ଏବଂ ଅନେକ ସମ୍ମାନଜନକ ପଦପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି ସେ ସମ୍ପର୍କରେ ମତ ରଖିଥିଲେ। ଜେଣ୍ଡର ଷ୍ଟଡିଜ ବିଭାଗର ମୁଖ୍ୟ ଡ଼କ୍ଟର ଅଲିଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ୧୫୦ଜଣ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାରଳା ଦେବୀ ଲିଙ୍ଗ ଗବେଷଣା କେନ୍ଦ୍ରର ଆବାହିକା ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଟିଡବ୍ଲ୍ୟୁଟିର ସମ୍ପାଦିକା ବିମଳା ନାୟକ ଆତିଥେୟତା ପ୍ରଦାନ କରିଥିଲେ।



କମିଶନରେଟ ପୋଲିସର ନିର୍ଯାତନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ମାନବ ଅଧିକାର କର୍ମୀ ମମତା ସାମନ୍ତରାୟ ଏବଂ ତାଙ୍କ ସମର୍ଥକମାନେ ଗୁରୁବାର ଭୁବନେଶ୍ୱରସ୍ଥିତ ମାନବ ଅଧିକାର କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# 'ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ଜାରି ରହିବ'

**କଟକ ଅଫିସ, ୩୧।୩**

ଅଖିଳ ଭାରତୀୟ କନ୍‌ଷ୍ଟ୍ରକ୍ସନ ମଜଦୁର ମହାସଂଘର ଦୁଇଦିନିଆ ସର୍ବଭାରତୀୟ ସମ୍ମିଳନୀ କଟକ ବାରବାଟୀ ଷ୍ଟାଡିୟମସ୍ଥିତ କ୍ଲବ ହାଉସ୍‌ଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କ ରାଜ୍ୟର ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ସେହିପରି ମହାସଂଘ ଏବଂ ରାଜ୍ୟ ସଂଘ ମଧ୍ୟରେ ସମନ୍ୱୟ ରକ୍ଷାକରି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ଉପସଭାପତି ଜୟନ୍ତୀ ଲାଲ୍‌ଜୀ ଯୋଗଦେଇ କହିଥିଲେ, ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ସେଗୁଡିକ



ଅଖିଳ ଭାରତୀୟ କନ୍‌ଷ୍ଟ୍ରକ୍ସନ ମଜଦୁର ମହାସଂଘ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରୁନାହାନ୍ତି। ନିର୍ମାଣ ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ମାତ୍ର ଶ୍ରମିକ କଲ୍ୟାଣ ବୋର୍ଡକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ମହାସଂଘର ସର୍ବଭାରତୀୟ ସଭାପତି ସି.ପି. ପାଟିଲ, ସଙ୍ଗଠନ ସମ୍ପାଦକ ବସନ୍ତ କୁମାର ସାହୁ, ମହିଳା ଶାଖା ନେତ୍ରୀ ଜ୍ୟୋସ୍ନା ସିଂ, ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ପରେ ମହାସଂଘର ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ମହାସଂଘର ସର୍ବଭାରତୀୟ ସଭାପତି ଭାବେ ମୁରାରୀ ପ୍ରସାଦ, କେନ୍ଦ୍ରୀୟ ଉପସଭାପତି ଭାବେ ସୁନନ୍ଦା ନାଥ, ସମ୍ପାଦକ ଭାବେ ଅରୁଣ କୁମାର ଲେଙ୍କା, ସ୍ୱତନ୍ତ୍ର ପ୍ରତିନିଧି ଭାବେ ବସନ୍ତ କୁମାର ସାହୁ ମନୋନୀତ ହୋଇଥିଲେ।

# ଶରଧାପୁର ୧୪ ଦୋଳ ମେଳଣ ଆରମ୍ଭ

**ଖୋର୍ଦ୍ଧା ଅଫିସ,୩୧।୩**

- ଏକାଠି ହୋଇଛନ୍ତି ୧୩ ଗାଁର ୧୬ଠାକୁର
- ଭାଇଚାରା ଓ ସଂସ୍କୃତିର ବାର୍ତ୍ତା ଦିଏ

ଉତ୍କଳୀୟ ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ରତା ରହିଛି। ସେଥିରୁ ଦୋଳ ଯାତ୍ରା ଅନ୍ୟତମ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଏହି ଦୋଳ ମେଳଣ ଆଡ଼ମ୍ବରରେ ପାଳିତ ହୋଇଥାଏ। ଏହି ମେଳଣ ଭାଇଚାରାର ବାର୍ତ୍ତା ଦେଇଥାଏ। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ଏହି ମେଳଣ ଅନୁଷ୍ଠିତ ହେଉଥିବା ବେଳେ ସେଥିମଧ୍ୟରୁ ନାଳିପଡ଼ାଅର୍ଜୁନପୁର ପଞ୍ଚାୟତର ଶରଧାପୁର ଚଉଦ ଦୋଳ ମେଳଣ ଅନ୍ୟତମ। ଗ୍ରାମ୍ୟ କମିଟି ଦ୍ୱାରା ୩ଦିନ ଧରି ଆୟୋଜିତ ହୋଇଆସୁଥିବା ଏହି ଉତ୍ସବ ଗୁରୁବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି। ଆୟୋଜକ କମିଟି ଦ୍ୱାରା ନିମନ୍ତ୍ରିତ ୧୬ ଗ୍ରାମର ଠାକୁର ଏକାଠି ହୋଇଥାନ୍ତି। ପ୍ରଥମ ଦିନ ରାତିରେ ଜମାଣ, ତା' ପରଦିନ ମେଳଣ ଏବଂ ଶେଷ ଦିବସରେ ହରିହର ଭେଟ ନୀତି ପରେ ଉତ୍ସବ ସମାପନ ହୋଇଥାଏ। ଏହି ମେଳଣରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ଘରକରଣା ସାମଗ୍ରୀ ପସରା ମେଳିଥାଏ।

ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ମହାଦେବ ହେଉଛନ୍ତି ଥାନପତି। ଗୁରୁବାର ମଧ୍ୟରାତ୍ରିରେ ବାଲୁଙ୍କେଶ୍ୱର ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର, ଲୋକନୃତ୍ୟ ସହ ଭକ୍ତଙ୍କ ଗହଣରେ ଶୋଭାଯାତ୍ରାରେ ସ୍ୱମନ୍ଦିରକୁ ବାହାରି ଗାଁ ପରିକ୍ରମା କରି ମେଳଣପଡିଆ ଅଭିମୁଖେ ଯାଇଥିଲେ। ତାଙ୍କ ପଛରେ ଅନ୍ୟ ଠାକୁର ଦୋଳ ବିମାନରେ ବିଜେ ହୋଇ ବାହାରିଥିଲେ। ଠାକୁରଙ୍କ ଜୟଜୟକାର ଧ୍ୱନୀରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି ଚଉଦ ଦୋଳ ମେଳଣରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଲେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜ ବାଲୁଙ୍କେଶ୍ୱର, ଟାଙ୍ଗିଆପଡାର କେଦାରଶ୍ୱର, ଗୋପପୁରିଆ ପାଟପୁରର ରାଧାକୃଷ୍ଣଦେବ, ବେରୁହାଁର ଭଗବତ ବାସୁଦେବ, ନାଳିପଡା ଅର୍ଜୁନପୁରର ଭଗବତ ବାସୁଦେବ, ଶରଧାପୁରର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଲମାର ଭଗବତ ବାସୁଦେବ, ଗଡ଼ନିଆଳର କେଦାରେଶ୍ୱର, ହଳଦିପଦାର ମଲିକେଶ୍ୱର, ଗଡ଼ତରତୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁର (ବାରିକ ସାହି)ର ଭଗବତ ବାସୁଦେବ, ଗୋପାଳସାହିର ରାଧାକୃଷ୍ଣ, ଭାଲିଆବାଡି (ସାନପଲ୍ଲୀ)ର ରାଧାକୃଷ୍ଣ ଦେବ ପ୍ରମୁଖ ଠାକୁର ବିଜେ କରିଛନ୍ତି। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା କୁହନ୍ତି, ଏହି ଦୋଳ ମେଳଣ ଉତ୍ସବ ଦୀର୍ଘ ବର୍ଷ ଧରି ପାଳିତ ହୋଇଆସୁଛି। ବର୍ଷକୁ ଥରେ ଶରଧାପୁର ସମେତ ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଭାବର ଆଦାନପ୍ରଦାନ ହୋଇଥାଏ ବୋଲି ସେ କହିଛନ୍ତି।

**ଏଫ୍‌ପିଓ ଇସ୍ୟୁ ପ୍ରାଇସ୍ ସ୍ଥିର କଲା ରୁଚି ସୋୟା**

**ନୂଆଦିଲ୍ଲୀ:** ପତଞ୍ଜଳି ଆୟୁର୍ବେଦ ମାଲିକାନାରେ ଥିବା ରୁଚି ସୋୟା ଗୁରୁବାର ନିଜ ଫଲୋଅନ୍ ପବ୍ଲିକ୍ ଅଫର (ଏଫ୍‌ପିଓ)ର ଇସ୍ୟୁ ପ୍ରାଇସ୍ ସ୍ଥିର କରିଛି। କମ୍ପାନୀ ପକ୍ଷରୁ ନିଜ ପ୍ରାଇସ୍ ବ୍ୟାଣ୍ଡର ଉପର ଲିମିଟ୍‌ରେ ଇକ୍ୱିଟି ଶେୟାର ପିଛା ୬୫୦ ଟଙ୍କା ସ୍ଥିର କରି ୪,୩୦୦ କୋଟି ଟଙ୍କା ପୁଞ୍ଜି ସଂଗ୍ରହ କରିଛି। ଏକ ଋଣମୁକ୍ତ କମ୍ପାନୀ ଗଢ଼ିବା ଲକ୍ଷ୍ୟରେ ରୁଚି ସୋୟା ମାର୍ଚ୍ଚ ୨୪ ତାରିଖରେ ଏଫ୍‌ପିଓ ଦ୍ୱାରା କ୍ୟାପିଟାଲ ମାର୍କେଟ୍‌ରେ ୪,୩୦୦ କୋଟି ଟଙ୍କା ସଂଗ୍ରହ କରିଛି। ତେବେ ଏହି ଇସ୍ୟୁ ମାର୍ଚ୍ଚ ୨୮ରୁ ବନ୍ଦ ହୋଇଛି। ଗତ ସପ୍ତାହରେ କମ୍ପାନୀ ୧,୨୯୦ ନିବେଶକଙ୍କ ଦ୍ୱାରା ୧.୯୮ କୋଟି ଟଙ୍କାର ଶେୟାର ଇସ୍ୟୁ କରିଛି।

# ହୋଣ୍ଡା ୨ହ୍ୱିଲର୍ସର 'ରାଇଡ୍ ଫର୍ ପ୍ରାଇଡ୍' ଅଭିଯାନ

**ନୂଆଦିଲ୍ଲୀ,୩୧।୩**



ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ଦେଶ ସ୍ୱାଧୀନତାର ୭୫ତମ ସ୍ୱାଧୀନତା ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ହୋଣ୍ଡା ହାଇନେସ୍ ସିବି ୩୫୦ର 'ରାଇଡ୍ ଫର୍ ପ୍ରାଇଡ୍' ଅଭିଯାନକୁ ୯୨.୭ ବିଗ୍ ଏଫ୍‌ଏମ୍ ରେଡିଓ ଷ୍ଟେଶନ ସହଯୋଗରେ ଭାରତର ୧୧ଟି ସହରରେ ଶୁଭାରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନରେ ୨୦୦ରୁ ଅଧିକ ଗ୍ରାହକ ଯୋଡ଼ିହୋଇଛନ୍ତି। ଏହା ନୂଆଦିଲ୍ଲୀ, ଜମ୍ମୁ, ଲକ୍ଷ୍ନୌ, ବରେଲି, କୋଲକାତା, ରାଞ୍ଚି, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ ଓ ପୁଣେ ଭଳି ସହର ଅତିକ୍ରମ କରିବ। ସେହିଭଳି ସେନା ବାହିନୀର ସଦସ୍ୟମାନେ ହୋଣ୍ଡା ହାଇନେସ୍ ସିବି ୩୫୦ ଚଲାଇ ଆଗକୁ ବଢ଼ିବେ ଯାହା ଅନ୍ୟ ଚାଳକମାନଙ୍କୁ ଉତ୍ସାହିତ କରିବ। ଏହି ଅଭିଯାନର ଉଦ୍‌ଯାପନୀ ସମାରୋହରେ ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥି ଯଥା ଯୁଦ୍ଧ ବର୍ଷୀୟାନ ଓ ଶହୀଦ ପରିବାର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉକ୍ତ ଅଭିଯାନ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, କମ୍ପାନୀର ହାଇନେସ୍ ସିବି୩୫୦ ରାଇଡ୍ ଫର୍ ପ୍ରାଇଡ୍ ସେନା ବାହିନୀର ସାହସ ଓ ବଳିଦାନକୁ ପାଳନ କରୁଛି। ଜାତୀୟ ସୁରକ୍ଷା ପ୍ରତି ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ନିୟୁତାଧିକ ଭାରତୀୟଙ୍କୁ ଅନୁପ୍ରାଣିତ କରିବା ଭଳି ସଙ୍କେତ ପ୍ରଦାନ କରୁଛି। ଏହା ଆମ ପାଇଁ ଗର୍ବର ବିଷୟ ଯେ ସେନାର ସଦସ୍ୟମାନଙ୍କ ସହିତ ଆମେ ହାଇନେସ୍ ସିବି୩୫୦ର ପ୍ରଥମ ବାର୍ଷିକୀ ମାଇଲଖୁଣ୍ଟ ଅତିକ୍ରମ କରୁଛୁ। ଯେଉଁମାନେ ଏହି ଗାଡ଼ି ଚାଳନା ଅଭିଯାନରେ ଆମ ସହ ଯୋଡ଼ି ହୋଇଛନ୍ତି। ଏହି ଉତ୍ସାହର ପୁନରୁଦ୍ଧାର କରି, ରାଇଡ୍ ଫର୍ ପ୍ରାଇଡ୍ ଅଭିଯାନ ହେଉଛି ସେନା ପ୍ରତି ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ ତରଫରୁ ସମ୍ମାନ ଓ କୃତଜ୍ଞତା। ଚାଳକମାନଙ୍କ ଉତ୍ସାହକୁ ଆହୁରି ଆଗକୁ ବଢ଼ାଇ କମ୍ପାନୀ ପକ୍ଷରୁ ହାଇନେସ୍ ସିବି୩୫୦ର ବାର୍ଷିକୀ ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରାଯାଇଛି। ଗୋଲ୍‌ଡେନ୍ ଥିମ୍‌କୁ ଏହାର ଟାଙ୍କି ଓ ସାଇଡ୍ ପ୍ୟାନେଲରେ ବ୍ୟବହାର କରାଯାଇଛି ଏବଂ ବ୍ରାଉନ୍ ଡୁଆଲ୍ କଲର ସିଟ୍ ବ୍ୟବହାର କରାଯାଇଛି। ଏହି ସ୍ୱତନ୍ତ୍ର ସଂସ୍କରଣର ବାଇକ୍ ପର୍ଲ ଇଗ୍ନିଅସ୍ ବ୍ଲାକ୍ ଓ ମ୍ୟାଟ୍ ମାର୍ସଲ ଗ୍ରିନ୍ ମେଟାଲିକ୍ ରଙ୍ଗରେ ଉପଲବ୍ଧ ହେଉଛି। ସୈନ୍ୟ ବାହିନୀ ପାଇଁ ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ ହୋଇଥିବା ହାଇନେସ୍ ସିବି୩୫୦ ଓ ସିବି୩୫୦ଆର୍‌ଏସ୍ ସାରା ଦେଶରେ ଥିବା ୩୫ ସିଏସ୍‌ଡି ଡିପୋରେ ଉପଲବ୍ଧ ହେଉଛି।

## ଇନ୍‌ଫ୍ରାଷ୍ଟ୍ରକ୍ଚର ସେକ୍ଟର ଉତ୍ପାଦନରେ ୫.୮% ବୃଦ୍ଧି

**ନୂଆଦିଲ୍ଲୀ,୩୧।୩**

କୋଇଲା, ପ୍ରାକୃତିକ ଗ୍ୟାସ୍, ରିଫାଇନେରି ଉତ୍ପାଦ ଏବଂ ସିମେଣ୍ଟ ଇଣ୍ଡଷ୍ଟ୍ରିର ଉତ୍ତମ ପ୍ରଦର୍ଶନ କାରଣରୁ ଉତ୍ପାଦନରେ ୫.୮% ବୃଦ୍ଧି ଘଟିଛି। ପୂର୍ବ ବର୍ଷ ଏହି ଇନ୍‌ଫ୍ରାଷ୍ଟ୍ରକ୍ଚର ସେକ୍ଟରଗୁଡ଼ିକର ଉତ୍ପାଦନ ୩.୩% ରହିଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଫେବୃୟାରୀ ମଧ୍ୟରେ ୮ଟି ଇନ୍‌ଫ୍ରାଷ୍ଟ୍ରକ୍ଚର ସେକ୍ଟର ଯଥା- କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ରିଫାଇନେରି ପ୍ରଡକ୍ଟସ୍, ସାର, ଷ୍ଟିଲ୍, ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି ସେକ୍ଟରଗୁଡ଼ିକରେ ବିକାଶ ଦର ୧୧% ରହିଥିଲା। ଗତବର୍ଷ ଏହି ଅଭିବୃଦ୍ଧି ହାର ୮.୧% ମଧ୍ୟରେ ସୀମିତ ରହିଥିଲା। ତଥ୍ୟ ଅନୁସାରେ କୋଇଲା ଉତ୍ପାଦନ କ୍ଷେତ୍ରରେ ୬.୬%, ପ୍ରାକୃତିକ ଗ୍ୟାସ୍‌ରେ ୧୨.୫%, ରିଫାଇନେରି ଉତ୍ପାଦରେ ୮.୮% ଏବଂ ସିମେଣ୍ଟ ଉତ୍ପାଦନରେ ୫% ବୃଦ୍ଧି ଘଟିଛି। ତେବେ ଗତ ଫେବୃୟାରୀରେ ଅଶୋଧିତ ତୈଳ ଏବଂ ସାର ଉତ୍ପାଦନ କ୍ଷେତ୍ରରେ ହ୍ରାସ ଘଟିଛି। ଜାନୁୟାରୀରେ ଏହି ଦୁଇ ସେକ୍ଟରରେ ୪% ଅଭିବୃଦ୍ଧି ହୋଇଥିଲା।

# ଏଏଲ୍‌ଏସ୍ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ




**ଭୁବନେଶ୍ୱର,୩୧।୩**

ସୁନ୍ଦରଗଡ଼ ଜିଲାର କୋଇଡା ବ୍ଲକଠାରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ(ଏଏମଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଏକ ୨୪ ଘଣ୍ଟିଆ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ (ଏଏଲ୍‌ଏସ୍) ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କୋଇଡା ବିଡିଓ ପଲ୍ଲବୀ ରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଆମ୍ବୁଲାନ୍ସର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଇଡା ପିଡବ୍ଲୁଡି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ କୁମାର, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦଭେନ୍ଦୁ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସାଗାସାହିର ମାଇନ୍ସ ମ୍ୟାନେଜର ଏଲ୍.ଡି. ବାବୁ ଏବଂ କମ୍ପାନୀର ସିଏସ୍‌ଆର ଲିଡର ଜିତେଶ୍ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଠାକାର ସ୍ଥାନୀୟ ଅଞ୍ଚଳବାସୀଙ୍କ ନିମନ୍ତେ ଏହି ଆମ୍ବୁଲାନ୍ସ ସେବା ଆରମ୍ଭ କରିବା ପାଇଁ କୋଇଡା ବିଡିଓ ପଲ୍ଲବୀ ରାଜ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ବିଭାଗକୁ ଧନ୍ୟବାଦ ଅର୍ପଣ କରି କହିଥିଲେ, ଏହି ସେବା ଯୋଗୁ ଅଞ୍ଚଳର ଗୁରୁତର ରୋଗୀମାନେ ଜରୁରିକାଳୀନ ପରିସ୍ଥିତିରେ ଆବଶ୍ୟକ ଡାକ୍ତରୀ ଚିକିତ୍ସା ପାଇପାରିବେ। ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଥିଲେ, ଏକ ଦାୟିତ୍ୱବାନ କର୍ପୋରେଟ୍ ସଂସ୍ଥା ଭାବେ ଆମେ ସବୁ ସମୟରେ ଆମର କାର୍ଯ୍ୟକ୍ଷେତ୍ର ଅଞ୍ଚଳର ସର୍ବାଙ୍ଗୀନ ସାମାଜିକ ବିକାଶମୂଳକ କାର୍ଯ୍ୟକ୍ରମ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ତିନି ମାସରେ ଘର ବିକ୍ରି ୭% ବୃଦ୍ଧି

**ନୂଆଦିଲ୍ଲୀ,୩୧।୩**

ଦେଶର ୮ ପ୍ରମୁଖ ସହରରେ ଜାନୁୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ଘର ବିକ୍ରି ୭% ବୃଦ୍ଧି ପାଇ ୭୦,୬୨୩ ୟୁନିଟ୍‌ରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ ଜାନୁୟାରୀ-ମାର୍ଚ୍ଚ ଅବଧିରେ ଘର ବିକ୍ରି ୬୬,୧୭୬ ୟୁନିଟ୍ ରହିଥିଲା। ଏ ସମ୍ପର୍କରେ ରିୟଲ୍ ଇଷ୍ଟେଟ୍ କନ୍‌ସଲଟାନ୍ସି ଫାର୍ମ 'ପ୍ରୋପ୍ ଟାଇଗର' ପକ୍ଷରୁ ପ୍ରକାଶିତ ରିପୋର୍ଟ 'ରିୟଲ୍ ଇନ୍‌ସାଇଟ୍ ରେସିଡେନ୍ସିଆଲ୍ ଜାନୁୟାରୀ-ମାର୍ଚ୍ଚ-୨୦୨୨'ରେ ଉଲ୍ଲେଖ କରାଯାଇଛି। ରିପୋର୍ଟ ଅନୁସାରେ ହୋମ୍ ଲୋନ୍‌ରେ ସୁଧ ହାର କମ୍ ଥିବା କାରଣରୁ ଘର କିଣିବା ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି ପାଇଛି। ଏଥିସହିତ ଚଳିତ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସିକରେ ଘରର ନୂତନ ସପ୍ଲାଇ ୫୦% ବୃଦ୍ଧି ପାଇ ୭୯,୫୩୨ରେ ପହଞ୍ଚିଛି। ଏ ସମ୍ପର୍କରେ ପ୍ରୋପ୍ ଟାଇଗରର ସିଇଓ ଧ୍ରୁବ ଅଗ୍ରୱାଲ୍ କହିଛନ୍ତି, ଭାରତର ହାଉସିଂ ସେକ୍ଟର ପୁଣି ଥରେ ଦେଶର ଅର୍ଥନୀତିକୁ ଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି।

## ୨୦୨୧-୨୨ରେ ଦେଶର ଆର୍ଥିକ ନିଅଣ୍ଟ ୮୩.୯%

**ନୂଆଦିଲ୍ଲୀ,୩୧।୩**

ଚଳିତ ବର୍ଷ ଫେବୃୟାରୀ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ବଜେଟ ଟାର୍ଗେଟ୍‌ର ୮୨.୭% ନିଅଣ୍ଟ ହୋଇଥିବା ଗୁରୁବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଗତ ଆର୍ଥିକ ବର୍ଷରେ ରାଜକୋଷୀୟ ନିଅଣ୍ଟ ୨୦୨୦-୨୧ର ସଂଶୋଧିତ ଅନୁମାନ(ଆର୍‌ଇ) ୭୬% ଥିଲା। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ (ସିଜିଏ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ, ଚଳିତ ବର୍ଷ ଫେବୃୟାରୀ ଶେଷ ସୁଦ୍ଧା ନିଅଣ୍ଟ ଅର୍ଥ ପରିମାଣ ୧୩.୧୬ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବଜେଟ୍‌ର ସଂଶୋଧିତ ଅନୁମାନ ୧୮.୨୭ ଟ୍ରିଲିୟନ ଟଙ୍କା ଅର୍ଥାତ୍ ବଜେଟ ଟାର୍ଗେଟ୍‌ଠାରୁ ୮୩.୯% ଅଧିକ ରହିଛି। ପୂର୍ବ ଆର୍ଥିକ ବର୍ଷରେ ଏହା ୮୧.୭% ରହିଥିଲା। ଆର୍ଥିକ ବର୍ଷ ଶେଷ ହେବାକୁ ଥିବା ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ନିଅଣ୍ଟ ଜିଡିପିର ୬.୯% କିମ୍ବା ୧୫.୯୧ ଟ୍ରିଲିୟନ ହେବ ବୋଲି ସରକାରଙ୍କ ପକ୍ଷରୁ ଆଶା କରାଯାଉଛି।

# ସ୍କ୍ରାପ୍ ଅପସାରଣରୁ ୩୧୩.୭୪ କୋଟିର ରାଜସ୍ୱ

**ଭୁବନେଶ୍ୱର, ୩୧।୩**

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ଏହାର ପରିସୀମା ମଧ୍ୟରୁ ସର୍ବାଧିକ ସ୍କ୍ରାପ୍ ନିଷ୍କାସନ କରି ଏଥିରୁ ସର୍ବୋଚ୍ଚ ଆୟ ହାସଲ କରିପାରିଛି। ଏହା ରେଳପଥ ବୋର୍ଡ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟଠାରୁ ଆୟ ତୁଳନାରେ ୪୨.୬୧% ଅଧିକ ବୋଲି କୁହାଯାଉଛି। ପୂର୍ବତଟ ରେଳପଥ ଦ୍ୱାରା ସ୍କ୍ରାପ୍ ମୁକ୍ତ ଏବଂ ପରିବେଶ ଅନୁକୂଳ କରିବା ପାଇଁ ସମସ୍ତ ପ୍ରୟାସ କରି ଏକ ରେକର୍ଡ ସୃଷ୍ଟି କରିଛି, ଯାହାକି ପୂର୍ବତଟ ରେଳପଥ ଇତିହାସରେ ସର୍ବୋଚ୍ଚ ସ୍କ୍ରାପ୍ ବିକ୍ରୟ । ରେଳପଥର ପ୍ରମୁଖ ସାମଗ୍ରୀ ପରିଚାଳନା ପ୍ରବନ୍ଧକ ପି.ବି. ନିନାୱେ ସ୍କ୍ରାପ୍ ଅପସାରଣ ପ୍ରଣାଳୀରେ (ଡିସ୍‌ପୋଜାଲ ସିଷ୍ଟମରେ) ଜଡିତ ସମସ୍ତ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୨ଦିନ ପୂର୍ବରୁ ପୂର୍ବତଟ ରେଳପଥ ସ୍କ୍ରାପ୍ ଅପସାରଣରୁ ୩୧୩.୭୪ କୋଟିରୁ ଅଧିକ ରାଜସ୍ୱ ହାସଲ କରିଛି, ଯାହାକି ରେଳପଥ ବୋର୍ଡ ଦ୍ୱାରା ସ୍ଥିର ହୋଇଥିବା ୨୨୦କୋଟି ଟଙ୍କା ଧାର୍ଯ୍ୟ ଲକ୍ଷ୍ୟଠାରୁ ୯୩.୭୪ କୋଟି ଟଙ୍କା ଅଧିକ। ଗତ ଆର୍ଥିକ ବର୍ଷରେ ତୁଳନାରେ ପୂର୍ବତଟ ରେଳପଥ ଏହି ବାବଦରେ ୧୪.୭୨% ଅଧିକ ରାଜସ୍ୱ ଅର୍ଜନ କରିଛି। ଗତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ସ୍କ୍ରାପ୍ ଅପସାରଣରୁ ୨୭୩.୪୯ କୋଟି ଟଙ୍କା ରୋଜଗାର କରିଥିଲା।

## କ୍ଲିଙ୍କର ଡେସ୍‌ପ୍ୟାଚ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୧।୩**

ବିର୍ଲା କର୍ପୋରେଶନ ଲିମିଟେଡ୍‌ର ସମ୍ପୂର୍ଣ୍ଣ ଅଂଶୀଦାର ସହାୟକ କମ୍ପାନୀ ଆର୍‌ସିସିପିଏଲ୍ ପ୍ରାଇଭେଟ ଲିମିଟେଡ୍‌ର ମୁକ୍ତାବାନ ଇଣ୍ଟିଗ୍ରେଟେଡ୍ ସିମେଣ୍ଟ ପ୍ଲାଣ୍ଟ କ୍ଲିଙ୍କର ଡିସ୍‌ପ୍ୟାଚ୍ ଆରମ୍ଭ କରାଯାଇଛି। ଏହାର ବାର୍ଷିକ କ୍ଲିଙ୍କର ଉତ୍ପାଦନ କ୍ଷମତା ୨.୬୮ ନିୟୁତ ଟନ ଏବଂ ସିମେଣ୍ଟ ଗ୍ରାଇଣ୍ଡିଂ କ୍ଷମତା ୩.୯ ନିୟୁତ ଟନ ସହ କ୍ୟାପ୍ଟିଭ ଥର୍ମାଲ ପାୱାର ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୪୦ ମେଗାୱାଟ୍ ରହିଛି। ମହାରାଷ୍ଟ୍ରର ବୁଟିବୋରିଠାରେ କମ୍ପାନୀର ନିକଟରେ ଥିବା ଗ୍ରାଇଣ୍ଡିଂ ୟୁନିଟ୍‌କୁ ଏହି କ୍ଲିଙ୍କର ପଠାଯାଉଛି। ବିର୍ଲା କର୍ପୋରେଶନ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଅରବିନ୍ଦ ପାଠକ ଉକ୍ତ କ୍ଲିଙ୍କର ଟ୍ରକ୍‌ର ପ୍ରଥମ କନ୍‌ସାଇନମେଣ୍ଟକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

# ଭୁବନେଶ୍ୱରରେ ଓଆସିସ୍ ଫର୍ଟିଲିଟି ସେଣ୍ଟର

**ଭୁବନେଶ୍ୱର,୩୧।୩**




ଦେଶର ଏକ ଅଗ୍ରଣୀ ମାନବ ପ୍ରଜନନ ସଂସ୍ଥା ଓଆସିସ୍ ଫର୍ଟିଲିଟି ଏହାର ପାନ୍ ଇଣ୍ଡିଆ ସମ୍ପ୍ରସାରଣ ଯୋଜନା ଅଧୀନରେ ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ଠାରେ ଏକ ଅତ୍ୟାଧୁନିକ ଉପକରଣ ଏବଂ ବୈଷୟିକ ଜ୍ଞାନକୌଶଳ ଆଧାରିତ ଆଇଭିଏଫ୍ (ଇନ୍ ଭିଟ୍ରୋ ଫର୍ଟିଲିଟି) ସେଣ୍ଟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଅତ୍ୟାଧୁନିକ ଆଇଭିଏଫ୍ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଆସିସ୍ ଫର୍ଟିଲିଟିର ସହ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କିରଣ ଗାଡେଲା, ପରାମର୍ଶଦାତା ତଥା ଫର୍ଟିଲିଟି ବିଶେଷଜ୍ଞ ଡା. ପ୍ରଶାନ୍ତ କୁମାର ନାୟକ, ବୈଜ୍ଞାନିକ ମୁଖ୍ୟ ତଥା କ୍ଲିନିକାଲ ଭ୍ରୁଣ ବିଶେଷଜ୍ଞ (ଏମ୍ବ୍ରୟୋଲୋଜିଷ୍ଟ) ଡା. କ୍ରିଷ୍ଣା ଚୈତନ୍ୟ, ଓଆସିସ୍ ଫର୍ଟିଲିଟି ମୁଖ୍ୟ ପରିଚାଳନା ଅଧିକାରୀ ସୁଧାକର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଓଆସିସ୍ ଫର୍ଟିଲିଟିର ସହ-ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ କିରଣ ଗାଡେଲା କହିଥିଲେ, ଓଡ଼ିଶାରେ ଆଇଭିଏଫ୍ ନୂତନ ଶାଖା ବିସ୍ତାର କରିପାରିଥିବାରୁ ଆମେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

**ପାକ୍‌ରେ ରାଜନୈତିକ ସଙ୍କଟ**

# ଇସ୍ତଫା ଦେବିନି, ଶେଷଯାଏ ଲଢ଼ିବି

**ଇସ୍‌ଲାମାବାଦ, ୩୧।୩**

ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ସ୍ଥଗିତ ହେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁବାର ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହି ବାର୍ତ୍ତାରେ ଇମ୍ରାନ୍ ଇସ୍ତଫା ନ ଦେବା କଥା ସ୍ପଷ୍ଟ କରିଛନ୍ତି। ପରାଜୟ ସ୍ୱୀକାର ନ କରି ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ

**ଦେଶବାସୀଙ୍କୁ ଇମ୍ରାନଙ୍କ ସମ୍ବୋଧନ**



ବୋଲି ସେ କହିଛନ୍ତି। ସମ୍ବୋଧନ ବାର୍ତ୍ତାରେ ଇମ୍ରାନ୍ କହିଛନ୍ତି, 'ମୁଁ ରାଜନୀତିକୁ ଆସିଛି ଲୋକଙ୍କ ସେବା ପାଇଁ। ଆଲ୍ଲାଙ୍କ କୃପାରୁ ମୋ ପାଖରେ ଧନ, ସମ୍ମାନ, ଲୋକପ୍ରିୟତା ସବୁକିଛି ଅଛି। ଏବେ ମୁଁ କିଛି ଚାହେଁ ନାହିଁ। ପାକିସ୍ତାନ ମୋଠାରୁ ମାତ୍ର ୫ ବର୍ଷ ବଡ଼। ସ୍ୱାଧୀନତା ପରେ ମୁଁ ଦେଶର ପ୍ରଥମ ପିଢ଼ିରୁ ଆସିଛି। ପିଲାବେଳେ ପାକିସ୍ତାନର ଉନ୍ନତି ଦେଖିଛି। ଆମ ବିକାଶ ପଥ ଅନୁସରଣ କରିବାକୁ ଦକ୍ଷିଣ କୋରିଆ ପାକିସ୍ତାନକୁ ଆସିଥିଲା। ମାଲେସିଆ ରାଜକୁମାର ମୋ ସହ ସ୍କୁଲରେ ପାଠ ପଢୁଥିଲେ। ମଧ୍ୟପ୍ରାଚ୍ୟ ଦେଶରୁ ପିଲାମାନେ ପାକ୍ ୟୁନିଭର୍ସିଟିକୁ ଆସୁଥିଲେ। କିନ୍ତୁ ଏବେ ସେ ସବୁ ନଷ୍ଟ ହୋଇଯାଇଛି। ମୋ ଦେଶ ଅପମାନିତ ହେଉଥିବା ମୁଁ ଦେଖିଛି। ଭାରତ ଓ ଆମେରିକାରେ ମୋର ଅନେକ ବନ୍ଧୁ ଅଛନ୍ତି। କାହା ପ୍ରତି ମୋର ଖରାପ ଭାବନା ନାହିଁ। କେବଳ ସେମାନଙ୍କ ପଲିସିକୁ ମୁଁ ନିନ୍ଦା କରେ। ଲୋକେ କୁହନ୍ତି ଆମେ ଆମେରିକାର ସହଯୋଗୀ। ପାକିସ୍ତାନର ବହୁ ନାଗରିକ ଅନ୍ୟ ପାଇଁ ସେମାନଙ୍କ ଜୀବନ ତ୍ୟାଗ କରିଛନ୍ତି। କିନ୍ତୁ କେହି ଏଥିପାଇଁ ଆମକୁ ଧନ୍ୟବାଦ ଦେଇଛନ୍ତି କି ? ପ୍ରଧାନମନ୍ତ୍ରୀ ହେବା ପରେ ମୁଁ ପାକିସ୍ତାନର ବିଦେଶ ନୀତିକୁ ସ୍ୱାଧୀନ ରଖିବାକୁ ନିଷ୍ପତ୍ତି ନେଇଥିଲି। ଆମ ନୀତି ଯେପରି କାହା ବିରୋଧରେ ନ ଯାଏ ତାହା ଉପରେ ଗୁରୁତ୍ୱ ଦେଇଛି। କେବଳ କଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ନିୟମ ଉଲ୍ଲଂଘନ ହେଲେ ହିଁ ଭାରତ ସହ ବିବାଦ ହୋଇଥାଏ ବୋଲି ଇମ୍ରାନ କହିଛନ୍ତି।

# ଅନାସ୍ଥା ଉପରେ ବିତର୍କ ସ୍ଥଗିତ

**ଇସଲାମାବାଦ, ୩୧।୩**

ପାକିସ୍ତାନରେ ସଂଖ୍ୟାଲଘୁ ପାଲଟିଥିବା ଇମ୍ରାନ୍ ଖାନ୍‌ଙ୍କ ସରକାର ପାଇଁ ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି। ମେଣ୍ଟରୁ ସହଯୋଗୀ ଦଳ ଦୂରେଇ ଯାଉଥିବାରୁ ଇମ୍ରାନଙ୍କ ପାର୍ଟି ଏବେ କ୍ଷମତାରେ ରହିବା ଯୋଗ୍ୟତା ହରାଇଛି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମଧ୍ୟ ପାକିସ୍ତାନ ନ୍ୟାଶନାଲ

**ସସମ୍ମାନେ ପଦ ଛାଡ଼ନ୍ତୁ ଇମ୍ରାନ୍: ବିଲାୱଲ**

ଆସେମ୍ବ୍ଲିରେ ଆଗତ ହୋଇସାରିଛି। ହେଲେ ଗୁରୁବାର ପାର୍ଲାମେଣ୍ଟରେ ଏହା ଉପରେ ହେବାକୁ ଥିବା ବିତର୍କକୁ ଏପ୍ରିଲ ୩ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଆସନ୍ତା ୩ ତାରିଖରେ ଇମ୍ରାନ୍‌ଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ



ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜାତୀୟ ସୁରକ୍ଷା କମିଟି ବୈଠକ ବସିଛି। ଏଥିରେ ପ୍ରତିରକ୍ଷା, ଶକ୍ତି ଓ ସୂଚନା ପ୍ରସାରଣ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଇମ୍ରାନଙ୍କ ସରକାର ଭାଙ୍ଗିବା ପାଇଁ ବିଦେଶରୁ ଆସିଥିବା ଧମକପୂର୍ଣ୍ଣ ଚିଠି ସମ୍ପର୍କରେ ଆଲୋଚନା କରାଯାଇଛି।

ଗ୍ରହଣ କରାଯିବ। ସେହିଦିନ ଅନାସ୍ଥା ପ୍ରସ୍ତାବ ଉପରେ ମଧ ଚର୍ଚ୍ଚା ହେବ। ମିଡିଆ ରିପୋର୍ଟ ଅନୁସାରେ, ଇମ୍ରାନ୍ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ବଦଳରେ ଆସେମ୍ବ୍ଲି ଭଙ୍ଗ କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କ ଝିଅ ମରିୟମ୍ ନୱାଜ୍ ଇମ୍ରାନଙ୍କୁ ଦେଶର ଶତ୍ରୁ ଅଭିହିତ କରିଛନ୍ତି। ତାଙ୍କୁ ବ୍ୟାକ୍‌ଡୋର୍‌ରେ ପଳାୟନ କରିବାକୁ ଦିଆଯିବ ନାହିଁ ବୋଲି ମରିୟମ କହିଛନ୍ତି। ସେହିପରି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ କହିଥିଲେ, ଇମ୍ରାନ୍ ସସମ୍ମାନେ କ୍ଷମତାରୁ ହଟିଯାଆନ୍ତୁ। ଯଦି ସେ ଏଥିପାଇଁ ପ୍ରସ୍ତୁତ ନାହାନ୍ତି ତେବେ ଅନାସ୍ଥା ଭୋଟ୍‌ର ସାମ୍ନା କରନ୍ତୁ ବିଲାୱଲ ପ୍ରକାଶ କରିଥିଲେ।

## ଶେହବାଜ୍ ଶରିଫ୍ କିଏ

ଅନାସ୍ଥା ପ୍ରସ୍ତାବରେ ହାରିବା ପରେ ଇମ୍ରାନ୍ ଖାନ୍ ଶାସନରୁ ହଟିବେ। ତାଙ୍କ ପରେ ଶେହବାଜ୍ ଶରିଫ୍ ପାକିସ୍ତାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍)ର ଅଧ୍ୟକ୍ଷ ଶେହବାଜ୍ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ଭାଇ। ଏବେ ଶେହବାଜ୍ ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି (ପାକ୍ ପାର୍ଲାମେଣ୍ଟର ନିମ୍ନ ସଦନ)ରେ ବିରୋଧୀ ଦଳ ନେତା। ଶେହବାଜ୍ ପାକିସ୍ତାନ ପଞ୍ଜାବ ପ୍ରଦେଶରେ ୩ ଥର ତଥା ସବୁଠାରୁ ଦୀର୍ଘ ସମୟ ମୁଖ୍ୟମନ୍ତ୍ରୀ ରହିଛନ୍ତି। ୧୯୯୭ରେ ସେ ପ୍ରଥମ ଥର ପଞ୍ଜାବରେ କ୍ଷମତାକୁ ଆସିଥିଲେ। ୧୯୯୯ରେ ଜେନେରାଲ ପରଭେଜ୍ ମୁଶରଫ୍ ସେନା ବିଦ୍ରୋହ କରିବା ପରେ ଶେହବାଜ୍‌ଙ୍କୁ ପାକିସ୍ତାନ ଛାଡ଼ିବାକୁ ପଡ଼ିଥିଲା। ସେ ସାଉଦି ଆରବରେ ୮ ବର୍ଷ ରହିଥିଲେ। ୨୦୦୭ରେ ସେ ପାକିସ୍ତାନ ଫେରିଥିଲେ। ୨୦୦୮ ନିର୍ବାଚନ ପରେ ଶେହବାଜ୍ ପୁଣି ପଞ୍ଜାବ ମୁଖ୍ୟମନ୍ତ୍ରୀ



ହୋଇଥିଲେ। ୨୦୧୩ରେ ସେ ମୁଖ୍ୟମନ୍ତ୍ରୀ ଭାବେ ତୃତୀୟ ପାଳି ପୂରଣ କରିଥିଲେ। ୨୦୧୮ରେ ପିଏମ୍‌ଏଲ୍-ଏନ୍ ପରାଜିତ ହୋଇଥିଲା। ସେହି ବର୍ଷ ସେ ବିରୋଧୀ ଦଳ ନେତା ନିର୍ବାଚିତ ହୋଇଥିଲେ। ମନି ଲଣ୍ଡରିଂ ମାମଲାରେ ନ୍ୟାଶନାଲ ଆକାଉଣ୍ଟାବିଲିଟି ବ୍ୟୁରୋ ୨୦୨୦ ସେପ୍ଟେମ୍ବରରେ ତାଙ୍କୁ ଗିରଫ କରିଥିଲା। ୨୦୨୧ ଏପ୍ରିଲରେ ଲାହୋର ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ।

# ୫ ବର୍ଷ ଟିକି ନାହାନ୍ତି କୌଣସି ପ୍ରଧାନମନ୍ତ୍ରୀ

**ଇସଲାମାବାଦ, ୩୧।୩**

୧୯୪୭ରେ ସ୍ୱାଧୀନତା ପରଠାରୁ ପାକିସ୍ତାନରେ ୧୮ ଜଣ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ହେଲେ ଏ ଯାଏ ସେଠାରେ କୌଣସି ପ୍ରଧାନମନ୍ତ୍ରୀ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରିନାହାନ୍ତି। ଏବେ ସେହି ତାଲିକାରେ ଇମ୍ରାନ୍ ଖାନ୍‌ଙ୍କ ନାଁ ଆସିବା ଏକ ପ୍ରକାର ନିଶ୍ଚିତ। ୧୯୪୭ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ହୋଇଥିବା ଲିଆକତ୍ ଅଲି ଖାନ୍ ୪ ବର୍ଷ ୬୩ ଦିନ କ୍ଷମତାରେ ରହିବା ପରେ ତାଙ୍କୁ ୧୯୫୧ ଅକ୍ଟୋବର ୧୬ରେ ହତ୍ୟା କରାଯାଇଥିଲା। ୧୯୫୩ ଏପ୍ରିଲ ୧୭ରେ ଖ୍ୱାଜା ନାଜିମୁଦ୍ଦିନ ୧୯୫୫ ଅଗଷ୍ଟ ୧୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିଲେ। ଗଭର୍ନର ଜେନେରାଲ ତାଙ୍କ ସରକାର ଭଙ୍ଗ କରିଥିଲେ। ପରେ ଚୌଧୁରୀ ମହମ୍ମଦ ଅଲ୍ଲୀ ୧୯୫୫ ଅଗଷ୍ଟ ୧୨ରୁ ୧୯୫୬ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ଶାସନରେ ରହି ଇସ୍ତଫା ଦେଇଥିଲେ। ଶାହିଦ୍ ସୁହ୍‌ରାୱର୍ଦ୍ଦି ୧୯୫୬ ସେପ୍ଟେମ୍ବର ୧୨ରୁ ୧୯୫୭ ଅକ୍ଟୋବର ୧୮ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହି ଇସ୍ତଫା ଦେଇଥିଲେ। ୧୯୫୭ ଅକ୍ଟୋବର ୧୮ରେ କ୍ଷମତାକୁ ଆସିଥିବା ଇବ୍ରାହିମ୍ ଇସ୍‌ମାଇଲ୍ ଚୁନ୍ଦ୍ରିଗରଙ୍କୁ ସେହି ବର୍ଷ ଡିସେମ୍ବର ୧୬ରେ ହଟାଇ ଦିଆଯାଇଥିଲା। ଫିରୋଜ ଖାନ୍ ନୁନ୍ ୧୯୫୭ ଡିସେମ୍ବର ୧୬ରେ ପ୍ରଧାନମନ୍ତ୍ରୀ ହୋଇଥିଲେ ହେଁ ସେନା ଆଇନ ଲାଗୁ ଯୋଗୁ ୧୯୫୮ ଅକ୍ଟୋବର ୭ରେ ତାଙ୍କ ସରକାର ଭାଙ୍ଗିଯାଇଥିଲା। ୧୯୫୮ରୁ ୧୯୭୧ ପର୍ଯ୍ୟନ୍ତ ଆୟୁବ ଖାନ୍ ଉଭୟ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ମିଶାଇ ଦେଇଥିଲେ। ପରେ ନୁରମୁଲ୍ ଆମିନ୍ ୧୯୭୧ ଡିସେମ୍ବର ୭ରୁ ମାତ୍ର ୧୪ ଦିନ ପ୍ରଧାନମନ୍ତ୍ରୀ ରହି ଇସ୍ତଫା ଦେଇଥିଲେ। ଜୁଲ୍‌ଫିକର ଅଲି ଭୁଟ୍ଟୋ ପ୍ରଧାନମନ୍ତ୍ରୀ ପଦକୁ ପୁନଃ ସ୍ଥାପନ କରି ୧୯୭୩ ଅଗଷ୍ଟ ୧୪ରେ ଶାସନକୁ ଆସିଥିଲେ ହେଁ ସେନା ବିଦ୍ରୋହ କରାଯାଇ ୧୯୭୭ ଜୁଲାଇ ୫ରେ ତାଙ୍କୁ ପଦରୁ ହଟାଇ ଦିଆଯାଇଥିଲା।

୧୯୮୫ ମାର୍ଚ୍ଚ ୨୩ରେ ପ୍ରଧାନମନ୍ତ୍ରୀ ହୋଇଥିବା ମହମ୍ମଦ ଖାନ୍ ଜୁନେଜୋଙ୍କୁ ୧୯୮୮ ମେ ୨୯ରେ ରାଷ୍ଟ୍ରପତି ପଦରୁ ହଟାଇ ଦେଇଥିଲେ। ୧୯୮୮ ମେ ୨୯ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ପାକିସ୍ତାନ ପ୍ରଧାନମନ୍ତ୍ରୀ ପଦ ଶୂନ୍ୟ ରହିଥିଲା। ସେହିପରି ବେନଜିର ଭୁଟ୍ଟୋ ୧୯୮୮ ଡିସେମ୍ବରରୁ ୧୯୯୦ ଅଗଷ୍ଟ ୬ ପର୍ଯ୍ୟନ୍ତ ଶାସନରେ ରହିଥିଲେ। ରାଷ୍ଟ୍ରପତି ଗୁଲାମ୍ ଇସକ୍ ଖାନ୍ ତାଙ୍କ ସରକାରକୁ ଭାଙ୍ଗି ଦେଇଥିଲେ। ୧୯୯୦ ନଭେମ୍ବର ୬ରେ ଶାସନକୁ ଆସିଥିବା ନୱାଜ୍ ଶରିଫ୍‌ଙ୍କୁ ମଧ୍ୟ ରାଷ୍ଟ୍ରପତି ଗୁଲାମ୍ ଖାନ୍ ୧୯୯୩ ଏପ୍ରିଲ ୧୮ରେ ପଦରୁ ହଟାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶରିଫ୍ ପୁନଃ ପ୍ରଧାନମନ୍ତ୍ରୀ ରହି ଜୁଲାଇ ୧୮ ୧୯୯୩ରେ ଇସ୍ତଫା ଦେଇଥିଲେ। ସେହିବର୍ଷ ୧୯ ଅକ୍ଟୋବରରୁ ୫ ନଭେମ୍ବର ୧୯୯୬ ପର୍ଯ୍ୟନ୍ତ ବେନଜିର ଭୁଟ୍ଟୋ ଶାସନ କରି ପୁନଃ ରାଷ୍ଟ୍ରପତିଙ୍କ ଦ୍ୱାରା କ୍ଷମତାରୁ ହଟିଥିଲେ। ୧୯୯୭ ଫେବୃୟାରୀ ୧୭ରୁ ୧୯୯୯ ଅକ୍ଟୋବର ୧୨ ପର୍ଯ୍ୟନ୍ତ ନୱାଜ ଶରିଫ୍ ପ୍ରଧାନମନ୍ତ୍ରୀ ରହି ସେନା ବିଦ୍ରୋହ ଯୋଗୁ ପଦ ହରାଇଥିଲେ। ପୁଣି ୧୯୯୯ ଅକ୍ଟୋବରରୁ ୨୦୦୨ ନଭେମ୍ବର ପର୍ଯ୍ୟନ୍ତ ପାକିସ୍ତାନରେ ଏହି ପଦବୀ ଖାଲି ପଡ଼ିଥିଲା। ୨୦୦୨ ନଭେମ୍ବର ୨୩ରେ ପ୍ରଧାନମନ୍ତ୍ରୀ ହୋଇଥିବା ଜଫାରୁଲ୍ଲା ଖାନ୍ ଜମାଲି ୨୦୦୪ ଜୁନ୍ ୨୬ରେ ଇସ୍ତଫା ଦେଇଥିଲେ। ସେହିବର୍ଷ ଜୁନ୍ ୩୦ରୁ ଅଗଷ୍ଟ ୨୬ ପର୍ଯ୍ୟନ୍ତ ଶାସନରେ ରହି ଚୌଧୁରୀ ଶୁଜତ୍ ହୁସେନ୍ ଇସ୍ତଫା ଦେଇଥିଲେ।

୨୦୦୪ ଅଗଷ୍ଟ ୨୮ରେ ପ୍ରଧାନମନ୍ତ୍ରୀ ହୋଇଥିବା ଶୌକତ୍ ଅଜିଜ୍ ୨୦୦୭ ନଭେମ୍ବର ୧୫ରେ ତାଙ୍କ ପାର୍ଲାମେଣ୍ଟାରି କାର୍ଯ୍ୟକାଳ ଶେଷ ହେବାରୁ ପଦ ଛାଡ଼ିଥିଲେ। ୨୦୦୮ ମାର୍ଚ୍ଚ ୨୫ରେ ଶାସନକୁ ଆସିଥିବା ୟୁସଫ୍ ରାଜା ଗିଲାନିଙ୍କୁ ସୁପ୍ରିମକୋର୍ଟ ଅଯୋଗ୍ୟ ଘୋଷିତ କରିବା ପରେ ସେ ୨୦୧୨ ଜୁନ୍ ୧୯ରେ ଶାସନରୁ ହଟିଥିଲେ। ୨୦୧୨ ଜୁନ୍ ୨୨ରେ ରାଜା ପରଭେଜ୍ ଅଶ୍ରଫ୍ ୨୦୧୩ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହି ପିପିପି ସରକାରଙ୍କୁ ପୂର୍ଣ୍ଣ କରିଥିଲେ। ୨୦୧୩ ଜୁନ୍ ୫ରେ ପୁଣି ପ୍ରଧାନମନ୍ତ୍ରୀ ହୋଇଥିବା ନୱାଜ ଶରିଫ୍‌ଙ୍କୁ ସୁପ୍ରିମକୋର୍ଟ ଅଯୋଗ୍ୟ ଘୋଷଣା କରିବାରୁ ୨୦୧୭ ଜୁନ୍ ୨୮ରେ ଶାସନରୁ ହଟିଥିଲେ। ୨୦୧୭ ଅଗଷ୍ଟ ୧ରୁ ୨୦୧୮ ମେ ୩୧ ପର୍ଯ୍ୟନ୍ତ ଶାହିଦ୍ ଖାକ୍ୱାନ ଅବ୍ବାସୀ ପଦରେ ରହି ପିଏମ୍‌ଏଲ୍-ଏନ୍ ସରକାରକୁ ପୂର୍ଣ୍ଣ କରିଥିଲେ। କ୍ରିକେଟର୍‌ରୁ ରାଜନେତା ପାଲଟିଥିବା ଇମ୍ରାନ୍ ଖାନ୍ ୨୦୧୮ ଅଗଷ୍ଟ ୧୮ରେ ପ୍ରଧାନମନ୍ତ୍ରୀ ହୋଇଥିଲେ।

# ରେଳମନ୍ତ୍ରୀଙ୍କୁ ଭେଟିଲେ ସମ୍ବଲପୁର ଏମ୍‌ପି

## ବାମରା ଷ୍ଟେଶନରେ ଟ୍ରେନ୍ ରହଣି ପ୍ରସଙ୍ଗ



ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ଦେଉଛନ୍ତି।

**ସମ୍ବଲପୁର,୩୧।୩ (ବ୍ୟୁରୋ):** ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ଓ ଓଭରବ୍ରିଜ୍ ନିର୍ମାଣ ଦାବି ନେଇ ଜନଆନ୍ଦୋଳନ ଜାରି ରହିଛି। ଅଞ୍ଚଳବାସୀଙ୍କ ଦାବିକୁ ସମର୍ଥନ କରିଛନ୍ତି ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ। ଗୁରୁବାର ସେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧବାର ବାମରା ଷ୍ଟେଶନରେ ହୋଇଥିବା ରେଲରୋକୋ ଉପରେ ମଧ୍ୟ ଏମ୍‌ପି ଜଣାଇଥିଲେ। ସମସ୍ତ ବିଷୟ ଶୁଣିବା ପରେ ମନ୍ତ୍ରୀ ବୈଷ୍ଣବ ଅଞ୍ଚଳବାସୀଙ୍କ ଦାବି ଉପରେ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ମନ୍ତ୍ରୀ ଟ୍ରେନ୍ ରହଣି ଓ ଅନ୍ୟ ସମସ୍ୟା ସମାଧାନ କରିବାକୁ ଦକ୍ଷିଣପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନକୁ ନିର୍ଦ୍ଦେଶ ଦେଇଛନ୍ତି। ଦାବି ହେଉଥିବା ଟ୍ରେନ୍‌ଗୁଡିକ ବାମରା ଷ୍ଟେଶନରେ ପରୀକ୍ଷାମୂଳକ ଭାବେ ରହଣି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ମଧ୍ୟରେ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍, ହାୱଡା-ଅହମଦାବାଦ ସୁପରଫାଷ୍ଟ ଏକ୍ସପ୍ରେସ୍ ଆଦି ରହିଛି। ଏପ୍ରିଲ ୧ ତାରିଖରୁ ୬ ମାସ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ଟ୍ରେନ୍‌ଗୁଡିକ ରହଣି କରିବ। ଏହାସହ ଅତିରିକ୍ତ ଟିକେଟ କାଉଣ୍ଟର ଖୋଲିବା, ଏଲ୍‌ଏଚ୍‌ଏସ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ କୋଭିଡ୍ ସମୟରେ ବାମରା ଦେଇ ଯାତାୟାତ କରୁଥିବା ଟ୍ରେନ୍‌ଗୁଡିକ ବନ୍ଦ କରି ଦିଆଯାଇଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ମଧ୍ୟ ବାମରା ଷ୍ଟେଶନ ଦେଇ ପୂର୍ବରୁ ଯାତାୟାତ କରୁଥିବା ଟ୍ରେନ୍ ଚଳାଚଳ କରୁନାହିଁ। ଏହାକୁ ନେଇ ପ୍ରାୟ ୨ବର୍ଷ ହେବ ରେଳ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ମହିଳା, ପୁରୁଷ, ଯୁବତୀଯୁବକ, ଛାତ୍ରୀଛାତ୍ର ଆନ୍ଦୋଳନ କରିଆସୁଛନ୍ତି। ପ୍ରଥମେ ୨୦୨୦ ଡିସେମ୍ବର ୧୫ରେ ୪ ଘଣ୍ଟା ଓ ୨୦୨୨ ମାର୍ଚ୍ଚ ୩୦ରେ ୧୦ ଘଣ୍ଟା ଧରି ରେଳରୋକୋ ଆନ୍ଦୋଳନ ହୋଇଥିଲା।

# ଏସ୍‌ଓଏସ୍‌ଏସ୍ ସଂସ୍ଥା ଓଡ଼ିଶା ମୁଖ୍ୟ ଗିରଫ

**ବ୍ରହ୍ମପୁର ଅଫିସ/ ଭୁବନେଶ୍ୱର,୩୧।୩(ବ୍ୟୁରୋ)**

## ଓଡ଼ିଶାରୁ ୫ କୋଟି ଠକି ନେଇ ଫେରାର ଥିଲେ



ନିଖିଳାନନ୍ଦ ପଶୁପାଳକମ

ସକ୍ସେସ୍ ଅନ୍‌ଲାଇନ୍ ସର୍ଭିସ୍ ସିଷ୍ଟମ୍ (ଏସ୍‌ଓଏସ୍‌ଏସ୍) ଚିଟଫଣ୍ଡ ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା) ଟିମ୍ ବ୍ରହ୍ମପୁର ଲୋଚାପଡ଼ା ରାମକୃଷ୍ଣନଗର ତୃତୀୟ ଲାଇନ୍‌ରେ ରହୁଥିବା ଶାଖା ପରିଚାଳକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ନିଖିଳାନନ୍ଦ ପଶୁପାଳକ। ତାଙ୍କଠାରୁ ବେଆଇନ କାଗଜପତ୍ର, ଚେକ୍‌ବୁକ୍ ଓ ଜମାକାରୀଙ୍କ ତାଲିକା ଆଦି ଜବତ କରାଯାଇଛି। ଗିରଫ ପରେ ତାଙ୍କୁ ଗୁରୁବାର ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟକୁ ଚାଲାଣ କରାଯାଇଥିଲା। ଚିଟ୍‌ଫଣ୍ଡ କୋର୍ଟ ଜଜ୍ ଏଲ୍‌ଆର୍ ଏଡିଜେ ରାଜ କୁମାର ଦାଶ ନିଖିଳାନନ୍ଦଙ୍କୁ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କ ବିରୋଧରେ ୨୦୧୬ରେ ମାମଲା ହେବା ପରଠୁ ସେ ଫେରାର ଥିଲେ। ଉକ୍ତ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ରମନ ସିଂ ଏବଂ ସମ୍ପାଦକ ରାକେଶ କୁମାର ଏପର୍ଯ୍ୟନ୍ତ ଫେରାର ଅଛନ୍ତି। ଉତ୍ତରପ୍ରଦେଶ ଗାଜିଆବାଦ ବସୁନ୍ଧରାରେ ସକ୍ସେସ୍ ଅନ୍‌ଲାଇନ୍ ସର୍ଭିସ୍ ସିଷ୍ଟମ୍ (ଏସ୍‌ଓଏସ୍‌ଏସ୍) ପ୍ରାଇଭେଟ୍‌ଲିମିଟେଡ୍‌ନାମରେ ଏକ ଅର୍ଥ ଲଗାଣକାରୀ ସଂସ୍ଥା ଖୋଲିଥିଲା। ଏହି ସଂସ୍ଥାର ଏକ ଶାଖା କାର୍ଯ୍ୟାଳୟ ବ୍ରହ୍ମପୁର ଲୋଚାପଡ଼ାରେ ଖୋଲିଥିଲା। ନିଖିଳାନନ୍ଦ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ସଂସ୍ଥା ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି, ରମନ କୁମାର ସିଂ ଓ ସମ୍ପାଦକ ରାକେଶ କୁମାର। ଏହି ଶାଖା ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଟଙ୍କା ଜମା କଲେ ଖୁବ କମ୍ ଦିନରେ ଦୁଇଗୁଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଭଳି ଭାବେ ଓଡ଼ିଶାରୁ ବହୁ ଲୋକଙ୍କଠାରୁ ଏହି ସଂସ୍ଥା ଟଙ୍କା ଆଦାୟ କରିଥିଲା। ଏପରି କି କମ୍ ମୂଲ୍ୟରେ ଜମି ଓ ଘର ମଧ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିବା ପରେ ହଠାତ୍ ଏହି ଚିଟ୍‌ଫଣ୍ଡ ସଂସ୍ଥା ୨୦୧୨ ଜାନୁୟାରୀରେ ବନ୍ଦ ହୋଇଯାଇଥିଲା। ବ୍ରହ୍ମପୁର ଶାଖା ପରିଚାଳକ ନିଖିଳାନନ୍ଦ ଉଭାନ୍ ହୋଇଯାଇଥିଲେ। ଜମାକାରୀ ଟଙ୍କା ଫେରି ପାଇନଥିଲେ। ଭଦ୍ରକ ଜିଲାର ପର୍ଶୁରାମ ବେହେରା ପ୍ରାୟ ୮ଲକ୍ଷ ଟଙ୍କା ଏହି ସଂସ୍ଥାରେ ଜମା କରିଥିଲେ। ଟଙ୍କା ଫେରି ନ ପାଇବାରୁ ସେ ୨୦୧୬ ଅଗଷ୍ଟ ୧୭ରେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ନମ୍ବର ୧୪/୧୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶାରୁ ୫କୋଟି ଟଙ୍କା କଠେଇ କରିଥିବା ବେଳେ ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୫ଶହ କୋଟି ଠକେଇ କରିଥିବା ତଦନ୍ତରେ ଜଣାପଡ଼ିଛି। ଏହିସଂସ୍ଥା ଓଡ଼ିଶା, ଦିଲ୍ଲୀ, ଝାଡ଼ଖଣ୍ଡ ଭଳି ରାଜ୍ୟରୁ ଟଙ୍କା ଠକେଇ କରିଛି। ଏସ୍‌ଓଏସ୍‌ଏସର ଅନ୍ୟତମ ଶାଖା କମ୍ପାନୀ 'ସିନେ ଭିଜନ୍' ଭୋଜପୁରୀ ସିନେମା ତିଆରି ପାଇଁ ଟଙ୍କା ବିନିଯୋଗ କରିଛି। ଏପରିକି ଅଭିଯୁକ୍ତ ନିଖିଳାନନ୍ଦ ସିନେମାରେ ଅଭିନୟ କରିଥିବା ତଦନ୍ତରେ ଜଣାପଡ଼ିଛି। ଅଧିକ ସୁଧ ଦେବାର ମିଛ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନିଖିଳାନନ୍ଦ ଓଡ଼ିଶାରୁ ୨ହଜାର ଲୋକଙ୍କଠାରୁ ୫କୋଟି ଟଙ୍କା ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ କୁମାର ତ୍ରିପାଠୀ କହିଛନ୍ତି। ଏଥିସହ ଏଥିରେ ବହୁ ବ୍ୟକ୍ତିଙ୍କ ସଂପୃକ୍ତି ରହିଛି, ଖୁବଶୀଘ୍ର ସେମାନଙ୍କୁ ଧରିବା ଲାଗି ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ସକ୍ସେସ ଅନ୍‌ଲାଇନ ସର୍ଭିସ ସିଷ୍ଟମ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ରିଜିଓନାଲ ଅଫିସ ଥିଲାବେଳେ ଏହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ରହିଥିବା ଏସ୍‌ପି ତ୍ରିପାଠୀ କହିଛନ୍ତି।

# ମେ ୩୦ ସୁଦ୍ଧା ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କର

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ରାଜ୍ୟର ପ୍ରାୟ ୧୨ ଜିଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ବିଭିନ୍ନ ରାଜସ୍ୱ ଡିଭିଜନର ରାଜସ୍ୱ କମିଶନର, ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ ରିହାବିଲିଟେସନ ଓ ରିସେଟଲମେଣ୍ଟ ନିର୍ଦ୍ଦେଶକ, ବିଭିନ୍ନ ଜିଲାର ଜମି ଅଧିଗ୍ରହଣ ଅଧିକାରୀ ଏବଂ ଜଳସେଚନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଜଳସେଚନ ପ୍ରକଳ୍ପ ପାଇଁ ଆସନ୍ତା ମେ ୩୦ ତାରିଖ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ସେ କହିଛନ୍ତି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜମି ଅଧିଗ୍ରହଣ ପ୍ରକଳ୍ପ ପାଇଁ ତ୍ୱରିତ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, କାନପୁର, ଦେଓ, ରେଙ୍ଗାଲୀ ବାମ ଓ ଦକ୍ଷିଣ, ଲୋୟର ସୁକତେଲ, ଛେଲିଗଡ଼, ତେଲେଙ୍ଗିରି, ରେତ ଓ ହାଡୁଆ ପ୍ରକଳ୍ପର ସମୀକ୍ଷା ହୋଇଛି। ଗତ ସମୀକ୍ଷା ବୈଠକ ପରେ ତେଲେଙ୍ଗିରି ଜଳସେଚନ ପ୍ରକଳ୍ପରେ ୧୧ ଗ୍ରାମ, କାନପୁର ଜଳସେଚନ ପ୍ରକଳ୍ପ ଯୋଗୁ ୭ ଗ୍ରାମ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ପାଇଁ ୮ ଗ୍ରାମ, ଦେଓ ଜଳସେଚନ ପ୍ରକଳ୍ପ ୨ ଗ୍ରାମ, ରେଙ୍ଗାଲୀ ବାମ ଓ ଦକ୍ଷିଣ ଜଳସେଚନ ପ୍ରକଳ୍ପରେ ୧୯, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ୯ ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏଠାରେ ଜଳସେଚନ ବିଭାଗକୁ ଉକ୍ତ ଜମି ହସ୍ତାନ୍ତର ସରିଛି। ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଆବଶ୍ୟକ ଦସ୍ତାବିଜକୁ ଭୂମି ଅଧିଗ୍ରହଣ ପୋର୍ଟାଲ ମାଧ୍ୟମରେ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜମି ଅଧିଗ୍ରହଣରେ କୌଣସି ପ୍ରକାର ବିଳମ୍ବକୁ ବରଦାସ୍ତ ନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର ମାଧ୍ୟମରେ ସିଧାସଳଖ ଜମି ମାଲିକଙ୍କୁ ଜମିର ନ୍ୟାୟୋଚିତ ପ୍ରାପ୍ୟ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ଜଳସେଚନ ଓ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିଜ ଭିତରେ ସମନ୍ୱୟ ରକ୍ଷା କରି ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରି ଜଳସେଚନ ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।


**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SA/O/SU/105: Rate Contract for the supply of Isolators**
2. **TPWODL/SA/O/SU/106: Rate Contract for the supply of LT AB Cables**

Interested bidders to submit Tender Participation Fee and Authorization Letter through email on or before **12th April 2022, 15:00Hrs**, after which link from e-Tender system shall be shared.

For detailed tender documents of the above-mentioned tenders, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**



**WORKS DEPARTMENT**
**OFFICE OF THE SUPERINTENDING ENGINEER RAIRANGPUR (R&B), DIVISION**
e-mail: eerbrairangpur@yahoo.co.in

**Government of Odisha "e" Procurement Notice**
**Bid Identification No. SE 38/2021-22**

1. Nature of work : Building work
2. Number of works : 8 (Eight)
3. Amount put to tender : Rs.7,08,300.00 to Rs.7,08,300.00
4. Class of Contractor : "D" & "C"
5. Date & time of availability of bid document in the portal : Dt.11.04.2022 at 10.00 A.M.
6. Last date/time of receipt of bid in the portal : Dt.19.04.2022 upto 01.00 P.M.
7. Date of Opening of Bid : Dt.20.04.2022 at 11.00 A.M.
8. Name & address of the Office Inviting Bid : Superintending Engineer, Rairangpur (R&B) Division.
9. The bidders have to participate in ONLINE bidding only. Further details can be seen from the e-procurement portal **"http// tendersodisha.gov.in"**. All future corrigendum will be available on ONLINE mode only.

**Sd./- 28.03.2022**
**Superintending Engineer**
**Rairangpur (R&B) Division**

OIPR-34041/11/0016/2122



**ପୌର ପରିଷଦ, କୋରାପୁଟ**
**KORAPUT MUNICIPALITY**
Phone/Fax No. 06852-250629
e-mail: koraputn.hud@nic.in, co.nac.koraput@gmail.com

No. 779/2022 Date: 29.03.2022

**QUOTATION CALL NOTICE**

No. C-2041: Sealed quotation constiting of Cost of Tender Paper/EMD, IT/GST/PAN the set of terms and conditions **Installation of 2 Nos. of DG Sets 11 KVA for Power Backup** document can be seen in official website i.e. **www.koraputmunicipality.in**.

1. Name of Specification : Installation of 2 Nos. of DG sets 11 KVA for power back up
2. Date & time of selling of tender paper : From 31.03.2022 upto 5.00 P.M., 11.04.2022
3. Last date & time for receipt : 5.00 P.M. hours, 12.04.2022
4. Bids received shall be opened on : 4.00 P.M. hours, 13.04.2022
5. Name and address of the Officer Inviting : Executive Officer, Koraput Municipality
6. Further details can be seen from the procurement portal : **www.koraputmunicipality.in**

**Sd./- Executive Officer, Koraput Municipality**
OIPR-13074/11/0029/2122



**ODISHA STATE BEVERAGES CORPORATION LIMITED**
(A Government of Odisha Undertaking)
2nd Floor, Fortune Tower, Chandrasekharpur,
Bhubaneswar - 751023 (Odisha)
CIN: U51228OR2000SGC006372
Tel.: 0674-2303972 (O), E-mail: osbcltd@gmail.com

Ref.: 3899/OSBC/892 Date: 30.03.2022

**Advertisement Inviting Applications for the Post of One Manager (IT)**

No. CAD-3374: The **Odisha State Beverages Corporation** is a Public Sector undertaking of **Government of Odisha** invites applications for the post of **One Manager (IT)** for its Head Office located at Bhubaneswar.
Interested candidates should download the prescribed application from the official website of OSBC Ltd. and send their application along with required documents by Regd. Post/Speed Post to **"Despatch Section, XIM University, Xavier Square, Bhubaneswar - 751013 by on or before 21.04.2022 positively"**.
Details of advertisement may please be seen in the official website of OSBC Ltd. i.e. **https://osbc.co.in**.

**Sd./- General Manager (Admn.)**
OIPR-36014/11/0003/2122



See Career Appointment on every **Wednesday & Saturday**



**ତହସିଲଦାରଙ୍କ କାର୍ଯ୍ୟାଳୟ, ତେଲକୋଇ, ଜିଲ୍ଲା-କେନ୍ଦୁଝର**

ବିଜ୍ଞାପନ ସଂଖ୍ୟା.୮୬୦ **ଲଘୁ ଖଣିଜ ସମ୍ପଦ ଲିଜ୍ ନିମନ୍ତେ ବିଜ୍ଞାପନ** ତାରିଖ ୩୦.୩.୨୦୨୨

**No.F-351:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ତେଲକୋଇ ତହସିଲର ବଡକୁମୁଣ୍ଡ ଓ ବେଣାମୁଣ୍ଡା-ବ୍ରାହ୍ମଣୀକଂସ ମୌଜାରେ ଅବସ୍ଥିତ ନିମ୍ନଲିଖିତ ସୂଚୀବର୍ଣ୍ଣିତ (Annexure-A) ଲଘୁ ଖଣିଜ ଦ୍ରବ୍ୟ ବାଲି ଓ ପଥର ଉତ୍ସଗୁଡିକ ଆସନ୍ତା ୦୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୬-୨୦୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ର Form-M ପୂରଣ କରି ତିନି କପି (3 Copies) ସହ ଦରଖାସ୍ତକୁ ଜଉମୁଦା ଲଫାପାରେ ରେଜିଷ୍ଟ୍ରି ଡାକ/Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଟେଣ୍ଡର ବାକ୍ସରେ ବ୍ୟକ୍ତିଗତ ଭାବେ ତା.୦୨.୦୪.୨୦୨୨ ରିଖ ଠାରୁ ତା.୧୬.୦୪.୨୦୨୨ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ଧାର୍ଯ୍ୟ ନିର୍ଘଣ୍ଟ ସମୟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ବିସ୍ତୃତ ବିଜ୍ଞାପନର ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟ, ତେଲକୋଇ ତଥା କେନ୍ଦୁଝର ଜିଲ୍ଲା ୱେବସାଇଟ (website) www.kendujhar.nic.in. ରେ ଉପଲବ୍ଧ ଅଟେ ।

**ଆବେଦନ କରିବାର ଠିକଣା:**
**ତହସିଲଦାରଙ୍କ କାର୍ଯ୍ୟାଳୟ, ତେଲକୋଇ,**
**ସା/ପୋ.ଅ.-ତେଲକୋଇ, ଥାନା-ତେଲକୋଇ, ଜିଲ୍ଲା-କେନ୍ଦୁଝର, ଓଡିଶା-୭୫୮୦୧୯**

Annexure-A
**ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ସୈରାତ ଉତ୍ସର ବିସ୍ତାରିତ ବିବରଣୀ**

| କ୍ର. ନଂ. | ରାଜସ୍ୱ ମଣ୍ଡଳର ନାମ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକର) | କିସମ | ସରକାରୀ ରୟାଲଟି Per CuM | ସର୍ବନିମ୍ନ ଅତିରିକ୍ତ ଦେୟ Per CuM | ସର୍ବନିମ୍ନ ଧାର୍ଯ୍ୟ ବାର୍ଷିକ ଉତ୍ତୋଳନ (MGQ) | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି (Earnest Money Deposit)ର ପରିମାଣ(Rs.) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ଶିବନାରାୟଣ ପୁର | ବଡ଼କୁମୁଣ୍ଡ ବାଲି ଖଣି | ବଡ଼କୁମୁଣ୍ଡ | ୨୬ (ଆ ଅ ଅ) | ୫୩ | ୧.୮୦୦ | ନଦୀ | ଟ.୩୫.୦୦ | ଟ.୧୫୦.୦୦ | ୧୯୫୮.୪ ଘ.ମି. | ୧୮,୧୨୦.୦୦ |
| | | | | | ୫୪ | ୧.୮୮୦ | ନଦୀ | | | | |
| | | | | | ୨୪୫ | ୩.୪୨୦ | ନଦୀ | | | | |
| ୨ | କାଳିଆହତା | ବେଣାମୁଣ୍ଡା ବ୍ରାହ୍ମଣୀ କଂସ ବାଲିଖଣି | ବେଣାମୁଣ୍ଡା | ୧୮୪ (ଆ ଅ ଅ) | ୭୫ | ୨.୧୫୦ | ନଦୀ | ଟ.୩୫.୦୦ | ଟ.୧୫୦.୦୦ | ୨୮୦୦ ଘ.ମି. | ୨୫,୯୦୦.୦୦ |
| | | | ବ୍ରାହ୍ମଣୀକଂସ | ୬୨ (ଆ ଅ ଅ) | ୩୩୫ | ୧.୮୨୦ | ନଦୀ | | | | |
| | | | | | ୩୩୭ | ୩.୫୨୦ | ନଦୀ | | | | |
| | | | | | ୩୩୮ | ୧.୪୫୦ | ନଦୀ | | | | |
| | | | | | ୩୬୨ | ୩.୦୮୦ | ନଦୀ | | | | |

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ତେଲକୋଇ**
OIPR-24203/11/0002/2122



**OFFICE OF THE COLLECTOR & DISTRICT MAGISTRATE, CUTTACK**
**(ST & SC DEVELOPMENT SECTION)**

**No. 945** **Date: 31.03.2022**

**Corrigendum to Advertisement No. 3167, Dtd.30.12.2021 for Engagement of Initial Appointee Teachers**

No. V-80: Pursuant to this office Advertisement No. 3167, Dtd.30.12.2021 published in the Odia daily newspaper 'The Dharitri' on 2nd January 2022, applications were invited for engagement of Initial Appointee Teachers. In partial modifications to the said advertisement as mentioned in Para-2 with respect to upper age limit as per GA Deptt. Notification No. 771/ GAD Dtd.11.01.2022, fresh applications are invited from the candidates in the prescribed format who were not eligible due to age criteria fixed earlier so as to reach to the office of the District Welfare Officer, Cuttack on or before 30.04.2022 upto 5 P.M. through Registered Post/ Speed Post only. Those who have applied in response to the above advertisement need not apply again and their applications will be duly considered. The details of the corrigendum may be obtained from the district website **www.cuttack.nic.in**.

**Sd./- Collector, Cuttack**
OIPR-26014/11/0001/2122



**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At: Ichhapur, Post: Shree Baladevjew, E-mail: eerwsskendrapara@gmail.com
Identification No. RWS/109/2021-2022

Letter No. 2722 Dated: 30.03.2022

**1st Corrigendum**

No. O-1898: This corrigendum has been made for the NIT-109 invited online vide this office letter No. 1757/ Dated 10.03.2022 with date for selling, closing, clarifiation and opening which was on Dt.31.03.2022 (selling date), 22.04.2022 (closing date), 02.04.2022 (clarification date), 25.04.2022 (opening date) to be read as 19.04.2022, 04.05.2022, 22.04.2022 and 05.05.2022 respectively and EMD @ 1% to be deposited online as the date of closing of tender falls on 04.05.2022 as per the corrigendum for which EMD relaxation was upto 31.03.2022. All other terms and condition remain unaltered.

| Sl. No. | Name of Work | Estimated Cost (Apprx.) Rs. in Lakhs | EMD to be Deposited Online | Cost of Tender Paper | Period of Completion |
|---|---|---|---|---|---|
| 1 | Execution of New 70 LPCD RPWS Scheme to **Doligaon, Ratapanga and Guludia** on clubbed up mode under **Mahakalapada** Block in the District of Kendrapara. **(JJM Funds)** | Rs.304.62 | Rs.305000 | Rs.10000 | 330 Days |
| 2 | Execution of New 70 LPCD RPWS Scheme to **Kaltunga, Kantilo of Mahakalapada Block and Mundilo of Derabish Block** on clubbed up mode in the District of Kendrapara. **(JJM Funds)**. | Rs.316.04 | Rs.317000 | Rs.10000 | 330 Days |

OIPR-25004/11/0069/2122 Sd./- (Er. B.K. Nayak), Executive Engineer, RWS&S Division, Kendrapara



**STATE INSTITUTE FOR RURAL DEVELOPMENT & PANCHAYATI RAJ**
Panchayati Raj & Drinking Water Department, Govt. of Odisha
UNIT-VIII, BHUBANESWAR

No. i-350

**TENDER CALL NOTICE**

No. : 541 Date : 31.3.2022

Sealed tenders are invited in the prescribed format from the intending registered firms / manufacturers / authorized dealer / Service Providers / SHGs / GPLFs having valid & up to date Income Tax Registration, PAN & Registration under GST Act. for providing the followings similar nature of the services to SIRD & PR, Bhubaneswar.

1) Supply of Training Kits, Office Stationeries & Computer Consumables.
2) Supply of Jute & Cotton Folders / Bags.
3) Providing of services for Photo copy, Spiral Binding & DTP.
4) Providing of services for hiring of different category of vehicles on Monthly & Daily Basis.
5) Providing of services for Sweeping, Cleaning & Sanitation.
6) Providing of services for Development & Maintenance of Lawn & Garden.
7) Providing of Catering Services.
8) Providing of services for Photography & Video Recoding.
9) Providing of services for Housekeeping.

Interested vendors / firms / agencies may visit the office website https://sirdodisha.nic.in for downloading the details of ToR such as tender documents, specification, terms and conditions etc. Further, addendum / corrigendum / cancellation of any tender can be seen in the office website only. The tender should reach addressing Director, SIRD & PR, Near Stewart School, Unit-VIII, Gopabandhu Nagar, Bhubaneswar–751012 with the requisite documents through Registered / Speed Post / Courier Service within the scheduled date and time mentioned below:-

Last date of receipt of Bid : 18.04.2022 - up to 05:00 P.M.
Date & Time of Opening:
**General Bid : 19.04.2022 - at 11:30 A.M.**
**Financial Bid : 21.04.2022 - at 11:30 A.M.**

Sd/- DIRECTOR

OIPR-19012/11/0006/2122



**ODISHA SCHOOL EDUCATION PROGRAMME AUTHORITY**
**"SHIKSHA SOUDHA", UNIT - V, BHUBANESWAR - 751001**
**Website: osepa.odisha.gov.in**

**No. 3693/Lib/2022** **Date: 30.03.2022**
**M(LIBPRC)/3355/2021 P-IV**

**NOTICE INVITING EXPRESSION OF INTEREST**

No. n-96: Odisha School Education Programme Authority (OSEPA) invites Expression of Interest (EoI) from reputed local book publishers/publishing houses of Odisha towards procurement of class/age appropriate library books for Class I to XII published in Odia language. The EoI document with all information, instructions, eligibility criteria, terms & conditions etc are available in the website of OSEPA **osepa.odisha.gov.in**. The interested local book publishers/publishing houses may refer the above website, read the EoI document carefully & furnish the EoI proposal in sealed envelope superscripted as "Expression of Interest for Supply of Library Books" 2021-2022.
Corrigendum/addendum, if required, will be uploaded in the above website. Hence, potential local book publishers/publishing houses of Odisha are requested to be in continous touch with the above website. The EoI Inviting Authority i.e. OSEPA reserves the right to accept or reject any/all bids also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

**OIPR-27005/11/0019/2122** **Sd./- State Project Director**



**GOVERNMENT OF ODISHA**
**WATER RESOURCES DEPARTMENT**
**OFFICE OF THE CHIEF ENGINEER, MEGALIFT**

**RFP No. 3ML/2021-22** **Date: 30.03.2022**

**REQUEST FOR PROPOSAL**
**EVALUATION OF MEGALIFT IRRIGATION PROJECTS IN ODISHA**

No. A-928: Office of the Chief Engineer (Megalift) on behalf of Water Resources Department, Government of Odisha invites sealed proposals from eligible bidders to carry out **"EVALUATION OF MEGALIFT IRRIGATION PROJECTS IN ODISHA"**. Bidders fulfilling the prescribed eligibility criteria of the RFP can access and download the complete RFP document and other details from **www.dowrodisha.gov.in**.
The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 02.04.2022 |
| 2 | Last date for submission of Bid | 27.04.2022 |
| 3 | Date of Opening of Technical Bid | 28.04.2022 |
| 4 | Date of Opening of Financial Bid | 17.05.2022 |

The proposal complete in all respect must reach the undersigned through **Speed Post/Registered Post/Courier** only latest by **27.04.2022** in a sealed envelope clearly mentioning on the top of it **"REQUEST FOR PROPOSAL - EVALUATION OF MEGA LIFT IRRIGATION PROJECTS IN ODISHA"**. The proposals received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

**Address for Submission of Proposal:**
**Office of the Chief Engineer, Megalift**
**Plot No. A-8/2, 1st Floor, Bhoi Nagar,**
**Bhubaneswar - 751022**

**Sd./- Chief Engineer, Megalift**
**Water Resources Department**
OIPR-32301/11/0003/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଏପ୍ରିଲ, ୨୦୨୨



# ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଜାମିନ ଖାରଜ



ଖୋର୍ଦ୍ଧା ଅଫିସ,୩୧।୩

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଜାମିନ ଆବେଦନକୁ ଗୁରୁବାର ବାଣପୁର ସହକାରୀ ଦୌରାଜଜ୍ ମନୋରଞ୍ଜନ ମିଶ୍ର ଖାରଜ କରିଦେଇଛନ୍ତି। ପୋଲିସ କର୍ମଚାରୀ ଓ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇବା ମାମଲାରେ ଏହି ଜାମିନ ଖାରଜ ହୋଇଯାଇଛି। ବିଧାୟକଙ୍କ ଓକିଲଙ୍କ ପକ୍ଷରୁ ଗତ ୨୮ତାରିଖରେ ବାଣପୁର ସହକାରୀ ଦୌରାଜଜ୍‌ଙ୍କ ନିକଟରେ ଜାମିନ ଆବେଦନ କରାଯାଇଥିବା ବେଳେ ଗୁରୁବାର ତଥା ୩୧ତାରିଖକୁ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିଲା। ଶୁଣାଣି ସମୟରେ ଉଭୟ ବିଧାୟକଙ୍କ ଓକିଲ ଓ ସରକାରୀ ଓକିଲ ନିଜ ପକ୍ଷରେ ମତ ରଖିଥିଲେ। ଉଭୟ ପକ୍ଷଙ୍କ ମତ ଶୁଣିବା ପରେ ସହକାରୀ ଦୌରାଜଜ୍ ମିଶ୍ର ବିଧାୟକ ଜଗଦେବଙ୍କ ଆବେଦନ ଖାରଜ କରିଥିଲେ। ଆବେଦନ ଖାରଜ ପରେ ବିଧାୟକଙ୍କ ଓକିଲ ହାଇକୋର୍ଟରେ ଜାମିନ ଆବେଦନ କରିବେ ବୋଲି ଜଣାପଡ଼ିଛି। ବିଧାୟକଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅରୂପ ଚାନ୍ଦ ଏବଂ ସରକାରଙ୍କ ପକ୍ଷରୁ ଓକିଲ ସଚ୍ଚିତ୍ର ମିଶ୍ର ଓ ରମେଶ ଚନ୍ଦ୍ର ବିଶୋୟୀ ମାମଲା ପରିଚାଳାନା କରିଥିଲେ।

ସୂଚନାଥାଉ କି, ଗତ ୧୨ତାରିଖରେ ବାଣପୁର ବ୍ଲକ ଆଗରେ ବିଧାୟକ ଜଗଦେବ ଲୋକଙ୍କ ଉପରକୁ ଗାଡି ମଡ଼ାଇ ଦେଇଥିଲେ। ଉତ୍ୟକ୍ତ ଲୋକେ ବିଧାୟକଙ୍କୁ ନିର୍ଘୃମ ମାଡ଼ ମାରିବା ସହ ତାଙ୍କ କାର୍ ଭାଙ୍ଗିଦେଇଥିଲେ। ବିଧାୟକଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ବାଣପୁର ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୨ତାରିଖରେ ସେ ସୁସ୍ଥ ହୋଇ ମେଡିକାଲରୁ ବାହାରିବା ପରେ ବାଣପୁର ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେ ଜେଲରେ ଅଛନ୍ତି। ୨୮ତାରିଖ(ସୋମବାର) ରାତିରେ ଅସୁସ୍ଥ ଅନୁଭବ କରିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ରାତିରେ ସେ ସୁସ୍ଥ ହେବା ପରେ ଜେଲକୁ ଫେରିଥିଲେ। ଅନ୍ୟପଟେ ବିଧାୟକଙ୍କୁ ଆକ୍ରମଣ ଘଟଣାରେ ବାଣପୁର ପୋଲିସ ୯ଜଣଙ୍କୁ ଗିରଫ କରିଛି।

# ଯୋଗୀଙ୍କୁ ଭେଟିଲେ ଶିବପାଲ୍

**ଅଖିଳେଶଙ୍କ ସହ ସମ୍ପର୍କରେ ଫାଟ**



ଶିବପାଲ୍ ଯାଦବ



ଯୋଗୀ ଆଦିତ୍ୟନାଥ

ଲକ୍ଷ୍ନୌ, ୩୧।୩

ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ବରିଷ୍ଠ ନେତା ତଥା ପ୍ରଗତିଶୀଳ ସମାଜବାଦୀ ପାର୍ଟି ଲୋହିଆର ମୁଖ୍ୟ ଶିବପାଲ୍ ଯାଦବଙ୍କ ମଧ୍ୟରେ ସମ୍ପର୍କରେ ଫାଟ ଦେଖାଦେଇଥିବା ନେଇ ଚର୍ଚ୍ଚା ହେଉଛି। ଇତିମଧ୍ୟରେ ବୁଧବାର ସନ୍ଧ୍ୟାରେ ଶିବପାଲ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଦୀର୍ଘ ସମୟ ଆଲୋଚନା କରିବା କଳ୍ପନାଜଳ୍ପନାକୁ ଆହୁରି ବଢ଼ାଇ ଦେଇଛି। ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ଭାଇ ଶିବପାଲ ଭାଜପା ନେତା ତଥା ଜଳଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂଙ୍କୁ ମଧ୍ୟ ଭେଟିଛନ୍ତି ଏବଂ ଦଳର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ସମ୍ପର୍କରେ ଥିବା ଜଣାପଡ଼ିଛି। ଶିବପାଲ ଦୁଇଦିନ ପାଇଁ ଦିଲ୍ଲୀ ଯାଇ ମଙ୍ଗଳବାର ଇଟାୱାରେ ପହଞ୍ଚିଥିଲେ। ଦିଲ୍ଲୀରେ ସେ ବରିଷ୍ଠ ଭାଜପା ନେତାମାନଙ୍କୁ ଭେଟିଥିବା ଏକ ସୂତ୍ରରୁ ସୂଚନା ମିଳିଛି। କୁହାଯାଉଛି, ଆଜମଗଡ଼ ଲୋକ ସଭା ଆସନରୁ ଶିବପାଲଙ୍କ ପ୍ରାର୍ଥିତ୍ୱକୁ ଭାଜପା ସମର୍ଥନ କରିପାରେ କିମ୍ବା ତାଙ୍କୁ ରାଜ୍ୟ ସଭା ପଠାଇବାରେ ସହାୟତା କରିପାରେ।

ଅଖିଳେଶ ଖରହଲ ଆସନରୁ ବିଧାନସଭାକୁ ନିର୍ବାଚିତ ହେବା ପରେ ଆଜମଗଡ଼ ଲୋକ ସଭା ଆସନରୁ ଇସ୍ତଫା ଦେଇଥିଲେ। ଏସ୍‌ପି ଅଧ୍ୟକ୍ଷ ଜୟନ୍ତ ଚୌଧୁରୀଙ୍କ ଆର୍‌ଏଲ୍‌ଡି ଏବଂ ଓ.ପି. ରାଜଭରଙ୍କ ସୁହେଲଦେବ ଭାରତୀୟ ସମାଜ ପାର୍ଟି ସହ ମେଣ୍ଟ କରିଥିଲେ। ଦାଦା ଶିବପାଲଙ୍କ ସହ ବିବାଦ ଦୂର କରି ତାଙ୍କୁ ଅଖିଳେଶ ଜଶୱନ୍ତନଗରରୁ ଟିକେଟ ଦେଇଥିଲେ। ତେବେ ଶିବପାଲ ତାଙ୍କ ପୁଅ ଆଦିତ୍ୟ ଯାଦବଙ୍କ ସମେତ ୬ ଜଣ ଦଳୀୟ ନେତାଙ୍କ ପାଇଁ ୬ଟି ଆସନ ଚାହୁଁଥିଲେ। ନିକଟରେ ସମାଜବାଦୀ ପାର୍ଟିର ନବନିର୍ବାଚିତ ବିଧାୟକମାନଙ୍କ ବୈଠକକୁ ଶିବପାଲଙ୍କୁ ଆମନ୍ତ୍ରଣ କରା ନ ଯିବା ଦାଦା-ପୁତୁରା ସମ୍ପର୍କରେ ଫାଟ ବଢୁଥିବା ସୂଚନା ଦେଇଥିଲା।

# ରାଜ୍ୟ ସଭାରେ ୩ ବିଜେଡି ଏମ୍‌ପିଙ୍କ କାର୍ଯ୍ୟକାଳ ଶେଷ



ସସ୍ମିତ ପାତ୍ର



ଏନ୍ . ଭାସ୍କର ରାଓ



ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଏନ୍ . ଭାସ୍କର ରାଓ ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଗୁରୁବାର ଶେଷ ହୋଇଛି। ସସ୍ମିତଙ୍କୁ ମିଶାଇ ମୋଟ ୭୨ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହି ଅବସରରେ ସଂସଦର ଉଚ୍ଚ ସଦନକୁ ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ସମ୍ବୋଧିତ କରିଛନ୍ତି। ସେ ତାଙ୍କ ଭାଷଣରେ ସସ୍ମିତଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପ୍ରଥମ ଥର ଲାଗି ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇ ଗୃହର ଆଦବକାଇଦାକୁ ସସ୍ମିତ ଖୁବ୍‌ଶୀଘ୍ର ଆପଣାଇ ନେଇଥିଲେ। ପ୍ୟାନେଲର ଉପାଧ୍ୟକ୍ଷ ରହି ଅତ୍ୟନ୍ତ ପରିପକ୍ୱତା ସହ ଗୃହ ପରିଚାଳନା କରିଥିଲେ। ଖୁବ୍ ଦକ୍ଷତାର ସହ ସେ ପ୍ରୋସିଡିଂ କାର୍ଯ୍ୟଭାର ସମ୍ଭାଳିଥିଲେ ବୋଲି କହି ସେ ପ୍ରଶଂସା କରିଛନ୍ତି। ଅନ୍ୟ ୨ଜଣଙ୍କୁ ମଧ୍ୟ ଫେୟାରୱେଲ ବାର୍ତ୍ତା ଜରିଆରେ ଭେଙ୍କାୟା ପ୍ରଶଂସା କରିଛନ୍ତି।

# ଅପରାଜିତା-ପିନାକୀ ମୁହାଁମୁହିଁ

## ପାର୍ଲାମେଣ୍ଟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ

- ଏନଏମ୍‌ଏ ଅନୁମତି ବିନା ଖନନ କାମ ଚାଲିଛି: ଅପରାଜିତା
- ଓଡ଼ିଶାରେ କୌଣସି କାମ ନିୟମ ବାହାରେ ହୁଏନାହିଁ: ପିନାକୀ



ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରସଙ୍ଗ ପାର୍ଲାମେଣ୍ଟରେ ପହଞ୍ଚିଛି। ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର। ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ଖନନକୁ ଅପରାଜିତା ବିରୋଧ କରିବା ସହିତ ଓଡ଼ିଶା ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଆମସର ଆକ୍ଟ-୧୯୫୮ ଅନୁଯାୟୀ କୌଣସି ଐତିହ୍ୟସ୍ଥଳର ୧୦୦ ମିଟର ଭିତରେ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ପରବର୍ତ୍ତୀ ୨୦୦ ମିଟର ପରିଧି ଭିତରେ ନିର୍ମାଣ କାମ କରାଗଲେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ), ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ)ର ଅନୁମତି ନେବା ଜରୁରୀ। ତେବେ ଏନ୍‌ଏମ୍‌ଏର ବିନା ଅନୁମତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ନିର୍ମାଣ ସାଙ୍ଗକୁ ଭଙ୍ଗାରୁଜା କରାଯାଉଛି। ଏହାକୁ ଶୀଘ୍ର ବନ୍ଦ କରିବା ଲାଗି ସଂସ୍କୃତି ମନ୍ତ୍ରଣାଳୟ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି। ଅପରାଜିତା ଆହୁରି ମଧ୍ୟ କହିଛନ୍ତି, ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ପାଇଁ ଯେଉଁ କମିଟି ଗଠନ କରାଯାଇଥିଲା, ସେଥିରେ ଏଏସ୍‌ଆଇ ସଦସ୍ୟଙ୍କୁ ରଖାଯାଇନାହିଁ। ଖନନ ପରବର୍ତ୍ତୀ ସ୍ଥିତି କ'ଣ ହେବ ସେନେଇ ବିଶ୍ଳେଷଣ କରାଯାଇନାହିଁ। ଜିପିଆର୍ ସର୍ଭେ ମଧ୍ୟ ହୋଇନାହିଁ। ତେଣୁ ତୁରନ୍ତ ସାଢ଼େ ୪ କୋଟି ଓଡ଼ିଆଙ୍କ ଆସ୍ଥାର ପ୍ରତୀକ ଶ୍ରୀମନ୍ଦିର ସୁରକ୍ଷା ପାଇଁ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ଅପରାଜିତା ଦାବି କରିଛନ୍ତି।

ଅପରପକ୍ଷେ ଅପରାଜିତାଙ୍କ ମନ୍ତବ୍ୟରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଏମ୍‌ପି ମିଶ୍ର। ଜଣେ ବରିଷ୍ଠ ଅଧିକାରୀ, ଯିଏ ଓଡ଼ିଶାରେ କାମ କରି ଏବେ ଏମ୍‌ପି ଅଛନ୍ତି; ସେ ଏ ଭଲରେ ଜାଣିଛନ୍ତି ରାଜ୍ୟରେ କେମିତି କାମ ହୁଏ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ରାଜ୍ୟର ସବୁ କାମ କଡ଼ା ନିୟମନୁଯାୟୀ ହୋଇଥାଏ ବୋଲି ତାଙ୍କୁ ଭଲ ଭାବେ ଜଣାଅଛି। ଆଜି ପର୍ଯ୍ୟନ୍ତ କୌଣସି ନିୟମ ଉଲ୍ଲଂଘନ କରାଯାଇନାହିଁ ବୋଲି ୨୨ ବର୍ଷ ହେଲା ଓଡ଼ିଶାରେ ଗୋଟିଏ ସରକାର ରହିଛି। ଭୁବନେଶ୍ୱର ଏମ୍‌ପି ସମ୍ପୂର୍ଣ୍ଣ ଭୁଲ୍ ତଥ୍ୟ ଦେଇଛନ୍ତି। ଏନ୍‌ଏମ୍‌ଏର ନୋ ଅବଜେକ୍ସନ୍ ସାର୍ଟିଫିକେଟ ଅନୁଯାୟୀ କାମ ହେଉଛି। ସେଥିରେ ଏଏସ୍‌ଆଇ ମଧ୍ୟ ସାମିଲ ଅଛି। କୌଣସି ଖନନ କାର୍ଯ୍ୟ ଚାଲିନାହିଁ। କେବଳ ୪ଟି ଶୌଚାଳୟ ନିର୍ମାଣ ଚାଲିଛି। ଶ୍ରୀମନ୍ଦିର ବିଷୟରେ ପ୍ରଶ୍ନ କରୁଥିବା ଭୁବନେଶ୍ୱର ଏମ୍‌ପି ନିଜ ନିର୍ବାଚନମଣ୍ଡଳୀରେ ଆସୁଥିବା ଲିଙ୍ଗରାଜ ମନ୍ଦିର ପାଇଁ କିଛି ଭଲ କାମ କରିବାକୁ ପିନାକୀ କଥାଛଳରେ କହିଛନ୍ତି।

## ଗଠନ ହେଲା ୮ ଜଣିଆ ଗୃହ କମିଟି

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସୁରକ୍ଷାକୁ ନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ଗୃହ କମିଟି ଗଠନ ହୋଇଛି। ଏହି କମିଟିରେ ମୋଟ ୮ଜଣ ସଦସ୍ୟ ରହିଛନ୍ତି। ଗୁରୁବାର ବିଧାନସଭାରେ ଏ ସମ୍ପର୍କରେ ଘୋଷଣା କରାଯାଇଛି। ବାଚସ୍ପତି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ତଦାରଖ ପାଇଁ ଗଠିତ ଗୃହ କମିଟିର ଅଧ୍ୟକ୍ଷ ଥିବାବେଳେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସ ବିଧାୟକ ନରସିଂହ ମିଶ୍ର, ଭାଜପା ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ କମିଟି ସଦସ୍ୟ ରହିଛନ୍ତି । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ଖନନ ଓ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ନେଇ ବିଧାନସଭାରେ ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମାର୍ଚ୍ଚ ୨୯ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ତଦାରଖ ନିମନ୍ତେ ବିଧାନସଭା ଗୃହ କମିଟି ଗଠନ କରିବାକୁ ରାଜ୍ୟ ସରକାର ସହମତି ଜଣାଇଥିଲେ। ସେହି ଆଧାରରେ ଗୃହ କମିଟି ଗଠନ ହୋଇଛି । ଏହି କମିଟି ସହ ବିଧାନସଭାର ବିଭିନ୍ନ କମିଟି ମଧ୍ୟ ଗଠନ କରାଯାଇଛି।

# କଥା ଦେଇ ରଖିଲେ ପରାଜିତ କଂଗ୍ରେସ ପ୍ରାର୍ଥୀ



ଜି. ଶ୍ରୀନିବାସ ଓ ସାହି ବାସିନ୍ଦାଙ୍କ ଉପସ୍ଥିତିରେ ନଳକୂପ ଖୋଳାଯାଉଛି।

## ପରାଜୟ ସତ୍ତ୍ୱେ ଲୋକଙ୍କ ପାଇଁ କଲେ ପାନୀୟ ଜଳ ବ୍ୟବସ୍ଥା

ମାଲକାନଗିରି,୩୧।୩ (ଡି.ଏନ.ଏ.)

ନିକଟରେ ଶେଷ ହୋଇଥିବା ପୌର ନିର୍ବାଚନରେ ମାଲକାନଗିରି ପୌର ପରିଷଦରେ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ପଦ ପାଇଁ ଲଢ଼ି ହାରିଯାଇଥିଲେ ସାମାଜିକ କର୍ମୀ ଜି. ଶ୍ରୀନିବାସ ରାଓ। ତେବେ ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ସେ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି। ୯ ନମ୍ବର ୱାର୍ଡର ଡମଣାଭଟ୍ଟା ସାହିରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରିଛନ୍ତି। ନିଜସ୍ୱ ଖର୍ଚ୍ଚରେ ସାହିବାସିନ୍ଦାଙ୍କ ପାଇଁ ଶ୍ରୀନିବାସ ଏକ ନଳକୂପ ଖୋଳି ଦେଇଛନ୍ତି। ନିର୍ବାଚନ ପ୍ରଚାର ସମୟରେ ସେ ପ୍ରଚାର ବେଳେ ପ୍ରତି ସାହିକୁ ସାହି ବୁଲି ଭୋଟରଙ୍କୁ ଭୋଟ ପାଇଁ ନିବେଦନ କରିଥିଲେ। ଅନେକ ସ୍ଥାନରେ ଲୋକେ ତାଙ୍କୁ ନିଜ ସାହିରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ନିର୍ବାଚନରେ ବିଜୟୀ ହେଲେ ଏହି ସମସ୍ୟାଗୁଡିକର ସମାଧାନ କରିବେ ବୋଲି ଶ୍ରୀନିବାସ ପ୍ରତିଶ୍ରୁତି ଦେଇଥିଲେ। ତେବେ ଶ୍ରୀନିବାସ ନିର୍ବାଚନରେ ହାରିଯାଇଥିଲେ। ଏହି ୱାର୍ଡରେ ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ମନୋଜ ବାରିକ ବିଜୟୀ ହୋଇଥିଲେ। ଏହା ସତ୍ତ୍ୱେ ଶ୍ରୀନିବାସ ଲୋକଙ୍କ ସହ ଅଛନ୍ତି। ୯ ନମ୍ବର ୱାର୍ଡରେ ପାନୀୟ ଜଳ ପାଇଁ ନଳକୂପ ଖୋଳି ସେ ଏହାର ପ୍ରମାଣ ଦେଇଛନ୍ତି। ନିଜେ ଦେଇଥିବା ପ୍ରତିଶ୍ରୁତି ରଖି ସେ ୯ ନଂ. ୱାର୍ଡ ବାସିନ୍ଦାଙ୍କ ପାନୀୟ ଜଳ ସମସ୍ୟାର ସମାଧାନ କରିଛନ୍ତି। ନିଜସ୍ୱ ଉଦ୍ୟମରେ ଏକ ନଳକୂପ ଖନନ କରାଇଛନ୍ତି। ତେବେ ଜିଲାପାଳଙ୍କ ବାସଭବନଠାରୁ ଅଳ୍ପ କିଛି ଦୂରରେ ଥିବା ଏହି ୱାର୍ଡରେ ବର୍ଷ ବର୍ଷ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ଦିଗରେ ପ୍ରଶାସନ ଆଗ୍ରହ ପ୍ରକାଶ କରିନାହିଁ। ସାମାଜିକ କର୍ମୀ ଶ୍ରୀନିବାସଙ୍କ ଏପରି ପଦକ୍ଷେପକୁ ମାଲକାନଗିରିବାସୀ ପ୍ରଶଂସା କରିଛନ୍ତି।

# ପୁଣି ତଦନ୍ତ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ

**ଶଡା ପଞ୍ଚାୟତ ନିର୍ବାଚନ ଭୋଟ ଗଣତିକୁ ନେଇ ବିବାଦ ଘଟଣା**

- ସିଭିଲ୍ କୋର୍ଟଙ୍କ ପକ୍ଷରୁ ନୋଟିସ୍

ହାଟଡିହୀ,୩୧।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶଡ଼ା ପଞ୍ଚାୟତ ସରପଞ୍ଚ ନିର୍ବାଚନ ଭୋଟ ଗଣତି ବେଳେ ବିବାଦ ଘଟଣାକୁ ନେଇ ରାଜ୍ୟ ନିର୍ବାଚନ କମିଶନ ପୁଣି ଥରେ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହାଟଡିହୀ ସିଭିଲ୍ ଜଜ୍ ଜୁନିୟର ଡିଭିଜନ କୋର୍ଟ ପକ୍ଷରୁ ମଧ୍ୟ ବିଡିଓ ଏବଂ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରଯାଇଛି।

ସୂଚନା ଅନୁଯାୟୀ, ଏହି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଭାରତୀ ପାତ୍ର, ସାଗରିକା ଯେନା ଓ ସୁକାନ୍ତି ପାତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଭୋଟ ଗଣତି ଦିନ ବ୍ଲକ ପକ୍ଷରୁ ୨୫ ଖଣ୍ଡ ଭୋଟ ବ୍ୟବଧାନରେ ସାଗରିକା ବିଜୟୀ ହେଲେ ବୋଲି ଘୋଷଣା କରାଯାଇଥିଲା। ତେବେ ନିୟମ ଅନୁଯାୟୀ ଭୋଟ ଗଣତି ହୋଇ ନ ଥିବାରୁ ସୁକାନ୍ତି କେନ୍ଦୁଝର ଜିଲାପାଳ, ଆନନ୍ଦପୁର ଉପଜିଲାପାଳ, ହାଟଡିହୀ ବିଡିଓ ଏବଂ ରାଜ୍ୟ ନିର୍ବାଚନ କମିଶନଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ରାଜ୍ୟ ନିର୍ବାଚନ କମିଶନ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। କମିଶନଙ୍କ ଡେପୁଟି ସେକ୍ରେଟାରୀ ଏ.ଏଚ.ପାଣିଗ୍ରାହୀ ଚିଠିନଂ. ୫୧୯୩/୧୬।୩।୨୦୨୨ରେ କେନ୍ଦୁଝର ଜିଲାପାଳଙ୍କୁ ଅଭିଯୋଗର ତଦନ୍ତ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ବାଚନ କମିଶନ ପୁଣି ଥରେ ଚିଠି ନଂ. ୫୨୮୦/୧୮।୩।୨୦୨୨ରେ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ କରି ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ହାଟଡିହୀ ସିଭିଲ ଜଜ ଜୁନିୟର ଡିଭିଜନ କୋର୍ଟରେ ମଧ୍ୟ ସୁକାନ୍ତି ଏକ ମାମଲା (ଇଲେକ୍ସନ ମିସ୍ କେସ୍ ନଂ ୮/୨୦୨୨ ) ରୁଜୁ କରିଛନ୍ତି। କୋର୍ଟ ପକ୍ଷରୁ ପ୍ରତିପକ୍ଷ ସାଗରିକା ଏବଂ ହାଟଡିହୀ ବିଡିଓଙ୍କୁ ନୋଟିସ୍ ଜାରି କରାଯାଇଛି।

# ଖବରଦାତାଙ୍କ ପ୍ରବେଶ କଟକଣା ଉଠାଇବାକୁ ଦାବି

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

କୋଭିଡ୍ କଟକଣା ପାଇଁ ଦୀର୍ଘ ୨ ବର୍ଷ ହେଲା ଗଣମାଧ୍ୟମ ପ୍ରତିନିଧି ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ ଏବଂ ବିଧାନସଭା ଭିତରକୁ ପ୍ରବେଶ କରିପାରୁନାହାନ୍ତି। ଇତିମଧ୍ୟରେ କୋଭିଡ୍ କଟକଣା ହଟିଗଲାଣି। ହେଲେ ସମ୍ପୃକ୍ତ ସ୍ଥାନରେ ଖବରଦାତାଙ୍କ ପ୍ରବେଶକୁ କାହିଁକି ବାରଣ କରାଯାଉଛି ବୋଲି ବିରୋଧୀ କଂଗ୍ରେସ ଓ ଭାଜପାର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗୁରୁବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ବିଧାନସଭା ଏବଂ ଲୋକସେବା ଭବନକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କାହିଁକି ଛଡ଼ାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ତୁରନ୍ତ ସେମାନଙ୍କୁ ଲୋକସେବା ଭବନକୁ ଛଡ଼ାଯାଉ ବୋଲି ଦାବି କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। କରୋନା କଟକଣା ଉଠିଗଲାଣି। ତେଣୁ ବାଚସ୍ପତି ଏ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସେହିପରି କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ତାରା ବାହିନୀପତି ମଧ୍ୟ ଲୋକସେବା ଭବନ, ବିଧାନସଭାକୁ ଖବରଦାତାଙ୍କ ପାଇଁ କରାଯାଇଥିବା କଟକଣାକୁ ତୁରନ୍ତ ହଟାଇବାକୁ ଦାବି କରିଛନ୍ତି ।

ମନେ ପଡ଼ନ୍ତି
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰କାନନବାଳା ରଥ
ସ୍ୱାମୀ- ଶୁକଦେବ ରଥ
ଲୋକନାଥ ଘାଟ, ପୁରୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।
-ଶୋକସନ୍ତପ୍ତ-
ସ୍ୱାମୀ, ପୁତ୍ର ଓ ପୁତ୍ରବଧୂ, ନାତି ଓ ନାତୁଣୀମାନେ ।
ଧ-୭୩୫୦୧

# ନଡ୍ଡାଙ୍କୁ ଭେଟିଲେ ରାଜ୍ୟ ଭାଜପା ପ୍ରତିନିଧି ମଣ୍ଡଳୀ



ନୂଆଦିଲ୍ଲୀର ସଂସଦ ଭବନରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରୁଛନ୍ତି।

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହାସହ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ସ୍ଥିତି, ପ୍ରାକ୍ ନିର୍ବାଚନୀ ହିଂସା ଓ ନିର୍ବାଚନ ସମୟର ହିଂସା ଉପରେ ରାଜ୍ୟ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଛନ୍ତି। ଏହି ଅବସରରେ ଓଡ଼ିଶାରେ ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟ ଭାଜପା କିଭଳି ଭଲ ପ୍ରଦର୍ଶନ କରିପାରିବ ସେ ଦିଗରେ ରଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ମାର୍ଗଦର୍ଶନ କରିଛନ୍ତି। ଦଳର ସଙ୍ଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଓ ଗରିବ କଲ୍ୟାଣକାରୀ ଯୋଜନା କିଭଳି ଘରେ ଘରେ ପହଞ୍ଚିବ, ତା'ଉପରେ ମଧ୍ୟ ମତପ୍ରକାଶ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଦଳୀୟ ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ ଭବନଠାରେ ମଧ୍ୟ ସାକ୍ଷାତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରବି ନାରାୟଣ ନାୟକ, ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ରାଜ୍ୟ କୋଷାଧ୍ୟକ୍ଷ ସୁଦର୍ଶନ ଗୋଏଲ ପ୍ରମୁଖ ସାମିଲ ଥିଲେ ।




CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୧୫ରେ ଚିଲିକା ବୁଲିଯିବେ ବିଧାୟକ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ):** ଆସନ୍ତା ଏପ୍ରିଲ ୧୫ରେ ବିଧାୟକମାନେ ଭାରତୀୟ ନୌବାହିନୀର ଆଇଏନ୍ଏସ ଚିଲିକା ଏବଂ କାଳିଜାଇ ବୁଲିଯିବେ। ବାଚସ୍ପତି ତାଙ୍କୁ ବୁଲାଇ ନେବେ। ଉକ୍ତ ଦିନ ସକାଳ ୬ଟାରେ ଭୁବନେଶ୍ୱରରୁ ବିଧାୟକଙ୍କୁ ନେଇ ଓଡ଼ିଶା ପର୍ଯ୍ୟଟନ ନିଗମ ବସ୍ ଚିଲିକାରେ ପହଞ୍ଚିବ। ବିଧାୟକମାନେ ଆଇଏନ୍ଏସ୍‌ର ଯୁଦ୍ଧ ଜାହାଜ ବୁଲି ଦେଖିବା ପରେ କାଳିଜାଇ ଯିବେ। ପୁନର୍ବାର ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ଫେରିବେ। ଗୁରୁବାର ଶୂନ୍ୟକାଳ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଯେଉଁ ସଦସ୍ୟମାନେ ଯିବାକୁ ଇଚ୍ଛୁକ ସେମାନେ ଏପ୍ରିଲ୍ ୬ ସୁଦ୍ଧା ଇ-ମେଲ୍ କିମ୍ବା ଚିଠି ଲେଖି ଜଣାଇବେ। ଚିଲିକା ଯିବା ସମ୍ପର୍କରେ ବିଧାନସଭା ସଚିବାଳୟ ପକ୍ଷରୁ ଗୃହର ସମସ୍ତ ସଦସ୍ୟଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

### ୧୦ ଜିଲ୍ଲାରେ ସ୍ଥାପନ ହେବ ୪୮୩ ବିଏସ୍ଏନ୍ଏଲ୍ ଟାୱାର

**ଭୁବନେଶ୍ୱର, ୩୧।୩(ବ୍ୟୁରୋ):** ରାଜ୍ୟର ୧୦ଟି ଜିଲ୍ଲାରେ ବିଏସ୍ଏନ୍ଏଲ୍ ପକ୍ଷରୁ ୪୮୩ ଟେଲିଫୋନ ଟାୱାର ନିର୍ମାଣ ହେବ। ମୋଟ ୨୪୦୦ ଟାୱାର ନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଗୁରୁବାର ପ୍ରଶ୍ନକାଳରେ ବିଜେଡି ସଭ୍ୟ ପ୍ରୀତମ ପାଢ଼ୀଙ୍କ ପ୍ରଶ୍ନର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରେ ଗତ ୩ ବର୍ଷରେ ୧୯ଟି ଟାୱାର ନିର୍ମାଣ କରାଯାଇଛି। ରିଲାଏନ୍ସ ଜିଓ ୨୩ଟି ଏବଂ ବିଏସ୍ଏନ୍ଏଲ ୪ଟି ଟାୱାର ସ୍ଥାପନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

### ଡିଜିଟାଲ ଦକ୍ଷତା ଉପରେ ଜିଲ୍ଲା ସାଧନ ଗୋଷ୍ଠୀଙ୍କୁ ତାଲିମ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ):** ରାଜ୍ୟର ସବୁ ଜିଲ୍ଲାର ସର୍ବଶିକ୍ଷା ଅଭିଯାନ ଅଧୀନରେ କାର୍ଯ୍ୟ କରୁଥିବା ପ୍ରୋଗ୍ରାମର ଓ ଜଣେ ଲେଖାଏ ତଥ୍ୟ ପରିଚାଳନା ଏବଂ ଯୋଜନା ସଂଯୋଜନମାନଙ୍କୁ ନେଇ ଏକ ୩ ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡିମିନିଷ୍ଟ୍ରେଶନଠାରେ ଗତ ୨୯ ତାରିଖରୁ ଏହା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା ଅନୁପମ ସାହା ଏବଂ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଓ ଅମିତା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ୩ ଦିନର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣାର୍ଥୀମାନଙ୍କୁ ଡିଜିଟାଲ ଦକ୍ଷତାର ବିକାଶ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ଓସେପା ଓ ଓକେସିଏଲ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ସାଧନକର୍ମୀମାନେ ଜିଲ୍ଲାସ୍ତରରେ ୫-ଟି ରୂପାନ୍ତରିତ ଉଚ୍ଚବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷିତ କରାଇବେ।

### ୪୫ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍

**ଭୋଗରାଇ, ୩୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଧୀନ ଥାନା ଛକ-ଭୋଗରାଇ ମୁଖ୍ୟ ରାସ୍ତା ଚଟାଣ ଛକଠାରେ ଥିବା ସାବିତ୍ରୀ ଗହଣା ଦୋକାନରୁ ଦିନଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ୪୫ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଲୁଟି ନେଇ ଚମ୍ପଟ ମାରିଛନ୍ତି। ଭୋଗରାଇ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତଲାସୀ ଜାରି ରଖିଛନ୍ତି। ଜୁଏଲେରୀ ମାଲିକ ପ୍ରଫୁଲ୍ଲ କାମିଲା ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଦୋକାନ ଘରେ ଥିବା ଗ୍ରୀଲ୍ ଓ ଶଟର କାଟି ଭିତରକୁ ପଶି ଅଳଙ୍କାର ଲୁଟି ନେଇଥିଲେ।

# ସୁରକ୍ଷା ଲୋଡ଼ିଲେ ୨୭ ବିରୋଧୀ ବିଧାୟକ

- ହତ୍ୟା ଧମକ ଦେଉଛନ୍ତି ବାଲି, ଖଣି ମାଫିଆ
- ଦୈନିକ ୩୫ ହଜାର କୋଟିର ଲଘୁ ଖଣିଜ ଚୋରାଚାଲାଣ: ଭାଜପା



**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଖଣି ଓ ବାଲି ମାଫିଆଙ୍କ ଟାର୍ଗେଟରେ ଥିବା ବିରୋଧୀ ଦଳର ୨୭ଜଣ ବିଧାୟକ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ବାଚସ୍ପତିଙ୍କ ନିକଟରେ ସୁରକ୍ଷା ଦାବି କରିଛନ୍ତି। ଗୁରୁବାର ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ଖଣି ମାଫିଆଙ୍କ ଟାର୍ଗେଟରେ ବିରୋଧୀ ଦଳର ୨୭ ଜଣ ସଦସ୍ୟ ରହିଛନ୍ତି। ହଜାର ହଜାର ଟ୍ରକ୍ ବାଲି ବିନା ଟ୍ରାଞ୍ଜିଟ୍ ପାସ୍‌ରେ ଚୋରା ଚାଲାଣ ହେଉଛି। ଦୈନିକ ପ୍ରାୟ ୩୫ ହଜାର କୋଟି ଟଙ୍କାର ବାଲିପଥର, ମୋରମ, ମାଟି ଆଦି ଚୋରା ଚାଲାଣ ହେଉଛି। କେତେତଣ ସରକାରୀ ଅଧିକାରୀ ବାଲି ମାଫିଆଙ୍କ ସହ ମିଶି ରାଜ୍ୟକୁ ଲୁଟ୍ କରୁଛନ୍ତି । ସରକାରଙ୍କୁ ରାଜସ୍ୱ ହାନି ହେଉଛି। ବିରୋଧୀ ଦଳ ସଦସ୍ୟମାନେ ଏହି ପ୍ରସଙ୍ଗ ଗୃହରେ ବାରମ୍ବାର ଉଠାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଧାୟକମାନଙ୍କୁ ମାରିଦେବାକୁ ଧମକ ମିଳୁଛି। ବାଚସ୍ପତି ଏ ନେଇ ରୁଲିଂ ଦେବା ସହ ବାଲି ମାଫିଆଙ୍କ ସହ ହାତ ମିଶାଇଥିବା ଅଧିକାରୀଙ୍କୁ ଦଣ୍ଡିତ କରିବାକୁ ସେ ଦାବି କରିଥିଲେ। ସେହିପରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କଠାରୁ ସୁରକ୍ଷା ଲୋଡ଼ିଥିଲେ।

ଏଥିସହ ପେଟ୍ରୋଲ, ଡିଜେଲ ଦରବୃଦ୍ଧିକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବଢୁଥିବା ତୈଳ ଦରକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି। ଏ ନେଇ ସରକାର ଗୃହରେ ବିବୃତି ଦିଅନ୍ତୁ ନଚେତ ଯେଉଁ ନିଆଁ ଜଳିବ ସେଥିରେ ରାଜ୍ୟ ଓ କେନ୍ଦ୍ର ସରକାର ଛାରଖାର ହୋଇଯିବେ ବୋଲି ସେ କହିଛନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୯୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭ଟଙ୍କା ୫୨ ପଇସାରେ ପହଞ୍ଚିଲାଣି। ରାଜ୍ୟ ସରକାର ଡିଜେଲ ଉପରେ ୨୪ ଟଙ୍କା ଓ ପେଟ୍ରୋଲ ଉପରେ ୨୮ ଟଙ୍କା ଟିକସ ନେଉଛନ୍ତି। ୧୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ହେଲାଣି ଗ୍ୟାସ ଦର। ଦରଦାମ ଏତେ ବଢ଼ିଲାଣି ଯେ ଗରିବ ଲୋକଙ୍କ ପାଇଁ ଚଳିବା ମୁସ୍କିଲ ହୋଇ ପଡ଼ିଲାଣି। ରାଜ୍ୟ ସରକାର ଟିକସ ଛାଡ଼ କରିବା ସହ କେନ୍ଦ୍ର ସରକାର ତେଲ ଦର କମାନ୍ତୁ ବୋଲି ସାଲୁଜା ଦାବି କରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ତୈଳ ଦର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଟିକସ ହ୍ରାସ କରିବାକୁ ଦାବି କରିଥିଲେ।

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କୁ ମିଳିଲାନି ସୁଯୋଗ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ବିଧାନସଭାର ସ୍ୱଳ୍ପକାଳୀନ ବଜେଟ ଅଧିବେଶନ ଗୁରୁବାର ଶେଷ ହୋଇଛି। ତେବେ ସମୟ ଅବଧି ଦୃଷ୍ଟିରୁ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କୁ ସୁଯୋଗ ମିଳିନାହିଁ। ମାର୍ଚ୍ଚ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନରେ ୬ କାର୍ଯ୍ୟ ଦିବସ ରହିଥିବାବେଳେ ମୋଟ ୫ଟି ସରକାରୀ ବିଲ୍ ପାରିତ ହୋଇଛି। ସେହିପରି ୨ଟି ମୁଲତବୀ ପ୍ରସ୍ତାବ ଆଗତ କରାଯାଇଛି। ଚଳିତ ଅଧିବେଶନରେ ୪ ମାସ ପାଇଁ ୧ଲକ୍ଷ ୬ ହଜାର ୪୯୮ କୋଟି ଟଙ୍କାର କାମଚଳା ବଜେଟକୁ ଅନୁମୋଦନ କରାଯାଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ଲେଖା ଅନୁଦାନକୁ ଉପସ୍ଥାପନ କରାଯାଇଛି। ଏହି ଅଧିବେଶନରେ ୫ଟି ସିଏଜି ରିପୋର୍ଟ, ୨୨ଟି ବାର୍ଷିକ ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଛି। ୪ଟି ଅଧ୍ୟାଦେଶକୁ ଗୃହରେ ଆଗତ କରାଯାଇଛି। ଧାନ କିଣାରେ ବ୍ୟାପକ ଅନିୟମିତତା ଓ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳର ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ମାନସ ସ୍ୱାଇଁ ହତ୍ୟା ମାମଲା, ଗଞ୍ଜାମରେ ୪ଜଣଙ୍କୁ

### ସରିଲା ବିଧାନସଭା ଅଧିବେଶନ

ହତ୍ୟା ପ୍ରସଙ୍ଗ ଗୃହରେ ଆଲୋଚନା ପରିସରରେ ରହିଥିଲା। କୋଭିଡ୍ ମହାମାରୀ ଯୋଗୁ ପ୍ରାୟ ଏକ ବର୍ଷ ପରେ ବିଧାନସଭାକୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ। ଚଳିତ ଅଧିବେଶନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ବିରୋଧୀ ଦଳ ଖଣି ଦୁର୍ନୀତିକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ। ଖଣି ଦୁର୍ନୀତି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଅଗ୍ରାହ୍ୟ କରିବାରୁ ଗୃହରେ ହଙ୍ଗାମା ହୋଇଥିଲା। ଚଳିତ ଅଧିବେଶନରେ ଗୃହ ରାଷ୍ଟ୍ରମନ୍ତ୍ରୀ ବିଦ୍ୟୁଶଙ୍କର ମିଶ୍ରଙ୍କ ବିବୃତିକୁ ବିରୋଧ କରି କଂଗ୍ରେସ ସଦସ୍ୟମାନେ ବିଧାନସଭା ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣା ଦେବା ସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ଅଧିବେଶନର ଅବଧି ସ୍ୱଳ୍ପ ଥିବାରୁ ବିରୋଧୀ ଦଳ ହଟ୍ଟଗୋଳ ନ କରି ଗୃହ କାର୍ଯ୍ୟରେ ସହଯୋଗ କରିଥିଲେ। ତେବେ ଏହି ଅଧିବେଶନର ସ୍ୱଳ୍ପତା ଯୋଗୁ ଅନେକ ପ୍ରସଙ୍ଗ ଥିଲେ ମଧ୍ୟ ବିରୋଧୀ ଦଳ ସରକାରଙ୍କୁ ଘେରିବାକୁ ସୁଯୋଗ ପାଇ ନ ଥିଲେ।

# ଜଳନୀତିକୁ ନେଇ ପ୍ରଶ୍ନ ଉଠାଇଲେ ସୌମ୍ୟ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ନଦୀ ଜଳ ଆମର ଏକ ବଡ଼ ସମ୍ପଦ। ସରକାର ଏଥିପାଇଁ ୨୦୦୭ରେ ଜଳ ନୀତି ଆଣିଛି। ତେବେ ଏହାର କାର୍ଯ୍ୟକାରିତା ନେଇ ସ୍ପଷ୍ଟ ଚିତ୍ର ମିଳିପାରୁନି। ତେଣୁ ଜଳ ନୀତିର ମାନେ କ'ଣ ବୋଲି ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ବିଧାନସଭା ପ୍ରଶ୍ନକାଳରେ ରାଜ୍ୟରେ ଜଳ ପରିଚାଳନା, ରାଜ୍ୟ ସରକାରଙ୍କ ୫-ଟି ଓ ମୋ ସରକାର ବ୍ୟବସ୍ଥାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।ସୌମ୍ୟ କହିଲେ, ଶିଳ୍ପ ପାଇଁ ପାଣି ଦେବାକୁ ବ୍ୟାକୁଳ, ମାତ୍ର ପିଇବା ପାଣି ପାଇଁ ନାହିଁ। ବୈତରଣୀ ନଦୀରୁ ସମ୍ପୃକ୍ତ ଅଞ୍ଚଳବାସୀ ପାଣି ପାଉନାହାନ୍ତି। କିନ୍ତୁ ସେହି ନଦୀରୁ ଶିଳ୍ପକୁ ପାଣି ଦିଆଯାଉଛି। ଶୁକପାଇକା ଭଳି ନଦୀର ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟବସ୍ଥା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏବେ ନଦୀ ମାଫିଆ ବାହାରିଲେଣି। ଜମି ଭଳି ନଦୀକୁ ବି ଅପହରଣ କରିନିଆଯାଉଛି। ୫-ଟି ଦ୍ୱାରା ସରକାରୀ ବିଭାଗଗୁଡ଼ିକରେ ଜାତିଭେଦ ସୃଷ୍ଟି ହେଉଥିବା ଭଳି ମନେହେଉଛି। ଏହାଦ୍ୱାରା ପାରମ୍ପରିକ ନିୟମାବଳୀ ଅନୁଯାୟୀ ହେଉଥିବା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରଶାସନର ସ୍ୱଚ୍ଛତା ଓ ଦକ୍ଷତା ଉପରେ ଆଗକୁ ପ୍ରଶ୍ନ ଉଠିବ ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଶୁଣିବାକୁ ବହୁତ ଭଲ ଲାଗୁଛି। ଅନେକ ନୂଆ କଥା ଜାଣିବାକୁ ପାଉଛୁ। ଜଳ ସାକ୍ଷରତା, ନିରନ୍ତର ଜଳ ପରିଚାଳନା ଏବଂ ଜଳକୁ କିପରି ସୁରକ୍ଷିତ ରଖାଯିବ, ୟୁଥ୍ ଫର୍ ୱାଟର ଏବଂ ମୋ ନଦୀ ଅଭିଯାନ ଭଳି କଥା କାନକୁ ଭଲ ଶୁଭୁଛି। ତେବେ ସବୁ କଥାରେ ମୋ' ଶବ୍ଦର ବ୍ୟବହାର କରିବାର ପ୍ରବଣତା ଅଧିକ ହୋଇଯାଉଛି ବୋଲି ମନେ ହେଉଥିବା ସୌମ୍ୟ କହିଛନ୍ତି। ଯେଉଁଥିରେ 'ମୋ' ଶବ୍ଦ ଲାଗୁଛି, ସେସବୁରେ ନିଜକୁ ସମ୍ପୃକ୍ତ କରୁଛୁ। ସେହି ଅନୁପାତରେ ବିକାଶ ହେଉଛି କି ନାହିଁ କିଛି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ ବୋଲି ସେ କହିଛନ୍ତି । ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ, ବିଭାଗ ଏ ନେଇ ସଜାଗ ରହିଛି। ଯେଉଁଠି ନଦୀ ଶୁଷ୍କ ହେଉଛି ସେଠି ଜଳ ପ୍ରବାହିତ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି।

## ଏସ୍ଏସ୍‌ଜିକୁ କାର୍ଯ୍ୟରୁ ଅନ୍ତର

**ହିନ୍ଦୋଳ, ୩୧।୩ (ଡି.ଏନ୍.ଏ.)**

ପିଡିଏସ୍ ସାମଗ୍ରୀ ଯୋଗାଣରେ ଅନିୟମିତା ଅଭିଯୋଗରେ ଦାୟିତ୍ୱଧାରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନ୍ତର କରାଯାଇଛି। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ମା' ବୁଢ଼ୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଛି। ହିତାଧିକାରୀଙ୍କୁ ନିର୍ଦ୍ଧାରିତ ଓଜନରେ ସାମଗ୍ରୀ ପ୍ରଦାନ କରୁ ନ ଥିବା ଏବଂ ଲୋକଙ୍କ ପାଇଁ ଆସୁଥିବା ଗହମ, ଚାଉଳ, କିରୋସିନ ଆତ୍ମସାତ୍ କରୁଥିବା ନେଇ ଗୋଷ୍ଠୀ ବିରୋଧରେ ଏକାଧିକ ଅଭିଯୋଗ ଥିଲା। ଗତ ସୋମବାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୧୬ ବସ୍ତା ଚାଉଳ ଓ ଗହମ ଚୋରା ଚାଲାଣ କରାଯାଉଥିବାବେଳେ ଗ୍ରାମବାସୀ ଧରିଥିଲେ।

ଏ ନେଇ ଯୋଗାଣ ବିଭାଗ ନିରୀକ୍ଷକ ଅସିତ୍ କୁମାର ବେହେରା କୁହନ୍ତି, କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାନ୍ତର କରାଯାଇଛି। ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି।

# ସିଏମ୍ଆର୍ଏଫ୍‌କୁ ୧୦ କୋଟି ଦେଲା ଓସିପିଏଲ୍






**ଭୁବନେଶ୍ୱର, ୩୧।୩(ବ୍ୟୁରୋ)** ରାଜ୍ୟ ସରକାରଙ୍କ ଏକମାତ୍ର ସରକାରୀ କୋଇଲା ଉଦ୍ୟୋଗ ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ଓସିପିଏଲ୍) ତା' ଲାଭାଂଶରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମ୍ଆର୍ଏଫ୍)କୁ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଶକ୍ତି ସଚିବ ନିକୁଞ୍ଜ ଧଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ କୋଟି ଟଙ୍କାର ଏକ ଚେକ୍ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଓସିପିଏଲ୍‌ର ସିଇଓ ସାଚିପ୍ରିୟ ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓସିପିଏଲ୍ ବହୁ କମ୍ ସମୟ ମଧ୍ୟରେ ରାଜ୍ୟର ଏକ ପ୍ରମୁଖ ଲାଭଦାୟକ ସରକାରୀ ଉଦ୍ୟୋଗ ଭାବେ ପରିଗଣିତ ହୋଇଛି। ଦେଶରେ କୋଇଲା ସଙ୍କଟ ସମୟରେ ଓସିପିଏଲ୍ ଏବର୍ଷ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟଠାରୁ ଅଧିକ କୋଇଲା ଉତ୍ପାଦନ କରିଛି। ଏହି କୋଇଲା ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ଶିଳ୍ପାନୁଷ୍ଠାନରେ ବ୍ୟବହୃତ ହୋଇପାରିଛି। ଓସିପିଏଲ୍, ସୁନ୍ଦରଗଡ଼ ଜିଲ୍ଲାର ମହିଳା ଏବଂ ଯୁବଗୋଷ୍ଠୀମାନଙ୍କ ସଶକ୍ତୀକରଣ ପାଇଁ ବିଭିନ୍ନ ପନ୍ଥା ମାଧ୍ୟମରେ ନିରନ୍ତର ଉଦ୍ୟମ ଜାରି ରଖିଛି।

# ପାରିତ ହେଲା ବ୍ୟୟମଞ୍ଜୁରୀ ବିଲ୍, ୪ ମାସିଆ କାମଚଳା ବଜେଟ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ଓ ୪ ମାସ ପାଇଁ ଅର୍ଥାତ୍ ଏପ୍ରିଲରୁ ଜୁଲାଇ ପାଇଁ ୧ଲକ୍ଷ ୬ ହଜାର ୪୯୮କୋଟି ଟଙ୍କାର କାମଚଳା ବଜେଟ ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରିଥିଲେ। ଗୁରୁବାର ଏହାକୁ ଅନୁମୋଦନ ମିଳିଛି । ଏଥିରେ ପ୍ରଶାସନିକ ଖର୍ଚ୍ଚ ନିମନ୍ତେ ୮୯,୬୨୦ କୋଟି ଟଙ୍କା ଓ ଯୋଜନା ଖର୍ଚ୍ଚ ନିମନ୍ତେ ୧ଲକ୍ଷ କୋଟି ବ୍ୟୟ ଅଟକଳ କରାଯାଇଛି। ବ୍ୟୟମଞ୍ଜୁରୀ ବିଲ୍ ଉପରେ ଆଲୋଚନା କରି ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝି କହିଲେ, ବଜେଟ କେନ୍ଦ୍ରୀୟ ଯୋଜନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଗତ ୨୨ବର୍ଷ ମଧ୍ୟରେ ରାଜ୍ୟରେ କୌଣସି ଆଖିଦୃଶିଆ ଉନ୍ନତି ହୋଇନାହିଁ। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଭଳି ପ୍ରସଙ୍ଗ ଉଠାଇ କହିଥିଲେ, ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯେତିକି ଖର୍ଚ୍ଚ ହେବା କଥା ତାହା ବଜେଟରେ ବ୍ୟବସ୍ଥା କରାଯାଇନାହିଁ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, କିଛି ମୁଷ୍ଟିମେୟ ଲୋକଙ୍କର ଆୟ ବଢ଼ିଛି। ଧନୀ ଅଧିକ ଧନୀ ହୋଇଛନ୍ତି। ବଜେଟରେ ବିକାଶର ଭିଜନ କି ଦୀର୍ଘମିଆଦୀ ଯୋଜନା ନାହିଁ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ ବିରୋଧୀଙ୍କ ଅଭିଯୋଗ ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ବିପକ୍ଷ ଦଳର ନେତା ଯେଉଁ କଥା କହିଛନ୍ତି ତାହା ନିରାଧାର। ଲେଖା ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଲାଗି ବ୍ୟୟବରାଦ କରାଯାଇଥାଏ। ତେଣୁ ନୂଆ ଯୋଜନା ପୂର୍ଣ୍ଣାଙ୍ଗ ବଜେଟ ସମୟରେ ଅଣାଯାଏ ବୋଲି କହିଛନ୍ତି।


**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN: 751012, Tel No.(0674) 2562020, e-Mail: theoccltd@odishaconstruction.com
GSTIN- 21AAACO2571K2ZM
No.CAD-3382 **"e" Procurement Notice No- 22/OCCL/2021-22 (on-line)**
On-line tenders are invited for EPC Contract for the following works;

| Sl. No. | Name of Work | Bid Identification No. | Period of Completion | Availability of Tender (online) | Submission of tender (online) |
|---|---|---|---|---|---|
| 01 | Construction of in stream storage structure across river Kushabhadra near village Ramachandrapur pertaining to Prachi Division. | OCCL-HQP/ 02/ 2021-22 | 24 (Twenty Four) Calendar Months | From 05.04.2022 10.00 A.M. to 19.05.2022 5.30 P.M. | From 05.04.2022 10.00 A.M. to 19.05.2022, 5.30 P.M. |
| 02 | Construction of in stream Storage structure across river Nuanai near village Baliguali/ Mohinipur pertaining to Puri Irrigation Division | OCCL-HQP/03/ 2021-22 | 24 (Twenty Four) Calendar Months | From 05.04.2022, 10.00 A.M. to 19.05.2022, 5.30 P.M. | From 05.04.2022, 10.00 A.M. to 19.05.2022, 5.30 P.M. |

Procurement Officer: Managing Director, OCCL. Date of Opening of the Technical Bid: 20.05.2022,12.00 Noon. Further details can be seen from the e-procurement portal: **https://www.tendersodisha.gov.in.**

**Sd./- Managing Director**
**OIPR-34120/11/0019/2122**

## ନିଲାମ ବିଜ୍ଞପ୍ତି

**No.D-383:** ପୋଲିସ ଉପଆୟୁକ୍ତ, କଟକ ସିଦ୍ଧେଶ୍ୱରପୁର ଫାୟାରିଂ ରେଞ୍ଜ, ନରାଜଠାରେ ଥିବା କାଜୁ ବଗିଚା, ୨୦୨୨ ବର୍ଷରେ ନିଲାମ କରିବା ପାଇଁ ଇଚ୍ଛୁକ ନିଲାମଧାରୀଙ୍କଠାରୁ ସାଦା କାଗଜରେ ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ନିଲାମ ନୋଟିସ୍ ଖବରକାଗଜରେ ବାହାରିବା ପରେ ନିଲାମଧାରୀଙ୍କ ଅବଗତି ନିମନ୍ତେ ଏହା କଟକ ଉପଆୟୁକ୍ତଙ୍କ ନୋଟିସ୍ ବୋର୍ଡରେ ବିଜ୍ଞପ୍ତି ଦିଆଯିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଉକ୍ତ କାଜୁ ବଗିଚାକୁ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ପରିଦର୍ଶନ କରିପାରିବେ । ପୋଲିସ ଉପଆୟୁକ୍ତ, ସହରାଞ୍ଚଳ ଜିଲ୍ଲା-କଟକଙ୍କୁ ସମ୍ବୋଧିତ ଜଉମୁଦ ଟେଣ୍ଡର ଲଫାପାକୁ ରିଜର୍ଭ ପୋଲିସ୍ ଲାଇନ୍, ବକ୍ସିବଜାର, କଟକରେ ଥିବା ଏକ ଜଉମୁଦ ବାକ୍ସରେ ପକାଇବେ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନଙ୍କୁ ୫,୦୦୦/- ଟଙ୍କା (ଟଙ୍କା ପାଞ୍ଚ ହଜାର ମାତ୍ର)ର ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଆଡିସିନାଲ ଡି.ସି.ପି.,ଡି.ଡି.ଓ-୧, ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକଙ୍କ ସମକ୍ଷରେ ସଂଲଗ୍ନ କରିବେ, ଯାହା ଭାରତୀୟ ଷ୍ଟେଟ ବ୍ୟାଙ୍କ, ଟ୍ରେଜରି ଶାଖା, ଭୁବନେଶ୍ୱରରେ ପୈଠ କରାଯାଇପାରିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଏହି ଟଙ୍କାର ପରିମାଣ ଅକ୍ଷରରେ ଏବଂ ସଂଖ୍ୟାରେ କାଜୁ ବଗିଚା ନିଲାମ ସକାଶେ ବୋଲି ଉଲ୍ଲେଖ କରିବେ । ନିଲାମ ଟଙ୍କାର ପରିମାଣ ସଂଖ୍ୟାରେ ଓ ଅକ୍ଷରରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ପ୍ରାର୍ଥୀଙ୍କ ନିଲାମ ଖାରଜ ହୋଇଯିବ । ଟେଣ୍ଡର କାଗଜ ଜଉମୁଦ ଟେଣ୍ଡରଗୁଡିକ ଆସନ୍ତା ତା.୧୨.୪.୨୦୨୨ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ ଏବଂ ଆସନ୍ତା ତା.୧୩.୦୪.୨୦୨୨ ରିଖ ଅପରାହ୍ନ ୨ ଘଟିକା ସମୟରେ କଟକ ରିଜର୍ଭ ଅଫିସ୍‌ରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ତାଙ୍କର Agentମାନଙ୍କ ଉପସ୍ଥିତିରେ ଖୋଲାଯିବ । ଯିଏ ସର୍ବାଧିକ ଟେଣ୍ଡର ଡାକିବେ, ତାଙ୍କୁ ସଙ୍ଗେ ସଙ୍ଗେ ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡିବ ଏବଂ ବାକି ୭୫% ଟଙ୍କା ୭ (ସାତ) ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ । ନଚେତ୍ ଅମାନତ ଟଙ୍କା କୌଣସି କାରଣ ନ ଦର୍ଶାଇ ବାଜ୍ୟାପ୍ତ କରାଯିବ ଏବଂ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦାଖଲକାରୀଙ୍କୁ ଆମନ୍ତ୍ରଣ କରାଯିବ । ଏ ସଂକ୍ରାନ୍ତରେ ଆଦେଶ ପ୍ରଦାନ କରିବା ପରେ କାଜୁ ବଗିଚାକୁ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ । ଏଥି ନିମନ୍ତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଫେରସ୍ତ କରି ଦିଆଯିବ । ଆବଶ୍ୟକ ସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ । ନିଲାମ ପ୍ରକ୍ରିୟା ସମାପ୍ତ ହେଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**(ପ୍ରତୀକ ସିଂ, ଭା.ପୁ.ସେ.), ଆରକ୍ଷୀ ଉପଆୟୁକ୍ତ, କଟକ**
**OIPR-12015/11/0032/2122**

**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R & B) DIVISION, BARIPADA**
No.B-1078:- e-mail – bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No. E.E.-54/2021-22**
1. Number of works – 1 (One) number of works.
2. Approximate estimated cost:- 78.18 Lakh
3. Period of Completion: - 6 (Six) Calendar months.
4. Date & Time of availability of bid documents in the portal :- Dt. 06.04.2022 to 16.04.2022.
5. Last Date / Time of receipt of bid in the portal :- Dt. 16.04.2022 up to 5.00 PM
6. Date of Opening of bid :- Dt. 18.04.2022 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada.

Further details can be seen from the e-procurement portal **http://www.tendersodisha.gov.in**

**Sd./- Executive Engineer**
**Mayurbhanj (R&B) Division**
OIPR-34060/11/0018/2122

**OFFICE OF THE MUNICIPAL COUNCIL: BRAJRAJNAGAR**
**E-Procurement Notice**
No.C-2048:
**Bid Identification No.:- BRJNRM-07/2021-22**
Total No. of Works:-8 Nos.
Tender ID:-**2022_ORULB_76604**
Tender Value:- Rs.2.00 Lakhs to 19.97 Lakhs
Bid security:- Rs.2000.00 to Rs.19,970.00 Available Period: - Dt.02.04.2022,11:00 A.M. to 12.04.2022,05:00 P.M.
Tender opening date: - 19th April 2022,11:00 A.M.
Bidders are requested to participate in advance with their Class-II and Class-III. Contractor DSC before the closing date.
Further details please visit: - www.tendersorissa.gov.in

**Sd./- Executive Officer**
**Brajrajnagar Municipality**
**OIPR-13099/11/0019/2122**

**NOTICE INVITING TENDER** No. CAD-3378
**Office of District Manager**
**Odisha State Civil Supplies Corporation Ltd. (OSCSC)**
**KEONJHAR (District)**
**Phone: 06766-250029**

**TENDER No. 854** **Dated: 30/03/2022**
**Cost of Tender Document:- Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS)**

**1.** Availability of tender documents: From Date **31.03.2022.** Downloadable from website: **www.oscsc.in, www.foododisha.in** & **www.tendersodisha.gov.in. 2.** Date, time and venue for pre-bid conference: On dt. **04.04.2022** At- **4.00 P.M.** Place- **Office of the District Manager, OSCSC Ltd., Keonjhar. 3.** Last date and time for online submission of completed Tender Documents with enclosures: Through e-Procurement Portal: **www.tendersodisha.gov.in upto 5.00 P.M. of dt.10.01.2022. 4.** Date, time and venue for opening of Technical Bid by the Tender Committee: **On dt. 11.04.2022 at 11.30 A.M.** Place - **Office Chamber of A.D.M., Keonjhar. 5.** Date, time and venue of submission of original documents in support of scanned copies uploaded in the portal for verification: On dt.11.04.2022 at 12.00 P.M., Place- **Office of the District Manager, OSCSC Ltd., Keonjhar. 6.** Date & time of Financial Bid opening by the Tender Committee (Only of Technically Qualified Bidders): **To be announced after technical bid evaluation**. **7.** Venue of the opening of Technical & Financial Bids: **Office Chamber of A.D.M., Keonjhar. 8.** Validity Period: Tenders are to remain open for acceptance for 45 days inclusive of date of opening of tender. Note:- The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. **9.** Language of the Tender: The tender should be prepared by the bidder in English language only. **10.** Help Desk telephone no.: **(i) OSCSC Ltd.- District Manager No.-** 9438200048, **Accounts Head No.-** 9437201773. **(ii) State Procurement Cell:-** 0674-2530998/ 18003456765

**OIPR-07048/11/0018/2122**

# ଆନ୍ତଃ ରାଜ୍ୟ ସିନିୟର ପୁରୁଷରେ ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୩୧।୩**
**(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲ୍‌ରେ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ଆନ୍ତଃରାଜ୍ୟ ସିନିୟର ପୁରୁଷ ଦଳଗତ ବିଭାଗରେ ଓଡ଼ିଶା ୧୮୩ ପଏଣ୍ଟ ପାଇ ଚାମ୍ପିୟନ ହୋଇଛି। ଏହି ବିଭାଗରେ ଆନ୍ଧ୍ର ପ୍ରଦେଶ ଦଳ ୧୬୩ ପଏଣ୍ଟ ସହିତ ରନର୍ସଅପ୍ ରହିଛି। ପ୍ରତିଯୋଗିତାର ପୁରୁଷ ବର୍ଗ ୟୁଥ୍‌ରେ ୩୨, ଜୁନିୟରରେ ୩୨ ଓ

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଉଦ୍‌ଯାପିତ**

ସିନିୟରରେ ୪ଟି ରେକର୍ଡ ସୃଷ୍ଟି ହୋଇଛି। ସେହିପରି ମହିଳା ବର୍ଗର ୟୁଥ୍‌ରେ ୫୧, ଜୁନିୟରରେ ୪ ଓ ସିନିୟରରେ ୬ଟି ରେକର୍ଡ ହୋଇଛି। ଓଭର ଅଲ୍ ୟୁଥ୍‌ରେ ୮୩, ଜୁନିୟରରେ ୩୬ ଏବଂ ସିନିୟରରେ ୧୦ଟି ରେକର୍ଡ ସୃଷ୍ଟି ହୋଇଛି।

**ସିନିୟର ମହିଳା, ପୁରୁଷରେ ଆର୍‌ଏସ୍‌ପିବିକୁ ଟାଇଟଲ**

ପ୍ରତିଯୋଗିତାର ସିନିୟର ମହିଳା ଓ ପୁରୁଷ ବର୍ଗରେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ଟାଇଟଲ ହାସଲ କରିଛି। ସିନିୟର ମହିଳାରେ ଆରଏସ୍‌ପିବି ୨୪୨ ଓ ଉତ୍ତର ପ୍ରଦେଶ ୧୬୮ ପଏଣ୍ଟ ପାଇଛି। ସେହିପରି ପୁରୁଷରେ ଆର୍‌ଏସ୍‌ପିବି ୨୪୪ ଓ ଏସ୍‌ଏସ୍‌ସିବି ୧୯୮ ପଏଣ୍ଟ ହାସଲ କରିଛି। ସିନିୟର ମହିଳାରେ ହରିୟାଣାର କୋମଲ କୋହର (୫୫୫.୨୬୪ ରୋବି ପଏଣ୍ଟ) ଏବଂ ପୁରୁଷରେ ମହାରାଷ୍ଟ୍ରର ସଙ୍କେତ ସାଗର ୫୭୫.୮୭୭ ରୋବି ପଏଣ୍ଟ ପାଇ ଯଥାକ୍ରମେ ଶ୍ରେଷ୍ଠ ଭାରୋତ୍ତୋଳିକା ଓ ଭାରୋତ୍ତୋଳକ ବିବେଚିତ ହୋଇଛନ୍ତି। ୟୁଥ୍ ବାଳିକାରେ ମହାରାଷ୍ଟ୍ରର ଆକାଂକ୍ଷା ଭ୍ୟାଭାରେ ଓ ବାଳକରେ ତାମିଲନାଡୁର ଟି. ମାଧବନ ଏବଂ ଜୁନିୟର ମହିଳାରେ ଆନ୍ଧ୍ର ପ୍ରଦେଶର କେ.ଭି.ଏଲ. ପବନୀ କୁମାରୀ ଓ ପୁରୁଷରେ ତାମିଲନାଡୁର ଟି. ମାଧବନ ଶ୍ରେଷ୍ଠ ଲିଫ୍ଟର ପୁରସ୍କାର ପାଇଛନ୍ତି। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ (ଓଏଚ୍‌ପିସି) ଅଧ୍ୟକ୍ଷ ଦିଲୀପ ତିର୍କୀ ଓ ଭାରତୀୟ ଭାରୋତ୍ତୋଳନ ସଂଘ ସଭାପତି ସହଦେବ ଯାଦବ, କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଡ଼ିଶା ଭାରୋତ୍ତୋଳନ ସଂଘ ସମ୍ପାଦକ ନାରାୟଣ ସାହୁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ନାଏବ ସୁବେଦାର ଅର୍ଜୁନ ସାହୁଙ୍କୁ ଏକ ସ୍ମାରକୀ ଏବଂ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଥିଲେ। ୨୦୨୧ ଅକ୍ଟୋବରରେ ତାସକେଣ୍ଟରେ ଆୟୋଜିତ ୧୨ତମ ୱାର୍ଲ୍ଡ ବଡିବିଲ୍ଡିଂ ଆଣ୍ଡ ବେଷ୍ଟ ଫିଜିକ୍ ଚାମ୍ପିୟନଶିପ୍‌ରେ ଅର୍ଜୁନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ, ''ବିଭିନ୍ନ ଓଜନ ବର୍ଗରେ ଏହି ଚାମ୍ପିୟନଶିପ୍ ଭୁବନେଶ୍ୱରରେ ଆୟୋଜନ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଜାତୀୟ ସଂଘ, ରାଜ୍ୟ ସଂଘ, କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାଙ୍କ ପରିଶ୍ରମ ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇପାରିଛି। ଆମେ ସମସ୍ତେ ମିଶି କ୍ରୀଡ଼ାକୁ ପ୍ରମୋଟ କରିବା ସହ ଆଗାମୀ ଦିନରେ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଆଶା ରଖିଛୁ। ଜାତୀୟ ପ୍ରତିଯୋଗିତାରେ ବିଜୟଲାଭ କରିଥିବା ଏବଂ ରେକର୍ଡ ସୃଷ୍ଟି କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ''। ଜାତୀୟ ସଂଘ ସଭାପତି ସହଦେବ ଯାଦବ ଟୁର୍ନାମେଣ୍ଟ ପରିଚାଳନାରେ ସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ସେ ଓଡ଼ିଶା ସରକାର ଓ କିଟ୍ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଥିଲେ।



ନାଏବ ସୁବେଦାର ଅର୍ଜୁନ ସାହୁଙ୍କୁ ସ୍ମାରକୀ ଦେଇ ସମ୍ମାନିତ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।


ଭୁବନେଶ୍ୱରରେ ଗୁରୁବାର ଉଦ୍‌ଯାପିତ ଜାତୀୟ ପାରା-ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଜୟନ୍ତୀଙ୍କୁ ଟ୍ରିପଲ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୩୧।୩**
**(କ୍ରୀଡ଼ା ପ୍ରତିନିଧି)**

ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୨୦ତମ ଜାତୀୟ ପାରା-ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଜୟନ୍ତୀ ବେହେରା। ଗୁରୁବାର ଅନ୍ତିମ ଦିବସରେ ସେ ୨୦୦ ମିଟର ମହିଳା ଟି-୪୭ ବର୍ଗ ରେସ୍‌ରେ ୨୬.୬୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ମହିଳା ଏଫ୍-୫୭ ଜାଭେଲିନ ଥ୍ରୋ ଇଭେଣ୍ଟରେ ଓଡ଼ିଶାର ସୁଚିତ୍ରା

**ଜାତୀୟ ପାରା ଆଥ୍‌ଲେଟିକ୍ସ ଉଦ୍‌ଯାପିତ**

ପରିଡ଼ା ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶା ୭ (୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ) ହାସଲ କରିଛି। ଓଡ଼ିଶାର ପାରା ସ୍ପ୍ରିଣ୍ଟ କୁଇନ୍ ଭାବେ ପରିଚିତ ଜୟନ୍ତୀ ବୁଧବାର ଅନୁଷ୍ଠିତ ୪୦୦ ମିଟର ମହିଳା ଟି-୪୭ ବର୍ଗରେ ୧:୦୦.୪୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ମଙ୍ଗଳବାର ସେ ୧୦୦ ମିଟର ରେସ୍ ମହିଳା ଟି-୪୭ ଇଭେଣ୍ଟରେ ୧୨.୯୨ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୧୦୦ ମିଟର ରେସ୍ ପୁରୁଷ ଟି-୪୪ ଇଭେଣ୍ଟରେ ରଶ୍ମି ରଞ୍ଜନ ମଲିକ ୧୨.୬୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏହାଛଡ଼ା ୪୦୦ ମିଟର ପୁରୁଷ ଟି-୧୧ ବର୍ଗରେ ଗାଇଡ୍ ରନର ସାଗର କୁମାର ସ୍ୱାଇଁଙ୍କ ସହ ଦେବରାଜ ବେହେରା ୪୦୦ ମିଟର ଦୂରତାକୁ ୧:୦୩.୫୨ ସେକେଣ୍ଡରେ ଅତିକ୍ରମ କରି ରୌପ୍ୟ ପଦକ ପାଇଥିଲେ। ରାଜ୍ୟର ଦୃଷ୍ଟିହୀନ ଆଥ୍‌ଲେଟ ପଙ୍କଜ ଭୁଏ ପ୍ରଥମ ଦିବସରେ ଅନୁଷ୍ଠିତ ୧୦୦ ମିଟର ରେସ୍ ପୁରୁଷ ଟି-୧୩ ବର୍ଗରେ ୧୨.୧୭ ସେକେଣ୍ଡ ନେଇ ବ୍ରୋଞ୍ଜ ସହ ଓଡ଼ିଶାର ପଦକ ଖାତା ଖୋଲିଥିଲେ।

ଚାମ୍ପିୟନଶିପ୍‌ର ପଦକ ତାଲିକାରେ ହରିୟାଣା, ଦିଲ୍ଲୀ ଓ ରାଜସ୍ଥାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶାର ଜୟନ୍ତୀ ବେହେରା ଶ୍ରେଷ୍ଠ ମହିଳା ଆଥଲେଟ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଇସ୍ପାତ ଓ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲାସ୍ତେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଦକ ବିତରଣ ଉତ୍ସବ ପରେ ପିସିଆଇ ସାଧାରଣ ସମ୍ପାଦକ ଗୁରୁଶରଣ ସିଂ ଭୋଟ୍ ଅଫ୍ ଥ୍ୟାଙ୍କ୍ସ ପ୍ରଦାନ କରିଥିଲେ।


ପଦକ ଓ ଟ୍ରଫି ସହ ଜୟନ୍ତୀ ବେହେରା।

# ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ

**ଖ୍ରିଷ୍ଟଚର୍ଚ୍ଚ, ୩୧।୩(ପି.ଟି.):** ଚଳିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ମ୍ୟାଚ ଆସନ୍ତା ରବିବାର ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ହେବ। ବୁଧବାର ୱେଷ୍ଟଇଣ୍ଡିଜକୁ ୧୫୭ରନରେ ପରାସ୍ତ କରି ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଡାନିଲି ୟାଟ୍‌ଙ୍କ ଶତକ ଏବଂ ସୋଫି ଏକ୍ଲେଷ୍ଟୋନ୍‌ଙ୍କ ୬ ଉଇକେଟ ସଫଳତା ସହାୟତାରେ ଇଂଲଣ୍ଡ ୧୩୭ ରନରେ ଦକ୍ଷିଣ ଅଫ୍ରିକାକୁ ପରାସ୍ତ କରିଛି। ୫ଥର

**ମହିଳା କ୍ରିକେଟ ବିଶ୍ୱକପ୍**

ଜୀବନଦାନ ପାଇଥିବା ୟାଟ୍ ୧୨୫ ବଲ୍‌ରେ ୧୨୯ ରନ ସଂଗ୍ରହ କରିଥିଲେ। ବିଶ୍ୱକପ୍‌ରେ ଏହାଥିଲା ତାଙ୍କର ପ୍ରଥମ ଶତକ। ଅନ୍ୟମାନଙ୍କ ମଧ୍ୟରେ ସୋଫିଆ ଡଙ୍କ୍‌ଲେ ୭୨ ବଲ୍‌ରୁ ଚମତ୍କାର ୬୦ ରନ କରିଥିଲେ। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୨୯୩ ରନ କରିଥିଲା। ସୂଚନାଯୋଗ୍ୟ, ଲିଗ୍ ପର୍ଯ୍ୟାୟର ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ ଦକ୍ଷିଣ ଆଫ୍ରିକା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ଦଳ ଭାରତକୁ ପ୍ରତିଯୋଗିତାରୁ ବିଦା କରିଦେଇଥିଲା। ଗୁରୁବାର ନକ୍‌ଆଉଟ ଗେମ୍‌ରେ ଦଳ ଚାପରେ ରହିଥିଲା। ରନ ଚେଜ୍ ବେଳେ ଦକ୍ଷିଣ ଆଫ୍ରିକା ଏହାର ମୁଖ୍ୟ ବ୍ୟାଟର ଲାଉରା ଓଲ୍‌ଭାର୍ଡଟଙ୍କୁ ଶୀଘ୍ର ହରାଇଥିଲା। ଦ୍ୱିତୀୟ ଓଭରରେ ବିନା କୌଣସି ରନରେ ସେ ବିପକ୍ଷ ଦଳର ପେସ୍ ବୋଲର (୨/୨୭) ଆନ୍ୟା ଶ୍ରବ୍‌ସୋଲଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ଶ୍ରବ୍‌ସୋଲ ଟୁର୍ନାମେଣ୍ଟରେ ଅଗ୍ରଣୀ ରନ ସଂଗ୍ରହକାରୀ ବ୍ୟାଟର ଥିଲେ। ତାଙ୍କ ଉଇକେଟ ପତନ ପରଠାରୁ ଦକ୍ଷିଣ ଆଫ୍ରିକା ପ୍ରଦର୍ଶନରେ ଉନ୍ନତି ଦେଖିବାକୁ ମିଳି ନ ଥିଲା। ଫଳରେ ଦଳ ୩୮ ଓଭରରେ ମାତ୍ର ୧୫୬ ସ୍କୋରରେ ଅଲ୍‌ଆଉଟ ହୋଇଯିବା ସହ ମ୍ୟାଚ୍ ହାରିଯାଇଥିଲା। ବାମହାତୀ ସ୍ପିନର ସୋଫି ଏକ୍ଲେଷ୍ଟୋନ୍ ତାଙ୍କ ୮ ଓଭରର ବୋଲିଂରେ ମାତ୍ର ୩୬ ରନ ବିନିମୟରେ ୬ ଉଇକେଟ ନେଇ ଇଂଲଣ୍ଡ ବିଜୟକୁ ସହଜ କରିଦେଇଥିଲେ। ଏକ୍ଲେଷ୍ଟୋନ୍ ପୂର୍ବରୁ ବ୍ୟାଟିଂ ବେଳେ ୧୧ ବଲ୍‌ରୁ ଆକର୍ଷଣୀୟ ୨୪ ରନ କରିଥିଲେ, ଯାହାଫଳରେ ଇଂଲଣ୍ଡ ୩୦୦ ପାଖାପାଖି ରନ ସଂଗ୍ରହ କରିପାରିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ମହିଳା ଦଳ ଇନିଂସ : ୫୦ ଓଭରରେ ୨୯୩/୮ (ଡାନିଲି ୟାଟ୍-୧୨୯, ସୋଫିଆ ଡଙ୍କ୍‌ଲେ-୬୦, ଆମି ଜୋନ୍ସ-୨୮ ; ସବ୍‌ନିମ୍ ଇସ୍‌ମାଇଲ୍-୩/୪୬, ମାରିଜାନେ କାପ୍-୨/୫୨, ମାସାବାଟା କ୍ଲାସା-୨/୫୫)।

ଦକ୍ଷିଣ ଆଫ୍ରିକା ମହିଳା ଦଳ ଇନିଂସ: ୩୮ ଓଭରରେ ୧୫୬/ଅଲ୍‌ଆଉଟ (ମିଗ୍‌ନନ୍ ଡୁ'ପ୍ରିଜ୍-୩୦, ଲାରା ଗୁଡାଲ-୨୮ ; ସୋଫି ଏକ୍ଲେଷ୍ଟୋନ୍ -୬/୩୬, ଆନ୍ୟା ଶ୍ରବ୍‌ସୋଲ-୨/୨୭)।



ସୋଫି ଏକ୍ଲେଷ୍ଟୋନ୍

## ସାଇ ପ୍ରଣୀଥ୍ ପରାସ୍ତ: ମିଥୁନ, ଅନୁପମା କ୍ୱାର୍ଟରରେ

**ଓର୍ଲିନ୍ସ (ଫ୍ରାନ୍ସ), ୩୧।୩ (ପି.ଟି.):** ଟପ୍ ସିଡ୍ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ୍ ଓର୍ଲିନ୍ସ ମାଷ୍ଟର୍ସ ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସୁପର ୧୦୦ ଇଭେଣ୍ଟର ଏକ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ସେ ଫ୍ରାନ୍ସର ଖ୍ରିଷ୍ଟୋ ପୋପୋଭଙ୍କଠାରୁ ୧୨-୨୧, ୧୧-୨୧ରେ ହାରିଯାଇଛନ୍ତି। ତେବେ ମିଥୁନ ମଞ୍ଜୁନାଥ୍ ଦ୍ୱିତୀୟ ସିଡ୍ ତଥା ଡେନମାର୍କର ହାନ୍ସ କ୍ରିଷ୍ଟିଆନ ସୋଲବର୍ଗ ଭିଟିଙ୍ଗସଙ୍କ ବିପକ୍ଷରେ ୧୬-୨୧, ୨୧-୧୦, ୨୧-୧୧ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଅନୁପମା ଉପାଧ୍ୟାୟ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ଫ୍ରାନ୍ସର ଲିଓନିସ୍ ହୁଏଟ୍‌ଙ୍କୁ ୨୧-୧୭, ୨୧-୧୬ରେ ହରାଇ ଦେଇଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇଲା ପାକିସ୍ତାନ


ଶତକୀୟ ଇନିଂସ ଅବସରରେ ବାବର ଆଜାମ।

**ଲାହୋର, ୩୧।୩:** ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ପାକିସ୍ତାନ ୬ ଉଇକେଟରେ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେନ ମ୍ୟାକଡରମଟ୍ (୧୦୪ ରନ)ଙ୍କ ଶତକ ଏବଂ ଟ୍ରାଭିସ୍ ହେଡ୍‌ଙ୍କ ୮୯ ରନ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୩୪୮ ରନ କରିଥିଲା। ଜବାବରେ ପାକିସ୍ତାନ ଇମାମ ଉଲ ହକ୍ (୧୦୬) ଓ ଅଧିନାୟକ ବାବର ଆଜାମ (୧୧୪)ଙ୍କ ଶତକ ସହାୟତାରେ ୪୯ତମ ଓଭରରେ ୪ଉଇକେଟ ବିନିମୟରେ ୩୫୨ ରନ କରି ମ୍ୟାଚ ଜିତି ନେଇଥିଲା। ବାବର ଆଜାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଗୁରୁବାର ଏହି ବିଜୟ ଦ୍ୱାରା ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ସ୍ତରକୁ ଚାଲିଆସିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଦିନିକିଆ ଅଷ୍ଟ୍ରେଲିଆ ୮୮ରନରେ ଜିତିଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଇନିଂସ: ୫୦ ଓଭରରେ ୩୪୮/୮ (ବେନ୍ ମ୍ୟାକ୍‌ଡରମଟ-୧୦୪, ଟ୍ରାଭିସ୍ ହେଡ୍-୮୯, ମାର୍ନସ ଲାବାସେନ୍-୫୯, ମାର୍କସ ଷ୍ଟୋଇନିସ-୪୯ ; ଶାହିନ ଆଫ୍ରିଦୀ-୪/୬୩, ମହମ୍ମଦ ଜୁନିୟର-୨/୫୬)।

ପାକିସ୍ତାନ ଇନିଂସ: ୪୯ ଓଭରରେ ୩୫୨/୪ (ଇମାମ୍ ଉଲ ହକ୍-୧୦୬, ବାବର ଆଜାମ-୧୧୪, ଫଖର ଜମାନ-୬୭ ; ଆଡାମ ଜାମ୍ପା-୨/୭୧)।

## ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେଲେ ସୂର୍ଯ୍ୟକୁମାର

**ମୁମ୍ବାଇ, ୩୧।୩ (ପି.ଟି.):** ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଆଇପିଏଲ୍ ମ୍ୟାଚ୍ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଛନ୍ତି ଭାରତର ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବ। ଗତ ମାସରେ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜ ବେଳେ ଆଙ୍ଗୁଠିରେ ଆଘାତପ୍ରାପ୍ତ ହେବାପରେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ସେ ରିହାବିଲିଟେଶନରେ ରହିଥିଲେ। ଏହି କାରଣରୁ ସେ ମାର୍ଚ୍ଚ ୨୭ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମୁମ୍ବାଇ ଇଣ୍ଡିଆନ୍ସର ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚ ଖେଳି ନ ଥିଲେ। ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୪ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ହାରିଯାଇଥିଲା।

## ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ଭାଗ ନେବେ ଭେଟେଲ

**ସିଲ୍‌ଭରଷ୍ଟୋନ୍ (ୟୁକେ), ୩୧।୩ (ଏପି):** ଆଷ୍ଟନ ମାର୍ଟିନ ଡ୍ରାଇଭର ସେବାଷ୍ଟିଆନ ଭେଟେଲ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଛନ୍ତି। ୪ଥର ବିଶ୍ୱ ଚାମ୍ପିୟନ ଏପ୍ରିଲ ୧୦ରେ ଅଷ୍ଟ୍ରେଲିଆନ ଫର୍ମୁଲାୱାନ୍ ଗ୍ରାଁ ପ୍ରିରେ ଅଂଶଗ୍ରହଣ ସହ ସିଜନ ଆରମ୍ଭ କରିବେ। ଜର୍ମାନୀର ଏହି ୩୪ ବର୍ଷୀୟ ଡ୍ରାଇଭର ସିଜନର ପ୍ରଥମ ଦୁଇ ରେସ୍‌ରେ ଭାଗ ନେଇ ପାରି ନ ଥିଲେ।

# ସୁପର ଜିଆଣ୍ଟ୍ସର ରୋମାଞ୍ଚକ ବିଜୟ

**ମୁମ୍ବାଇ, ୩୧।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ (ଏଲ୍‌ଏସ୍‌ଜି)୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଚେନ୍ନାଇ ଦଳ ଦ୍ୱାରା ଧାର୍ଯ୍ୟ ୨୧୧ ରନର ପିଛା କରିବାକୁ ଯାଇ ଲକ୍ଷ୍ନୌ ଭଲ ଆରମ୍ଭ କରିଥିଲା। ଅଧିନାୟକ କେ.ଏଲ.ରାହୁଲ (୨୬ ବଲ୍‌ରୁ ୪୦ରନ) ଓ ଉଇକେଟକିପର କ୍ୱିଣ୍ଟନ ଡି'କକ୍ (୪୫ବଲ୍‌ରୁ ୬୧ ରନ) ପ୍ରଥମ ଉଇକେଟରେ ୧୦.୨ ଓଭରରେ ୯୯ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ଏଭିନ୍ ଲୁଇସ୍‌ଙ୍କ ଅପରାଜିତ ୫୫ରନ (୨୩ବଲ୍, ୬ଚୌକା ଓ ୩ ଛକା) ସହାୟତାରେ ଲକ୍ଷ୍ନୌ ୧୯.୩ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଚେନ୍ନାଇ ତରଫରୁ ଇନିଂସ ଓପନ କରିବାକୁ ଯାଇ ରବିନ ଉଥାପ୍ପା ୨୭ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୫୦ ରନ କରିଥିଲେ। ଶିବମ ଦୁବେ ଆକ୍ରମଣାତ୍ମକ ଖେଳି ୩୦ ବଲ୍‌ରୁ ୫ ଚୌକା ଓ ୨ଛକା ସହ ୪୯ ରନ କରିଥିଲେ। ମୋଇନ ଅଲି ୨୨ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୩୫ରନ କରିଥିଲେ। ଅମ୍ବାତି ରାୟିଡୁ ୨୦ ବଲ୍‌ରେ ୨ ଚୌକା ଓ ୨ ଛକା ସହ ୨୭ରନ କରିଥିଲେ। ଅଧିନାୟକ ରବୀନ୍ଦ୍ର ଜାଡେଜା ୯ବଲ୍‌ରୁ ୩ ଚୌକା ସହ ୧୭ ରନ କରିଥିବା ବେଳେ ମହେନ୍ଦ୍ର ସିଂ ଧୋନୀ ୬ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୧୬ ରନ କରି ଅପରାଜିତ ରହିଥିଲେ। ଦଳର ବ୍ୟାଟରମାନେ ଦ୍ରୁତ ହାରରେ ରନ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ। ଦୁବେ ଓ ରାୟିଡୁଙ୍କ ମଧ୍ୟରେ ୬୦ରନର ପାର୍ଟନରଶିପ୍ ହୋଇଥିଲା। ଫଳସ୍ୱରୂପ ସିଏସ୍‌କେ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୧୦ରନ କରିପାରିଥିଲା। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ପକ୍ଷରୁ ଆଭେସ ଖାଁ, ଆଣ୍ଡ୍ରୁ ଟାଇ ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚ ପାଇଁ ଏଲ୍‌ଏସ୍‌ଜି ଦଳରେ ଗୋଟିଏ ପରିବର୍ତ୍ତନ କରିଥିଲା। ମୋହସିନ ଖାଁଙ୍କ ସ୍ଥାନରେ ଦଳ ଆଣ୍ଡ୍ରୁ ଟାଇଙ୍କୁ ଖେଳାଇଥିଲା। ଅନ୍ୟପକ୍ଷରେ ସିଏସ୍‌କେ ଆଡାମ୍ ମିଲ୍‌ନେ, ଡେଭନ କନୱେ ଓ ମିଚେଲ ସାଣ୍ଟନରଙ୍କ ସ୍ଥାନରେ ମୋଇନ ଅଲି, ଡ୍ୱେନ ପ୍ରିଟୋରିଅସ ଓ ମୁକେଶ ଚୌଧାରୀଙ୍କୁ ନେଇଥିଲା।

**ଆଇପିଏଲ୍-୧୫**
**ଆଜିର ମ୍ୟାଚ**
**କୋଲକାତା ନାଇଟ ରାଇଡର୍ସ ବନାମ ପଞ୍ଜାବ କିଙ୍ଗ୍ସ**
**ସ୍ଥାନ: ମୁମ୍ବାଇ**
**ସମୟ: ରାତି ୭ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ଇନିଂସ: ୨୦ ଓଭରରେ ୨୧୦/୭ (ରବିନ ଉଥାପ୍ପା-୫୦, ଶିବମ ଦୁବେ-୪୯, ମୋଇନ ଅଲି-୩୫, ଅମ୍ବାତି ରାୟିଡୁ-୨୭, ରବୀନ୍ଦ୍ର ଜାଡେଜା-୧୭, ଏମ୍.ଏସ୍. ଧୋନୀ-୧୬* ; ଆଭେସ ଖାଁ-୨/୩୮, ରବି ବିଷ୍ଣୋଇ-୨/୨୪, ଆଣ୍ଡ୍ରୁ ଟାଇ-୨/୪୧)।

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଇନିଂସ: ୧୯.୩ ଓଭରରେ ୨୧୧/୪ (କ୍ୱିଣ୍ଟନ ଡି'କକ୍-୬୧, କେ.ଏଲ୍. ରାହୁଲ-୪୦, ଏଭିନ ଲିଉସ-୫୫* ; ଡ୍ୱେନ ପ୍ରିଟୋରିଅସ୍-୨/୩୧)।


ପ୍ଲେୟର ଅଫ୍ ଦି ମ୍ୟାଚ୍ ଏଭିନ ଲିଉସ।

# ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍



ଅଶୋକ ମହାନ୍ତି

(ଡାକ୍ତର ସତୀକାନ୍ତ ଘୋଷ)



ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ସମ୍ପର୍କୀୟ ଭାଇ ସୁପ୍ତିକାନ୍ତଙ୍କ ସହ ସତୀକାନ୍ତ ଘୋଷ (ଡାହାଣ)।

**ସତୀକାନ୍ତ ଘୋଷ ପାଟନା ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ୁଥିବା ସମୟରେ ସେହି ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ୧୯୫୦-୫୧ରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୧୦୦ ମିଟର ଦୌଡ଼ରେ ରେକର୍ଡ ୧୦.୭ ସେକେଣ୍ଡ ସମୟ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୫୩ରେ ମଧ୍ୟପ୍ରଦେଶର ଜବଲପୁରଠାରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ୧୦୦ମି. ଏବଂ ୨୦୦ମି. ଦୌଡ଼ରେ ରୌପ୍ୟ ପଦକ ଜିତିବା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ...**

୨୦୦୩-୦୪ ମସିହା କଥା। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ନିଷ୍ପତ୍ତି ଅନୁସାରେ ପୂର୍ବତନ ବୟୋଜ୍ୟେଷ୍ଠ କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ପ୍ରଥମ ଚରଣରେ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପକୂଳ ଅଞ୍ଚଳର ପୂର୍ବତନ ବର୍ଷିଆନ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨ୟ ଚରଣରେ ପଶ୍ଚିମାଞ୍ଚଳ ପାଇଁ ରାଉରକେଲାର ପାନପୋଷସ୍ଥିତ କ୍ରୀଡ଼ା ଛାତ୍ରାବାସ ପରିସର ମଧ୍ୟରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଶିଷ୍ଟ କ୍ରୀଡ଼ାବିତମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଏହି ଲେଖକ (ସହକାରୀ ନିର୍ଦ୍ଦେଶକ) କ୍ରୀଡ଼ା ନିର୍ଦ୍ଦେଶକ ରବୀନ୍ଦ୍ର ନାଥ ଦାସଙ୍କ ସହିତ ବିଭାଗୀୟ ଶାସନ ସଚିବ ସ୍ୱର୍ଗତ ମଦନ ମୋହନ ମହାନ୍ତି (ପୂର୍ବତନ ରଣଜୀ ଅଧିନାୟକ)ଙ୍କ ଅନୁମୋଦନ ପାଇଁ ସାକ୍ଷାତ୍ କରିଥିଲା। ତାଲିକାଟିକୁ ଦେଖିସାରି ସଚିବ ସେଥିରେ ଡାକ୍ତର ସତୀକାନ୍ତ ଘୋଷଙ୍କ ନାଁ ଖୋଜିଥିଲେ। ଏହି ଅବସରରେ ସେ ସତୀକାନ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ସତୀକାନ୍ତଙ୍କର ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୧୦୦ ମିଟର ଦୌଡ଼ରେ ରେକର୍ଡ ଥିଲା (୧୦.୭ ସେକେଣ୍ଡ) ଏବଂ ସେ ୧୯୫୪ ମାନିଲା ଏସୀୟ କ୍ରୀଡ଼ାରେ ଭାରତୀୟ ଦଳର ସଦସ୍ୟ ଥିଲେ। ରାଉରକେଲାରେ ରହୁଥିବା ଡ. ଘୋଷ ଅନୁରୋଧ ରକ୍ଷାକରି ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ ଏବଂ ମୁଖ୍ୟ ଅତିଥି ଅଲିମ୍ପିକ୍ ଚାମ୍ପିୟନ ହକି ଖେଳାଳି ଭି. ଭାସ୍କରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଉତ୍ସବ ପରେ ତାଙ୍କ ସହିତ ସାକ୍ଷାତ ହୋଇଥିଲା। ଅତ୍ୟନ୍ତ ନମ୍ର, ମିଷ୍ଟଭାଷୀ, ଭଦ୍ର, ଅମାୟିକ ଡାକ୍ତର ଘୋଷଙ୍କ ୬ ଫୁଟ୍ ଉଚ୍ଚତା ଗୌରବର୍ଣ୍ଣ ଚେହେରାରେ ପରିଣତ ବୟସରେ ମଧ୍ୟ ଜଣେ ପୂର୍ବତନ ଆଥ୍‌ଲେଟ୍‌ର ଛାପ ସ୍ପଷ୍ଟ ବାରି ହେଉଥାଏ। ସେ ଅଳ୍ପ ହସି କହିଥିଲେ ଯେ "ମୁଁ ତ ବହୁ ବର୍ଷ ଧରି କାର୍ଯ୍ୟବ୍ୟସ୍ତତା ମଧ୍ୟରେ କ୍ରୀଡ଼ା ସହିତ ସମ୍ପର୍କରେ ନାହିଁ, ମୋତେ କେମିତି ଖୋଜି ପାଇଲ"। ବିଭାଗୀୟ ସଚିବ ମଦନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏହା ସମ୍ଭବ ହୋଇ ପାରିଥିବା ତାଙ୍କୁ ଅବଗତ କରାଯାଇଥିଲା। "ଓଃ ଲୁଲୁ (ମଦନ ମହାନ୍ତିଙ୍କ ଡାକନାମ) ତା ହେଲେ ମତେ ମନେ ରଖିଛି" ଏହା ଥିଲା ସଂକ୍ଷେପରେ ତାଙ୍କର ଉତ୍ତର।

## ଅତୀତ ସ୍ମୃତିରୁ ...

ସତୀକାନ୍ତ ଘୋଷଙ୍କ ଜନ୍ମ ୨୮ ମେ, ୧୯୩୧ରେ। ଦୀର୍ଘ ନଅ ଦଶନ୍ଧିର ଘଟଣା ବହୁଳ ଜୀବନର ଅନ୍ତ ହୋଇଥିଲା ୯ ଜାନୁୟାରୀ ୨୦୨୧ରେ। ତାଙ୍କର ପୂର୍ବ ପୁରୁଷମାନେ ୧୭ଶହ ଶତାବ୍ଦୀର ମଧ୍ୟଭାଗରେ (ପ୍ରାୟ ୧୬୪୦ରେ) କଲିକତାର ହୁଗୁଳି ଜିଲାରୁ ଓଡ଼ିଶା ଆସି ସ୍ଥାୟୀ ବାସିନ୍ଦା ଭାବେ ବସବାସ କରିଆସୁଛନ୍ତି। ନିମଚଉଡ଼ି, କଟକଠାରେ ତାଙ୍କର ପୈତୃକ ବାସଭବନ ଥିଲାବେଳେ, ବୃତ୍ତିଗତ ଜୀବନରେ ସତୀକାନ୍ତ ରାଉରକେଲା ସିଭିଲ୍ ଟାଉନଶିପ୍‌ରେ ନିଜସ୍ୱ ବାସଭବନରେ ରହିଆସୁଥିଲେ।

ସତୀକାନ୍ତ କଟକର ଷ୍ଟୁଆର୍ଟ ସ୍କୁଲରେ ଅଳ୍ପଦିନ ଅଧ୍ୟୟନ କରି ପାଟନାସ୍ଥିତ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରୁ ସ୍କୁଲ୍ ଶିକ୍ଷା ଶେଷ ପରେ କଟକର ଷ୍ଟୁଆର୍ଟ କଲେଜରେ ଅଧ୍ୟୟନ ସମୟରେ ପ୍ରଖ୍ୟାତ କ୍ରୀଡ଼ାବିତ୍ ନନ୍ଦକୃଷ୍ଣ ଦାସଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଦୌଡ଼କୁଦ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଜଣେ ଅତ୍ୟନ୍ତ ପ୍ରତିଭାବାନ ସ୍ପ୍ରିଣ୍ଟର (୧୦୦ ଓ ୨୦୦ମି.) ଭାବେ ଦକ୍ଷତା ହାସଲ କରିଥିଲେ। ପାଟନା ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ୁଥିବା ସମୟରେ ସେହି ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ୧୯୫୦-୫୧ ମସିହା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୧୦୦ ମିଟର ଦୌଡ଼ରେ ରେକର୍ଡ ୧୦.୭ ସେକେଣ୍ଡ ସମୟ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୫୩ରେ ମଧ୍ୟପ୍ରଦେଶର ଜବଲପୁରଠାରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ୧୦୦ମି. ଏବଂ ୨୦୦ମି. ଦୌଡ଼ରେ ରୌପ୍ୟ ପଦକ ଜିତିବା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଦକ୍ଷତା ଏବଂ ପ୍ରଦର୍ଶନ ଆଧାରରେ ସତୀକାନ୍ତ ୧୯୫୪ରେ ମାନିଲାଠାରେ ଅନୁଷ୍ଠିତ ଦ୍ୱିତୀୟ ଏସୀୟ କ୍ରୀଡ଼ାରେ ଭାରତୀୟ ଆଥଲେଟିକ୍ସ ଦଳର ସଦସ୍ୟ ଭାବେ (୪ × ୧୦୦ମି. ରିଲେ) ଫିଲିପାଇନ୍ସ ଯାତ୍ରା କରିଥିଲେ। ଏପରି ନିଆରା ଉପଲବ୍ଧି ହାସଲ କରିବାରେ ସେ ଥିଲେ ଓଡ଼ିଶାର ଦ୍ୱିତୀୟ ଆଥଲେଟ୍ ଏବଂ ପ୍ରଥମ ସ୍ପ୍ରିଣ୍ଟର। ତାଙ୍କ ପୂର୍ବରୁ ସେକ୍ ଗୁଲଜାର ୧୦,୦୦୦ ମି. ଇଭେଣ୍ଟରେ ୧୯୫୧ ପ୍ରଥମ ଏସୀୟ କ୍ରୀଡ଼ାରେ ଭାରତୀୟ ଦଳର ସଦସ୍ୟ ଥିଲେ। ଫୁଟବଲରେ ମଧ୍ୟ ସତୀକାନ୍ତଙ୍କର ଦକ୍ଷତା ଥିଲା। ଜୁନିୟର ସ୍ତରରେ ସେ ଓଡ଼ିଶା ରାଜ୍ୟକୁ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିଥିଲେ।

୫୦ ଦଶକରେ ଭାରତର ଶ୍ରେଷ୍ଠ ସ୍ପ୍ରିଣ୍ଟର ଭାବେ ସୁନାମ ଅର୍ଜନ କରିଥିବା ତଥା ୧୯୫୧ ଏସୀୟ କ୍ରୀଡ଼ାର ୧୦୦ମି. ଓ ୨୦୦ମି.ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଲେଭି ପିଣ୍ଟୋ ମଧ୍ୟ ସତୀକାନ୍ତଙ୍କୁ ଜଣେ ପ୍ରତିଦ୍ୱନ୍ଦ୍ୱୀ ଭାବେ ସମ୍ମାନ ଦେଉଥିଲେ ବୋଲି କୁହନ୍ତି ରାଜ୍ୟର ପୂର୍ବତନ କ୍ରୀଡ଼ାବିତ୍ ଏବଂ ଶିକ୍ଷାବିତ୍ ଡ. ପ୍ରଭାତ ମିଶ୍ର (ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ)। ପରେ ପରେ ଉଚ୍ଚତର ଶିକ୍ଷା (ଡାକ୍ତରୀ) ପାଇଁ ସେ ପ୍ରତିଯୋଗିତା ମୂଳକ କ୍ରୀଡ଼ାରୁ ଦୂରେଇ ଯାଇଥିଲେ। ପାଟନା ମେଡିକାଲ କଲେଜରୁ କୃତିତ୍ୱର ସହିତ ଏମ୍‌ବିବିଏସ ଏବଂ ଏମଏସ ଡିଗ୍ରୀ ହାସଲ କରିବା ପରେ ଏଡେନ୍‌ବର୍ଗ ଏବଂ ଗ୍ଲାସ୍‌ଗୋ (ସ୍କଟଲାଣ୍ଡ)ରୁ ଉଚ୍ଚତର ଏଫ୍‌ଆର୍‌ସିଏସ୍ ଡିଗ୍ରୀ ହାସଲ କରିଥିଲେ। ଜଣେ ସୁନାମଧନ୍ୟ ଶଲ୍ୟ ଚିକିତ୍ସକ ଭାବେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ ଏବଂ ନୂଆଗାଁ ମିଶନ ହସ୍ପିଟାଲରେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ନିଜସ୍ୱ କ୍ଲିନିକ୍‌ରେ ରୋଗୀ ସେବା ଜାରି ରଖିଥିଲେ।

ଘୋଷ ପରିବାରର ଅଧିକାଂଶ ସଦସ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ଉଚ୍ଚ ପଦବୀର ଅଧିକାରୀ ହେବା ସହିତ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ।

- ଓଡ଼ିଶା ପୋଲିସ୍‌ର ସର୍ବୋଚ୍ଚ ପଦବୀ (ଆଇଜି)ରେ ରହିଥିବା ତାଙ୍କ କକା (ବାପାଙ୍କ ସାନଭାଇ) ଶ୍ରୀକାନ୍ତ ଘୋଷ ୧୯୩୫ରେ ପାଟନା ବିଶ୍ୱବିଦ୍ୟାଳୟ ହକି ଦଳର ଅଧିନାୟକ ଥିଲେ।
- ଅନ୍ୟ ଜଣେ କକା ଡ. ଶୀତଳକାନ୍ତ ଘୋଷ ୧୯୫୧ରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଦସ୍ୟ ରହିଥିବା ବେଳେ ଜଣେ ଉଚ୍ଚକୋଟୀର ଆଥଲେଟ୍ (ହାଇଜମ୍ପ) ଥିଲେ।
- ସତୀକାନ୍ତଙ୍କ ଭାଇ ଜ୍ୟୋତିକାନ୍ତ ଦାସ ୧୦୦ମି, ୨୦୦ମି, ଲଙ୍ଗଜମ୍ପରେ ବିହାର ରାଜ୍ୟ ଚାମ୍ପିୟନ ଥିଲେ ଏବଂ ୧୯୫୨-୫୩ରେ ସର୍ବ ଭାରତୀୟ ଫୁଟବଲ ଦଳର ସଦସ୍ୟ ଭାବେ ଆଫଗାନିସ୍ତାନ ଗସ୍ତ କରିଥିଲେ।
- ସମ୍ପର୍କୀୟ ଭାଇ ରତିକାନ୍ତ ଘୋଷ ୧୯୫୭ରେ ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଦଳର ସଦସ୍ୟ ଥିଲେ ଏବଂ ୧୯୬୧ରେ ଖଡ଼ଗପୁର ଆଇଆଇଟି ହକି ଦଳର ଅଧିନାୟକ ଥିଲେ।
- ଅନ୍ୟ ସମ୍ପର୍କୀୟ ଭାଇମାନଙ୍କ ମଧ୍ୟରୁ ସୁକାନ୍ତ ଘୋଷ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟକୁ ଟେବୁଲ୍‌ଟେନିସ୍‌ରେ, ସୁପ୍ତିକାନ୍ତ ଘୋଷ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୪ଥର (୧୯୬୮ର ୧୯୭୧) ଏବଂ ଓଡ଼ିଶା ରଣଜୀ ଦଳକୁ ୪ଥର (୧୯୬୮ରୁ ୧୯୭୧) କ୍ରିକେଟରେ ଏବଂ ଶିଶିରକାନ୍ତ ଘୋଷ ଓଡ଼ିଶା ଜୁନିୟର ଫୁଟବଲ ଦଳ (୧୯୬୮), ଉତ୍କଳ ବିଶ୍ୱବିଦ୍ୟାଳୟ ଫୁଟବଲ ଦଳକୁ ୪ଥର (୧୯୮୭-୧୯୯୦) ଏବଂ ରାଜ୍ୟ ସିନିୟର ଫୁଟବଲ ଦଳକୁ (୧୯୯୪) ପ୍ରତିନିଧିତ୍ୱ କରିଥିଲେ।



ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପୁରୁଷ ବର୍ଗ ଚାମ୍ପିୟନ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ଦଳର ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ସନ୍ତୋଷ ଟ୍ରଫି ଫୁଟ୍‌ବଲ ୧୬ରୁ

**ନୂଆଦିଲ୍ଲୀ, ୩୧।୩ (ପି.ଟି.)**

୭୫ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫି ଏପ୍ରିଲ ୧୬ରୁ ଆରମ୍ଭ। ଏଥିରେ ଓଡ଼ିଶାକୁ ଗ୍ରୁପ୍ ବି'ରେ ସ୍ଥାନ ମିଳିଛି। କେରଳସ୍ଥିତ ମାଲାପୁରମ ଅନ୍ତର୍ଗତ ପୋଟାପାଡି ଷ୍ଟାଡିୟମରେ ଦେଶର ଦୁଇ ପାରମ୍ପରିକ ଫୁଟ୍‌ବଲ ପାୱାର ହାଉସ୍ ପଶ୍ଚିମବଙ୍ଗ ଓ ପଞ୍ଜାବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ମାଲାପୁରମ ଅନ୍ତର୍ଗତ ଦୁଇଟି ଭେନ୍ୟୁ ମଞ୍ଜେରୀ ପାୟାନାଡ୍ ଷ୍ଟାଡିୟମ ଓ କୋଟ୍ଟାପାଡ଼ି ଷ୍ଟାଡିୟମରେ ଖେଳାଯିବ। ଫାଇନାଲ ମ୍ୟାଚ ମେ' ୨ତାରିଖରେ ମଞ୍ଜେରୀ ପାୟାନାଡ୍ ଷ୍ଟାଡିୟମରେ ଖେଳାଯିବ। ଏଥିରେ ଭାଗ ନେଉଥିବା ୧୦ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ରହିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଏହା ଏପ୍ରିଲ ୨୮ ଓ ୨୯ରେ ଖେଳାଯିବ। କର୍ନାଟକ, ଗୁଜରାଟ, ସର୍ଭିସେସ୍ ଓ ମଣିପୁର ସମେତ ଓଡ଼ିଶା ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ଏ'ରେ ମେଘାଳୟ, ପଞ୍ଜାବ, ପଶ୍ଚିମବଙ୍ଗ, ରାଜସ୍ଥାନ ଓ କେରଳ ରହିଛି।

**ଗ୍ରୁପ୍ ବି'ରେ ଓଡ଼ିଶା**

# ଓଡ଼ିଶାରେ ହେବ ଏନ୍‌ପିସି ବଡିବିଲ୍ଡିଂ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି ଏନ୍‌ପିସି (ନ୍ୟାଶନାଲ ଫିଜିକ୍ କମିଟି) ବଡିବିଲ୍ଡିଂ ଚାମ୍ପିୟନଶିପ୍। ଏଥିରେ ଦେଶର ପାଖାପାଖି ୫୦୦ ନାମୀ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏନ୍‌ପିସି ଓଡ଼ିଶା ବଡି ବିଲ୍ଡିଂ ଫେଡେରେଶନ ଓ ଆରଆର-୨୭ ଦ୍ୱାରା ଏହି ପ୍ରତିଯୋଗିତା ଭୁବନେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଏପ୍ରିଲ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିବେ। ମୋଟ ୧୩ଟି କାଟେଗୋରିରେ ପ୍ରତିଯୋଗିତା ହେବ। ପ୍ରଦର୍ଶନ ଭିତ୍ତିରେ ଏଥିରୁ ପ୍ରତିଯୋଗୀ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏନ୍‌ପିସି ବଡି ବିଲ୍ଡିଂ ଫେଡେରେଶନ ବିଶ୍ୱର ଏକମାତ୍ର ଆମେଚର ପ୍ରୋ ଲିଗ ସଙ୍ଗଠନ, ଯାହାକି ଆଇଏଫ୍‌ଏଫ୍‌ବିବି ଦ୍ୱାରା ସ୍ୱୀକୃତିପ୍ରାପ୍ତ।

# ଦର୍ଶକ ଉପସ୍ଥାନରେ ବିଶ୍ୱ ରେକର୍ଡ

**ବାର୍ସିଲୋନା, ୩୧।୩ (ପି.ଟି.):** ସ୍ଥାନୀୟ କ୍ୟାମ୍ପ୍ ନୋଉ ଷ୍ଟାଡିୟମରେ ବାର୍ସିଲୋନା ଓ ରିଅଲ ମାଡ୍ରିଡ୍ ମଧ୍ୟରେ ଅନୁଷ୍ଠିତ ଚାମ୍ପିୟନ୍ସ ଲିଗ୍ ମହିଳା ଫୁଟ୍‌ବଲ ମ୍ୟାଚକୁ ୯୧,୦୦୦ରୁ ଅଧିକ ଖେଳପ୍ରେମୀ ଦେଖିଛନ୍ତି। ଏହା ଏକ ବିଶ୍ୱରେକର୍ଡ ବୋଲି କୁହାଯାଉଛି। ବାର୍ସିଲୋନା ଷ୍ଟାର ଆଲେକ୍ସିଆ ପୁଟେଲାସ ତାଙ୍କ ଜୀବନର ଏହା ଏକ ଅନ୍ୟତମ ଶ୍ରେଷ୍ଠ ଦିବସ ବୋଲି କହିଛନ୍ତି। ଆୟୋଜକଙ୍କ କହିବା ଅନୁସାରେ ବୁଧବାର ବାର୍ସିଲୋନା ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ୯୧,୫୫୩ ରହିଥିଲା। ଏହା ପୂର୍ବରୁ ରୋଜବାଓଲରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଚାଇନା ମଧ୍ୟରେ ୧୯୯୯ ବିଶ୍ୱକପ୍ ଫାଇନାଲକୁ ୯୦, ୧୮୫ ଦର୍ଶକ ଷ୍ଟାଡିୟମରେ ଉପଭୋଗ କରିଥିଲେ। ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସ ଫାଇନାଲ ଦେଖିବା ଲାଗି ଷ୍ଟାଡିୟମରେ ୮୦, ୨୦୩ ଦର୍ଶକ ଉପସ୍ଥିତ ଥିଲେ। ଏହି ସ୍ୱର୍ଣ୍ଣପଦକ ମ୍ୟାଚରେ ଯୁକ୍ତରାଷ୍ଟ୍ର ଆମେରିକା ୨-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ପୂର୍ବ କ୍ଲବ ରେକର୍ଡ ୨୦୧୯ରେ ଆଟ୍‌ଲେଟିକୋର ୱାଣ୍ଡା ମେଟ୍ରୋପଲିଟାନୋ ଷ୍ଟାଡିୟମରେ ପ୍ରତିଷ୍ଠା ହୋଇଥିଲା। ଆଟ୍‌ଲେଟିକୋ ମାଡ୍ରିଡ୍ ଓ ଓ ବାର୍ସିଲୋନା ମଧ୍ୟରେ ଏହି ମ୍ୟାଚ୍‌କୁ ଷ୍ଟାଡିୟମରେ ୬୦, ୭୩୯ ଦର୍ଶକ ଦେଖିଥିଲେ।

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR -7, CDA, CUTTACK, ODISHA.**
**O.A. No. 779 of 2019**
**Canara Bank, Kanarada Branch, Ganjam** ..Applicant
**Versus.**
**Krutibas Pradhan and another** ...Defendant(s)
**To,**
**D.1. Krutibas Pradhan,** S/o.: Batakrushna Pradhan, At: Kuruma Padhala, P.O.: G. Nuagam, P.S.: Bhanjanagar, Dist.: Ganjam, PIN- 761140
**D.2. Pitabas Pradhan,** S/o.: Batakrushna Pradhan, At: Kuruma Padhala, P.O.: G. Nuagam, P.S.: Bhanjanagar, Dist.: Ganjam, PIN- 761140
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 779/ 2019** in the Court of Debts Recovery Tribunal, Cuttack for a recovery of **Rs.33,02,182.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the date of publication or on **12.05.2022 at 10.30 a.m** as to why reliefs prayed for should not be granted.
Take notice that in case of default, the Application will be heard and determined in their absence.
Given under my hand and seal of this Tribunal on this **31st Day of March, 2022.**
**Sd/- M.K. Patnaik,**
**Registrar,**
**Debts Recovery Tribunal, Cuttack**

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR -7, CDA, CUTTACK, ODISHA.**
**O.A. No. 778 of 2019**
**Canara Bank, Kanarada Branch, Ganjam** ..Applicant
**Versus**
**Pitabas Pradhan and another** ...Defendant(s)
**To,**
**D.1. Pitabas Pradhan,** S/o.: Batakrushna Pradhan, At: Kuruma Padhala, P.O.: G. Nuagam, P.S.: Bhanjanagar, Dist.: Ganjam, PIN- 761140
**D.2. Krutibas Pradhan,** S/o.: Batakrushna Pradhan At: Kuruma Padhala, P.O.: G. Nuagam, P.S.: Bhanjanagar, Dist.: Ganjam, PIN- 761140
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 778/ 2019** in the Court of Debts Recovery Tribunal, Cuttack for a recovery of **Rs.33,75,568.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the date of publication or on **12.05.2022 at 10.30 a.m** as to why reliefs prayed for should not be granted.
Take notice that in case of default, the Application will be heard and determined in their absence.
Given under my hand and seal of this Tribunal on this **31st Day of March, 2022.**
**Sd/- M.K. Patnaik,**
**Registrar,**
**Debts Recovery Tribunal, Cuttack**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୬୭୮, ପ୍ରଥମ ମହଲା,
ସହୀଦ ନଗର, ମହର୍ଷି କଲେଜ ରୋଡ, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୬୧
ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୯.୦୪.୨୦୨୨ରିଖ ଦିନ ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୯.୦୪.୨୦୨୨ରିଖ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସଞ୍ଜୁକ୍ତା ପଟ୍ଟନାୟକ, ୨) ଶ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକ,** ଉଭୟଙ୍କ ଠିକଣା: ଫ୍ଲାଟ୍ ନଂ.: ୧୦୩, ଶାଶ୍ୱତ ଏନକ୍ଲେଭ, ଅଳକାପୁରୀ ମୁଖ୍ୟ ରାସ୍ତା, ସରକାରୀ ଆଇଟିଆଇ ପଛପାର୍ଶ୍ୱ, ବ୍ରହ୍ମପୁର | **ଶ୍ରୀମତୀ ସଞ୍ଜୁକ୍ତା ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୋଇଲୁଣ୍ଡି,, ତହସିଲ: ବ୍ରହ୍ମପୁର, ଥାନା: ବୈଦ୍ୟନାଥପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୧୬୬/୫୨୯୭, ପ୍ଲଟ୍ ନଂ.: ୬୦୪/୯୩୩୧, କ୍ଷେତ୍ର: ଏକର୦.୦୪୯ଡିସିମିଲି | **୨୪.୦୫.୨୦୨୧** ସୁଦ୍ଧା **ଟ.୬୮,୭୧,୧୬୭/-** ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି/ **୨୪.୦୫.୨୦୨୧** | ଟ. ୭୯,୨୪,୦୦୦/- / ଟ. ୭,୯୨,୪୦୦/- / ଟ. ୫୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ଭି. ବିକାଶ ରାଜୁ,** ମାର୍ଫତ: ଶ୍ରୀ କେ. ନାଗେଶ୍ୱର ପାତ୍ର, ପୁରୁଣା ବଜାର ରାସ୍ତା, ୱାର୍ଡ ନଂ: ୦୪, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ ଓଡ଼ିଶା, ପିନ୍: ୭୬୧୧୨୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା: ମାଝିଦେରା ଷ୍ଟ୍ରିଟ, ପୋ: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ: ୭୬୧୦୦୪ | **ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬ ପ୍ଲଟ୍ ନଂ.: ୧୬୯୬, କ୍ଷେତ୍ର: ଏକର୦.୦୨୨ଡିସିମିଲି | **୩୧.୦୩.୨୦୧୯** ସୁଦ୍ଧା **ଟ.୬୯,୭୦,୭୦୯/-** ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / **୦୩.୦୪.୦୨୦୧୯** | ଟ. ୩୦,୮୯,୦୦୦/- / ଟ. ୩,୦୮,୯୦୦/- / ଟ. ୫୦,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ପ୍ରଧାନ କନଷ୍ଟ୍ରକ୍ସନ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜନ କୁମାର ପ୍ରଧାନ,** ପିତା: ଲଡୁ ପ୍ରଧାନ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମମତା ପ୍ରଧାନ,** ସ୍ୱାମୀ: : ଶ୍ରୀ ରଞ୍ଜନ କୁମାର ପ୍ରଧାନ, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ୨୫୨/୧୪୧୪, ଫରେଷ୍ଟ ଗେଟ୍ ରୋଡ୍, ମା ସନ୍ତୋଷୀ ମନ୍ଦିର ନିକଟ, ପୋଷ୍ଟ/ଥାନା: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ପିନ୍: ୭୬୧୨୦୦, ଓଡ଼ିଶା | **ଶ୍ରୀମତୀ ମମତା ପ୍ରଧାନ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମସ୍ୱାମୀପୁର, ସବ୍ ଡିଷ୍ଟ୍ରିକ୍ଟ: ପାରଳାଖେମୁଣ୍ଡି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୯୨/୭୫୭, ପ୍ଲଟ୍ ନଂ.: ୨୫୨/୧୪୧୪, କ୍ଷେତ୍ର: ଏକର୦.୦୧୮ ଡିସିମିଲି, କିସମ: ଘରବାରୀ | **୨୨.୦୮.୨୦୧୮** ସୁଦ୍ଧା **ଟ.୨୫,୮୪,୪୭୯/-** ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି/ **୨୩.୦୮.୨୦୧୮** | ଟ. ୩୨,୧୦,୦୦୦/- / ଟ. ୩,୨୧,୦୦୦/- / ଟ. ୫୦,୦୦୦/- |
| ୪. | **ଋଣଗ୍ରହୀତା: ଶ୍ରୀମତୀ ରୁପାଲି ମାଇତି,** ଫ୍ଲାଟ୍ ନଂ.: ୨୦୯, ୨ୟ ମହଲା, ବ୍ଲକ୍ -ବି, ବୈଷ୍ଣୋଦେବୀ ଏନକ୍ଲେଭ୍, ସା: ପାଞ୍ଚଗାଁ, ଭୁବନେଶ୍ୱର - ୭୫୧୦୦୨ | "ବୈଷ୍ଣୋଦେବୀ ଏନ୍‌କ୍ଲେଭ୍" ନାମକ ଆପାର୍ଟମେଣ୍ଟରେ **ଶ୍ରୀମତୀ ରୁପାଲି ମାଇତିଙ୍କ** ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୯, ୨ୟ ମହଲା, ବ୍ଲକ-ବି, ପ୍ରକାର- ୨ବିଆର, ପରିମିତ କାର୍ପେଟ ଏରିଆ: ୮୫୭ ବର୍ଗଫୁଟ / ବିଲ୍ଟ ଏରିଆ: ୧୦୧୦ ବର୍ଗଫୁଟ, ସୁପର ବିଲ୍ଟ ଅପ୍ ଏରିଆ: ୧୩୦୦ ବର୍ଗଫୁଟ, ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ: ଜଟଣୀ, ମୌଜା: ପାଞ୍ଚଗାଁ, ଖାତା ନଂ.: ୪୬୯/୪୦୯, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏକର୦.୫୫୫ଡିସିମିଲି, ସମ୍ପୂର୍ଣ୍ଣ ପ୍ଲଟ୍ ଏବଂ ଖାତା ନଂ.: ୪୬୯/୪୦୮, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର୦.୧୧୫ଡିସିମିଲି, **ସମୁଦାୟ ଗୋଟିଏ ମୌଜା, ୨ଟି ଖାତା, ୨ଟି ପ୍ଲଟ୍ ଏବଂ ସମୁଦାୟ କ୍ଷେତ୍ର: ଏକର୦.୬୭୦ଡିସିମିଲି,** କିସମ: ଘରବାରୀ, କ୍ରେତାଙ୍କ ସପକ୍ଷରେ ଟ୍ରାନ୍ସଫର ହୋଇଥିବା କ୍ଷେତ୍ର ଯାହାକି ଅବିଭକ୍ତ ମୋଟ୍ ଏକର୦.୬୭୦ଡିସିମିଲିରୁ ଏକର୦.୦୧୦.୧୦ଡିସିମିଲି ଅର୍ଥାତ୍ ୪୪୦ ବର୍ଗଫୁଟ ସହିତ ସେଠାରେ ଥିବା ଗୃହ | **୨୮.୦୭.୨୦୨୧** ସୁଦ୍ଧା **ଟ.୩୧,୨୩,୦୮୧/-** ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି/ **୨୮.୦୭.୨୦୨୧** | ଟ. ୨୭,୬୫,୦୦୦/- / ଟ. ୨,୭୬,୫୦୦/- / ଟ. ୫୦,୦୦୦/- |

**କ୍ରମିକ ନଂ ୧ ଏବଂ ୨ର ସମ୍ପତ୍ତି ଭୌତିକ ଦଖଲ ଏବଂ କ୍ରମିକ ନଂ. ୩ ଏବଂ ୪ର ସମ୍ପତ୍ତି ସାଙ୍କେତିକ ଦଖଲରେ ଅଛି।**
**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୧୩.୦୪.୨୦୨୨, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**
**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।**
**ପଞ୍ଜିକରଣ, ଲଗ୍‌ଇନ୍ ଏବଂ ବିଡିଂ ରୁଲ୍ସ ନିମନ୍ତେ https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ**
**ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:**
**www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in**
**ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫**
**ସ୍ଥାନ : ଭୁବନେଶ୍ୱର, ତାରିଖ : ୩୧.୦୩.୨୦୨୨** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DADLS-80

ଓଡ଼ିଶା ସରକାର

# ବିକାଶର ନୂଆ ପରିଭାଷା, ଗଢ଼ିବା ନୂଆ ଓଡ଼ିଶା

- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ରାଜ୍ୟର ୯୬ ଲକ୍ଷ ପରିବାରକୁ ନୂଆ 'ସ୍ମାର୍ଟ ହେଲ୍‌ଥ କାର୍ଡ଼' ଯୋଗାଣ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ଜରିଆରେ ଘରୋଇ ହସପିଟାଲ୍‌ରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଦୈନିକ ହାରାହାରି ୨.୫ କୋଟି ଟଙ୍କା ବ୍ୟୟ କରାଯିବା ସହିତ ଏପର୍ଯ୍ୟନ୍ତ ମୋଟ ୨୩୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି ।
- ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କୁ ମେଡ଼ିକାଲ କଲେଜର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସୁପର ସ୍ପେଶାଲିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା'ର ଶୁଭାରମ୍ଭ ।
- ୨୦୨୧-୨୨ ଅଗ୍ରୀମ ଆକଳନ ଅନୁଯାୟୀ ଜାତୀୟ ଅର୍ଥନୀତି ଅଭିବୃଦ୍ଧି ହାର ୮.୮ ରହିଥିବା ସ୍ଥଳେ ଓଡ଼ିଶାର ଅଭିବୃଦ୍ଧି ହାର ୧୦.୦୧ ପ୍ରତିଶତ ରହିଛି ।
- ମହାମାରୀ ସତ୍ତ୍ୱେ ପୁଞ୍ଜି ନିବେଶ ଅଗ୍ରଣୀ କ୍ଷେତ୍ର ଭାବେ ପରିଗଣିତ ହୋଇ ଓଡ଼ିଶାରେ ବିଗତ ତିନିବର୍ଷ ମଧ୍ୟରେ ୪.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ସହ ୧.୫୩ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ।
- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସଶକ୍ତିକରଣ ପାଇଁ ଆରମ୍ଭ କରାଯାଇଥିବା ଐତିହାସିକ ଆନ୍ଦୋଳନ 'ମିଶନ ଶକ୍ତି'ରେ ୭୦ ଲକ୍ଷ ମହିଳା ସାମିଲ । 'ମିଶନ ଶକ୍ତି ସୁଧ ରିହାତି' ଉପକ୍ରମରେ ୧ ଲକ୍ଷ ୮୬ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୦୨୦-୨୧ ବର୍ଷରେ ୧୨୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ।
- ଡିସେମ୍ବର ୨୦୨୧ ସୁଦ୍ଧା 'କାଳିଆ' ଯୋଜନାରେ ରାଜ୍ୟର ୫୭ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସହାୟତା ପ୍ରଦାନ ।
- '୫-ଟି' 'ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ'ର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧,୦୭୬ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ।
- ଷ୍ଟେଟ୍ ସାଚୁରେସନ୍ ପ୍ଲାନରେ ୫୦ ହଜାର ୨୬୩ କୋଟି ଟଙ୍କାର ପୁଞ୍ଜି ବରାଦ କରାଯାଇ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ପାନୀୟ ଜଳ ସଂଯୋଗର ଲକ୍ଷ୍ୟ ।
- ରାଜ୍ୟର ୬୩ଟି ସହରାଞ୍ଚଳରେ ଶତପ୍ରତିଶତ ପାଇପ୍ ପାନୀୟ ଜଳ ସଂଯୋଗ କରି ଓଡ଼ିଶା ଆଜି ଦେଶର ଏକ ପଥ ପ୍ରଦର୍ଶକ ରାଜ୍ୟ । 'ସିଧାସଳଖ ଟ୍ୟାପ୍‌ରୁ ବିଶୁଦ୍ଧ ପିଇବା ପାଣି ମିଶନ'ରେ ଲଣ୍ଡନ, ଲସ୍‌ଏଞ୍ଜେଲ୍‌ସ ଓ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ସହର ସହିତ ସମକକ୍ଷ ହୋଇଛି ପୁରୀ ସହର ।
- ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ପକ୍କାଘର ପାଇଥିବା ୩୧ ଲକ୍ଷ ହିତାଧିକାରୀ ପରିବାରଙ୍କୁ ଘର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 'ବିଜୁ ପକ୍କାଘର ଯୋଜନା'ରେ ୧,୪୪୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ।
- 'ବସ୍ତି ଉନ୍ନତିକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୭୦ ହଜାର ଭୂମିହୀନ ପରିବାରଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇ ରାଜ୍ୟର ୮ଟି ସହରକୁ ବସ୍ତିଶୂନ୍ୟ କରାଯାଇଥିବାରୁ ରାଜ୍ୟକୁ 'ଏସିଆ ପାସିଫିକ୍ ହାଉସିଂ ଫୋରମ୍ ଇନୋଭେସନ୍ ପୁରସ୍କାର-୨୦୨୧' ପ୍ରଦାନ ।
- କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ ସହିତ କ୍ରୀଡ଼ାବିତ୍‌ମାନଙ୍କୁ ସଶକ୍ତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ୧୨୦ କୋଟି ଟଙ୍କା ବ୍ୟୟରେ ରାଉରକେଲାଠାରେ ନିର୍ମାଣାଧିନ ଦେଶର ସର୍ବବୃହତ୍ 'ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍' ସହିତ କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜିତ ହେବ ।
- ଟୋକିଓ ଅଲମ୍ପିକ୍ସ ୨୦୨୦ରେ ଭାରତୀୟ ହକି ଦଳର ଚମତ୍କାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଗାମୀ ୧୦ ବର୍ଷ ପାଇଁ ଅର୍ଥାତ୍ ୨୦୩୩ ମସିହା ପର୍ଯ୍ୟନ୍ତ ଉଭୟ ଭାରତୀୟ ହକି ଦଳର ପ୍ରାୟୋଜକ ଆମ ରାଜ୍ୟ ଓଡ଼ିଶା ।
- କ୍ରୀଡ଼ା ଓ ଅନ୍ୟାନ୍ୟ ଜନ କଲ୍ୟାଣ ଉଦ୍ଦେଶ୍ୟ ସାଧନ ପାଇଁ ୭୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୮୯ଟି 'ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ୍' ନିର୍ମାଣାଧୀନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0143/2122






କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି



ସୁଜଳ



# ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର

DSPL-442



"ଓଡ଼ିଶାର କୁଶଳୀ ହାତ
ଭାରତର ଆତ୍ମା କରେ ଆଲୋକିତ"

ମୁଖ୍ୟମନ୍ତ୍ରୀ



## ଶ୍ରୀ ଜଗନ୍ନାଥ ସଂସ୍କୃତି କଳାକୃତି ଗ୍ୟାଲେରୀ ର

## ଲୋକାର୍ପଣ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ କରକମଳରେ ।

ସ୍ଥାନ: କଳାଭୂମି, ଭୁବନେଶ୍ୱର
ତାରିଖ: ୦୧ - ୦୪ - ୨୦୨୨
ସମୟ: ସନ୍ଧ୍ୟା ୫ ଘଟିକା ୪୫ ମିନିଟ୍

OIPR-03017/13/0009/2122

ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
ହ୍ୟାଣ୍ଡିକ୍ରାଫ୍ଟସ୍ କଂପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ- ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦, ଓଡିଶା
SIDAC ଦୂରଭାଷ : ୦୬୭୪-୨୩୫୦୩୧୦, ୨୩୫୦୩୧୮.

ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ
ODISHA CRAFTS MUSEUM
କଳାଭୂମି, ଭୁବନେଶ୍ୱର

Azadi Ka Amrit Mahotsav

## ସଂକ୍ଷେପରେ

### ପାଚେରି ନିର୍ମାଣ ଦାବିରେ ସ୍କୁଲ ସମ୍ମୁଖରେ ପ୍ରତିବାଦ

**କଟକ ଅଫିସ,୩୧।୩:** ଦରଘାପାଟଣାସ୍ଥିତ ସତ୍‌ସଙ୍ଗ ହାଇସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ଲାକାର୍ଡ ଧରି ଗୁରୁବାର ପ୍ରତିବାଦ କରିଥିଲେ। ବିଦ୍ୟାଳୟ ପରିସର ସୁରକ୍ଷିତ ରଖିବା ପାଇଁ ପାଚେରି ନିର୍ମାଣ ଲାଗି ସେମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟର ୩ଟି ପାର୍ଶ୍ୱରେ ପାଚେରି ନିର୍ମାଣ ହୋଇଥିବାବେଳେ ଗୋଟିଏ ପାର୍ଶ୍ୱ ଖୋଲା ରହିଛି। ଫଳରେ ଏହି ବାଟ ଦେଇ ବାହାର ଲୋକ ସ୍କୁଲ ମଧ୍ୟକୁ ପ୍ରବେଶ କରୁଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଉକ୍ତ ସ୍ଥାନରେ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏଥିଯୋଗୁ ଏବେ ଉକ୍ତ ସ୍ଥାନରେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ତୁରନ୍ତ ପାଚେରି ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ପାଇଁ ଛାତ୍ରୀଛାତ୍ର ଅଭିଭାବକମାନେ ହୋହଲ୍ଲା କରିଥିଲେ। ମଧୁପାଟଣା ପୋଲିସ ପହଞ୍ଚି ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଆଜିଠୁ ପୁନିତ ସାଗର ଅଭିଯାନ

**କଟକ ଅଫିସ,୩୧।୩:** ନ୍ୟାଶନାଲ କ୍ୟାଡେଟ୍ କର୍ପସ(ଏନ୍‌ସିସି) ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ପୁନିତ ସାଗର ଅଭିଯାନ। ସମୁଦ୍ର ଓ ନଦୀକୂଳରେ ଜମା ହୋଇଥିବା ପ୍ଲାଷ୍ଟିକ୍‌କୁ ସଫା କରି ପୁନଃ ବ୍ୟବହାର ଉପଯୋଗୀ କରିବା ଉଦ୍ଦେଶ୍ୟରେ ଏନ୍‌ସିସି ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯିବ। ୫ ଦିନ ଧରି ଏଭଳି କାର୍ଯ୍ୟକ୍ରମ କରାଯିବା ପାଇଁ ଯୋଜନା ହୋଇଛି। ଏପ୍ରିଲ ୧ରେ ଜଗତ୍‌ପୁରସ୍ଥିତ ବର୍ଜ୍ୟବସ୍ତୁ ରିସାଇକ୍ଲିଂ ପ୍ଲାଣ୍ଟକୁ କ୍ୟାଡେଟମାନେ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨ ତାରିଖରେ ପୁରୀ ବେଳାଭୂମିରେ ପର୍ଯ୍ୟଟକ ଓ ଦୋକାନୀମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯିବ। ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୩ ତାରିଖରେ କଟକରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ପରିବେଷଣ କରାଯିବ। ସେହିପରି ୪ ତାରିଖରେ କ୍ୟାଡେଟ୍‌ମାନେ ମହାନଦୀ ପଠା ସଫେଇ କରିବା ସହ ସ୍ଥାନୀୟ ଅନୁଷ୍ଠାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୫ ତାରିଖରେ ପାରାଦୀପରେ କ୍ୟାଡେଟମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯିବା ଯୋଜନା ରହିଛି ବୋଲି ଏନ୍‌ସିସି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

### ନିଖିଳ ଉତ୍କଳ ବାରିକ ସମିତି ଜିଲା ଶାଖାର ବସନ୍ତ ମିଳନ ଉତ୍ସବ

**କଟକ ଅଫିସ,୩୧।୩:** ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲା ଶାଖା ପକ୍ଷରୁ ବସନ୍ତ ମିଳନ କାର୍ଯ୍ୟକ୍ରମ ଗୁରୁବାର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଜିଲା ସଭାପତି ଅକ୍ଷୟ କୁମାର ବାରିକ ଏଥିରେ ସଭାପତିତ୍ୱ କରି କହିଥିଲେ, ବନ୍ଧୁତ୍ୱ, ଭାଇଚାରା ଦ୍ୱାରା ଜାତି ଆଗକୁ ବଢ଼ିପାରିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ସତ୍ୟନାରାୟଣ ମୁଦୁଲି, ସହସମ୍ପାଦକ ଅମିତ ବାରିକ, ଉପ ସଭାପତି ନବକିଶୋର ବାରିକ, ସନ୍ତୋଷ ବାରିକ, ତ୍ରିନାଥ ବାରିକ, ପ୍ରମୋଦ ବାରିକ, ଲକ୍ଷ୍ମୀପ୍ରିୟା ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କଟକ ଜିଲା ଉପସଭାପତି ପ୍ରଶାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

### ସମୟ ପୂର୍ବରୁ ଧାନମଣ୍ଡି ବନ୍ଦକୁ ବିରୋଧ

**ତିଗିରିଆ,୩୧।୩(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା କୃଷି ସେବା ସମବାୟ ସମିତିର ୫୫ତମ ବାର୍ଷିକ ସାଧାରଣ ସଭା ଉକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଚଳିତବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ସରକାର ଧାନମଣ୍ଡି ବନ୍ଦ କରିଥିବାରୁ ଚାଷୀମାନେ ସଭାରେ ବିରୋଧ କରିଥିଲେ। ଏନେଇ କିଛି ସମୟ ପାଇଁ ହୋହାଲ୍ଲା ହୋଇଥିଲା। ପରିସ୍ଥିତି ଶାନ୍ତ ପଡ଼ିବା ପରେ ସମିତି ସମ୍ପାଦକ ଚନ୍ଦନ ଜେନା ବାର୍ଷିକ ବିବରଣୀ ପ୍ରଦାନ କରଥିଲେ। ଗତ ୩ ବର୍ଷର ସୁଧ ବାବଦକୁ ୪୮ ଲକ୍ଷ ଟଙ୍କା ରାଜ୍ୟ ସରକାର ସମିତିକୁ ପ୍ରଦାନ କରି ନ ଥିବାରୁ ଉପସ୍ଥିତ ଚାଷୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସଭାରେ ନୂଆପାଟଣା ବାଙ୍କୀ ବ୍ୟାଙ୍କ ଶାଖା ପରିଚାଳକ ରମେଶ ସାହୁ, ପ୍ରହ୍ଲାଦ କର, ଧ୍ରୁବଚରଣ ଦାସ, ସାହାଦତ ଖାଁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ୨,୮୨,୮୪୭ କାର୍ଯ୍ୟ ଦିବସରେ ୯୪୭.୨୮ ଲକ୍ଷ ଖର୍ଚ୍ଚ

**ଆଠଗଡ଼/ତିଗିରଆ, ୩୧।୩(ସ୍ୱ.ପ୍ର./ଡି.ଏନ୍.ଏ.)**



ଆଠଗଡ଼ରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ଆଠଗଡ଼ ଓ ତିଗିରିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି) ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ରେ ବିଡିଓ ଅରୁଣ କୁମାର ଦାସ ଅଧ୍ୟକ୍ଷତା କରି କହିଥିଲେ, ଏମ୍‌ଜିଏନ୍‌ଆରଇଜିଏସ୍ ଅନ୍ତର୍ଗତ ବ୍ଲକର ୩୪ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଏସବୁ କାର୍ଯ୍ୟରେ ୭,୧୧୧ ପରିବାରଙ୍କୁ କର୍ମନିଯୁକ୍ତି ଦିଆଯାଇଛି। ବ୍ଲକର ସମୁଦାୟ ୨୩,୭୬୬ ଜବକାର୍ଡ ମଧ୍ୟରୁ ୧୦,୫୦୩ ଜବକାର୍ଡ କାର୍ଯ୍ୟକ୍ଷମ ରହିଛି। ଏହି ଆର୍ଥିକ ବର୍ଷରେ ୧୯,୮୪୯ ବ୍ୟକ୍ତିଙ୍କୁ ୨,୮୨,୮୪୬ କାର୍ଯ୍ୟ ଦିବସ ମାଧ୍ୟମରେ କର୍ମନିଯୁକ୍ତି ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରେ ୨,୧୪୫ ଜଣ ଅନୁସୂଚିତ ଜାତି, ୧,୭୬୬ ଅନୁସୂଚିତ ଜନଜାତି ଏବଂ ଅନ୍ୟମାନଙ୍କ ମଧ୍ୟରେ ୧୫,୯୩୮ ପୁରୁଷ, ୭୯୨୧ ଜଣ ମହିଳା ରହିଛନ୍ତି। ଏଥିପାଇଁ ମୋଟରେ ୯୪୭.୨୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେମାନଙ୍କ ମଧ୍ୟରୁ ୪୮ଜଣ ୧୦୦ ଦିନିଆ କାର୍ଯ୍ୟ ଦିବସ ପୂର୍ଣ୍ଣ କରିଛନ୍ତି। ଏହି ଆର୍ଥିକ ବର୍ଷରେ ୮୭୨ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବାବେଳେ ୧୮୧୨ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବ୍ଲକ ସହକାରୀ ଯନ୍ତ୍ରୀ ସୁବାସ କୁମାର ରାଉତ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ରଞ୍ଜନ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ଼ ବ୍ଲକ ଭାରପ୍ରାପ୍ତ ସହକାରୀ ପ୍ରକଳ୍ପ ଅଧିକାରୀ ଲିପ୍‌ସା ରାଣୀନନ୍ଦ,ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସେହିପରି ତିଗିରିଆରେ ହୋଇଥିବା ଜନଶୁଣାଣିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୫ କୋଟି ୩୦ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଥିଲା । ଏଥିରେ ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ଏହି ଯୋଜନାରେ ମାଷ୍ଟର ପ୍ଲାନ ମାଧ୍ୟମରେ କାମ କଲେ ସୁଫଳ ମିଳିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଣବ ବେହେରା, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ସହାୟକ ଯନ୍ତ୍ରୀ ଅଶୋକ ନନ୍ଦ, ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକାରୀ ସହାୟକ ଲିପ୍‌ସା ରାଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଅନୁଷ୍ଠିତ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# 'ଶିକ୍ଷକ ବନମାଳୀ ଥିଲେ ସମାଜ ସଂସ୍କାରକ'

**କଟକ ଅଫିସ,୩୧।୩**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଶିକ୍ଷାବିତ୍ ସତ୍ୟକାମ ମିଶ୍ର ଏହାକୁ ଉନ୍ମୋଚନ କରି କହିଥିଲେ, ଶିକ୍ଷକ ଗୌରବ ବନମାଳୀ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ସମାଜ ସଂସ୍କାରକ। ଶିକ୍ଷକମାନଙ୍କର ଯେଉଁ ସାମାଜିକ ଦାୟିତ୍ୱବୋଧ ରହିଛି ସେଥିପ୍ରତି ନିଷ୍ଠାର ସହ କାର୍ଯ୍ୟ କଲେ ସାମାଜିକ ଅସଂହତି ଦୂର ହୋଇପାରିବ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ କହିଥିଲେ, ବନମାଳୀ ବ୍ରହ୍ମଚାରୀ ଗାନ୍ଧୀବାଦରେ ବିଶ୍ୱାସ କରୁଥିଲେ। ସେ ଅନ୍ୟମାନଙ୍କ ପାଇଁ ଚିରକାଳ ଆଦର୍ଶ ହୋଇ ରହିବେ ବୋଲି ଦାଶ କହିଥିଲେ। ସମ୍ମାନିତ ଅତିଥି ପଣ୍ଡିତ ଚୈତନ୍ୟ କୁମାର ସାହୁ କହିଥିଲେ, ଶିକ୍ଷକ ବନମାଳୀ କେବେହେଲେ ସଦାଚାର ଓ ସତ୍‌କର୍ମରୁ ବିଚ୍ୟୁତ ହୋଇ ନ ଥିଲେ। ଅସହାୟ ଲୋକଙ୍କ ସେବା କରିବା ଥିଲା ତାଙ୍କର ପରମଧର୍ମ। ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପ୍ରକାଶ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ମଧ୍ୟାହ୍ନଭୋଜନ ଅର୍ଥ ହଡ଼ପ ଅଭିଯୋଗ

**ତିଗିରିଆ,୩୧।୩(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ପାଇଁକିଆରା ଗ୍ରାମର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଅର୍ଥ ହଡ଼ପ କରାଯାଇଛି। ଏନେଇ ଗ୍ରାମର ମା'ଶାରଳା ଏସ୍‌ଏଚ୍‌ଜି(ସ୍ୱୟଂ ସହାୟିକା ଗୋଷ୍ଠୀ)ର ସଦସ୍ୟାମାନେ ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମା'ଶାରଳା ଏସ୍‌ଏଚ୍‌ଜି ପକ୍ଷରୁ ଉକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇଥାଏ। ଏ ବାବଦରେ ଏସ୍‌ଏସ୍‌ଜିର ଜମାଖାତାରେ ପ୍ରତିମାସରେ ୭୫୦ ଟଙ୍କା ଜମା କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ସହ କଥାବାର୍ତ୍ତା ହୋଇଥିଲା। ହେଲେ ଜମା ଖାତା ଦେଖିଲାବେଳକୁ ସେଥିରେ କୌଣସି ଟଙ୍କା ନ ଥିଲା। ଏନେଇ ଗୀତାଞ୍ଜଳିଙ୍କୁ ପଚାରିବାରୁ କହିଥିଲେ, କରୋନା ଯୋଗୁ ବିଦ୍ୟାଳୟ ବନ୍ଦ ଥିଲା। ଏହି ସମୟରେ ଛାତ୍ରୀଛାତ୍ରଙ୍କୁ ରାଶନ ବାବଦ ଅର୍ଥ ଘରେ ଦିଆଯାଉଥିଲା। ଏଥିଯୋଗୁ ଉକ୍ତ ଟଙ୍କା ସେ କେଉଁଠୁ ଦେବେ ବୋଲି କହିଛନ୍ତି। ଏ ବାବଦରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତାଙ୍କୁ ପଚାରିବାରୁ କହିଥିଲେ, ଏନେଇ ଅଭିଯୋଗ ହୋଇଛି, ଏହାର ତଦନ୍ତ କରାଯିବ।

### ମଜୁରି ଠିକ୍‌ଭାବେ ମିଳୁ ନ ଥିବାରୁ ବୁଣାକାରଙ୍କ ହୋହାଲ୍ଲା

**ତିଗିରିଆ, ୩୧।୩ (ଡି.ଏନ୍.ଏ.)**

ତିଗିରିଆ ବ୍ଲକର ନୂଆପାଟଣା ନଂ.୧ ବୁଣାକାର ସମିତିର ୭୩ ତମ ବାର୍ଷିକ ସାଧାରଣ ସଭା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେନ୍ଦ୍ର କୁମାର କୁଣ୍ଡୁ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ସମିତି ସମ୍ପାଦକ ହେମନ୍ତ କୁଣ୍ଡୁ ବାର୍ଷିକ ବିବରଣୀ ପାଠ କରିଥିଲେ। କରୋନା ସମୟରେ ବୁଣାକାର ସେମାନଙ୍କ ବୁଣା ମଜୁରି ଠିକ୍ ଭାବରେ ପାଇପାରୁ ନ ଥିବାରୁ ହୋ ହାଲ୍ଲା ହୋଇଥିଲା। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସଭାରେ ବୁଣାକାର ବିଭାଗ ପ୍ରଶାସକ ରବିନାରାୟଣ ଜେନା, ବୈଷୟିକ ସହାୟକ କୈଳାସ ଚନ୍ଦ୍ର ସ୍ୱାଇଁ, ଅବିନାଶ ସେଠୀ, ହିସାବ ରକ୍ଷକ ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅନନ୍ତ ଚରଣ ସାହୁ ଗୁରୁବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି।

# ବେଆଇନ ଲିଙ୍ଗ ନିରୂପଣ କ୍ଲିନିକ୍‌ରେ ଚଢ଼ାଉ ହେବ

**କଟକ ଅଫିସ,୩୧।୩**

**ପିସି ଓ ପିଏନଡିଟି ଆକ୍ଟ ଜିଲାସ୍ତରୀୟ ପରାମର୍ଶଦାତା ମଣ୍ଡଳୀ ବୈଠକ**

ଗର୍ଭାବସ୍ଥାରେ ଶିଶୁର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ। ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା କ୍ଲିନିକ୍‌ରେ ସ୍ୱାସ୍ଥ୍ୟ ବିଭାଗ, ଜିଲା ଓ ପୋଲିସ ପ୍ରଶାସନ ମିଳିତ ଭାବେ ଚଢ଼ାଉ କରିବାକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ନିର୍ଦ୍ଦେଶ ଦେଇଛନ୍ତି। ପିସି ଓ ପିଏନ୍‌ଡିଟି ଆକ୍ଟ ଜିଲାସ୍ତରୀୟ ପରାମର୍ଶଦାତା ମଣ୍ଡଳୀ ବୈଠକ କଟକ ଜିଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ ଅଧ୍ୟକ୍ଷତା କରି ୨୦୧୨ ମସିହାରୁ ଜିଲାରେ ଥିବା ଅଲ୍‌ଟ୍ରାସାଉଣ୍ଡ ମେଶିନଗୁଡିକର ସ୍ଥିତି ପରଖିବାକୁ କହିଥିଲେ। ଏଥିସହ ଲିଙ୍ଗଗତ ଭେଦ ଓ ସ୍ୱାକ୍ଷରତାଜନିତ ସଚେତନତା ସମ୍ପର୍କରେ ଦମ୍ପତିଙ୍କୁ ଅବଗତ କରାଇବା ଦିଗରେ ଆଶାକର୍ମୀମାନେ ତତ୍ପରତା ପ୍ରକାଶ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଆଇନଜୀବୀ ପି.କେ. ନାୟକ, ଦେବାଶିଷ ମହାକୁଡ ପ୍ରମୁଖ ଯୋଗଦେଇ ପିସି ଓ ପିଏନ୍‌ଡିଟି ଆକ୍ଟ ପାଳନ ଉପରେ ଆଲୋଚନା କରିଥିଲେ। ଏଥିରେ ଅଲ୍‌ଟ୍ରାସାଉଣ୍ଡ ନବୀକରଣ ପାଇଁ ଆସିଥିବା ଦରଖାସ୍ତ, ନୂତନ ଦରଖାସ୍ତ, ଅନ୍‌ଲାଇନ୍ ପୋର୍ଟାଲରେ ଡାଟା ଅପଡେସନ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ଅଳକାରାଣୀ ଦେବତା, ପ୍ରୋଜେକ୍ଟ ସ୍ୱରାଜ୍ୟର କର୍ମକର୍ତ୍ତା ଦେବେନ୍ଦ୍ର ପ୍ରସାଦ ମହାନ୍ତି, ଡା. ମମତା ମହାପାତ୍ର, ଏସିପି ପ୍ରଣିତା ପଟ୍ଟନାୟକ, ଡା.ଅକ୍ଷୟ କୁମାର ଶତପଥୀ ଉପସ୍ଥିତ ଥିଲେ।

# ୭ରେ ମହାଷଷ୍ଠୀ ପୂଜା, ୧୨ରେ ଭାସାଣି



କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

**କଟକ ଅଫିସ,୩୧।୩**

**ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ**

ଏପ୍ରିଲ ୭ ତାରିଖରେ ବାସନ୍ତୀ ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ଅନୁଷ୍ଠିତ ହେବ। ୧୨ ତାରିଖରେ ଭସାଣି ଉତ୍ସବ ହେବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ଗୁରୁବାର ସ୍ଥାନୀୟ ଶତାବ୍ଦୀ ଭବନରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗ ଦେଇଥିଲେ। ଗତ ଦୁଇବର୍ଷ କରୋନା କଟକଣା ଯୋଗୁ ଯାନିଯାତ୍ରାଗୁଡିକ ପାଳନ କରିବା ସମ୍ଭବ ହୋଇ ନ ଥିଲା। ହେଲେ ଚଳିତବର୍ଷ କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ପୂର୍ବଭଳି ଯାନିଯାତ୍ରା ପାଳନ କରିବା ପାଇଁ ସାଧାରଣ ସମ୍ପାଦକ ଭିକାରୀ ଦାସ ଜିଲା ଓ ପୋଲିସ ପ୍ରଶାସନର ସହଯୋଗ କାମନା କରିଥିଲେ। ଆସନ୍ତା ୧୧ ଓ ୧୨ ତାରିଖ ଦୁଇ ଦିନ ମଧ୍ୟରେ ସମସ୍ତ ମେଢ ଶୋଭାଯାତ୍ରାରେ ନଗର ପରିକ୍ରମା କରି ପୁରୀଘାଟସ୍ଥିତ ଦେବୀଗଡାରେ ବିସର୍ଜିତ ହେବା ପାଇଁ ବୈଠନରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଏସିପି କୃଷ୍ଣପ୍ରସାଦ ଦାସ, ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ବିଜୟ ଦାଶ, ବାସନ୍ତୀ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ବିଜୟ ବେହେରା, ଧର୍ମେଶ ନାୟକ, ନରେଶ ସାହୁ, ରାଧାଶ୍ୟାମ ବେହେରା, ପ୍ରଭାକର ସାସମଲ, ମନୋରଞ୍ଜନ ନାଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଘରୋଇ ସ୍କୁଲରେ ପାଳନ ହେଉନି କୋଭିଡ୍ ଗାଇଡ୍‌ଲାଇନ

**କଟକ ସଦର, ୩୧।୩(ଡି.ଏନ୍.ଏ.)**

କୋଭିଡ୍ କଟକଣା କୋହଳକୁ ଦୃଷ୍ଟିରେ ରଖି କଟକ ସଦର ବ୍ଲକ ଅଞ୍ଚଳରେ ସମସ୍ତ ଘରୋଇ ସ୍କୁଲ ଖୋଲିସାରିଛି। ମାତ୍ର ଅଧିକାଂଶ ସ୍କୁଲରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରାଯାଉନାହିଁ ବୋଲି କିଶନନଗର ଅଞ୍ଚଳର କେତେଜଣ ଅଭିଭାବକ ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରେଣୀଗୃହରେ ସାମାଜିକ ଦୂରତା ରଖି ପିଲାମାନଙ୍କୁ ବସାଯିବା ସହିତ ପ୍ରତିଦିନ ଥର୍ମାଲ ସ୍କାନିଂ କରାଯିବା କଥା। ଫଳରେ ବିନା ଆଶଙ୍କାରେ ପିଲାମାନେ ସୁରୁଖୁରୁରେ ପାଠ ପଢିପାରିବେ। ମାତ୍ର ଗାଇଡ୍‌ଲାଇନ୍ ପାଳନ ହେଉ ନ ଥିବାରୁ ଅଭିଭାବକମାନେ ଚିନ୍ତାରେ ପଡିଯାଇଛନ୍ତି। ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଘରୋଇ ସ୍କୁଲ ବୁଲିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ ବୋଲି ଜଣେ ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ବିଇଓ ସରସ୍ୱତୀ କାନୁନ୍‌ଗୋ କହିଛନ୍ତି, ଏବେ ନିର୍ବାଚନ ସରିଯାଇଥିବାରୁ ଘରୋଇ ସ୍କୁଲଗୁଡ଼ିକରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ହେଉଛି କି ନାହିଁ ତାହାର ଯାଞ୍ଚ କରାଯିବ।

# ବିନା ସୂଚନାରେ ଜନଶୁଣାଣି

**କଟକ ସଦର,୩୧।୩(ଡି.ଏନ୍.ଏ.)**

କଟକସଦର ବ୍ଲକସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ସମ୍ପର୍କିତ ଜନଶୁଣାଣି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷା ଅମ୍ବିକା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବ ନିର୍ବାଚିତ ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଜନଶୁଣାଣି ଜନସାଧାରଣ ଓ ଜବ୍‌କାର୍ଡଧାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ସେମାନେ ଏଠାରେ ଉପସ୍ଥିତ ରହି ଅଭିଯୋଗ ଜଣାଇଥାନ୍ତେ। ହେଲେ ଏ ସମ୍ପର୍କରେ ଠିକ୍ ଭାବେ ୨୩ଟି ପଞ୍ଚାୟତର ଜନସାଧାରଣଙ୍କ ନିକଟରେ ସୂଚନା ପହଞ୍ଚିପାରି ନ ଥିବାରୁ ଜନଶୁଣାଣି କାର୍ଯ୍ୟକ୍ରମରେ କମ୍ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା।

୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ୧ କୋଟି ୫୩ ଲକ୍ଷ ୨୭ ହଜାର ଟଙ୍କା ଖର୍ଚ୍ଚ କରାଯାଇ ୮୫,୬୫୯ କର୍ମ ଦିବସ ସୃଷ୍ଟି କରାଯାଇଥିଲା। ଜଣେ ଶ୍ରମିକ ଦିନକୁ ୧୦୦ ଫୁଟ ମାଟି ଖୋଳିଲେ ୨୦୭ ଟଙ୍କା ମଜୁରି ପାଇବ। ବ୍ଲକ ଅଞ୍ଚଳରେ ଏତେ ମାଟି କୁଆଡୁ ଆସିଲା ବୋଲି ବ୍ଲକ ସାମାଜିକ ସମୀକ୍ଷକ ସୌଦାମିନୀ ମହାନ୍ତିଙ୍କୁ କେତେଜଣ ସରପଞ୍ଚ ପ୍ରଶ୍ନ ପଚାରିଥିଲେ। ହେଲେ ଏ ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏହାଛଡା ଖାଦ୍ୟ ନିରାପତ୍ତା ଯୋଜନାରେ ମୃତବ୍ୟକ୍ତିଙ୍କ ନାମରେ ଚାଉଳ ଉଠା ଯାଉଥିବା ଲୋକ ପ୍ରତିନିଧିମାନେ ପ୍ରଶ୍ନ ଉଠାଇଥିଲେ। ନବ ନିର୍ବାଚିତ ଜନପ୍ରତିନିଧିମାନେ ବିଶେଷ କିଛି ଜାଣି ନ ଥିବାରୁ ଶୁଣାଣି ସେତେଟା ଆକର୍ଷଣୀୟ ହୋଇପାରି ନ ଥିଲା। ଏହି ଶୁଣାଣିରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ ଯନ୍ତ୍ରୀ ବିକାଶ ଭୂୟାଁ, ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଲୋକଙ୍କ ଅନୁପସ୍ଥିତି ସମ୍ପର୍କରେ ଅତିରିକ୍ତ ବିଡିଓ ବାରିକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# 'ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ଜାରି ରହିବ'

**କଟକ ଅଫିସ, ୩୧।୩**


ଅଖିଳ ଭାରତୀୟ କନ୍‌ଷ୍ଟ୍ରକ୍ସନ ମଜଦୁର ମହାସଂଘ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଅଖିଳ ଭାରତୀୟ କନ୍‌ଷ୍ଟ୍ରକ୍ସନ ମଜଦୁର ମହାସଂଘର ଦୁଇଦିନିଆ ସର୍ବଭାରତୀୟ ସମ୍ମିଳନୀ କଟକ ବାରବାଟୀ ଷ୍ଟାଡିୟମସ୍ଥିତ କ୍ଲବ ହାଉସ୍‌ଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କ ରାଜ୍ୟର ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ସେହିପରି ମହାସଂଘ ଏବଂ ରାଜ୍ୟ ସଂଘ ମଧ୍ୟରେ ସମନ୍ୱୟ ରକ୍ଷାକରି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ଉପସଭାପତି ଜୟନ୍ତୀ ଲାଲ୍‌ଜୀ ଯୋଗଦେଇ କହିଥିଲେ, ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ସେଗୁଡିକ ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରୁନାହାନ୍ତି। ନିର୍ମାଣ ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ମାତ୍ର ଶ୍ରମିକ କଲ୍ୟାଣ ବୋର୍ଡକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ମହାସଂଘର ସର୍ବଭାରତୀୟ ସଭାପତି ସି.ପି. ପାଟିଲ, ସଙ୍ଗଠନ ସମ୍ପାଦକ ବସନ୍ତ କୁମାର ସାହୁ, ମହିଳା ଶାଖା ନେତ୍ରୀ ଜ୍ୟୋତ୍ସ୍ନା ସିଂ, ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ପରେ ମହାସଂଘର ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ମହାସଂଘର ସର୍ବଭାରତୀୟ ସଭାପତି ଭାବେ ମୁରାରୀ ପ୍ରସାଦ, କେନ୍ଦ୍ରୀୟ ଉପସଭାପତି ଭାବେ ସୁନନ୍ଦା ନାଥ, ସମ୍ପାଦକ ଭାବେ ଅରୁଣ କୁମାର ଲେଙ୍କା, ସ୍ୱତନ୍ତ୍ର ପ୍ରତିନିଧି ଭାବେ ବସନ୍ତ କୁମାର ସାହୁ ମନୋନୀତ ହୋଇଥିଲେ।

**ସେବାୟନ ଡାଇବେଟିସ୍ ସେଣ୍ଟର ପ୍ରତିଷ୍ଠା ଦିବସ ପାଳିତ**

ପୁରୀ ଅଫିସ: ଚିକିତ୍ସକ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସେବାୟନ ଡାଇବେଟିସ୍ ସେଣ୍ଟରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଡା. ହରିବଲ୍ଲଭ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଆଇନଜୀବୀ ଶ୍ୟାମସୁନ୍ଦର ହୋତା, ବ୍ୟାଙ୍କ ଅଧିକାରୀ ଶଙ୍କର ପଣ୍ଡା, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସୂର୍ଯ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବହୁ ମଧୁମେହ ରୋଗୀଙ୍କ ଥାଇରଏଡ୍, ୟୁରିନ୍, ଇସିଜି ପରୀକ୍ଷା କରାଯାଇଥିଲା। ଡା. ସ୍ମୃତିରେଖା ବେହେରା, ଡା. ପ୍ରୀତି ପ୍ରିୟଦର୍ଶିନୀ ପୃଷ୍ଟି, ଡା. ସୁନୀଲ ପ୍ରଧାନଙ୍କୁ ୨ହଜାର ଟଙ୍କା ଏବଂ ୪ଜଣ ଛାତ୍ରୀଛାତ୍ରଙ୍କୁ ୧୫ଶହ ଟଙ୍କା ସହ ସ୍ମାରକୀ ପ୍ରଦାନ କରାଯାଇଥିଲା। ଡା. ମୁନମୁନ ଦାସଗୁପ୍ତା, ମହେଶ୍ୱର ସାହୁ, ଦେବୀପ୍ରସାଦ ମହାନ୍ତି, ରବିନାରାୟଣ ମହାପାତ୍ର, ସଞ୍ଜୟ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମରନାଥ ଗୁରୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗୋ ମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

ନିମାପଡ଼ା,୩୧।୩(ଡି.ଏନ୍.ଏ.)- ନିମାପଡ଼ା ମହିଳା କଲେଜ ଛକ ରାସ୍ତା ଦେଇ ଗୁରୁବାର ଏକ ଗୋମାଂସ ବୋଝେଇ ପିକ୍‌ଅପ ଭ୍ୟାନ୍ ଯାଉଥିଲା। ସ୍ଥାନୀୟ ଲୋକେ ଏହା ଜାଣିପାରି ଉକ୍ତ ଗାଡ଼ିକୁ ଅଟକାଇ ପୋଲିସକୁ ଜଣାଇଥିଲେ। ନିମାପଡ଼ା ପୋଲିସ ପହଞ୍ଚି ଗୋମାଂସ ବୋଝେଇ (ନଂ. ଓଡି ୦୨ ଡବ୍ଲ୍ୟୁ ୭୪୬୭) ପିକଅପ୍ ଭ୍ୟାନକୁ ଜବତ କରିଛି। ଏହି ଭ୍ୟାନରେ ୮/୯ କୁଇଣ୍ଟାଲ ଗୋମାଂସ ଥିବା ଉକ୍ତ ବେପାରୀଙ୍କଠାରୁ ଜଣାପଡ଼ିଛି। ଏ ସମ୍ପର୍କରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ନିମାପଡ଼ା ଶାଖାର କର୍ମକର୍ତ୍ତା ଶୁଭ୍ରଜିତ ବାରିକ, ନୀହାର ମହାରଣା, ରଞ୍ଜନ କୁମାର ପ୍ରଧାନ, ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ. ୯୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଗାଡ଼ିକୁ ଅଟକାଇବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଉତ୍ୟକ୍ତ ଲୋକେ ଗୋ ମାଂସ ବେପାରୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। କାକଟପୁର ଅଞ୍ଚଳରୁ ଗୋମାଂସ ଖୋର୍ଦ୍ଧା ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ନିମାପଡ଼ାଠାରେ ଗୋମାଂସ ବୋଝେଇ ପିକଅପ୍ ଭ୍ୟାନଟି ଧରାପଡ଼ିଥିଲା। ଗୋ ସମ୍ପଦ ଚାଲାଣକୁ ରୋକିବା ଦିଗରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ପୋଲିସ ପ୍ରଶାସନଠାରେ ଦାବି କରିଛନ୍ତି।

### ଶ୍ରୀମନ୍ଦିରର ୩ କର୍ମଚାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ପୁରୀ ଅଫିସ ୩୧।୩ - ଶ୍ରୀମନ୍ଦିର ପ୍ରଶାସନର ଶ୍ରୀମନ୍ଦିର କମାଣ୍ଡର ରବି ମିଶ୍ର, ଶ୍ରୀମନ୍ଦିରର କାହାଳିଆ ସେବକ ତଥା ଶ୍ରୀମନ୍ଦିର ପୋଲିସ ନବକିଶୋର ମହାନ୍ତି ଏବଂ କୁମାରୀ ଲକ୍ଷ୍ମୀପ୍ରୟା ଖୁଣ୍ଟିଆ ଗୁରୁବାର ଶ୍ରୀମନ୍ଦିର ସେବାରୁ ଅବସର ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅବସର ଗ୍ରହଣ କରିଥିବା ୩ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଶ୍ରୀମନ୍ଦିର ସମ୍ମିଳନୀ କକ୍ଷ ପରିସରରେ ଦିଆଯାଇଥିଲା। ସଭାରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀମାନେ ଉକ୍ତ ୩ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଶେଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ୍ କୁମାର ଜେନା, ସୁରକ୍ଷା ପ୍ରଶାସକ ଭି.ଏସ.ଚନ୍ଦ୍ରଶେଖର ରାଓ ଏବଂ ରାଜସ୍ୱ ଉପପ୍ରଶାସକ ସୁବ୍ରତ କୁମାର ବେହେରା ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ଉପଢୌକନ ସହ ମାନପତ୍ର ଦେଇ ଅବସର ନେଇଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ରବୀନ୍ଦ୍ର କୁମାର ଦାସ, ସରୋଜ କାନ୍ତ ରଥ, ଶୁଭ୍ରାଂଶୁ ଶେଖର ପାଢ଼ୀ, ବକ୍ସି ରାମଚନ୍ଦ୍ର ପ୍ରତିହାରୀ, ଶ୍ରୀମନ୍ଦିର ନୂତନ କମାଣ୍ଡର ଦାୟିତ୍ୱରେ ଥିବା ସୁଧାଂଶୁ ଶେଖର ପଟ୍ଟନାୟକ, ଜାନକୀ କରୁଣା ଦେବୀ, ରାମନାରାୟଣ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ଅରୁଣ ରଞ୍ଜନ ପାଣିଗ୍ରାହୀ, ସୁଦର୍ଶନ ସାହୁ ଏବଂ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସିଦ୍ଧ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଫିଟୁଛି ବାଟ

**ବିସ୍ଥାପିତଙ୍କ କ୍ଷତିପୂରଣ ରାଶି ବୃଦ୍ଧି**

ପୁରୀ ଅଫିସ,୩୧।୩:

ପୁରୀ-କୋଣାର୍କ ମୁଖ୍ୟ ରାସ୍ତାରେ ସିଦ୍ଧମହାବୀର ରେଳ ଓଭରବ୍ରିଜ ନିର୍ମାଣ ପାଇଁ ବାଟ ଫିଟିଛି। ଏଥିନିମନ୍ତେ ଜିଲାପାଳ ସମର୍ଥ ବର୍ମା ଗୁରୁବାର ବିସ୍ଥାପିତଙ୍କ ସହ ଆଲୋଚନା କରି କ୍ଷତିପୂରଣ ରାଶି ବଢ଼ାଇଛନ୍ତି। ସିଦ୍ଧମହାବୀର ମନ୍ଦିର ପାଖରେ ଥିବା ରେଳଫାଟକ ସଦାସର୍ବଦା ଗହଳି ପାଇଁ ସହର ତଥା ଜିଲାବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରିକାଳୀନ ସେବା ପାଇଁ ମଧ୍ୟ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ଏଠାରେ ଓଭରବ୍ରିଜ ନିର୍ମାଣ ନେଇ ଯୋଜନା ହୋଇଥିଲେ ମଧ୍ୟ ବିସ୍ଥାପିତମାନେ କ୍ଷତିପୂରଣ ରାଶି ସହ ସନ୍ତୁଷ୍ଟ ହେଉ ନ ଥିଲେ। ଫଳରେ ବ୍ରିଜ୍ ନିର୍ମାଣ ପ୍ରକ୍ରିୟା ଆଗେଇପାରୁ ନ ଥିଲା। ଶହେ ବର୍ଗ ଫୁଟ୍‌ରୁ ଅଧିକ ଜାଗାରେ ଥିବା ଦୋକାନୀଙ୍କୁ ୨ଲକ୍ଷ ୨୫ ହଜାର ଓ ଏହାଠାରୁ କମ୍ ଜାଗାରେ ଥିବା ଦୋକାନୀଙ୍କୁ ୧ ଲକ୍ଷ ୨୫ ହଜାର ଦିଆଯିବ ବୋଲି ଜିଲା ପ୍ରଶାସନ ନିଷ୍ପତ୍ତି କରିଛି।

ଏ ସମ୍ପର୍କରେ ରେଳ ଓଭରବ୍ରିଜ୍ କ୍ରିୟାନୁଷ୍ଠାନ କମିଟିର ଆବାହକ ବିଶ୍ୱନାଥ ଦାଶ କହିଛନ୍ତି, ଜିଲା ପ୍ରଶାସନର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏବେ ତ୍ୱରିତ ବେଗରେ ଓଭରବ୍ରିଜ୍ ନିର୍ମାଣ ହେବା ଦରକାର। ବିସ୍ଥାପିତ ସୁରକ୍ଷା ମଞ୍ଚର ଆବାହକ ସୁକାନ୍ତ ପ୍ରଧାନ କହିଛନ୍ତି, ସମସ୍ତ ବିସ୍ଥାପିତଙ୍କୁ ଗୋଟିଏ ଶ୍ରେଣୀଭୁକ୍ତ କରି କ୍ଷତିପୂରଣ ଦେବା ପରେ ଓଭରବ୍ରିଜ ନିର୍ମାଣ ହେଉ। ପୁରୀ ସହରର ଏହା ପ୍ରମୁଖ ସମସ୍ୟା ହୋଇଥିବା ବେଳେ ସରକାର ଯତ୍ନଶୀଳ ହୋଇ ବିବାଦ ତୁଟାଇ କାର୍ଯ୍ୟ ଆଗକୁ ବଢ଼ାନ୍ତୁ ବୋଲି ସେ କହିଛନ୍ତି। ନିର୍ମାଣ ହେବାକୁ ଥିବା ରେଳ ଓଭରବ୍ରିଜ୍‌ର ଲମ୍ବ ୬୩.୮୪ ମିଟର ଓ ଓସାର ୨୪ ମିଟର। ଓଭରବ୍ରିଜ୍‌ରେ ଡ୍ରେନେଜ୍ ଓ ସର୍ଭିସ୍ ରୋଡ୍‌ର ବ୍ୟବସ୍ଥା ମଧ୍ୟ ରହିବ। ଓଭରବ୍ରିଜ୍ ନିର୍ମାଣ ପାଇଁ ୨.୬୬ ଏକର ଜମିର ଆବଶ୍ୟକତା ଥିବାବେଳେ ରାସ୍ତାର ଲମ୍ବ ୯ ଶହ ମିଟର ଓ ୨ ପାର୍ଶ୍ୱରେ ରାସ୍ତା ନିର୍ମାଣ ପାଇଁ ୮୦ ଫୁଟ୍ ଚଉଡ଼ାର ଜମି ଅଧିଗ୍ରହଣ କରାଯିବ। ଏଥିରେ ସିଦ୍ଧମହାବୀର, ମାଟିଆପଡ଼ା, କୁମୁଟିପାଟଣା, ବାଲୁଖଣ୍ଡ ୪ ମୌଜାର ୧୬୧ଜଣ ବିସ୍ଥାପିତଙ୍କୁ କ୍ଷତିପୂରଣ ଦିଆଯିବା ନେଇ ଯୋଜନା ହୋଇଛି। ଅଧିକାଂଶ ଜମିର ମାଲିକାନା ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବାରୁ ଜମି ଅଧିଗ୍ରହଣରେ ସମସ୍ୟା ହେଉଛି। ସେହିଭଳି ବ୍ରିଜ୍ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେଉଛି। ବିସ୍ଥାପିତଙ୍କ ସହ ଆଲୋଚନା ପରେ ଏକ ସଂଶୋଧିତ କ୍ଷତିପୂରଣ ରାଶି ନିର୍ଦ୍ଧାରିତ ହୋଇଛି। ସଂଶୋଧିତ କ୍ଷତିପୂରଣ ସମ୍ପର୍କିତ ତଥ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପଠାଯାଇଛି। ସେଠାରୁ ଅନୁମୋଦନ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ରେଳ ଓଭରବ୍ରିଜ ନିର୍ମାଣ ପାଇଁ ନିଷ୍ପତ୍ତିକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ୍ୟ କାର୍ଯ୍ୟ ଆଗେଇପାରୁ ନାହିଁ। ଏହି କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାହାକୁ ନେଇ ଆଶଙ୍କାରେ ରହିଛନ୍ତି ସହରବାସୀ।



ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ପିପିଲି ଏନ୍‌ଏସି ମାର୍କେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ପ୍ରତି ସାହିକୁ ମିଳିବ ୧ ଲକ୍ଷ ପ୍ରୋତ୍ସାହନ ରାଶି



ସାହିଯାତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ ।

**ସାହିଯାତ ପ୍ରସ୍ତୁତି ବୈଠକ**

ପୁରୀ ଅଫିସ, ୩୧।୩

ଏପ୍ରିଲ ୧୦ ଠାରୁ ୨୪ତାରିଖ ପର୍ଯ୍ୟନ୍ତ ପୁରୀରେ ସାହିଯାତ ଅନୁଷ୍ଠିତ ହେବ। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସାହିଯାତ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ସାହିକୁ ଯାତ ନିମନ୍ତେ ଏକ ଲକ୍ଷ ଟଙ୍କା ପ୍ରୋତ୍ସାହନ ମୂଳକ ରାଶି ପ୍ରଦାନ କରିବାକୁ ଜିଲାପାଳ ଘୋଷଣା କରିଛନ୍ତି। ଏହା ପୂର୍ବରୁ ସମ୍ପୃକ୍ତ ସାହିର ରାସ୍ତା ମରାମତି ଓ ଆଲୋକୀକରଣ ନିମନ୍ତେ ପୌରସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଶୃଙ୍ଖଳା ନିମନ୍ତେ ଆବଶ୍ୟକ ପୋଲିସ ମୁତୟନ କରାଯିବ। ପାରସ୍ପରିକ ସହଯୋଗ ନିମନ୍ତେ ୮ସାହି ଆଖଡାର ମୁରବୀମାନଙ୍କୁ ନେଇ କମିଟି ଗଠନ କରାଯିବ। ସାହିର କେଉଁ ରାସ୍ତାରେ ସାହିଯାତ ସେନେଇ ସମ୍ପୃକ୍ତ ସାହିଗୁଡିକ ପ୍ରଶାସନକୁ ରୁଟ ଚାଟ୍ ପ୍ରଦାନ କରିଛନ୍ତି। ସେହିପରି ମେଢ ବାହାର କରିବା ନିମନ୍ତେ ସମୟ ନିର୍ଘଣ୍ଟ କରାଯିବ । ଉପ ଜିଲାପାଳ ଭବତାରଣ ସାହୁ ବୈଠକ ପରିଚାଳନା କରିଥିଲେ। ବୈଠକରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଡିଆଇବି ଇନ୍ସପେକ୍ଟର ଗାୟତ୍ରୀ ମିଶ୍ର ଏବଂ ସମସ୍ତ ସାହି ଆଖଡା ମୁରବି ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଦୋକାନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ କାୟାକଳ୍ପ ପୁରସ୍କାର

ପୁରୀ ଅଫିସ,୩୧।୩

ଚଳିତବର୍ଷ ଜିଲାର କାକଟପୁର ବ୍ଲକ୍ କାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ବାଲିଦୋକାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର ପ୍ରଥମଥର ପାଇଁ କାୟାକଳ୍ପ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି। ଏଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଆୟୁଷ ଚିକିତ୍ସାଧିକାରୀ ଡା. ସୌମ୍ୟକାନ୍ତ ପଣ୍ଡା, ଫାର୍ମାସିଷ୍ଟ ସ୍ୱାଗତିକା ମହାପାତ୍ର ଏବଂ ଅନ୍ୟ ସମସ୍ତ ସହ କର୍ମଚାରୀବୃନ୍ଦଙ୍କ ପ୍ରଚେଷ୍ଟା ଫଳରେ ଏହା ସଫଳ ହୋଇପାରିଛି। ଡା. ସୌମ୍ୟକାନ୍ତ ପଣ୍ଡାଙ୍କ କହିବାନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଆଶିଷ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇପାରିଛି। ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥକେନ୍ଦ୍ରର ପରିବେଶ ପରିଷ୍କାର ରହିବା ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି ଡା. ପଣ୍ଡା କହିଛନ୍ତି।

## ଐତିହ୍ୟ କରିଡର ନେଇ ଏମ୍‌ପିଙ୍କ ତଥ୍ୟକୁ ଏଏପିର ନିନ୍ଦା

ପୁରୀ ଅଫିସ,୩୧।୩

ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଦିନକୁ ଦିନ ବଢିବାରେ ଲାଗିଛି। ଯାହା ଗୁରୁବାର ସଂସଦରେ ଦେଖିବାକୁ ମିଳିଛି। ତେବେ ଏ ନେଇ ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ ଏକ ବାର୍ତ୍ତା ପ୍ରଦାନ କରାଯାଇଛି। ଏଏପି ପକ୍ଷରୁ କୁହାଯାଇଛି, ଆମ୍ ଆଦମୀ ପାର୍ଟି ପ୍ରଥମରୁ ଐତିହ୍ୟ କରିଡ଼ର କାର୍ଯ୍ୟକୁ ସମର୍ଥନ କରିଆସୁଛି। କିନ୍ତୁ ଶ୍ରୀମନ୍ଦିର ଚାରିପାଖରେ ଯେଉଁଭଳି ଗାତ ଖୋଳା ହେଇଛି ତାହା ଶ୍ରୀମନ୍ଦିର ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି କରୁଛି। ଏ ନେଇ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ଉତ୍ତର ଅତି ହାସ୍ୟାସ୍ପଦ। କାରଣ ଏଏପି ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯେତେବେଳେ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲା ସେଠାରେ ଅତିକମ୍‌ରେ ୨୦ ରୁ ୩୦ ଫୁଟ ଗାତ ଖୋଳାଯାଇଥିଲା। ଯାହା ଏମ୍‌ପିଙ୍କ କହିବା ଅନୁଯାୟୀ ୪ଟି ଶୌଚାଳୟ ପାଇଁ ଆବଶ୍ୟକଠାରୁ ଅଧିକ ଗଭୀର ଗାତ ଖୋଳାଯାଇଛି। ପୁରୀବାସୀ ଏପର୍ଯ୍ୟନ୍ତ ନିଜ ଏମ୍‌ପିଙ୍କୁ ପୁରୀରେ ଦେଖିବାକୁ ପାଇନାହାନ୍ତି, ତେବେ ଖୋଳା ଯାଇଥିବା ଗାତର ସ୍ଥିତି ସେ କିଭଳି ଭାବେ ପରଖି ଏଭଳି ଉତ୍ତର ସଂସଦରେ ରଖିଛନ୍ତି ତାହା ସମସ୍ତଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଶ୍ରୀମନ୍ଦିର କାର୍ଯ୍ୟରେ କୌଣସି ଅସୁରକ୍ଷିତ ରୁହେ ତେବେ ଆମ୍ ଆଦମୀ ପାର୍ଟି ତରଫରୁ ଆଗକୁ ଜନ ଆନ୍ଦୋଳନକୁ ଆହ୍ୱାନ ଦିଆଯିବ ବୋଲି କୁହାଯାଇଛି।

# ବ୍ରିଟିଶ ଅମଳରୁ ଥିବା ଲୋକ ଉତ୍ସବ ଆରମ୍ଭ

- ଥାନାଧିକାରୀ ଥାନପତି ସାଜି ଠାକୁରଙ୍କୁ ଆଣିଲେ
- ଆତସବାଜିରେ କମ୍ପିଲା ମେଲଣ ପଡ଼ିଆ

ଗୋପ,୩୧।୩(ଡି.ଏନ୍.ଏ.)

ବ୍ରିଟିଶ ଶାସନ କାଳରୁ ଗୋପ ଥାନା ପକ୍ଷରୁ ଆରମ୍ଭ ହୋଇଥିବା ଭାଇଚାରାର ମେଳଣ ଲୋକ ଉତ୍ସବ ବୁଧବାର ରାତିରୁ ଆରମ୍ଭ ହୋଇଯାଇଛି। ଗୋପ ଥାନାର ଥାନା ଅଧିକାରୀ କାଳନ୍ଦୀ ବେହେରା ଥାନପତି ଭାବେ ପ୍ରଭୁ ଗୋପାଳଜୀଉ ମନ୍ଦିରରୁ ଗୋପାଳଜୀଉ ଠାକରଙ୍କୁ ପରମ୍ପରା ଅନୁଯାୟୀ ଆଣି ସ୍ଥାନୀୟ ମେଳଣ ପଡିଆରେ ବସାଇଥିଲେ। ଏହାପରେ ଅପେକ୍ଷାରତ ବିମାନଗୁଡିକ ଧାଡ଼ି ପହଣ୍ଡିରେ ଆସିଥିଲେ। ଏହି ପାରମ୍ପରିକ ମେଳଣ ଗୋପ କୁଶଭଦ୍ରା ନଦୀ କୂଳରେ ୫ ଦିନ ଧରି ଚାଲିବ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବ୍ରିଟିଶ ଶାସନ ଅର୍ଥାତ ୧୮୦୬ ମସିହାରେ ଏହି ମେଳଣ ଆରମ୍ଭ ହୋଇଥିଲା। ପ୍ରଭୁ ଗୋପାଳଜୀଉ କୌଣସି ଏକ ଘଟଣାରେ ଗୋପ ଥାନା ହାଜତରେ ବନ୍ଧନ ହୋଇ ରହିଥିଲେ। ପ୍ରଭୁ ଗୋପାଳଜୀଉ ସେ ସମୟରେ ଥାନାରେ ଥିବା ମୁସଲମାନ ସମ୍ପ୍ରଦାୟର ଦାରୋଗା ବାବୁଙ୍କୁ ସ୍ୱପ୍ନାଦେଶ ମାଧ୍ୟମରେ ମତେ ଥାନାରୁ ବାହାର କରିବା ସହିତ ମେଳଣ ଜରିଆରେ ଆତସବାଜି କରିବା ପାଇଁ କହିଥିଲେ। ସେହି ସମୟରୁ ଏହି ପାରମ୍ପରିକ ମେଳଣ ସାଗର ସ୍ନାନ ଭାବେ ଚାଲିଥିଲା। କିନ୍ତୁ ୨୦୧୩ ମସିହାଠାରୁ ଏହା ଲୋକ ଉତ୍ସବ ଭାବେ ପାଳନ ହେଉଛି। ଗୁରୁବାର ସନ୍ଧ୍ୟାରେ ଗୋପ ମେଳଣ ପଡ଼ିଆରେ ଆତସବାଜି ଦେଖିବା ପାଇଁ ପ୍ରବଳ ଭିଡ ହୋଇଥିଲା। ବିଭିନ୍ନ ସ୍ଥାନରୁ ବାଣୁଆମାନେ ତାଙ୍କର ବିଭିନ୍ନ ପ୍ରକାରର ବାଣ ପ୍ରଦର୍ଶନ କରିଥିଲେ। ଦୀର୍ଘ ଘଣ୍ଟା ଧରି ଏହି ବାଣ ପ୍ରତିଯୋଗିତା ହୋଇଥିଲା। ଗହଳିକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ କୁଶଭଦ୍ରା ନଦୀ କୂଳରେ ସାଗର ସ୍ନାନ ମେଳଣ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ଏସ୍. କେ. ସାର୍ଗି, ବିଡିଓ ଦୀପ୍ତିରାଣୀ ଦାସ, ସବ-ରେଜିଷ୍ଟ୍ରର ପ୍ରଭାତ ତରାଇ ପ୍ରମୁଖ ଯୋଗଦେଇଥିଲେ। ଏହା ଏକ ଭାଇଚାରାର ମେଳଣ ହୋଇଥିବା ସହ ଏକତା ହିଁ ସୂଚାଇଦିଏ ଆମମାନଙ୍କର ବଳ ବୋଲି ଆୟୋଜକ ଅନୁଷ୍ଠାନର ନରହରି ଦାସ, ପ୍ରକାଶ ଚନ୍ଦ୍ର ଖଟୋଇ, ସତ୍ୟପୀର ନାୟକ ସୂଚନା ଦେଇଛନ୍ତି।



ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ଥାନପତି ସାଜି ଠାକୁରଙ୍କୁ ମେଳଣ ପଡିଆକୁ ନେଉଛନ୍ତି ।

## ଶହୀଦଙ୍କ ପରିବାରକୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୩୧।୩(ସ୍ୱ.ପ୍ର./ଡି.ଏନ୍.ଏ.):

ଶହୀଦ ଶ୍ୟାମସୁନ୍ଦର ବାରିକଙ୍କ ପରିବାରକୁ ଗୁରୁବାର ୬ଷ୍ଠ ଓଡ଼ିଶା ଏନ୍‌ସିସି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପରିବାର ମଧ୍ୟରୁ ସେଠାରେ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ ବୀଣାପାଣି ବାରିକ ଓ ପୁତ୍ର ନିର୍ମଳ ବାରିକ ଉପସ୍ଥିତ ଥିଲେ। ସୂଚନା ମୁତାବକ, ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବନପୁର ଗ୍ରାମର ଶ୍ୟାମସୁନ୍ଦର ୨୦୦୦ ମସିହା କାରଗିଲ ଯୁଦ୍ଧରେ ଶହୀଦ ହୋଇଥିଲେ। ଏହି ସଭା ଲ୍ୟୁଟେନାଣ୍ଟ କର୍ଣ୍ଣେଲ ସୁଦର୍ଶନ ଯୋଶୀ ଏବଂ ପ୍ରଶାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶରେ ସୁବେଦାର ଦୀପକ କୁମାର, ହାବିଲଦାର ସଞ୍ଜୟ ଓ କେ.ଆର. ରେଡ୍ଡି, ପିପିଲି କଲେଜର ଏନ୍‌ସିସି କ୍ୟାଡେଟ୍ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ କ୍ୟାଡେଟମାନଙ୍କ ଉପସ୍ଥିତିରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶହୀଦଙ୍କ ସ୍ତ୍ରୀଙ୍କୁ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏଥିରେ ସରପଞ୍ଚ ପ୍ରଶାନ୍ତ ପାଣି, ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା, ଏନ୍‌ସିସି ଅଫିସର ବିଜୟ ପରିଡ଼ା, ବୁଦ୍ଧିଜୀବୀ ସଚିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି ଆସନରେ ଓଡ଼ିଆଙ୍କୁ ସୁଯୋଗ ପାଇଁ ଅନୁରୋଧ

ପୁରୀ ଅଫିସ,୩୧।୩

ଓଡ଼ିଆ ଜାତିକୁ ରାଷ୍ଟ୍ରପତି ଭବନରେ ସମ୍ମାନ ମିଳୁ ବୋଲି ଅନୁରୋଧ କରି ପୁରୀର ସାମାଜିକ କର୍ମୀ ପ୍ରମୋଦ କୁମାର ସିଂହ ଜିଲାପାଳଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାମାଜିକ କର୍ମୀ ସିଂହ ସ୍ମାରକପତ୍ରରେ ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ବିଶ୍ୱରେ ଦୃଢ଼ତାର ସହ ଭାରତର ଉନ୍ନତି କରିଚାଲିଛି। ୧୪୦ କୋଟି ଅଧିବାସୀଙ୍କର ଏହି ଭାରତ ବର୍ଷରେ କେନ୍ଦ୍ର ସରକାରଙ୍କ ମନ୍ତ୍ରିମଣ୍ଡଳରେ ଓଡ଼ିଆ ସଦସ୍ୟଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଜଣେ ଓଡ଼ିଆ ହୋଇଥିବା ବେଳେ ଦେଶର ବହୁ ଉଚ୍ଚ ପଦପଦବୀରେ ଓଡ଼ିଆମାନଙ୍କୁ ଦକ୍ଷତା ଅନୁଯାୟୀ ଅବସ୍ଥାପିତ କରାଯାଇ ଓଡ଼ିଆଙ୍କୁ ଗର୍ବିତ କରାଯାଇଛି। ବିଭିନ୍ନ ରାଜ୍ୟର ରାଜ୍ୟପାଳ ଆସନରେ ଓଡ଼ିଆ ନିଯୁକ୍ତି ହୋଇ ନିଜକୁ ଦକ୍ଷ ସାବ୍ୟସ୍ତ କରିପାରିଛନ୍ତି। ତେବେ ଭାରତ ସ୍ୱାଧୀନତା ଲାଭ କରିବାର ୭୫ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ଭାଷାଭାଷୀ ଦକ୍ଷତା ଥିବା ବ୍ୟକ୍ତିବିଶେଷ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଛନ୍ତି ହେଲେ ଓଡ଼ିଆଙ୍କୁ ସୁଯୋଗ ଏପର୍ଯ୍ୟନ୍ତ ମିଳିନି। ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶ କଥା କହୁଛନ୍ତି। ଦେଶର ପୂର୍ବ ଭାଗରେ ଓଡ଼ିଶା ହେଉଛି ଏକମାତ୍ର ଶେଷ ରାଜ୍ୟ। ତେଣୁ ଦେଶରେ ରହିଥିବା ପ୍ରତ୍ୟେକ ରାଜନୈତିକ ନେତୃବୃନ୍ଦଙ୍କ ଦଳମତ ନିର୍ବିଶେଷରେ ପୂର୍ବଦିଗରେ ଥିବା ରାଜ୍ୟ ଓଡ଼ିଶାର ଜଣେ ଓଡ଼ିଆଙ୍କୁ ରାଷ୍ଟ୍ରପତି ଆସନରେ ପଦାସୀନ କରନ୍ତୁ ବୋଲି ସିଂହ ଅନୁରୋଧ କରିଛନ୍ତି। ଅପରପକ୍ଷେ କେନ୍ଦ୍ର ସରକାରଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁଭଳି ସହଯୋଗ ଦେଇ ଆସୁଛନ୍ତି ସେହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ନିର୍ବାଚନରେ ଓଡ଼ିଆଙ୍କୁ ସୁଯୋଗ ଦିଆଯାଉ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ନିମାପଡ଼ା/କାକଟପୁର, ୩୧।୩(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ପକ୍ଷରୁ ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ବୁଧବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିସହ ଶିବିରରେ ୩୩ଟି ଅଭିଯୋଗ ଉପରେ ଶୁଣାଣି ହୋଇ ଆଗାମୀ ୭ ଦିନ ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି କାକଟପୁର ବ୍ଲକ ସଭାଗୃହରେ ଜନଶୁଣାଣି ଶିବିର ହୋଇଯାଇଛି। କାକଟପୁର ପଞ୍ଚାୟତ ସମିତି ଏପିଓ ତୋଫାନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶିବିରରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ସଭାପତିତ୍ୱ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣାଯାଇ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ମା’ ହିଙ୍ଗୁଳା ସ୍ପୋର୍ଟିଂ ଚାମ୍ପିୟନ

**ଷଷ୍ଠତମ ଖଡ଼ିପଦା କ୍ରିକେଟ ପ୍ରିମିୟର ଲିଗ୍**

ପୁରୀ ଅଫିସ, ୩୧।୩:

ମା’ ଜାଗେଶ୍ୱରୀ କ୍ରିକେଟ କ୍ଲବ ଖଡ଼ିପଦା ପକ୍ଷରୁ ଷଷ୍ଠତମ ଖଡ଼ିପଦା କ୍ରିକେଟ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଅଜୟ ସାହୁ, କ୍ରୀଡ଼ାବିତ୍ ବିଟୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମା’ ହିଙ୍ଗୁଳା ସ୍ପୋର୍ଟିଂ ଏବଂ କୃଷ୍ଣକାଳୀ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ମା’ ହିଙ୍ଗୁଳା ସ୍ପୋର୍ଟିଂ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୯୬ ରନ କରିଥିଲା। ଜବାବରେ କୃଷ୍ଣକାଳୀ ଟିମ୍ ୯ ଉଇକେଟ ହରାଇ ୬୯ ରନ କରି ହାରିଥିଲା। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ ଟିମ୍‌କୁ ୧୪ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ଅମ୍ପାୟର ରତ୍ନାକର ପାତ୍ର ଏବଂ ପ୍ରହଲ୍ଲାଦ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

# ‘ପ୍ରଥମେ ବେଆଇନ କାର୍ଯ୍ୟ ବନ୍ଦ କରାଯାଉ’

ପୁରୀ ଅଫିସ, ୩୧।୩:

**ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ଐତିହ୍ୟ କରିଡର ଯୋଜନା ଅଧୀନରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ତେବେ କେତେକ କାର୍ଯ୍ୟକୁ ବେଆଇନ ବୋଲି ଦର୍ଶାଇ ପୁରୀର ଅନେକ ସଙ୍ଗଠନ ବିରୋଧ କରୁଛନ୍ତି। ବେଆଇନ ନିର୍ମାଣ ଓ ଖନନ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ଥିବା ସଙ୍ଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଉଛି। ଏହି ପ୍ରସଙ୍ଗ ପୁରୀରୁ ଯାଇ ବିଧାନସଭା ଓ ସଂସଦରେ ପହଞ୍ଚିଛି। ଗୁରୁବାର ଏ ନେଇ ଏକ ବିଧାନସଭା କମିଟି ଗଠନ ହୋଇଛି। ଏ ସମ୍ପର୍କରେ ପୁରୀ ସହରର ବ୍ୟକ୍ତିବିଶେଷଙ୍କ ମତାମତଭିତ୍ତିକ ଉପସ୍ଥାପନା।**

**ବିଧାନସଭା କମିଟି ଗଠନ ଘୋଷଣାକୁ ସ୍ୱାଗତ**

### କମିଟି ଆସି କାର୍ଯ୍ୟ ଅନୁଧ୍ୟାନ କରୁ



ବିକାଶମୂଳକ କାର୍ଯ୍ୟକୁ ମୁଁ କିମ୍ବା ପୁରୀବାସୀ କେହି ବିରୋଧ କରୁନାହାନ୍ତି। ମାତ୍ର ବିକାଶ ନାଁରେ ରାଜ୍ୟ ସରକାର ବେଆଇନ କାର୍ଯ୍ୟ କରୁଛନ୍ତି, ଯାହାଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟିର ଆଶଙ୍କା ରହୁଛି। ନିର୍ମାଣ କାର୍ଯ୍ୟ ଫଳରେ ଯେଉଁ ଭାଇବ୍ରେଶନ ସୃଷ୍ଟି ହେଉଛି ସେଥିପାଇଁ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି ବୋଲି ଆଶଙ୍କା କରାଯାଉଛି। ତେଣୁ ସମସ୍ତ ଜଗନ୍ନାଥପ୍ରେମୀ କାର୍ଯ୍ୟ ବନ୍ଦ କରିବାକୁ ଦାବି କରୁଛନ୍ତି। ଅପରପକ୍ଷେ ସରକାର ଏଏସ୍‌ଆଇଠାରୁ ଅନୁମତି ନ ଆଣି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଶ୍ରୀମନ୍ଦିରର ୧୦୦ ମିଟର ପରିସରରେ କୌଣସି ସ୍ଥାୟୀ ନିର୍ମାଣ ପ୍ରକଳ୍ପ ପାଇଁ ଅନୁମତି ମିଳିନାହିଁ। ତେଣୁ ଏହାର ବାସ୍ତବତା ଜାଣିବା ପାଇଁ ବିଧାନସଭା କମିଟି ଗଠନ କରି ପୁରୀ ପଠାଇବାର ଆବଶ୍ୟକତା ରହିଛି। କମିଟି ଅନୁଧ୍ୟାନ ପରେ ଯଦି କାର୍ଯ୍ୟ ଆଇନସମ୍ମତ ହୋଇଥିବ ତେବେ କିଛି ସମସ୍ୟା ନାହିଁ। ନଚେତ କାର୍ଯ୍ୟକୁ ବିରୋଧ କରାଯିବ।

**-ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ବିଧାୟକ।**

### କମିଟି ଗଠନ କଥା କେବଳ ଭେଳିକି



-ରାଜ୍ୟ ସରକାର ଯେଉଁ କମିଟି ଗଠନ କରିଛନ୍ତି, ତାହା କେବଳ ଭେଳିକି। ସରକାର ନିର୍ମାଣ କାର୍ଯ୍ୟ ଆଳରେ ଶ୍ରୀମନ୍ଦିରକୁ ବିପଦରେ ପକାଉଛନ୍ତି। ଯଦି ସରକାରଙ୍କର ଶ୍ରୀମନ୍ଦିର ପ୍ରତି ଦରଦ ଥାଆନ୍ତା, ତେବେ ପ୍ରଥମେ ଶ୍ରୀମନ୍ଦିର ଫାଟ ମରାମତି କରନ୍ତେ। ମାତ୍ର ସରକାର କମିଟି ଆଳରେ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଛନ୍ତି। କମିଟି ଆସି ଅନୁଧ୍ୟାନ କରିବ ଓ ପରବର୍ତ୍ତୀ ଅଧିବେଶନରେ ରିପୋର୍ଟ ଦାଖଲ ହେବ। ସେତେବେଳକୁ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବ। ସେହିପରି ଯେତିକି ନିର୍ମାଣ ହେଉଛି ସେଗୁଡ଼ିକୁ ପୋତି ଦିଆଯାଉଛି। ତେଣୁ କମିଟି ଆସିଲେ ସତ୍ୟତା ଜାଣିବା କଷ୍ଟ। ଏପରି ଲୋକଦେଖାଣିଆ କମିଟି ଗଠନର କିଛି ମୂଲ୍ୟ ନାହିଁ।

**-ଚନ୍ଦ୍ରଶେଖର ମିଶ୍ର, ସମ୍ପାଦକ, ସାହିଭାଇ ଅନୁଷ୍ଠାନ**

### ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାଥମିକତା



-ପରିକ୍ରମା ମାର୍ଗ କାର୍ଯ୍ୟକୁ ସ୍ୱାଗତ କରୁଛୁ। ମାତ୍ର ଯଦି ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିର ପ୍ରତି କିଛି ବିପଦ ରହୁଛି ତେବେ ତାହାକୁ ଆମେ ବିରୋଧ କରିବୁ। ଶ୍ରୀମନ୍ଦିରର ସୁରକ୍ଷା ଆମର ପ୍ରାଥମିକତା। ସରକାରଙ୍କ ପକ୍ଷରୁ କମିଟି ଗଠନ କରାଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କମିଟି ଆସି ବାସ୍ତବତାକୁ ଅନୁଧ୍ୟାନ କରୁ।

**– ସତ୍ୟନାରାୟଣ ସାହୁ, ସଦସ୍ୟ, ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଟିଜ**

### କମିଟିର ରିପୋର୍ଟ ପରେ କାର୍ଯ୍ୟ ହେଉ

-କମିଟି ଗଠନ କରାଯାଇ ଅନୁଧ୍ୟାନ କରାଯାଉ। ସେଥିରେ ଆମର କୌଣସି ଆପତ୍ତି ନାହିଁ, ମାତ୍ର କମିଟି ରିପୋର୍ଟ ଦେବା ପରେ ନିର୍ମାଣ କାର୍ଯ୍ୟ ହେଉ। ବର୍ତ୍ତମାନ ସ୍ଥିତିରେ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯାଉ। ସରକାର ଶ୍ରୀମନ୍ଦିରକୁ ଅଣଦେଖା କରିବା ଭଳି ମନେ ହେଉଛି। କାରଣ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଇ ଶ୍ରୀମନ୍ଦିରକୁ ବିପଦ ଆଡକୁ ଠେଲି ଦେଉଛନ୍ତି।



**– ନୀହାରିକା ତ୍ରିପାଠୀ, ସମ୍ପାଦିକା, ଉର୍ଜାବାନ ଓଡ଼ିଶା**

### ସରକାର ଶୀଘ୍ର ଦ୍ୱନ୍ଦ୍ୱ ଦୂର କରନ୍ତୁ



-ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସ୍ୱାଗତଯୋଗ୍ୟ। ପୁରୀବାସୀ ଏହି କାର୍ଯ୍ୟ ପାଇଁ ତାଙ୍କ ଘରଦ୍ୱାର ଛାଡ଼ିଛନ୍ତି। ମାତ୍ର ଏବେ ଏହି ନିର୍ମାଣ କାର୍ଯ୍ୟକୁ ନେଇ ଅନେକ ଦ୍ୱନ୍ଦ୍ୱ ଦେଖାଦେଇଛି। ପ୍ରଶାସନ ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଜନସାଧାରଣଙ୍କୁ ପ୍ରକଳ୍ପର ନକ୍ସା ଦେଖାଇଛି। ତେବେ ଏ ପ୍ରସଙ୍ଗ ବିଧାନସଭା ଓ ସଂସଦରେ ଉପସ୍ଥାପନ ହୋଇଛି। ଗଠନ ହୋଇଥିବା କମିଟି ଯଥାଶୀଘ୍ର ଆସି କାର୍ଯ୍ୟର ଅନୁଧ୍ୟାନ ସହ ତଥ୍ୟ ପ୍ରଦାନ କଲେ ସମସ୍ତ ଦ୍ୱନ୍ଦ୍ୱ ଦୂର ହୋଇପାରିବ।

**-ଆଇନଜୀବୀ ଦେବାଶିଷ ଦାସ, ପୁରୀ**

## ୩ ଅଭିଯୁକ୍ତ କୋର୍ଟଚାଲାଣ

**ଜଟଣୀ (ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ଚୋରି ଗାଡ଼ି କାରବାର ଅଭିଯୋଗରେ ଗୁରୁବାର ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରାଜେନ୍ଦ୍ର ମହାପାତ୍ର, ଚିନ୍ମୟ ସାମନ୍ତରାୟ ଓ ଲୋକନାଥ ପ୍ରଧାନ। ଏମାନଙ୍କ ନିକଟରୁ ୩ଟି ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି।

## ସଂକ୍ଷେପରେ

### ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୩୧।୩ :** ଖୋର୍ଦ୍ଧା ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଦୁଇଦିନ ଧରି ଚାଲିଥିବା ୨୬ତମ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ୪ଶହ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳିକା ଓ ବାଳକ ବର୍ଗର ୧୦୦, ୨୦୦, ୪୦୦, ୬୦୦, ୮୦୦ମି, ୧୫ଶହ ମି, ୩ହଜାର ଓ ୫ହଜାର ମିଟର ଦୌଡ ସହିତ ଡିସ୍କସ୍ ଥ୍ରୋ, ଜାଭେଲିନ ଥ୍ରୋ, ଶଟ୍‌ପୁଟ,ଲମ୍ଫାଡିଆଁ, ଉଚ୍ଚଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଦିବସରେ କ୍ରୀଡା ସଙ୍ଗଠକ ଅସିତ୍ ରଞ୍ଜନ ଦାସ, ବାଲୁଙ୍ଗୀ ବିଶ୍ୱାଳ ଏବଂ କ୍ରୀଡାବିତ୍ ସେକ୍ ହବିବ୍ ବକ୍ସ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ମହାନ୍ତି, ଚିତ୍ତରଞ୍ଜନ ବେଉରା, କିଶୋର ଚନ୍ଦ୍ର ସେଠୀ, ଭବାନୀ ଶଙ୍କର ମହାପାତ୍ର, ଡାନିଏଲ ନାଏକ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପାଠପଢ଼ା ସହ କ୍ରୀଡାର ବିକାଶ ଜରୁରୀ ବୋଲି କହିଥିଲେ। ଏକାଗ୍ର ସାଧନା ଏବଂ ନିରନ୍ତର ଅଭ୍ୟାସ ଦ୍ୱାରା ଜଣେ ସଫଳ ଖେଳାଳି ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ବିବରଣୀ ପାଠ, ପ୍ରଫୁଲ୍ଲ କୁମାର ବେହେରା ଏବଂ ଅକ୍ଷୟ ମହାନ୍ତି ସଂଯୋଜନା କରିଥିଲେ।

### ମୋବାଇଲ ଚୋର ଗିରଫ

**ଯାଁଳା,୩୧।୩(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗୁରୁବାର ଜଣେ ମୋବାଇଲ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଛତାବର ପଞ୍ଚାୟତ ଅରିଶଳ ଗ୍ରାମର ଦେବୀ ପ୍ରସାଦ ନାଏକ। ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଓ ୧ ହଜାର ଟଙ୍କା ଜବତ ହୋଇଛି। ଅରିଶଳରେ ଭଡ଼ାରେ ରହୁଥିବା ମନମୋହନ ମୁଣ୍ଡା ଇନ୍‌ଫୋଭ୍ୟାଲିରେ କାର୍ଯ୍ୟ କରନ୍ତି। ବୁଧବାର ତାଙ୍କ ଦେହ ଖରାପ ଥିବାରୁ ସେ ଘରେ ଶୋଇଥିଲେ। ଏହାର ସୁଯୋଗରେ ଅଭିଯୁକ୍ତ ଘରେ ପଶି ଏକ ମୋବାଇଲ ସହ ୨ହଜାର ଟଙ୍କା ଚୋରି କରିନେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା।

### ଜଟଣୀ ଲୟର୍ସ ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ

**ଜଟଣୀ,୩୧।୩ (ଡି.ଏନ୍.ଏ.):** ଜଟଣୀ ଲୟର୍ସ ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ କାର୍ଯ୍ୟକ୍ରମ ଗୁରୁବାର ରାମଚନ୍ଦ୍ରପୁର ବଜାରସ୍ଥିତ ସଂଘ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୟର୍ସ ଆସୋସିଏଶନର ନିର୍ବାଚନ ଅଧିକାରୀ ଅର୍ଜୁନ ଚରଣ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସଭାପତି ସୁଶୀଲ କୁମାର ମହାନ୍ତି, ସମ୍ପାଦକ ଶିବପ୍ରସାଦ ରଥ, କୋଷାଧକ୍ଷ ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ବିଶ୍ୱନାଥ ଜୋଶୀ, କୈଳାସ ଶର୍ମା, ଉମାଶଙ୍କର ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଜଟଣୀ ପୌରାଧକ୍ଷ ଅନନ୍ତ ବେହେରା, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟଙ୍କୁ ସମ୍ମାନିତ କରାଯାଇଥିଲା। ଅକ୍ଷୟ ସାହୁ କାର୍ଯ୍ୟକ୍ରମ ପରିଚାଳନା, ଶିବ ରଥ ଧନ୍ୟବାଦ ଦେଇଥିଲେ।

### ଜାଗୁଳାଈଙ୍କ ବାସନ୍ତିକ ଦୁର୍ଗାପୂଜା

**ଜଟଣୀ,୩୧।୩(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ମା'ଜାଗୁଳାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ଏଲ୍.ଡି. ମହାନ୍ତି ଓ ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡାଙ୍କ ସୂଚନା ଅନୁଯାୟୀ, ସକାଳ ୮ଟାରେ ବ୍ରତଧାରୀ ମାଜେଣା ପୋଖରୀରୁ ଜଳ ଉଠାଇ ଗ୍ରାମ ପରିକ୍ରମା କରିବା ସହିତ ମନ୍ଦିରରେ ଘଟ ସ୍ଥାପନା ପରେ ସୂର୍ଯ୍ୟପୂଜା ଓ ଅଗ୍ନି ଆବାହନ କରାଯାଇ ସନ୍ଧ୍ୟାରେ ମା'ଙ୍କୁ ପୁନଃ ମହାସ୍ନାନ କରାଯିବ। ଷୋଡ଼ସହସ୍ର ଚଣ୍ଡୀପାଠ କରାଯାଇ ରାତି ୧୦ଟା ପର୍ଯ୍ୟନ୍ତ ମା'ଶୈଳପୁତ୍ରୀ ବେଶରେ ଦର୍ଶନ ଦେବେ। ପ୍ରତ୍ୟେକ ସନ୍ଧ୍ୟାରେ ମା' ଭିନ୍ନ ରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ।

### ଆକ୍ରମଣ: ଜଣେ ଗୁରୁତର

**ବୋଲଗଡ଼,୩୧।୩(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବାରଦାଣ୍ଡି ଗ୍ରାମରେ ୱାର୍ଡମେମ୍ବର ନିର୍ବାଚନକୁ ନେଇ ଆକ୍ରୋଶ ରଖି ଜଣଙ୍କୁ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ଗ୍ରାମର ଗୋପାଳ ମୁଦୁଲିଙ୍କୁ ଚିକିତ୍ସା ପାଇଁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗୋପାଳଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବୁଧବାର ଗୋପାଳ ଗ୍ରାମ ଛକରେ ବସିଥିବା ବେଳେ ନିର୍ବାଚନର ଆକ୍ରୋଶ ରଖି କେତେଜଣ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ଗୋପାଳଙ୍କ ମୁଣ୍ଡ ଫାଟି ଯାଇଥିଲା।

# ୭ବର୍ଷେ ହେବ ସରୁନି ଓଭରବ୍ରିଜ୍ କାମ

**ଜଟଣୀ,୩୧।୩ (ଡି.ଏନ୍.ଏ.)**



- ଓଡ଼ିଶା ଦିବସରେ ଉଦ୍‌ଘାଟନ ହେବାର ଯୋଜନା ଥିଲା
- କାମ ସରି ନ ଥିବାରୁ ଅସନ୍ତୋଷ ବଢୁଛି

ଖୋର୍ଦ୍ଧା ଜିଲା ଜଟଣୀ ସହରର ସୀତାରାମ ଛକ ଆନ୍ଧ୍ର ବ୍ୟାଙ୍କ ଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ କାର୍ଯ୍ୟ ୨୦୧୫ ମସିହାରେ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟକୁ ପ୍ରାୟ ୭ବର୍ଷ ଚାଲିଥିବା ବେଳେ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଅନ୍ୟପଟେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବ୍ରିଜ ନିର୍ମାଣ ସ୍ଥିତି ପରଖିବା ସହ ଏପ୍ରିଲ ୧ ତଥା ଓଡ଼ିଶା ଦିବସରେ ବ୍ରିଜ ଉଦ୍‌ଘାଟନ ହେବା ନେଇ କହିଥିଲେ। ତେବେ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଅଣଦେଖା କରୁଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ଜଟଣୀ ସୀତାରାମ ଛକ ଆନ୍ଧ୍ର ବ୍ୟାଙ୍କ ଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ କାର୍ଯ୍ୟ ଜାରି ରହିଛି। ୧୧୩୩ ମିଟର ଲମ୍ବର ଏହି ଓଭରବ୍ରିଜ ନିର୍ମାଣ ପାଇଁ ୨୦୧୫ ମସିହାରେ ୫୪ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା। ୨୦୧୭ ମସିହା ସୁଦ୍ଧା ଉକ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେବା କୁହାଯାଇଥିଲା। ତେବେ ବ୍ରିଜ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ୭୦ପ୍ରତିଶତ ସରିଥିବା ବେଳେ ଆହୁରି ୩୦ପ୍ରତିଶତ କାର୍ଯ୍ୟ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ବ୍ରିଜ ନିର୍ମାଣ ଖର୍ଚ୍ଚ ବର୍ତ୍ତମାନ ୧୦୦ କୋଟି ଟଙ୍କାରେ ପହଞ୍ଚିଲାଣି।

ବ୍ରିଜ ପାଇଁ ଆବଶ୍ୟକ ପଡୁଥିବା ଜମି ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଅଧିଗ୍ରହଣ ହୋଇପାରି ନାହିଁ। ଜମି ହରାଉଥିବା ହିତାଧିକାରୀଙ୍କୁ ମଧ୍ୟ ତାଙ୍କର ପ୍ରାପ୍ୟ ମିଳିନାହିଁ। ଫଳରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ବ୍ରିଜର ସର୍ଭିସ ରୋଡ୍ ଖାଲଖମାରେ ଭର୍ତ୍ତି ଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟିଥିବା ନଜିର ରହିଛି। ବ୍ରିଜ ନିର୍ମାଣ ପୂର୍ବରୁ ସର୍ଭିସ ରୋଡ୍ ନିର୍ମାଣର ନିୟମ ରହିଛି। ଏଠାରେ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଛି। ଫଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଛାତ୍ରୀମାନେ ଗୁରୁବାର ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଆରମ୍ଭ

**ନିରାକାରପୁର,୩୧।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ପାଇଁ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଶିକ୍ଷଣ ଶିବିରକୁ ଅନୁଷ୍ଠାନର ଅଧକ୍ଷ ଶରତ କୁମାର ସ୍ୱାଇଁ ଉଦ୍‌ଘାଟନ କରି ଆତ୍ମରକ୍ଷା ତାଲିମର ଆବଶ୍ୟକତା ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ସହଯୋଗ କରିଥିଲେ।

# ବକେୟା ପୈଠ ନ ହେଲେ ବିଦ୍ୟୁତ୍ ସେବା ବନ୍ଦ

**କୃଷ୍ଣପ୍ରସାଦ,୩୧।୩ (ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ଅନ୍ତର୍ଗତ ୧୨ ଗ୍ରାମ ପଞ୍ଚାୟତକୁ ବିଦ୍ୟୁତ୍ ସେବା ବନ୍ଦ ହେବା ନେଇ ଜଣାପଡ଼ିଛି। ସୂଚନା ମୁତାବକ, ଏହି ବ୍ଲକର ସମସ୍ତ ପଞ୍ଚାୟତରେ ପଞ୍ଚାୟତ ପକ୍ଷରୁ କେତେକ ବିଦ୍ୟୁତ୍ ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ମୋଟ ୧୪ ପଞ୍ଚାୟତରୁ ବୁଦ୍ଧିବର ଓ ତିତିପ ପଞ୍ଚାୟତ ପକ୍ଷରୁ ବିଲ୍ ପୈଠ ହୋଇଥିବା ବେଳେ ଆଉ ୧୨ ପଞ୍ଚାୟତର ବିଲ୍ ପୈଠ ହୋଇନାହିଁ। ଏବାବଦରେ ୪୫ଲକ୍ଷ ଟଙ୍କା ବକେୟା ଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିବା ବିଭାଗର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପଟେ ବକେୟା ବିଲ୍ ପୈଠ ନ ହେଲେ ୧୨ପଞ୍ଚାୟତ ଅନ୍ଧାର ହେବା ନିଶ୍ଚିତ ହୋଇଛି। ସେହିପରି ପରିମଳ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଉପରେ ବିଦ୍ୟୁତ୍ ଶୁଳ୍କ ୧୧ଲକ୍ଷ ଟଙ୍କା ବକେୟା ଥିବା ଜଣାପଡ଼ିଛି। ବିଲ୍ ପୈଠ ନ ହେଲେ ମଧ୍ୟ ଜଳଯୋଗାଣ ବିଭାଗକୁ ମଧ୍ୟ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ। ଜଳଯୋଗାଣ ବନ୍ଦ ହେଲେ ଲୋକେ ନାହିଁ ନ ଥିବା ହଇରାଣ ହେବେ।

## ସୋମନାଥ ଏଜୁକେଶନାଲ ଟ୍ରଷ୍ଟର ବାର୍ଷିକୋତ୍ସବ



**ଜଟଣୀ,୩୧।୩ (ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମସ୍ଥିତ ବାବା ସୀମାନାଥ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ କୁଦିଆରୀ ମେଳଣ ପଡିଆ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦଶଦୋଳ ମେଳଣ ପଡିଆରେ ତ୍ରିଲୋଚନ ମହାପାତ୍ରଙ୍କ ସଭାପତିତ୍ୱରେ ସିଆର୍‌ସିସି ମାନଗୋବିନ୍ଦ ସାହୁ, ଭାରତୀୟ ତୈଳ ନିଗମର ନିର୍ଦ୍ଦେଶକ ସୁଦୀପ୍ତ ରାୟ, କୁଦିଆରୀ ମେଳକ କମିଟି ସଭାପତି ଲୁଫେନ ରାଏ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶଶିକାନ୍ତ ମହାପାତ୍ର ଓ ଦିବଂଗତ ବରିଷ୍ଠ ନାଗରିକଙ୍କ ସ୍ମୃତିଚାରଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମୁଖାର୍ଜୀ, ଅକ୍ଷୟ ମାହାନା, ଭାସ୍କର ଚନ୍ଦ୍ର ନନ୍ଦ, କାଶୀନାଥ ଦାଶ, ଅଲେଖ ଚନ୍ଦ୍ର ବଳିଆରସିଂହ, ନିରଞ୍ଜନ ସ୍ୱାଇଁ, ରମେଶ ଚନ୍ଦ୍ର ମହାପାତ୍ର, ମାନସ ରଞ୍ଜନ ବାରିକ, ବିଦେଶୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ବରପ୍ରକାଶ ବଳିୟାରସିଂହ, ଦୀପ୍ତିରଞ୍ଜନ ମହାନ୍ତି, ସବ୍ୟସାଚୀ ପାଇକରାୟ, ଅମିତ୍ ବଳିୟାରସିଂହ, ବିମଳ ବେହେରା, ସମୀର ପ୍ରମୁଖ ସହଯୋଗ କରିଥିଲେ।

## ଜୁନିୟର ରେଡ୍‌କ୍ରସ୍ କାଉନସିଲର ପ୍ରଶିକ୍ଷଣ

**ଟାଙ୍ଗୀ(ଖୋର୍ଦ୍ଧା),୩୧।୩ (ଡି.ଏନ୍.ଏ.)**

ସୁନ୍ଦରପୁରସ୍ଥିତ ସରକାରୀ ପଦ୍ମ କୁମୁଦ ବିଦ୍ୟାନିକେତନ ପରିସରରେ ଗୁରୁବାର ଜୁନିୟର ରେଡ୍‌କ୍ରସ୍ କାଉନସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବିଇଓ ତଥା ଜିଲା ସମ୍ପାଦକ ଡ.ନିରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲାର ୩୦ଟି ବିଦ୍ୟାଳୟରୁ ଜଣେ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ବିଦ୍ୟାଳୟରେ ନିୟମିତ ଭାବେ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟସେବା, ସାଧାରଣ ରୋଗର ପ୍ରତିକାର, ସ୍ୱାସ୍ଥ୍ୟ ସଚେତନତା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ପରାମର୍ଶ ଦେବେ। ଅତିଥି ଭାବେ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ବଳରାମ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ପଠାଣି ଆଗ୍ରା ସିଂ, ରେଡକ୍ରସ ଅଧିକାରୀ ଉପେନ୍ଦ୍ର କୁମାର ଦାଶ, ସନ୍ତୋଷ କୁମାର କର, ସୁରେନ୍ଦ୍ର କୁମାର ରାଉତ, ରାଜ୍ୟ ସାଧନକମୀ ଡ. ସ୍ନିଗ୍ଧା ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ କରାଇବାରେ ସହାୟକ ହୋଇପାରିବ ବୋଲି ମନ୍ତବ୍ୟ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଶରଧାପୁର ୧୪ ଦୋଳ ମେଳଣ ଆରମ୍ଭ

**ଖୋର୍ଦ୍ଧା ଅଫିସ,୩୧।୩**

- ଏକାଠି ହୋଇଛନ୍ତି ୧୩ ଗାଁର ୧୬ଠାକୁର
- ଭାଇଚାରା ଓ ସଂସ୍କୃତିର ବାର୍ତ୍ତା ଦିଏ

ଉତ୍କଳୀୟ ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ରତା ରହିଛି। ସେଥିରୁ ଦୋଳ ଯାତ୍ରା ଅନ୍ୟତମ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଏହି ଦୋଳ ମେଳଣ ଆଡ଼ମ୍ବରରେ ପାଳିତ ହୋଇଥାଏ। ଏହି ମେଳଣ ଭାଇଚାରାର ବାର୍ତ୍ତା ଦେଇଥାଏ। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ଏହି ମେଳଣ ଅନୁଷ୍ଠିତ ହେଉଥିବା ବେଳେ ସେଥିମଧ୍ୟରୁ ନାଳିପଡ଼ାଅର୍ଜୁନପୁର ପଞ୍ଚାୟତର ଶରଧାପୁର ଚଉଦ ଦୋଳ ମେଳଣ ଅନ୍ୟତମ। ଗ୍ରାମ୍ୟ କମିଟି ଦ୍ୱାରା ୩ଦିନ ଧରି ଆୟୋଜିତ ହୋଇଆସୁଥିବା ଏହି ଉତ୍ସବ ଗୁରୁବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି। ଆୟୋଜକ କମିଟି ଦ୍ୱାରା ନିମନ୍ତ୍ରିତ ୧୬ ଗ୍ରାମର ଠାକୁର ଏକାଠି ହୋଇଥାନ୍ତି। ପ୍ରଥମ ଦିନ ରାତିରେ ଜମାଣ, ତା' ପରଦିନ ମେଳଣ ଏବଂ ଶେଷ ଦିବସରେ ହରିହର ଭେଟ ନୀତି ପରେ ଉତ୍ସବ ସମାପନ ହୋଇଥାଏ। ଏହି ମେଳଣରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ଘରକରଣା ସାମଗ୍ରୀ ପସରା ମେଲିଥାଏ।

ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ମହାଦେବ ହେଉଛନ୍ତି ଥାନପତି। ଗୁରୁବାର ମଧ୍ୟରାତ୍ରିରେ ବାଲୁଙ୍କେଶ୍ୱର ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର, ଲୋକନୃତ୍ୟ ସହ ଭକ୍ତଙ୍କ ଗହଣରେ ଶୋଭାଯାତ୍ରାରେ ସ୍ୱମନ୍ଦିରକୁ ବାହାରି ଗାଁ ପରିକ୍ରମା କରି ମେଳଣପଡିଆ ଅଭିମୁଖେ ଯାଇଥିଲେ। ତାଙ୍କ ପଛରେ ଅନ୍ୟ ଠାକୁର ଦୋଳ ବିମାନରେ ବିଜେ ହୋଇ ବାହାରିଥିଲେ। ଠାକୁରଙ୍କ ଜୟଜୟକାର ଧ୍ୱନୀରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି ଚଉଦ ଦୋଳ ମେଳଣରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଳେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜ ବାଲୁଙ୍କେଶ୍ୱର, ଟାଙ୍ଗିଆପଡାର କେଦାରଶ୍ୱର, ଗୋପପୁରିଆ ପାଟପୁରର ରାଧାକୃଷ୍ଣଦେବ, ବେରୁହାଁର ଭଗବତ ବାସୁଦେବ, ନାଳିପଡା ଅର୍ଜୁନପୁରର ଭଗବତ ବାସୁଦେବ, ଶରଧାପୁରର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଲମାର ଭଗବତ ବାସୁଦେବ, ଗଡ଼ନିଆଳର କେଦାରେଶ୍ୱର, ହଳଦିପଦାର ମଲିକେଶ୍ୱର, ଗଡ଼ତରତୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁର (ବାରିକ ସାହି)ର ଭଗବତ ବାସୁଦେବ, ଗୋପାଳସାହିର ରାଧାକୃଷ୍ଣ, ଭାଲିଆବାଡି (ସାନପଲ୍ଲା)ର ରାଧାକୃଷ୍ଣ ଦେବ ପ୍ରମୁଖ ଠାକୁର ବିଜେ କରିଛନ୍ତି। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡ଼ଜେନା କୁହନ୍ତି, ଏହି ଦୋଳ ମେଳଣ ଉତ୍ସବ ଦୀର୍ଘବର୍ଷଧରି ପାଳିତ ହୋଇଆସୁଛି। ବର୍ଷକୁ ଥରେ ଶରଧାପୁର ସମେତ ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଭାବର ଆଦାନପ୍ରଦାନ ହୋଇଥାଏ ବୋଲି ସେ କହିଛନ୍ତି।

# ମାନ୍ୟତା ସତ୍ତ୍ୱେ ବିକାଶ ହୋଇପାରିନି

**ଖୋର୍ଦ୍ଧା ଅଫିସ,୩୧।୩**

ଖୋର୍ଦ୍ଧା ଜିଲା ଗଠନ ହେବାର ଇତିମଧ୍ୟରେ ୨୯ବର୍ଷ ପୂର୍ତ୍ତିହେଲାଣି। ଏହାର ଭୌଗୋଳିକ, ଐତିହାସିକ, ରାଜନୈତିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କଲେ ଏହା ଗୌରବମୟ ଗାଥାର ପରିଚୟ ବହନ କରିଥାଏ। ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧା ମାଟିର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସଂଗ୍ରାମ ଏଠାରୁ ଆରମ୍ଭ ହୋଇଥିଲା। ତଥାପି ଦୀପ ତଳ ଅନ୍ଧାର ଭଳି ଏହି ଜିଲାର ସେପରି କୌଣସି ଆଖିଦୃଶିଆ ବିକାଶ ହୋଇ ନାହିଁ। ଜିଲା ଗଠନର ପ୍ରତିଷ୍ଠା ଦିବସ ତଥା ଓଡ଼ିଶା ଦିବସରେ ଆତ୍ମାନୁଚିନ୍ତନ ଅପରିହାର୍ଯ୍ୟ। ଏନେଇ ବିଶେଷ ଉପସ୍ଥାପନା।

### ନିଜ ଦାୟିତ୍ୱ ପ୍ରତି ଯତ୍ନବାନ୍ ହୁଅ



ଖୋର୍ଦ୍ଧା ଜିଲାର ଶିକ୍ଷାର ବିକାଶ ଲାଗି ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥଙ୍କ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଠାରେ ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ମହାବିଦ୍ୟାଳୟର ଗୌରବମୟ ଇତିହାସ ରହିଛି। ଭୌଗୋଳିକ, ସାମାଜିକ, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରୁ ଏହି ଜିଲା ସମୃଦ୍ଧ। ତଥାପି ଏହାର ଗତାନୁଗତିକ ବିକାଶ ନାହିଁ। ଏଥିଲାଗି ସମସ୍ତ ଜନପ୍ରତିନିଧି, ଉଚ୍ଚପଦସ୍ଥ ଅମଲାତନ୍ତ୍ରୀ, ବୁଦ୍ଧିଜୀବୀ, ଶିକ୍ଷକ ସମାଜ ପ୍ରତିସ୍ତରରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସମର୍ପିତ ହେବା ଆବଶ୍ୟକ।

**-ମେଜର କ୍ଷୀରୋଦ ମହାନ୍ତି,**
**ପୂର୍ବତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**

### ଐତିହ୍ୟ କୀର୍ତ୍ତିରାଜିର ବିକାଶ ହେଉ



୧୯୯୩ ମସିହାରେ ଖୋର୍ଦ୍ଧା ଜିଲା ଗଠନ ହୋଇଥିଲା। ୧୯୯୫ରେ ଜିଲାର ମୁଖ୍ୟ କାର୍ଯ୍ୟାଳୟ ଖୋର୍ଦ୍ଧାରେ ସ୍ଥାପିତ ହେଲା। ରାଜଧାନୀ ଭୁବନେଶ୍ୱର ବ୍ୟତୀତ ସମଗ୍ର ଖୋର୍ଦ୍ଧା ଜିଲାରେ ସେଭଳି କୌଣସି ବିକାଶ ପରିଲକ୍ଷିତ ହେଉନାହିଁ। ବରୁଣେଇ ପୀଠ ସମେତ ବହୁ ପ୍ରାଚୀନ କୀର୍ତ୍ତିରାଜି ବିଲୁପ୍ତ ହେବାକୁ ବସିଛି। ଏହାର ପୁନରଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗଡ଼ଖୋର୍ଦ୍ଧା ଐତିହ୍ୟ ନଷ୍ଟ ହେବାକୁ ବସିଛି। ଖୋର୍ଦ୍ଧାର ଅନ୍ୟତମ ପରିଚୟ ନାଲି ଗାମୁଛା। ପ୍ରୋତ୍ସାହନ ଅଭାବରୁ କାରିଗରମାନେ ଏଥିରୁ ମୁହଁ ଫେରାଉଛନ୍ତି। ବୃହତ୍ ରାଷ୍ଟ୍ରାୟାତ୍ତ ଶିଳ୍ପ ସଂସ୍ଥା ରହିଛି। ଜିଲାର ବିକାଶରେ ଏମାନଙ୍କ ସହଭାଗିତା ନାହିଁ। ଏଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି।

**-ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗବେଷକ**

### ଦ୍ରୁତ ବିକାଶ ଚାଲିଛି



ଖୋର୍ଦ୍ଧା ଜିଲାର ଦ୍ରୁତ ବିକାଶ ଘଟିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଶିଳ୍ପ ସହ ରାସ୍ତାଘାଟ, ପାନୀୟଜଳ, ଜଳସେଚନ, କୃଷି ଓ କୃଷକଙ୍କ ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଖୋର୍ଦ୍ଧା ସହରର ସର୍ବାଙ୍ଗୀନ ବିକାଶ ଲାଗି ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଖୋର୍ଦ୍ଧା ପୌରାଞ୍ଚଳ ଅଧୀନରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ବସ୍ତି ଉନ୍ନୟନ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସହ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି।

**-ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବିଧାୟକ, ଖୋର୍ଦ୍ଧା**

### ମାନ୍ୟତା ମିଳିଛି, ବିକାଶ ସ୍ଥାଣୁ

ଜିଲାକୁ ମାନ୍ୟତା ମିଳିଛି, କିନ୍ତୁ ସେଭଳି ବିକାଶ ହୋଇନାହିଁ। ଜିଲାର ରାଜଧାନୀ ଭୁବନେଶ୍ୱର ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି, ସେହି ତୁଳନାରେ ଖୋର୍ଦ୍ଧାରେ ଆଖିଦୃଶିଆ କାର୍ଯ୍ୟ କରାଯାଇନାହିଁ। ଜିଲାରେ ଅନ୍ତର୍ଜାତୀୟ ସ୍ତରୀୟ ଶିଳ୍ପ ସଂସ୍ଥା, ପର୍ଯ୍ୟଟନ, ଖଣି ଖାଦାନ ତଥା ପ୍ରାକୃତିକ ଶୋଭାରାଜି ଭରପୂର ସତ୍ତ୍ୱେ ଗ୍ରାମାଞ୍ଚଳ ସ୍ତରରେ ସେପରି କୌଣସି ବିକାଶ ପରିଲକ୍ଷିତ ହେଉନାହିଁ। ସରକାରୀ ଅଧିକାରୀମାନେ ଜିଲା ମୁଖ୍ୟାଳୟ ଅପେକ୍ଷା ଭୁବନେଶ୍ୱରରେ ରହିବାକୁ ପସନ୍ଦ କରୁଛନ୍ତି।



**-ଅଜିତ୍ ପଟ୍ଟନାୟକ, ଆଇନଜୀବୀ**

### ଅନିଶ୍ଚିତତାରେ ପାଇକ ସ୍ମାରକୀ ନିର୍ମାଣ



ଓଡ଼ିଆ ଜାତିର ଅସ୍ମିତା ହେଉଛି ପାଇକ ବିଦ୍ରୋହ। ଏହାକୁ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିଛି। ଏହାର ଦ୍ୱିଶତ ବାର୍ଷିକୀ ଅବସରରେ ତତ୍କାଳୀନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଠାରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପାଇକ ବୀରଙ୍କ ବୀରତ୍ୱର ଗାଥାକୁ ମନେପକାଇଥିଲେ। ବରୁଣେଇ ପାଦଦେଶରେ ପ୍ରସ୍ତାବିତ ସ୍ମାରକୀ ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ସତ୍ତ୍ୱେ ନିର୍ମାଣ ନେଇ ଅନିଶ୍ଚିତତା ରହିଛି।

**-କୃଷ୍ଣଚନ୍ଦ୍ର ହରିଚନ୍ଦନ**
**ସମ୍ପାଦକ, କଳିଙ୍ଗ ପାଇକ ସଙ୍ଗଠନ**

### ହେଡ୍‌କ୍ୱାର୍ଟର୍ସରେ ରହୁନାହାନ୍ତି ଅଧିକାରୀ



ଖୋର୍ଦ୍ଧା ଜିଲାର ସଦରମହକୁମା ରହିଛି। କିନ୍ତୁ ଜିଲାର ଏକାଧିକ କାର୍ଯ୍ୟାଳୟ ଭୁବନେଶ୍ୱରରେ କାର୍ଯ୍ୟ କରୁଛି। ଅଧିକାଂଶ ଅଧିକାରୀଙ୍କୁ ଅପରାହ୍ନ ୩ଟା ପରେ ସଦର ମୁଖ୍ୟାଳୟରେ ଦେଖିବାକୁ ମିଳୁନାହିଁ। ଜିଲାର ବିଭିନ୍ନ ବ୍ଲକ, ତହସିଲ ଠାରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟରତ ଅଧିକାଂଶ ଅଧିକାରୀ ଏଠାରେ ରହୁନାହାନ୍ତି। ସରକାରୀ ଅଧିକାରୀଙ୍କ ବାସ ଠିକଣା ଭୁବନେଶ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ। ଜିଲାକୁ ପ୍ରବେଶ ଲାଗି ୩ଟି ପ୍ରବେଶ ପଥ ରହିଛି। କିନ୍ତୁ କେଉଁଠି ମଧ୍ୟ ପ୍ରଶାସନ ପକ୍ଷରୁ ସ୍ୱାଗତ ପ୍ରାଚୀର ନିର୍ମାଣ କରାଯାଇନାହିଁ।

**-ନରେନ୍ଦ୍ର ପୃଷ୍ଟି, ସଭାପତି, ଖୋର୍ଦ୍ଧା ବିକାଶ ମଞ୍ଚ**

### ସହରରୁ ଅଳିଆ ହଟୁନାହିଁ



ଖୋର୍ଦ୍ଧା ସହରର ଦୁଃଖ କେବିନ। ଚାରିଆଡେ କେବିନ ଛତୁଫୁଟିବା ଭଳି ଛାଇ ହୋଇ ରହିଛି। କେବିନ ଉଚ୍ଛେଦ ସହ ଉଠାଦୋକାନୀଙ୍କ ଉପଯୁକ୍ତ ଥଇଥାନ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଛି। ଡ୍ରେନେଜ, ପରିମଳ ମୁଖ୍ୟ ସମସ୍ୟା। ସହର ପରିମଳ ପାଇଁ କୋଟି କୋଟି ଟଙ୍କା ଅର୍ଥ ଶ୍ରାଦ୍ଧ ହେଉଛି। ସହରରୁ ଅଳିଆ ହଟୁନି। ଜିଲାର ଶିକ୍ଷିତ ଯୁବକଙ୍କ ପାଇଁ କୌଣସି ରୋଜଗାର ସାଧନା ନାହିଁ। ଯୁବପିଢିଙ୍କ ଦକ୍ଷତା ବିକାଶ ଉପରେ ସେଭଳି ଗୁରୁତ୍ୱ ଦିଆଯାଉନାହିଁ।

**-ଆଶିଷ ବିବୁରେନ୍ଦ୍ର ଛୋଟରାୟ, ଯୁବ ଉଦ୍ୟୋଗୀ**

### ଐତିହ୍ୟ କୀର୍ତ୍ତିରାଜି ବିଲୁପ୍ତ ହେଉଛି



ଖୋର୍ଦ୍ଧା ମାଟିର ଗୌରବ କେବଳ ଓଡ଼ିଶା ଦିବସରେ ଭାଷଣବାଜିରେ ସୀମିତ। ଜିଲାରେ ବିକାଶ ଗତାନୁଗତିକ ନୁହଁ। ଜିଲାର ସର୍ବାଙ୍ଗୀନ ବିକାଶ ଲାଗି ସମୂହ ସ୍ୱର ନାହିଁ। ଐତିହ୍ୟ କୀର୍ତ୍ତିରାଜି ଜିଲାରେ ଭରପୁର ହୋଇ ରହିଛି। ଏହାର ପୁନରଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଜିଲା ଅସ୍ମିତା ପାଇକ ବିଦ୍ରୋହ ଦ୍ୱି ଶତବାର୍ଷିକୀ ଅବସରରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥାନରେ ଖଣ୍ଡେ ଇଟା ପଡିପାରିଲା ନାହିଁ। ବହୁ ଐତିହ୍ୟକୀର୍ତ୍ତିରାଜି ଧ୍ୱସଂର ଦ୍ୱାରଦେଶରେ ରହିଛି। ଐତିହ୍ୟ ଗଡ଼ଖୋର୍ଦ୍ଧାର ପୁନରୁଦ୍ଧାର ହୋଇପାରିଲା ନାହିଁ।

**-ଜ୍ଞାନରଞ୍ଜନ ଦାଶ, ବରିଷ୍ଠ ବୁଦ୍ଧିଜୀବୀ**